ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, October 30/2024 | Page 18 | ₹ 7.00 | SAMBALPUR
୫୦ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 335 | ମୂଲ୍ୟ ₹୭/-



## ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ସ୍ମୃତି ମନ୍ଧାନା। ୧୬

୧୦

## ‘ସିଟାଡେଲ ହନିବନି’ ଟ୍ରେଲର ୨ ରିଲିଜ୍

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଓ ଅଭିନେତା ବରୁଣ ଧାୱନଙ୍କ ‘ସିଟାଡେଲ ହନିବନି’ ୱେବ ସିରିଜ୍‌ର ଦ୍ୱିତୀୟ ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି।



# ସର୍ତ୍ତରେ ଚାଲିବ ଡ୍ୟାନ୍ସ ବାର୍

ରାଜ୍ୟରେ ପୁଣି ଚାଲିବ ଡ୍ୟାନ୍ସ ବାର୍। ମଦ ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ନାଁରେ ହେଉଥିବା ଅନୈତିକ କାର୍ଯ୍ୟ ଓ ଅପ୍ରୀତିକର ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ଅଗଷ୍ଟ ୩୧ରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ଉପରେ ରୋକ ଲଗାଇଥିଲେ। ଏବେ ଏଥିରେ ସରକାର କୋହଳ ହୋଇଛନ୍ତି। ୨୧ଟି ସର୍ତ୍ତ ସହ ଡ୍ୟାନ୍ସ ବାର୍ ଚଳାଇବାକୁ ଅନୁମତି ଦେଇଛନ୍ତି। ବିଶେଷକରି ଡ୍ୟାନ୍ସ ବାର୍‌ରେ ସିସିଟିଭି କ୍ୟାମେରା ଲଗାଯିବା, ନୃତ୍ୟଗୀତ ପ୍ରଦର୍ଶନୀକାରୀଙ୍କ ଉପରକୁ ଟଙ୍କା ଉଡ଼ା ବନ୍ଦ କରିବା, ନୃତ୍ୟାଙ୍ଗନାଙ୍କ ବୟସ ୨୧ବର୍ଷରୁ କମ୍ ନ ହେବା ଏବଂ ସେମାନେ ଶାଳୀନ ପୋଷାକ ପିନ୍ଧିବା ଭଳି ସର୍ତ୍ତ ରଖାଯାଇଛି। ପୂର୍ବରୁ ଅନୈତିକ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଚାର୍ଜଶିଟ୍ ଥିବା ମହିଳାଙ୍କୁ ଏହି ନୃତ୍ୟଗୀତରୁ ଦୂରେଇ ରଖିବାକୁ ମଧ୍ୟ କୁହାଯାଇଛି।



ଭୁବନେଶ୍ୱର,୨୯।୧୦ (ଅନିଲ ଦାସ)

ପ୍ରାୟ ୨ ମାସର ବିରାମ ପରେ ରାଜ୍ୟରେ ଡ୍ୟାନ୍ସ ବାର୍ ଚଳାଇବାକୁ ସରକାର ଅନୁମତି ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ‘ଓଡ଼ିଶା ଅବକାରୀ (ସଂଶୋଧନ) ରୁଲ୍‌ସ-୨୦୨୪ ବିଜ୍ଞପ୍ତି ଜାରି ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ଥିବା କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲ୍‌ସ -୨୦୧୭ରେ କେତେକ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ନିୟମାବଳୀ(ରୁଲ୍‌ସ) ଆଧାରରେ ରାଜ୍ୟର ମଦ ବାର୍‌ଗୁଡ଼ିକରେ ଯୁବତୀ ଓ ମହିଳାମାନେ ନୃତ୍ୟଗୀତ ପରିବେଷଣ କରିପାରିବେ। ଓଡ଼ିଶା ଅବକାରୀ ରୁଲ୍‌ସ-୨୦୧୭ର ନିୟମାବଳୀ-୪୪(ସବ୍‌ରୁଲ୍‌ସ-୪)ରେ ସଂଶୋଧନ କରାଯାଇଛି। ଅବକାରୀ କମିଶନରଙ୍କ ଲିଖିତ ଅନୁମତି ଆଧାରରେ ବିଦେଶୀ ମଦ ଓ ଭାରତରେ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍) ବିକ୍ରିବାକୁ ଅନ୍‌ଶପ୍ ଲାଇସେନ୍ସଧାରୀ ବା ଲାଇସେନ୍ସପ୍ରାପ୍ତ ବାର୍‌ରେ ୨୧ବର୍ଷ ବୟସରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ମ୍ୟୁଜିକାଲ କାର୍ଯ୍ୟକ୍ରମ ଅଥବା ଅର୍କେଷ୍ଟ୍ରାରେ ସାମିଲ ହୋଇପାରିବେ। ସେହିପରି ସବ୍ ରୁଲ୍‌ସ-୫ରେ ସଂଶୋଧନ କରାଯାଇଛି। ୨୧ଟି ସର୍ତ୍ତ ଆଧାରରେ ଅବକାରୀ କମିଶନର ଡ୍ୟାନ୍ସ ବାର୍‌ଗୁଡ଼ିକ ପରିଚାଳନା ପାଇଁ ଅନୁମତି ଦେଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ପ୍ରକାଶିତ ସଂଶୋଧିତ ନିୟମାବଳୀ ଅନୁଯାୟୀ ମହିଳା ଡ୍ୟାନ୍ସରମାନଙ୍କର ପୋଷାକ ପରିଧାନରେ ଶାଳୀନତା ରହିବ। ଡ୍ୟାନ୍ସ ବାର୍ ପରିସରରେ ସିସିଟିଭି କ୍ୟାମେରା ଲାଗିବ, ଯାହାକି ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ହେଉଥିବା ଷ୍ଟେଜ୍‌କୁ ଭଲଭାବେ ରେକର୍ଡିଂ କରାଯାଇପାରୁଥିବ। ଏହି କ୍ୟାମେରା ୨୪ଘଣ୍ଟା ଚାଲୁ ରହିବ। ସେଥିରେ କୌଣସି ପ୍ରକାରର ଟ୍ୟାମ୍ପରିଂ କରାଯିବ ନାହିଁ। ସିସିଟିଭି କ୍ୟାମେରାର ହାର୍ଡଡିସ୍କରେ ଅତିକମ୍‌ରେ ୩ ମାସର ରେକର୍ଡିଂ ରହିବାର ସୁବିଧା ଥିବା ଆବଶ୍ୟକ। ସିସିଟିଭି ଫୁଟେଜ୍‌ର ରେକର୍ଡିଂକୁ ସ୍ଥାନୀୟ ଥାନା ଅଧିକାରୀ ଓ ଅବକାରୀ ଥାନା ଅଫିସରଙ୍କ ନିକଟରେ ଉପଲବ୍ଧ କରାଯିବ। ଯଦି କୌଣସି କାରଣରୁ ☞ପୃଷ୍ଠା-୨

## ଓଡ଼ିଶାରେ ୩ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଓଡ଼ିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଂ ଲାବୋରେଟୋରିର ଉଦ୍‌ଘାଟନ କରିଥିବା ବେଳେ ଖୋର୍ଦ୍ଧା ଜିଲା ବିଞ୍ଝଗିରିଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବରଗଡ଼ରେ ଏକ କ୍ରିଟିକାଲ୍ କେୟାର ସେଣ୍ଟର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୋଠପାଟଣାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି। ଏହି ପ୍ରୟୋଗଶାଳା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଲେଖକ ଲେଖନ୍ତୁ**

## ରାଜ୍ୟରେ ଖୁବ୍ ଶୀଘ୍ର ଲାଗୁହେବ ‘ଆୟୁଷ୍ମାନ ଭାରତ’: ମୁଖ୍ୟମନ୍ତ୍ରୀ







A quality product from
PAN BAHAR
ଯେବେ ମନରେ
ଥାଏ ବାହାର
ତେବେ ଦୀପାବଳି ହୁଏ
ଧମାକାଦାର।
NEW PACK
ASHOK & CO.- PAN BAHAR LTD.
BAHAR
THE HERITAGE
PAN MASALA
ହର୍ଷୋଲ୍ଲାସରେ ଭରପୂର ଦୀପାବଳି
NO TOBACCO NICOTINE
CHEWING OF PAN MASALA IS INJURIOUS TO HEALTH. NOT FOR MINORS



ଦୀପାବଳି ପୂର୍ବରୁ ଜଣେ ବ୍ୟକ୍ତି ଡଙ୍ଗାରେ ଯାଇ ଭୋପାଳର ଏକ ପୁଷ୍କରିଣୀରୁ କଇଁଫୁଲ ତୋଳୁଛନ୍ତି।

# ରୋଗୀଙ୍କୁ ଅଚେତ କରାଇ ଡାକ୍ତରଙ୍କ ବଳାତ୍କାର

**କୋଲକାତା,୨୯।୧୦**

କୋଲକାତାର ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ମୃତା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ପଶ୍ଚିମବଙ୍ଗରେ ଆନ୍ଦୋଳନ ଜାରି ରହିଥିଲା। ଏବେ ପୁଣିଥରେ ଏହି ରାଜ୍ୟ ଚର୍ଚ୍ଚାକୁ ଆସିଛି। ଏଥର ଜଣେ ଡାକ୍ତର ତାଙ୍କ ପାଖକୁ ଚିକିତ୍ସା ହେବା ପାଇଁ ଯାଇଥିବା ମହିଳା ରୋଗୀଙ୍କୁ ବଳାତ୍କାର କରିଛନ୍ତି। କେବଳ ସେତିକିରେ ଡାକ୍ତରଙ୍କ ବର୍ବରତା ଶେଷ ହୋଇନାହିଁ, ସେ ମହିଳାଙ୍କ ଅସଂଯତ ଅବସ୍ଥାର ଫଟୋ ଉଠାଇ ତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଏକାଧିକ ଥର ବଳାତ୍କାର କରିଛନ୍ତି।

ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ହସ୍‌ନାବାଦରେ ଏହି ଘଟଣା ଘଟିଛି। ଡାକ୍ତର ଜଣକ ମହିଳା ରୋଗୀଙ୍କୁ ଟ୍ରାଙ୍କୁଲାଇଜିଂ ସିରମ୍ ଇଞ୍ଜେକ୍ସନ ଦେଇ ଅଚେତ କରାଇବା ପରେ ବଳାତ୍କାର କରିଥିବା କରିଥିଲେ। ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ମଙ୍ଗଳବାର ଗିରଫ କରିଛି।

ଅଭିଯୋଗ ଅନୁଯାୟୀ କିଛିଦିନ ପୂର୍ବରୁ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ମହିଳା ଜଣକ ଚିକିତ୍ସା ପାଇଁ ସମ୍ପୃକ୍ତ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତର ମହିଳାଙ୍କୁ ପ୍ରଥମେ ଅଚେତ କରାଇବା ପରେ ବଳାତ୍କାର କରିଥିଲେ। ଅଚେତ ଥିବା ମହିଳାଙ୍କ ଅସଂଯତ ଅବସ୍ଥାର କେତେକ ଫଟୋ ମଧ୍ୟ ଡାକ୍ତର ଉଠାଇଥିଲେ। ଉକ୍ତ ଫଟୋକୁ ଦେଖାଇ ସେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ସେଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏହିଭଳି ଭୟଭୀତ କରାଇ ସେ ମହିଳାଙ୍କୁ ଏକାଧିକ ଥର ବଳାତ୍କାର କରିବା ସହ ତାଙ୍କଠାରୁ ୪ ଲକ୍ଷ ଟଙ୍କା ନେଇଯାଇଥିଲେ। ସମାଜରେ ସମ୍ମାନହାନି ହେବା ଡରରେ ମହିଳା ଜଣକ ଏହି କଥା କାହାକୁ କହିପାରୁ ନ ଥିଲେ। ☞ପୃଷ୍ଠା-୨

CONVOCATION
2024
Monday, 4th November, 2024
Students who have graduated during the year 2024 are invited to receive Degrees in person during November 4th - 6th, 2024.
DISTINGUISHED ALUMNUS AWARDEE
Shri Manoj Ahuja, IAS
Chief Secretary, Government of Odisha
GUEST OF HONOUR
Shri S. Krishnan, IAS
Secretary, Government of India
Ministry of Electronics & Information Technology (MeitY)
Shri R. R. Vederah, Chairman, Board of Governors, TIET will preside over the ceremony.
Session wise schedule is available on the website www.thapar.edu
RANKINGS & ACCREDITATIONS
NAAC A+ Accredited A+ by NAAC
nirf #29 Engineering Category (2024)
nirf #29 University Category (2024)
ABET Accredited programmes
NBA Accredited programmes
THAPAR INSTITUTE OF ENGINEERING & TECHNOLOGY (Deemed to be University)
Thapar Institute of Engineering & Technology, Patiala (Punjab)
(Deemed to be University)

## ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼,୨୯।୧୦**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଉପକାରାଗାରରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାରବନ୍ଧ ଥାନା ଜାମପାଲି ଗ୍ରାମର ନୃପତ ସାହୁ(୨୬)। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏ ନେଇ ଭାରପ୍ରାପ୍ତ କାରାଗାର ଅଧୀକ୍ଷକ ଲିଙ୍ଗରାଜ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତକ ଜଣଙ୍କ ସୋମବାର କାରାଗାରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ କାରାଗାର ପାଇଖାନାରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେଠାରୁ ତାଙ୍କୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରକାଶ ଯେ, ଝାରବନ୍ଧ ଥାନା ପୋଲିସ ନୃପତଙ୍କୁ ପୋକ୍ସୋ ଆକ୍ଟରେ ସୋମବାର ଗିରଫ କରି ବରଗଡ଼ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୨

# ଘଷିରେ ହେବ ଶବଦାହ

**ଭୁବନେଶ୍ୱର/ପୁରୀ,୨୯।୧୦**
**(ଅନିଲ ଦାସ/ ଅଜିତ୍ କୁମାର ମହାନ୍ତି)**

ସ୍ୱର୍ଗଦ୍ୱାରରେ କାଠ ବଦଳରେ ଗୋବର ଘଷିରେ ଶବଦାହ କରାଯିବ। ଏ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଯୋଜନା ପ୍ରସ୍ତୁତ କରୁଛି। ଏଥିପାଇଁ ପ୍ରାରମ୍ଭିକ ଆଲୋଚନା ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଗୋଟିଏ ଶବଦାହ ପାଇଁ ପ୍ରାୟ ୨୩୦ କିଲୋ ଘଷିର ଆବଶ୍ୟକତା ପଡ଼ିବ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ପବିତ୍ର କୁହାଯାଏ। ଶବଦାହରେ ଏହାକୁ ବ୍ୟବହାର କରାଯିବ। ସ୍ୱର୍ଗଦ୍ୱାର କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗୋଶାଳା କରିଥିବା ବ୍ୟକ୍ତିଙ୍କ ସହ ଏ ନେଇ ଆଲୋଚନା ଓ ବିଚାରବିମର୍ଶ କରି ସରକାର ପଦକ୍ଷେପ ନେବେ। ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ ରୋକିବା ଏବଂ ଗୋ ବଂଶ ବୃଦ୍ଧିଦିଗରେ



ଏହା ସହାୟକ ହେବ। ଏଥିସହିତ ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ସହ ଏଭଳି ପଦକ୍ଷେପ ଚାଷୀମାନଙ୍କୁ ଗୋପାଳନ ପାଇଁ ପ୍ରୋତ୍ସାହନ ଯୋଗାଇବ। ଗୋ ସୁରକ୍ଷା, ଗୋ ମୂତ୍ର ଓ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାରବିମର୍ଶ ପାଇଁ କମିଟି ଗଠିତ ହେବ। ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ୫ ଜଣ ମନ୍ତ୍ରୀ ଓ ୫ ଜଣ ସଚିବ ସଦସ୍ୟ ରହିବେ। ରାଜ୍ୟ ସରକାର ଗୋପାଳନକୁ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ୧୪୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ଗୋସୁରକ୍ଷା, ଗୋଶାଳା ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଶବଦାହ ପାଇଁ ଶହ ଶହ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଛି। ଏଥିପାଇଁ ଗଛ କଟା ଯାଉଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଅନେକ ସମୟରେ କାଠର ଘୋର ଅଭାବ ଦେଖାଦେଉଛି। ଏଥିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଗୋବର ଘଷିର ସାହାରା ନେବାକୁ ଯୋଜନା କରୁଛନ୍ତି। ତେବେ ଏହା କେତେଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

ସ୍ୱର୍ଗଦ୍ୱାରରେ କାଠ ବଦଳରେ ଘଷିରେ ଶବଦାହ ହେବା ପ୍ରସଙ୍ଗକୁ ନେଇ ପୁରୀରେ ଭିନ୍ନ ଭିନ୍ନ ମତପ୍ରକାଶ ପାଇଛି। ଏନେଇ ଶବଦାହକ ଧୀରୁ ନାୟକ କହିଛନ୍ତି, କାଠ ପରିବର୍ତ୍ତେ ଘଷିର ବ୍ୟବହାର କଲେ ବହୁ ସମସ୍ୟା ଦେଖାଯିବ। ☞ପୃଷ୍ଠା-୨

# ‘ମୁଁ ସାଧ୍ୱୀ ନୁହେଁ’: ଜୟା

## ୨ ଲକ୍ଷ ଟଙ୍କାର ଲେଦର ବ୍ୟାଗ୍ ବ୍ୟବହାରକୁ ନେଇ ହୋଇଥିଲେ ଟ୍ରୋଲ୍

**କୋଲକାତା,୨୯।୧୦**

ଆଧ୍ୟାତ୍ମିକ ବକ୍ତା ଜୟା କିଶୋରୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ତାଙ୍କୁ ଡିଓର ବ୍ରାଣ୍ଡର ଏକ ଦାମୀ ଡିଜାଇନର ଲେଦର ବ୍ୟାଗ୍ ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟାଗ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହୋଇଥିବା ସହ ଏହା ପଶୁ ଚମଡ଼ାରେ ନିର୍ମିତ ହୋଇଥିବା ଦର୍ଶାଇ ବହୁ ୟୁଜର୍ସ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରିଥିଲେ। ମଙ୍ଗଳବାର ଏନେଇ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଜୟା ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସବୁବେଳେ ସନାତନ ଧର୍ମକୁ ଟାର୍ଗେଟ କରାଯାଇଥାଏ। ଏଥର ମଧ୍ୟ ଠିକ୍ ସେପରି ହୋଇଛି। ଭାଇରାଲ ଭିଡିଓରେ ତାଙ୍କ ସହ ଥିବା ବ୍ୟାଗ୍‌ଟି ଲେଦର ମ୍ୟାଟେରିଆଲର ନୁହେଁ। ଏହା ଏକ କଷ୍ଟମାଇଜଡ୍ ବ୍ୟାଗ୍। ସେ କେବେ ମଧ୍ୟ ଲେଦର ମ୍ୟାଟିରିଆଲର କୌଣସି ବସ୍ତୁକୁ ବ୍ୟବହାର କରନ୍ତି ନାହିଁ ବୋଲି ଜୟା କହିଛନ୍ତି। ଜୟା ଆହୁରି କହିଛନ୍ତି, ସେ କୌଣସି ସାଧ୍ୱୀ ନୁହନ୍ତି। ଅନ୍ୟମାନଙ୍କ ପରି ସେ ମଧ୍ୟ ଜଣେ ସାଧାରଣ ଝିଅ। ସେ ନିଜ ପରିବାର ସହ ରୁହନ୍ତି। ଯେତେବେଳେ କୌଣସି ଜିନିଷ ବା ବସ୍ତୁ ପସନ୍ଦ ଆସିଥାଏ ଅନ୍ୟମାନଙ୍କ ପରି ସେ ମଧ୍ୟ ତାହା କିଣିବାକୁ ପସନ୍ଦ କରିଥାନ୍ତି। ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ତାଙ୍କୁ ଶୁଣିବାକୁ ଆସୁଥିବା ଦର୍ଶକଙ୍କୁ ସବୁକିଛି ତ୍ୟାଗ କରିବାକୁ ସେ କେବେ ମଧ୍ୟ କୁହନ୍ତି ନାହିଁ। ବରଂ ଯୁବପୀଢ଼ିଙ୍କୁ କଠିନ ପରିଶ୍ରମ କରିବା ସହ ରୋଜଗାର କରି ନିଜର ସ୍ୱପ୍ନ ପୂରଣ କରିବାକୁ ସେ ସବୁବେଳେ ପ୍ରୋତ୍ସାହିତ କରିଥାନ୍ତି ବୋଲି ଜୟା ଏହି ସାକ୍ଷାତ୍କାରରେ କହିଛନ୍ତି।



ଜୟା କିଶୋରୀ

ସତ୍ୟମେବ ଜୟତେ
ବାର୍ତ୍ତା



ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ଆମେ **ବିଶ୍ୱ ମିତବ୍ୟୟିତା ଦିବସ** ରୂପେ ପାଳନ କରିଆସୁଛୁ । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରାଚୀନ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ମଧ୍ୟ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଞ୍ଚୟର ଆବଶ୍ୟକତା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆୟ ଓ ବ୍ୟୟ ମଧ୍ୟରେ ଯଥାସମ୍ଭବ ସନ୍ତୁଳନ ରକ୍ଷା କରି ସୁଚିନ୍ତିତ, ଯୋଜନାବଦ୍ଧ ସଞ୍ଚୟ ଏକ ବୃହତ୍ତର ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ, ଯାହା ପରବର୍ତ୍ତୀ ସମୟରେ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିଥାଏ । ମିତବ୍ୟୟିତା ଅବଲମ୍ବନ ପୂର୍ବକ ନିୟମିତ ସଞ୍ଚୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ । ଆମ ସମସ୍ତଙ୍କର ମିଳିତ ସହଯୋଗ, ନିଷ୍ଠାପର ଓ ଅବିରତ ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏହି ଅବସରରେ ମୁଁ ଆମ ରାଜ୍ୟ ତଥା ସମସ୍ତ ରାଜ୍ୟବାସୀଙ୍କର ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

DSPL-171
ଓଡ଼ିଶା ସରକାର



ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସୁରକ୍ଷିତ ଜୀବନଯାପନ ପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ତଥା ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ, ଏଥିପାଇଁ ଦୈନନ୍ଦିନ ଜୀବନରେ ଆମ ସମସ୍ତଙ୍କୁ ମିତବ୍ୟୟିତା ଅବଲମ୍ବନ କରିବାକୁ ପଡିବ ।

ମିତବ୍ୟୟିତା ଓ ଉପଲବ୍ଧ ସମ୍ବଳର ସୁବିନିଯୋଗ ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ, ଯାହା ଆମକୁ ଏକ ସ୍ୱଚ୍ଛଳ ଏବଂ ସୁରକ୍ଷିତ ଭବିଷ୍ୟତ ପ୍ରଦାନ ପାଇଁ ବିଶେଷ ସହାୟକ ହୋଇଥାଏ । କୌଣସି ଆକସ୍ମିକ ଜରୁରୀ ଆବଶ୍ୟକତା ପୂରଣ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ଅର୍ଥରାଶି ଯୋଗାଡ କରିବା ସମୟରେ ଆମର ମିତବ୍ୟୟିତା ଓ ସଞ୍ଚୟ ହିଁ ବିପଦର ବନ୍ଧୁ ଭଳି କାର୍ଯ୍ୟ କରିଥାଏ ।

ଅତି କମ୍ ସମୟରେ ଅଧିକ ଅର୍ଥପ୍ରାପ୍ତି ଲାଳସାରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ଅର୍ଥଲଗାଣକାରୀ ସଂସ୍ଥାରେ ଅର୍ଥ ନିବେଶ କରି ପ୍ରତାରଣାର ଶିକାର ନ ହେବା ପାଇଁ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ଅନୁରୋଧ କରୁଛି ।

ଡାକଘର ଓ ବିଭିନ୍ନ ବାଣିଜ୍ୟିକ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମେତ ଅନ୍ୟାନ୍ୟ ସମସ୍ତ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ନିଜର ତଥା ରାଜ୍ୟର ସମୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ମୋର ଆପଣମାନଙ୍କୁ ନିବେଦନ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR-05001/13/0005/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂତନ ଇ.ବସ୍ ଏବଂ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ ସେବାର ଶୁଭାରମ୍ଭ, ସ୍ଥାନ: ବିଏସ୍ଏଚ୍ଟି, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ଞାନପ୍ରଭା ମିଶନ ପକ୍ଷରୁ 'ଶକ୍ତି ରୂପେଣୀ ସଂସ୍ଥିତା' କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୩ଟା ୪୦।
- 'ଦି ସର୍କାର'ର ଉନ୍ମୋଚନ, ସ୍ଥାନ: ହୋଟେଲ ଭିଭାନ୍ତା, ଡିଏନ୍ ରେଗାଲିଆ ମଲ୍, ପାତ୍ରପଡ଼ା, ସମୟ: ଅପରାହ୍ନ ୫ଟା।
- ୪୫ତମ ଶାରଳା ପୁରସ୍କାର ଉତ୍ସବ, ସ୍ଥାନ: ଦି କ୍ରାଉନ, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ୯ମ ଦେବପ୍ରସାଦ ଉତ୍ସବ ୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ, ଓଡ଼ିଶା ପକ୍ଷରୁ ନାଟ 'ନିଜ ନିଜ କୁରୁକ୍ଷେତ୍ର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୱାର୍ଲ୍ଡ ଷ୍ଟ୍ରୋକ୍ ଡେ ପାଳନ, ସ୍ଥାନ: ସୂର୍ଯ୍ୟାଂଶ ହୋଟେଲ, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଯୋବ୍ରା ଆନିକଟ୍, ସମୟ: ସକାଳ ୭ଟା ୩୦।
- ଖଦି ଗ୍ରାମ୍ୟୋଦ୍ୟୋଗ ସଚେତନତା ଶିବିର, ସ୍ଥାନ: ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୯ଟା।
- ବ୍ଲକ ବିଜୁ ଯୁବ, ଛାତ୍ର, ଓ ମହିଳା ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ପାଞ୍ଚଗାଁ ପଞ୍ଚାୟତ, ଶିବ ମନ୍ଦିର, ଟିଗିରିଆ,ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ପ୍ରଫେସର ଡି. ସି. ମିଶ୍ର ସ୍ମାରକୀ ବକ୍ତୃତା, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ନରକ ଚତୁର୍ଦ୍ଦଶୀରେ ସମୂହ ଦୀପ ଦାନ, ସ୍ଥାନ: ସ୍ୱର୍ଗଧାମ, ଖାନ୍‌ନଗର, ସମୟ: ସନ୍ଧ୍ୟା ୫ଟା ୫।
- ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ରାଜ୍ୟସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିରଞ୍ଜନ ମିଶନ ପକ୍ଷରୁ ସପ୍ତାହ ବ୍ୟାପି ଅଖଣ୍ଡଶାନ୍ତି ଆଧାତ୍ମିକ ଜ୍ଞାନଯଜ୍ଞ ଶିବିର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଓମ୍ଫେଡ ଛକ, ନିକଟ ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ପଦଯାତ୍ରା, ସ୍ଥାନ: ପବ୍ଲିକ ହାଇସ୍କୁଲ, ବାଲେଶ୍ୱର, ସମୟ: ସକାଳ ୭ଟା।
- ମୋ ଭାରତ ଓ ଦୀପାବଳୀ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ହେଲ୍‌ଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ନାୟକାଣିଡିହୀ ଥାନା ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଯୁବ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଜନ୍ମଦିନ ପାଳନ ଅବସରରେ ଗଛ ବଣ୍ଟନ, ସ୍ଥାନ: ହୋଟେଲ କୟୀରଭ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ସମାଜ ମଙ୍ଗଳ ବିଭାଗର ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ବିଆର୍‌ସିସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୯ଟା।
- ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ମହିଳା ଆଶ୍ରମ, ବଡ଼ସାହି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ପାରମ୍ପରିକ ଲୋକକଳା ମହୋତ୍ସବ, ସ୍ଥାନ: ଦାରିଙ୍ଗବାଡି ରାଜୀବ ଗାନ୍ଧୀ ସେବାକେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ହିଞ୍ଜିଳିକାଟୁ ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।
- ଶ୍ୟାମାକାଳୀ ପୂଜା ଉପଲକ୍ଷେ କଳସ ଯାତ୍ର,ସ୍ଥାନ: ବୁଗୁଡା ଗୋଲିଆ ଗ୍ରାମ,ସମୟ: ପୂର୍ବାହ୍ନ ୧୦ଟା ୧୫।
- ଆନ୍ତଃ କଲେଜ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପନ, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- କେଙ୍ଗନ କମ୍ପାନୀ ପକ୍ଷରୁ ନୂତନ ବିତରଣ କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୟଚନ୍ଦ୍ରପୁର, ତାରିଣୀଗଡ଼ା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ନବମ ଦିବସ ବିକାଶ ୱାରିୟରସ୍ ବନାମ ଦିପୁ କିଙ୍ଗ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ନବମ ଦିବସ ଦି ରୟାଲ କିଙ୍ଗ୍ ବନାମ ରାଜା ସୁପର ଷ୍ଟ୍ରାଇକର, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା। ରାମଚରିତ ମାନସ ପାରାୟଣରେ ପ୍ରବଚନର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ଓଡ଼ଗାଁ ରଘୁନାଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଇନଫରମେଶନ ବ୍ୟୁରୋ ଗଭରମେଣ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ଆଞ୍ଚଳିକ ମିଡିଆ ୱାର୍କସପ୍, ସ୍ଥାନ:ନୀଳମାଧବ କଲ୍ୟାଣ ମଣ୍ଡପ ଖଣ୍ଡପଡ଼ା ରୋଡ, ନୟାଗଡ଼ ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ମାଲକାନଗିରି

- ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ମାଲ୍ୟବନ୍ତ ଛାତ୍ରାବାସ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ଏକାଦଶ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ୯ ଦଫା ଦାବି ନେଇ ରାଷ୍ଟ୍ରୀୟ ପଛୁଆ ବର୍ଗଙ୍କ ପକ୍ଷରୁ ଭାରତ ବନ୍ଦ ଡାକରା, ସ୍ଥାନ: କଳାହାଣ୍ଡି ଜିଲା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ନବମ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ ବ୍ଲକ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ : ସିଏସବି ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ହିନ୍ଦୁ ଚେତନା ବୈଠକ, ସ୍ଥାନ : ବାଲିବନ୍ଧା ମନ୍ଦିର ପ୍ରାଙ୍ଗଣ, ସମୟ : ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ତରଭା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ବିନିକା ବ୍ଲକ ସମ୍ମୁଖ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ:ବୁରୁଖମନ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଶ୍ୟାମାକାଳୀ ପୂଜା ମହୋତ୍ସବ ଅବସରରେ କଳସାଧିବାସ, ସ୍ଥାନ: ସର୍ଗିବାହାଲ, ବରଗଡ଼, ସମୟ: ସକାଳ ୯ଟା।
- କାଳୀପୂଜା ଜୁଗାରଯାତ୍ରା ଅବସରରେ କଳସଯାତ୍ରା, ସ୍ଥାନ: କୁଟିପାଲି, ବରଗଡ଼, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୯ଟା ୩୦।

## ଝାରସୁଗୁଡ଼ା

- ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର ପୂଜାଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଆସନ୍ତା ଛଟ ପୂଜା ପାଇଁ ବିହାରୀ ସମାଜର ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଜୟୀରାଜ ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବେଦବ୍ୟାସ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ଉପକରଣ ମାଧ୍ୟମରେ ଭର୍ମି କଲଚର ଓ ଭର୍ମି କମ୍ପୋଷ୍ଟ ଉତ୍ପାଦନ ସମ୍ପର୍କିତ ୪ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତି ବୋଧ ଅଭିଯାନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଡମୁଣ୍ଡା, ସମୟ: ମଧ୍ୟାହ୍ନ ୧୨ଟା।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ୨ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ବେଲୁଆମ ତିଲେଇବଣି ବ୍ଲକ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ

- କଣ୍ଟାମାଳ ବ୍ଲକରେ ଦୁର୍ନୀତି ନିବାରଣ ସପ୍ତାହ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୃତ୍ତିକା ନକ୍ଷତ୍ର ସକାଳୁ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଅସୁବିଧା ହେବ ନାହିଁ। କାମ ହାସଲରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି କିନ୍ତୁ କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ସାଧାରଣ କଥାରେ ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ଆଜି ଯେମିତି ଆଶା କରୁଛନ୍ତି ସେମିତି ପାଇବାରେ ଅସୁବିଧା ରହିବ ନାହିଁ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଉତ୍ପନ୍ନ ହେବ। ଅଶ୍ଳେଷା ନକ୍ଷତ୍ରର ଭୁଲ୍ ବୁଝାମଣା ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

**ସିଂହ** ଯେତେ ଯାହା କଲେ ମଧ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ନୂତନ ଯୋଜନା କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ରହିବ।

**କନ୍ୟା** ଦିନଟି ବହୁତ ଭଲ, ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ମିଳିବ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ର ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ପରିବାରରୁ ବରାଦ ପାଇପାରନ୍ତି।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ରର ମନ ଚାହୁଁ ନ କାମ ସମୟ ଓ ପରିସ୍ଥିତିକୁ ନେଇ କରିବାକୁ ବାଧ ହେବେ। ଆଲୋଚନା ପରିସରରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା** ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବନ୍ଧୁଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବାର ସୂଚନା ରହିଛି।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ହୋଇପାରେ। ମୂଳା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିବ। ଭ୍ରମଣ କ୍ଳାନ୍ତି ସହ ସ୍ୱାସ୍ଥ୍ୟହାନି ଘଟିପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ।

**ମକର** ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅପରିଚିତ ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କର ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ମାନସିକ ଅସ୍ଥିରତା ବୃଦ୍ଧି ପଛରେ ପାରିବାରିକ ଅଶାନ୍ତି ମୁଖ୍ୟ କାରଣ ହେବ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇବେ। ପୂର୍ବଭାଦ୍ର ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଧାନ ନ ଦେଲେ ଅସୁବିଧା ଭୋଗିବେ।

**ମୀନ** ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ରେବତୀ ନକ୍ଷତ୍ର ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ ତଥାପି ଅନ୍ୟମାନଙ୍କର ସେବାରେ ମନ ଦେଇ ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା (ସଞ୍ଚୟ)ଦିବସ, କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ. ୦୫.୫୦ମି. ଗତେ ଘ. ୦୮.୦୬ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।

# ମନ୍ଦିର ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଶିଳ୍ପା ସେଟ୍ଟୀଙ୍କ ସହ ଫଟୋ ଭାଇରାଲ ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର,୨୯।୧୦(ସୁବାସ ଚନ୍ଦ୍ର ପ୍ରଧାନ) ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପରିସରରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସହ ଫଟୋ ଭାଇରାଲ ପ୍ରସଙ୍ଗରେ ମଙ୍ଗଳବାର ମନ୍ଦିର ସୁପରଭାଇଜର ତଥା ମହାସୁଆର ସେବାୟତ ରାଜକିଶୋର ମହାପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ନୋଟିସ କରିଛନ୍ତି। ପ୍ରକାଶ ଯେ, ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଶିଳ୍ପା ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ତେବେ ସେ ମନ୍ଦିର ପରିସରରେ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଉକ୍ତ ଫଟୋରେ ଅଭିନେତ୍ରୀ ଶିଳ୍ପାଙ୍କ ସହ ସେବାୟତ ରାଜକିଶୋର କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଯାହାକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ତେବେ ମନ୍ଦିର ଭିତରକୁ ବିନା ଅନୁମତିରେ କ୍ୟାମେରା କିମ୍ବା ମୋବାଇଲ ଯିବା ଏବଂ ଫଟୋ ଉଠାଯିବା ନିଷେଧ ରହିଛି। ମନ୍ଦିର ଭିତରେ କିଏ ତାଙ୍କୁ ଫଟୋ ଉଠାଇବାକୁ ଅନୁମତି ଦେଲେ, ତାକୁ ନେଇ ପ୍ରଶବାଚୀ ସୃଷ୍ଟି ହୋଇଛି। ସାଧାରଣ ଲୋକଙ୍କ ପାଇଁ ଗୋଟେ ନିୟମ ରହିଥିବାବେଳେ ଭିଭିଆଇପିଙ୍କ ପାଇଁ ଅଲଗା ନିୟମ କରାଯାଉଥିବାରୁ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବିବାଦ ଦେଖାଦେବା ପରେ ଅଭିନେତ୍ରୀ ଶିଳ୍ପା ଉକ୍ତ ଫଟୋକୁ ସାମାଜିକ ଗଣମାଧ୍ୟମରୁ ହଟାଇଦେଇଥିବା ଜଣାପଡ଼ିଛି। ଅତୀତରେ ଜଣେ ବଲିଉଡ ଅଭିନେତ୍ରୀ ମଧ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ବେଳେ ଲିଙ୍ଗରାଜ ମନ୍ଦିର ପରିସରରେ ଫଟୋ ଉଠାଇଥିଲେ। ଯାହାକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସେହିପରି ଅନେକ ସମୟରେ ପାଲିଆ ସେବାୟତମାନେ ମନ୍ଦିର ଚୂଡ଼ାରେ ସେଲ୍ଫି ନେବା ଏବଂ ବିଭିନ୍ନ ଜନପ୍ରତିନିଧିଙ୍କ ସହ ଫଟୋ ଉଠାଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ନଜିର ରହିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି କହିଛନ୍ତି, ଉକ୍ତ ଫଟୋରେ ଯିଏ ଥିଲେ ତାଙ୍କୁ ଚିହ୍ନଟ କରାଯାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଥିବା ଭକ୍ତ ହୁଅନ୍ତୁ କିମ୍ବା ସେବାୟତ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି, ମନ୍ଦିର ପରିସରରେ ଫଟୋ ଉଠାଇବା ଘଟଣାର ତଦନ୍ତ ହେବ। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସର୍ତ୍ତରେ ଚାଲିବ...

ପ୍ରଥମ ପୃଷ୍ଠାରୁ...

ସିସିଟିଭି ଖରାପ ହୋଇଯାଏ ତେବେ ସମ୍ପୃକ୍ତ ବାର୍‌ମାଲିକ ସଙ୍ଗେସଙ୍ଗେ ନିଜ ଅଞ୍ଚଳର ଅବକାରୀ ଅଧିକାରୀ ଓ ଥାନାକୁ ଅବଗତ କରାଇବେ। ଯେପର୍ଯ୍ୟନ୍ତ ସିସିଟିଭି ଠିକ୍ ହୋଇ ନ ଥିବ ସେପର୍ଯ୍ୟନ୍ତ ନୃତ୍ୟଗୀତ କାର୍ଯ୍ୟକ୍ରମ ବନ୍ଦ ରହିବ।

ନୃତ୍ୟଗୀତ ପ୍ରଦର୍ଶନ କରୁଥିବା ମହିଳାଙ୍କ ରେକର୍ଡ ରଖିବା ପାଇଁ ଡ୍ୟାନ୍ସବାର୍‌ଗୁଡ଼ିକ ରେଜିଷ୍ଟର ପରିଚାଳନା କରିବେ। ଦରକାର ସମୟରେ ତାହାକୁ ପୋଲିସ କିମ୍ବା ଅବକାରୀ ଅଫିସରଙ୍କୁ ପ୍ରଦାନ କରିବେ। ଲାଇସେନ୍ସଧାରୀ ନିଜର ଲାଇସେନ୍ସକୁ ସ୍ପଷ୍ଟ ଭାବେ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରିବେ। ଲାଇସେନ୍ସଧାରୀ ବାର୍ ମାଲିକଙ୍କୁ ଡ୍ୟାନ୍ସ ବାର୍ ନିମନ୍ତେ ଆବେଦନ କରିବାବେଳେ ନୃତ୍ୟଗୀତ ପ୍ରଦର୍ଶନକାରୀଙ୍କ ଭୋଟର ପରିଚୟ ପତ୍ର ଅଥବା ଆଧାର କାର୍ଡ ଦେବାକୁ ହେବ। ଏଥିସହିତ ୬ମାସ ମଧ୍ୟରେ ଉଠାଯାଇଥିବା ଏକ ଫଟୋ ସହ ସେମାନଙ୍କର ନାମ, ସ୍ଥାୟୀ ଠିକଣା, ନାଗରିକତା ଓ ସ୍ଥାନୀୟ ଠିକଣା ମଧ୍ୟ ଦେବାକୁ ପଡ଼ିବ। ଆବେଦନକାରୀଙ୍କୁ ଏହି ନାମ ଓ ଠିକଣାଗୁଡ଼ିକର ସତ୍ୟତା ଯାଞ୍ଚ କରିବାକୁ ପଡ଼ିବ। ସେହିପରି ଡ୍ୟାନ୍ସ ବାର୍‌ରେ ନୃତ୍ୟ ଓ ଗୀତ ପ୍ରଦର୍ଶନ କରୁଥିବା ପ୍ରଦର୍ଶନକାରୀ(ପୁରୁଷ ଓ ମହିଳା)ଙ୍କ ପୋଷାକ ଶାଳୀନତା ଭିତରେ ରହିବ। ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଉପଯୁକ୍ତ ଥିବା ନେଇ ଏକ ସମ୍ମତିପତ୍ର ଦେବେ, ଯାହାକୁ ବାର୍ ମାଲିକ ଅନୁମତି ନେବା ବେଳେ ଦାଖଲ କରିବେ। ପୂର୍ବରୁ ଅନୈତିକ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଚାର୍ଜଶିଟ୍ ଥିବା ମହିଳାଙ୍କୁ ଏହି ନୃତ୍ୟଗୀତ ନିମନ୍ତେ ଅନୁମତି ମିଳିବ ନାହିଁ। ବାର୍ ପରିସରରେ ଯେଉଁ ଷ୍ଟେଜ୍‌ରେ ନୃତ୍ୟଗୀତ ପ୍ରଦର୍ଶନ ହେବ ତା'ର ଚାରିପଟେ ୩ ଫୁଟ ଉଚ୍ଚର ବାଡ଼ ରହିବ ଓ ଗ୍ରାହକଙ୍କଠୁ ଅତିକମ୍‌ରେ ୫ ଫୁଟ ଦୂରତା ରହିବ। ସେହି ଷ୍ଟେଜ୍ ସର୍ବନିମ୍ନ ୧୨୦ ବର୍ଗଫୁଟ ହେବା ଜରୁରୀ। ନୃତ୍ୟଗୀତ ପ୍ରଦର୍ଶନକାରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଓ ଲକର ସୁବିଧା ରହିବା ନିହାତି ଆବଶ୍ୟକ। ବାର୍ ମାଲିକମାନେ ଏହି କର୍ମଚାରୀ ବା ପ୍ରଦର୍ଶନକାରୀଙ୍କୁ ଫଟୋଯୁକ୍ତ ଆଇକାର୍ଡ ପ୍ରଦାନ କରିବେ, ଯାହା ସେମାନେ ଡ୍ୟୁଟିବେଳେ ଉପଯୋଗ କରିପାରିବେ। ଡ୍ୟାନ୍ସ ବାର୍‌ରେ ନିୟୋଜିତ ମହିଳାମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନେ ରହୁଥିବା ସ୍ଥାନରୁ ଯିବାଆସିବା ପାଇଁ ମାଗଣା ପରିବହନ ସୁବିଧା ବାର୍ ମାଲିକଙ୍କୁ ଯୋଗାଇବାକୁ ପଡ଼ିବ। ବାର୍ ପରିସରରେ ନିୟୋଜିତ କୌଣସି ମହିଳା ଯେଭଳି ଯୌନ ଓ ଅନ୍ୟ ନିର୍ଯ୍ୟାତନାର ଶିକାର ନ ହେବେ ସେଥିପାଇଁ ବାର୍ ମାଲିକମାନେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷା ଉପାୟ କରିବେ। ସେହିପରି ନୃତ୍ୟଗୀତ ପ୍ରଦର୍ଶନ କରୁଥିବା ପୁରୁଷ କିମ୍ବା ମହିଳାଙ୍କୁ ଗ୍ରାହକମାନେ ସିଧାସଳଖ ଟଙ୍କା ଅବା କୌଣସି ପୁରସ୍କାର ଦେଇପାରିବେ ନାହିଁ। ଯଦି କେଉଁ ଗ୍ରାହକ ଦେବାକୁ ଇଚ୍ଛୁକ ଥିବେ ତା'ହେଲେ ସମ୍ପୃକ୍ତ ଡ୍ୟାନ୍ସ ବାର୍‌ର ପରିଚାଳକଙ୍କ ମାଧ୍ୟମରେ ତାହା ଦେଇପାରିବେ। ଡ୍ୟାନ୍ସ ବାର୍ ପରିସରରେ କାହାରିକୁ ସିଗାରେଟ୍ ଟାଣିବା ପାଇଁ ଅନୁମତି ମିଳିବ ନାହିଁ। ଆବେଦନକାରୀଙ୍କୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠୁ ଅଗ୍ନିଶମ ପ୍ରମାଣପତ୍ର ଆଣିବାକୁ ହେବ। ସେହିପରି ଡ୍ୟାନ୍ସ ବାର୍ ପରିସରରେ ଶବ୍ଦ ପ୍ରଦୂଷଣ ନିୟମ-୨୦୦୦ର ସର୍ତ୍ତାବଳୀ ମଧ୍ୟ ବାର୍ ମାଲିକମାନଙ୍କୁ ପାଳନ କରିବାକୁ ପଡ଼ିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶାରେ ୩ ପ୍ରକଳ୍ପର...

ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ସମୟ ବଞ୍ଚିବା ସହିତ ରାଜ୍ୟରେ ଉନ୍ନତମାନର ଔଷଧ ବିତରଣକୁ ପ୍ରୋତ୍ସାହନ ମିଳିବ। ଏହା ଓଡ଼ିଶା ସରକାରଙ୍କର ପ୍ରୟୋଗଶାଳା ଉପରେ ପରୀକ୍ଷଣର ଚାପକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ଆୟୁଷ୍ମାନ ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହାଦ୍ୱାରା ପ୍ରାୟ ୫୦ କୋଟି ଗରିବ ଲୋକ ଉପକୃତ ହେଉଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର ଖୁବ୍ ଶୀଘ୍ର 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ରାଜ୍ୟ ସରକାର ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନା 'ଗୋପବନ୍ଧୁ ଜନ ଆରୋଗ୍ୟ' ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ। ଏହି ୨ଟି ଯୋଜନା ସମନ୍ୱୟରେ ରାଜ୍ୟବାସୀ ଚିକିତ୍ସା ଚିନ୍ତାରୁ ମୁକ୍ତ ହେବେ। ଏଥିପାଇଁ ରାଜ୍ୟ ବଜେଟରେ ୩,୫୫୬ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ବୋଲି ସେ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଟିକାକରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୟୁ-ଉଇନ ପୋର୍ଟାଲ, ଦେଶର ଦୁର୍ଗମ ଅଞ୍ଚଳକୁ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଡ୍ରୋନ୍ ସେବା ବ୍ୟବସ୍ଥା, ଆନୁଷଙ୍ଗିକ ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରଫେସନାଲ୍‌ମାନଙ୍କ ପାଇଁ ଡିଜିଟାଲ ଇନିସିଏଟିଭ୍ ଏବଂ ଆହୁରି ଅନେକ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆମ ସରକାର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ୨୧ ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ପୂର୍ବ ବର୍ଷ ଅପେକ୍ଷା ୩୨ ପ୍ରତିଶତ ଅଧିକ।

ଆୟୁର୍ବେଦ ଓ ଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଯୋଗ କେବଳ ଆଶ୍ରମ ଓ ସାଧୁସନ୍ଥମାନଙ୍କ ମଧ୍ୟରେ ସୀମିତ ନୁହେଁ ,ଏହା ଆମ ଦୈନିକ ଜୀବନର ମଧ୍ୟ ଏକ ଅଂଶବିଶେଷ ହୋଇପାରିଛି। ସମଗ୍ର ବିଶ୍ୱର ଜନସାଧାରଣ ଯୋଗ ପ୍ରତି ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ୨୦୧୫ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରାଯାଉଛି। ବିଶ୍ୱର ପ୍ରତ୍ୟେକ ଦେଶରେ ଯୋଗର ଅଭ୍ୟାସ କରାଯାଉଛି। କେନ୍ଦ୍ର ସରକାର ଏବଂ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଯୁଗାନ୍ତକାରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୀପାବଳି ଓ ପବିତ୍ର କାଳୀପୂଜା ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରଧାନମନ୍ତ୍ରୀ ଦେଶରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସାର୍ବଜନୀନ କରିଛନ୍ତି। ଏହି ସେବାକୁ ସମସ୍ତଙ୍କ ପାଇଁ ସୁଲଭ ଓ ସହଜ କରିଛନ୍ତି। ପ୍ରତିବର୍ଷ ଆମ ଦେଶରେ ଲୋକଙ୍କୁ ସ୍ୱାସ୍ଥ୍ୟଜନିତ ଖର୍ଚ୍ଚରୁ ମୁକ୍ତ କରିଛନ୍ତି। ବିଧାୟକ ବାବୁ ସିଂ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶା ନିଶ୍ଚିତ ରୂପେ ବିକଶିତ ରାଜ୍ୟ ହେବ ବୋଲି କହିଛନ୍ତି।

## ଘଷିରେ ହେବ...

ଶବଦାହ ସମୟରେ କାଠଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ସଜା ଯାଇଥାଏ। ଫଳରେ ଶବ ଠିକ୍ ଭାବରେ ଦାହ ହୋଇଥାଏ। ଘଷି ଗୁଡ଼ିକରେ ନିଆଁ ଲାଗିବା ପରେ ଭୁଷୁଡ଼ିଯିବ, ଫଳରେ ସେଠାରେ ଥିବା ଶବଦାହକ ଓ ସମ୍ପର୍କୀୟମାନେ ନିଆଁରେ ଆହତ ହେବେ। ତେଣୁ ଘଷିରେ ଦାହ କରିବା ପାଇଁ ଯେଉଁ ନିଷ୍ପତ୍ତି ହେଉଛି ତାହା ଠିକ୍ ନୁହେଁ।

ଅନ୍ୟଜଣେ ଶବଦାହକ ତଥା ସଂସ୍କାର ସେବକ କହିଛନ୍ତି, ଘଷି ଦ୍ୱାର ଶବଦାହ କଲେ ସମସ୍ୟା ଦେଖାଯିବା ସହ ଧୂଆଁ ପ୍ରବଳ ହେବ। କାଠରେ ଯେଉଁଭଳି ଧୂଆଁ ହେଉଛି ତାହାଠାରୁ ଘଷିରେ ଅଧିକ ଧୂଆଁ ହେବ। ଗୋଟିଏ ଗୋଟିଏ ଶବ କାଠରେ ମଧ୍ୟ ଠିକ୍ ଭାବରେ ଦାହ ହୋଇପାରୁ ନାହିଁ। ବହୁ କଷ୍ଟରେ ଦାହ କରିବାକୁ ପଡୁଛି। ଘଷି ହେଲେ ଆହୁରି ସମସ୍ୟା ହେବ, ଶବ ଠିକ୍ ଭାବରେ ଦାହ ହେବ ନାହିଁ। ସରକାରଙ୍କୁ ଅନୁରୋଧ ଯେଉଁ କାଠ ବ୍ୟବସ୍ଥା ରହିଛି ସେହି ବ୍ୟବସ୍ଥା ରହୁ।

ସ୍ୱର୍ଗଦ୍ୱାର ସେବା ସମିତି କମିଟି ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି, ପ୍ରତ୍ୟେକ ଦିନ ସ୍ୱର୍ଗଦ୍ୱାରକୁ ପ୍ରାୟ ୭୦ଟି ଶବଦାହ ହେବାକୁ ଆସିଥାଏ। ଶବଦାହରେ ପାଖାପାଖି ଦେଢ଼ରୁ ୨ ଟନ୍ କାଠର ଆବଶ୍ୟକତା ରହୁଛି। ଗଣମାଧ୍ୟମରେ ଶୁଣାଯାଉଛି, ଶବଦାହରେ ଘଷି ବ୍ୟବହାର କରିବା ନେଇ ସରକାର ଚିନ୍ତା କରୁଛନ୍ତି। ଏପରି ପ୍ରସ୍ତାବ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କମିଟି ପାଖରେ ଏପର୍ଯ୍ୟନ୍ତ ପହଞ୍ଚିନି। ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିବା ପରେ ଏନେଇ ସମସ୍ତ ଦିଗକୁ ନେଇ ସମିତି ଆଲୋଚନା ଓ ବିଚାର କରାଯିବ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଦାସ ମତବ୍ୟକ୍ତ କରିକହିଛନ୍ତି, ଶବଦାହ ନିମନ୍ତେ କାଠର ଆବଶ୍ୟକ କାହିଁ କେଉଁ ଆବହମାନକାଳରୁ ଚାଲି ଆସିଛି। କାଠରେ ଯେଉଁଭଳି ଭାବରେ ଶବ ଦାହ କରିହେବ ତାହା ଘଷିରେ କରିହେବ ନାହିଁ। କାରଣ ଘଷିରେ ଶବଦାହ କରାଗଲେ ଦାହ ସମୟରେ ଶବରୁ ବାହାରୁଥିବା ଜଳୀୟ ଅଂଶ ଘଷି ନିଆଁକୁ ଲିଭାଇଦେବ, ଫଳରେ ଦାହରେ ସମସ୍ୟା ଦେଖାଯିବ।

ଶ୍ରୀମନ୍ଦିର ବରିଷ୍ଠ ସେବକ ଗୌରହରୀ ପ୍ରଧାନ କହିଛନ୍ତି, ସରକାରଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ। ଘଷିରେ ଶବଦାହ ନିମନ୍ତେ ଏକ କୁଇଣ୍ଟାଲ୍ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ କାଠର ଆବଶ୍ୟକ ହୋଇଥାଏ। ଘଷି ବ୍ୟବହାର କରାଗଲେ ଗଛ କଟା କମ୍ ହୋଇପାରିବ। ଯଦି ଘଷିରେ ଶବଦାହ କରିବା ଶାସ୍ତ୍ର ସମ୍ମତ ରହିଛି ତେବେ ଯୋଜନା କାର୍ଯ୍ୟକାରୀ କରାଯାଉ। କିନ୍ତୁ ଏଥିପାଇଁ ଗୋଶାଳାର ଆବଶ୍ୟକତା ରହିଛି। ଯାହାକୁ ଯୋଜନା କରାଯାଉଛି ତାହା ଠିକ୍ ଭାବରେ କରାଯାଉ।

## ରୋଗୀଙ୍କୁ ଅଚେତ କରାଇ...

ସ୍ୱାମୀ ବାହାରେ ରହିଥିବାରୁ ସେ ସମ୍ପୂର୍ଣ୍ଣ ନିଃସହାୟ ହୋଇପଡ଼ିଥିଲେ। ସ୍ୱାମୀ ଘରକୁ ଫେରିବା ପରେ ପୀଡ଼ିତା ସବୁ କଥା ତାଙ୍କୁ ଜଣାଇଥିଲେ। ସ୍ୱାମୀ ତାଙ୍କୁ ସାନ୍ତ୍ୱନା ଦେବା ସହ ପୋଲିସରେ ଏତଲା ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଡାକ୍ତରଙ୍କୁ ଗିରଫ କରିଥିଲା। ତାଙ୍କୁ ଜିଲା ଅଦାଲତରେ ହାଜର କରାଇବା ପରେ ପୋଲିସ ୫ ଦିନିଆ ରିମାଣ୍ଡରେ ନେଇଛି। ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ଜେଲ୍‌ରେ ବିଚାରାଧୀନ...

ତାଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଥିଲା। କାରାଗାରର ଉପର ମହଲାସ୍ଥିତ ୮ନମ୍ବର ୱାର୍ଡରେ ସେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଅପରାହ୍ନ ୫ଟାରେ ସମସ୍ତ ବନ୍ଦୀଙ୍କୁ ଭୋଜନ ଦିଆଯାଇଥିଲା ଏବଂ ନୃପତ ମଧ୍ୟ ଭୋଜନ କରିଥିଲେ ବୋଲି ଭାରପ୍ରାପ୍ତ ଅଧୀକ୍ଷକ ସାମଲ କହିଛନ୍ତି। ତେବେ କାରାଗାରକୁ ଆସିବାର ଦିନକ ପରେ କାରାଗାର ମଧ୍ୟରେ ନୃପତଙ୍କ ମୃତ୍ୟୁ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମୃତକ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




# ଇସ୍କନ ମୁଖ୍ୟଙ୍କ ସହ ଆଲୋଚନା କରାଯିବ: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

ଆମେରିକାରେ 'ଇସ୍କନ' ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନକୁ ବିରୋଧ ତେଜିବାରେ ଲାଗିଛି। ଏ ନେଇ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେବା ସହିତ ଇସ୍କନ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ହିନ୍ଦୁ ଧର୍ମରେ ବିଶ୍ୱାସ ରଖୁଥିବା ସମସ୍ତ ବ୍ୟକ୍ତି କିପରି ଏହି ନିୟମକୁ ପାଳନ କରିବେ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନର ଭାରତରେ ଥିବା

## ଅଦିନିଆ ରଥଯାତ୍ରା ପ୍ରସଙ୍ଗ

ମୁଖ୍ୟମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଆଇନ୍ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ତଥା ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଇନ୍‌ମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତିବାଦପତ୍ର ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ଶ୍ରୀକ୍ଷେତ୍ରରେ ନିର୍ଦ୍ଦିଷ୍ଟ ତିଥିରେ ମହାପ୍ରଭୁଙ୍କର ସମସ୍ତ ପର୍ବପର୍ବାଣୀ ପାଳନ ହେଉଥିବା ଦିନକୁ ଗ୍ରହଣ କରାଯାଉଥିବାବେଳେ ଆମେରିକାର ବୋଷ୍ଟନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଭ୍ରମାତ୍ମକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ତଥା ସନାତନୀ ହିନ୍ଦୁମାନଙ୍କ ଧାର୍ମିକ ଓ ସାଂସ୍କୃତିକ ବିଚାର ପ୍ରତି କୁଠାରାଘାତ କରୁଛି ବୋଲି ପ୍ରତିବାଦ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ଆଇନ୍‌ମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରତିବାଦପତ୍ରର ଏକ ନକଲ ଭୁବନେଶ୍ୱର ଇସ୍କନ ମନ୍ଦିରର ଲୋକସମ୍ପର୍କ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୋଷ୍ଟନଠାରେ ନଭେମ୍ବର ୩ରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା ଓ ବିରୋଧ କରାଯାଉଛି।

# ଖୋଲିଲା ଶିମିଳିପାଳ

ବାରିପଦା,୨୯।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାତ୍ୟା 'ଦାନା' ପରେ ପ୍ରକୃତିପ୍ରେମୀଙ୍କ ପାଇଁ ମଙ୍ଗଳବାରଠାରୁ ଶିମିଳିପାଳ ଅଭୟାରଣ୍ୟ ଖୋଲିଛି। ବାତ୍ୟା ଯୋଗୁ ଗତ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରଖାଯାଇଥିଲା। ବର୍ଷାରେ ନଷ୍ଟ ହୋଇଥିବା ରାସ୍ତାର ମରାମତି ପାଇଁ ବାରିପଦା ଦେଇ ପିଠାବଟା ତନଖି ଫାଟକ ପଟୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ କରାଯାଇଛି। କେବଳ ଯଶୀପୁର ପଟୁ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ପ୍ରବେଶ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ସନ୍ଧ୍ୟା ୭ରୁ ରାତି ୯ ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି

ଭୁବନେଶ୍ୱର, ୨୯।୧୦
(ବନ୍ଦନା ସେଠୀ)

ଆଲୋକର ପର୍ବ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଙ୍ଗଳବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଦୀପାବଳିରେ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ସେହିପରି ୧୨୫ ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ପାର୍କ, ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଏଥିସହିତ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ଧାର୍ମିକ

## ଦୀପାବଳି ପାଇଁ ଗାଇଡ୍‌ଲାଇନ୍ ଜାରି କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ଅନୁଷ୍ଠାନ ଓ କୋର୍ଟଠାରୁ ୧୦୦ ମିଟର ଭିତରେ ବାଣ ଫୁଟାଇବାକୁ ଗାଇଡ୍‌ଲାଇନ୍‌ରେ ବାରଣ କରାଯାଇଛି। କେବଳ ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ବସ୍ତି ସହ ରାସ୍ତା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣଫୁଟାକୁ ବାରଣ କରାଯାଇଛି। ସେହିପରି ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବା, ବେରିୟମ ଓ କେମିକାଲଯୁକ୍ତ ବାଣ ବିକ୍ରି ଏବଂ ବ୍ୟବହାରକୁ ବାରଣ କରାଯାଇଛି।

# ଗାଁ ଦାଣ୍ଡରେ ବୁଲିଲା ଦନ୍ତା



ମୋରଡ଼ା,୨୯।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନଳଗଜା ପଞ୍ଚାୟତର କୁଳିପାଳ ଗାଁରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ଶିମିଳିପାଳରୁ ଆସିଥିବା ଏକ ଦନ୍ତାହାତୀ କୁଳିପାଳ ଛକ ହୋଇ ନଳଗଜା ମୁଖ୍ୟରାସ୍ତା ଦେଇ ଗାଁକୁ ପ୍ରବେଶ କରିଥିଲା। ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ, କୁଳିପାଳ ଜଙ୍ଗଲରେ ୯ ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଦନ୍ତାଟି ଗୋଠରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରେ ପ୍ରବେଶ କରିଥିଲା। ମାତ୍ର ଏହା କାହାର କୌଣସି କ୍ଷୟକ୍ଷତି ଘଟାଇନାହିଁ। ତେବେ ଖବର ଲେଖାହେବା ବେଳକୁ ଉକ୍ତ ଅଞ୍ଚଳରେ ଘୁରିବୁଲି ସାରୁମୂଳା ଜଙ୍ଗଲରେ ଥିବା ସୂଚନା ମିଳିଛି।

# ଅନୁଭୂତ ହେବ ଶୀତ, ପଡ଼ିବ କୁହୁଡ଼ି

ଭୁବନେଶ୍ୱର,୨୯।୧୦
(ଅନୁରାଧା ମହାରଣା)

କେନ୍ଦ୍ରୀୟ ଭାରତରେ ବୁଧବାର ସୁଦ୍ଧା ଏକ ଗୁରୁଚାପ ବଳୟ ସକ୍ରିୟ ହୋଇପାରେ। ଏହା ପରଠାରୁ ରାଜ୍ୟ ବାୟୁମଣ୍ଡଳରେ ଗତ କିଛିଦିନ ହେଲା ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଦୁର୍ବଳ ହେବ। ଏଥିସହ ନଭେମ୍ବର ଆରମ୍ଭରୁ ରାଜ୍ୟରେ ଶୀତ ବଢ଼ିପାରେ। ସେହିପରି ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ କଟକ, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଅନୁଗୋଳ, ନୟାଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ଦେବଗଡ଼, ଗଞ୍ଜାମ ଓ ମାଲକାନଗିରି ଜିଲାର କିଛି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ ଓ ରାୟଗଡ଼ା ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉର୍ଦ୍ଧ୍ୱରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ କ୍ରମଶଃ ଦକ୍ଷିଣପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଏହି ଘୂର୍ଣ୍ଣିବଳୟ ଜଳୀୟବାଷ୍ପକୁ ଧରି ରଖୁଥିବାରୁ ରାଜ୍ୟରେ ତାପମାତ୍ରା କମୁନାହିଁ। ଏହା ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେବାରେ ବାଧା ସୃଷ୍ଟି କରୁଛି। ରାଜ୍ୟର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସ୍ଥାନରେ ଉଚ୍ଚ ତାପମାତ୍ରା ଅନୁଭୂତ ହେଉଛି। ମଙ୍ଗଳବାର ପୁରୀରେ ସର୍ବାଧିକ ୩୪.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହୋଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୮.୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏଥିସହ କେତେକ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା।



# ଲେଖକ ଲେଖନ୍ତୁ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) 'ଏ'ରେ ନାଗରିକର ଅଭିବ୍ୟକ୍ତି ସ୍ୱାଧୀନତା ଏକ ମୌଳିକ ଅଧିକାର ଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ବହୁ କ୍ଷେତ୍ରରେ ସେହି ଅଧିକାର ଭଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ରୋକ୍‌ଠୋକ୍ କହି ଦେଉଥିବା କିମ୍ବା ଲେଖିଦେଉଥିବା ବ୍ୟକ୍ତିଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡୁଛି ବା ସ୍ଥଳବିଶେଷରେ ତାଙ୍କର ଜୀବନ ନେଇ ନିଆଯାଉଛି। ୫ ସେପ୍ଟେମ୍ବର ୨୦୧୭ରେ ବେଙ୍ଗାଲୁରୁରେ ସାମ୍ବାଦିକା ତଥା ଲେଖିକା ଗୌରୀ ଲଙ୍କେଶଙ୍କୁ ଚରମ ଦକ୍ଷିଣପନ୍ଥୀ ହିନ୍ଦୁଙ୍କୁ ସମାଲୋଚନା କରି ଲେଖା ପ୍ରକାଶ କରିବାରୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଅଭିବ୍ୟକ୍ତି ସ୍ୱାଧୀନତାକୁ ବିରୋଧ ସହ ଅସହିଷ୍ଣୁତାର ଅନେକ ଉଦାହରଣ ମଧ୍ୟରୁ ଏହା ଗୋଟିଏ। ଏବେ ତାମିଲନାଡୁର ପେରିୟାର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦୁଇଟି ବହି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଲେଖିବା ହେତୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୁସ୍ତକ ଦୁଇଟି ହେଲା 'ପେରିୟାର୍ସ ବ୍ୟାଟଲଫିଲ୍ଡ' ଏବଂ 'ମାକାଉଲେ ୱାର୍ ଆନ୍ ଏନ୍‌ମି ଅଫ୍ କନଜରଭେଟିଭ୍ ଏଜୁକେଶନ'। ଏହା ଯଥାକ୍ରମେ ୨୦୨୨ ଓ ୨୦୨୩ରେ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ମାକାଉଲେ' ନାମରେ ସେ ୨୦୦୭ରେ ପ୍ରଥମେ ଏକ ବହି ଲେଖିଥିଲେ ଓ ୨୦୨୩ରେ ଏଥିରେ ୬୦ ପୃଷ୍ଠା ଅଧିକ ଯୋଡ଼ି ତାହାର ନାମ ପରିବର୍ତ୍ତନ କରିଥିଲେ। ତେବେ ପେରିୟାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତିକୁ ତାମିଲନାଡୁ ଫେଡେରେଶନ ଅଫ୍ ୟୁନିଭର୍ସିଟି ଫାକଲ୍ଟି ଆସୋସିଏଶନ ବିରୋଧ କରିବା ପରେ ଅଭିବ୍ୟକ୍ତି ସ୍ୱାଧୀନତାକୁ ନେଇ ସଦ୍ୟ ସମସ୍ୟା ଉପୁଜିଛି।

ଭାରତରେ ଗତ କିଛିବର୍ଷ ହେବ ବିଭିନ୍ନ କ୍ଷେତ୍ରରେ ଅସହିଷ୍ଣୁତା କାୟା ବିସ୍ତାର କରୁଥିବା ବାରମ୍ବାର ଦେଖିବାକୁ ମିଳୁଛି। ଜଣେ କ'ଣ ଖାଇବ, କି ପୋଷାକ ପରିଧାନ କରିବ, କେଉଁ ଧର୍ମ ଅବଲମ୍ବନ କରିବ, କେଉଁ ପ୍ରସଙ୍ଗ ଉପରେ ଲେଖିବ ତାହା ବ୍ୟକ୍ତିର ପସନ୍ଦ ଉପରେ ଛଡ଼ା ନ ଯାଇ ଶାସନ କରୁଥିବା ବର୍ଗ ଉପରେ ନିର୍ଭର କରୁଥିବା ଭଳି ମନେହେଉଛି। ବିଗତ ଦିନରେ ହୋଇଥିବା ଅନେକ ଲିଞ୍ଚିଂର ମୂଳକୁ ଲକ୍ଷ୍ୟ କଲେ କିମ୍ଭୂତକିମାକାର କାରଣ ଜଣାପଡ଼ିଛି। ଏବେ ସାମାଜିକ ବ୍ୟବସ୍ଥାକୁ ଦେଖିଲେ କେନ୍ଦ୍ର ହେଉ ବା ଅନେକ ରାଜ୍ୟ ସରକାରଙ୍କୁ ଯେଉଁ ବିଷୟ ସୁହାଉ ନାହିଁ ବୋଲି ହୃଦ୍‌ବୋଧ ହେଉଛି, ତାହାକୁ ସଙ୍ଗେ ସଙ୍ଗେ ହଟାଇ ଦେବା ଲାଗି ନିର୍ଦ୍ଦେଶ ଆସୁଛି। ସେହି ନିର୍ଦ୍ଦେଶକୁ ଅବମାନନା କଲେ ବ୍ୟକ୍ତି କିମ୍ବା ସଙ୍ଗଠନ ଦଣ୍ଡିତ ହେଉଛନ୍ତି। ଏହାର ଅର୍ଥ ବୁଝିବାକୁ ହେବ ଯେ ଗଣତନ୍ତ୍ରକୁ ଅନୁସରଣ କରୁଥିବା ଭାରତବର୍ଷରେ ବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ ହୋଇଯାଉଛି।

> **ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା।**

ଯିଏ ସରକାରଙ୍କୁ ସମର୍ଥନ କଲେ ସିଏ ସୁନା ପୁଅ ଓ ସବୁ ସୁବିଧା ପାଇବାକୁ ହକ୍‌ଦାର ଏବଂ ଯେଉଁମାନେ ପ୍ରତିବାଦ କଲେ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ବୈପିତୃକ ମନୋଭାବ ପୋଷଣ କରାଯାଉଛି। ପେରିୟାର ବିଶ୍ୱବିଦ୍ୟାଳୟ ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦ୍ରାବିଡୀୟ ସଂସ୍କାରକ ପେରିୟାର ଏବଂ ଭାରତରେ ଇଂଲିଶ ଶିକ୍ଷାର ପ୍ରଚଳନ କରିଥିବା ଲର୍ଡ ମାକାଉଲେଙ୍କୁ ଉପଲକ୍ଷ୍ୟ କରି ପୁସ୍ତକ ଲେଖିଛନ୍ତି। ସେଥିରେ ସେ ଯେଉଁ ଭାବନା ଯୋଡ଼ିଛନ୍ତି ତାହା ଉପରେ ତର୍ଜମା ହେବା ଦରକାର। ଓଡ଼ିଆରେ ଢଗ ଅଛି-'ଗୋଠ ମାତିଲେ ଖଣ୍ଡିଆ ମାତେ'। ଅର୍ଥାତ୍ ଥୋକେ ଗୋଟେ ବିଷୟକୁ ଯଦି ବିରୋଧ କଲେ ଆହୁରି ଅନେକ ଲୋକ ମୂଳ କଥାକୁ ନ ବୁଝି ଗୋଟେ 'ଘୋ'ରେ ମାତି ଯାଇଥାଆନ୍ତି। ଏଠାରେ ବହୁ ବିଷୟରେ ଉପଯୁକ୍ତ ଗବେଷଣା ବା ତର୍ଜମା ହୋଇ ନ ଥାଏ। ଜଣେ ଯଦି କୌଣସି ବିଷୟରେ ନୂଆ ଚିନ୍ତାଧାରା ଆଣିଛନ୍ତି ତାହା ଉପରେ କର୍ମଶାଳା, ସେମିନାର ଆଦି କରାଗଲେ କିଛି ଗୋଟେ ନିଷ୍କର୍ଷ ଆସିପାରନ୍ତା। ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା। ଏଭଳି ସ୍ଥଳେ ଆଫଗାନିସ୍ତାନର ଉଦାହରଣ ଦେଖାଯାଉ। ସେଠାରେ ତାଲିବାନ ଶାସକ ମହିଳାଙ୍କୁ ସମ୍ପୂର୍ଣ୍ଣ ଭାବେ ସାମାଜିକ ଜୀବନରୁ ଦୂରେଇ ଦେବା ସହିତ କଠୋର ଇସ୍‌ଲାମୀୟ ଚିନ୍ତାଧାରା ପୋଷଣ କରି ଭିନ୍ନ ମତଧାରୀଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରୁଛି। ଭାରତ ବହୁ ଊର୍ଦ୍ଧ୍ୱକୁ ଚିନ୍ତା କରିବା ଦରକାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 5 | 2 | | | | 4 | |
| 6 | | | 9 | | | | | 3 |
| | | 2 | 7 | | | | | 8 |
| | | 4 | 6 | | | | | |
| | | | | 1 | | | | |
| | 7 | | 4 | | | | | 1 |
| | | | 8 | | | | | 4 |
| 8 | 9 | 7 | | | | 2 | | |
| | 5 | | | | 7 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 8 | 6 | 3 | 2 | 1 | 5 | 9 |
| 9 | 6 | 5 | 7 | 1 | 8 | 3 | 2 | 4 |
| 3 | 2 | 1 | 5 | 9 | 4 | 8 | 6 | 7 |
| 8 | 1 | 6 | 4 | 7 | 5 | 2 | 9 | 3 |
| 7 | 9 | 4 | 2 | 6 | 3 | 5 | 8 | 1 |
| 2 | 5 | 3 | 9 | 8 | 1 | 7 | 4 | 6 |
| 5 | 8 | 9 | 1 | 4 | 7 | 6 | 3 | 2 |
| 6 | 3 | 7 | 8 | 2 | 9 | 4 | 1 | 5 |
| 1 | 4 | 2 | 3 | 5 | 6 | 9 | 7 | 8 |

ଗତକାଲିର ଉତ୍ତର

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କଥାରେ ଅଛି, ''ମରଣଠାରୁ ଘୋଷରା ବଳେ''। ଏହାର ଅର୍ଥ ହେଲା, ମୃତ୍ୟୁ ଅପେକ୍ଷା ଏହା ପୂର୍ବର ରୁଗ୍‌ଣ ତଥା ଶଯ୍ୟାଶାୟୀ ଜୀବନ ଅଧିକ ଯନ୍ତ୍ରଣାଦାୟକ। ଆମ ଅଧିକାଂଶଙ୍କୁ ତାହା ସହ୍ୟ କରିବାକୁ ହୁଏ। ଏପରିକି ବଞ୍ଚିବାର ଆଦୌ ସମ୍ଭାବନା ନ ଥିଲେ ହେଁ ଶରୀରର ଅଧିକାଂଶ ଅଙ୍ଗ ଅକର୍ମଣ୍ୟ ହେଲେ ଏବଂ ଏପରିକି ଚେତନାଶକ୍ତି ହରାଇ ସାରିଲା ପରେ ମଧ୍ୟ ଅନେକଙ୍କୁ ଦୀର୍ଘ ଦିନ ଧରି ବଞ୍ଚିବାକୁ ପଡ଼ିଥାଏ ଶେଷନିଃଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ। ପୁନଶ୍ଚ ଏ ଅବସ୍ଥାକୁ ଅଧିକ ସମ୍ପ୍ରସାରିତ କରିଛି ଆଧୁନିକ ବିଜ୍ଞାନ। ବିବିଧ ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତପ୍ରାୟ ଲୋକଙ୍କୁ ବଞ୍ଚେଇ ରଖାଯାଉଛି ଦୀର୍ଘକାଳ ଧରି। ଏହା ମୂଳରେ ରହିଛି ଆତ୍ମୀୟସ୍ୱଜନମାନଙ୍କ ଇଚ୍ଛା, ପାରମ୍ପରିକ, ନୈତିକ ବିଚାର ଏବଂ ଆମ ଆଇନ ବ୍ୟବସ୍ଥା, ଯାହାର ଏକ ଜଣାଶୁଣା ଉଦାହରଣ ହେଲା ମୁମ୍ବାଇର ଅରୁଣା ଶାନ୍‌ବାଗଙ୍କ କାହାଣୀ।

ଅରୁଣା ଥିଲେ ମୁମ୍ବାଇର କେଇଏମ୍ ହସ୍ପିଟାଲର ଜଣେ କାର୍ଯ୍ୟରତ ସେବିକା। ତାଙ୍କୁ ୧୯୭୩ ମସିହା ନଭେମ୍ବର ୨୭ ତାରିଖ ରାତ୍ରିରେ ଜଣେ କର୍ମଚାରୀ ଦୁଷ୍କର୍ମ କଲା ପରେ ହତ୍ୟା କରିବା ପାଇଁ ତାଙ୍କ ତଣ୍ଟିକୁ ଏକ ଲୁହା ଚେନ୍‌ରେ ଭିଡ଼ି ଧରିଥିଲା ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି ଭାବି ଛାଡ଼ି ଚାଲି ଯାଇଥିଲା। ସେହି ଦିନଠାରୁ ସେ ସଂଜ୍ଞାହୀନା ଅବସ୍ଥାରେ ପଡ଼ିରହୁଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା ବିଭିନ୍ନ ଜୀବନ ସହାୟକ ବ୍ୟବସ୍ଥା ମାଧ୍ୟମରେ, ୨୦୧୫ ମସିହାରେ ସେ ନିମୋନିଆରେ ମୃତ୍ୟୁବରଣ କଲା ପର୍ଯ୍ୟନ୍ତ। ଇତିମଧ୍ୟରେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ବଞ୍ଚାଇ ନ ରଖି ମୃତ୍ୟୁବରଣ କରିବାକୁ ଛାଡ଼ିଦେବାକୁ ୨୦୦୯ ମସିହାରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ ପିଙ୍କି ଭିରାନୀ ନାମକ ମୁମ୍ବାଇର ଜଣେ ସ୍ୱେଚ୍ଛାସେବୀ। ସେଥିରେ ସେ ଦର୍ଶାଇଥିଲେ, ଶାନ୍‌ବାଗଙ୍କୁ ସେପରି ଅବସ୍ଥାରେ ରଖିବା ତାଙ୍କର ସସମ୍ମାନେ ବଞ୍ଚିବା ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି। ତେବେ ଏ ଆବେଦନ ଖାରଜ ହୋଇଯାଇଥିଲା। ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ବିଚାରକରି ୨୦୧୧ରେ ପ୍ରଦତ୍ତ ରାୟରେ ଦର୍ଶାଇଥିଲେ ଯେ, ଶାନ୍‌ବାଗଙ୍କୁ ଜୀବନ ସହାୟକ ବ୍ୟବସ୍ଥା ଯୋଗାଇଥିବା ଏବଂ ତାଙ୍କର ଯତ୍ନ ନେଉଥିବା ହସ୍ପିଟାଲର କର୍ମଚାରୀ ଏଥିପ୍ରତି ଅନିଚ୍ଛା ପ୍ରକାଶ କରୁଥିବାରୁ ଏହାକୁ ଅନୁମତି ଦିଆଯାଇ ପାରିବ ନାହିଁ। ତଥାପି ଏଥିରେ ନ୍ୟାୟାଳୟ ଏଭଳି ନିଷ୍କ୍ରିୟଙ୍କ ସସମ୍ମାନେ ଇଚ୍ଛାମୃତ୍ୟୁ ଚିନ୍ତାଧାରାକୁ ସମର୍ଥନ କରିଥିଲେ ଏବଂ ସୂଚିତ କରିଥିଲେ ଯେ, ରୋଗୀକୁ ଏପରି ଅବସ୍ଥାରେ ବଞ୍ଚାଇ ରଖିବା



ଅପେକ୍ଷା ତା'ଠାରୁ ଚିକିତ୍ସା ବ୍ୟବସ୍ଥା ଏବଂ ଖାଦ୍ୟ ବା ଅମ୍ଳଜାନ ପ୍ରତ୍ୟାହାର କରାଯିବା ଅଧିକ ସ୍ପୃହଣୀୟ। ଏହାପରେ ୨୦୧୪ରେ ଉଚ୍ଚତମ ନ୍ୟାୟାଳୟର ଏକ ଖଣ୍ଡପୀଠ ଏପ୍ରକାର ଅନ୍ୟ ଏକ ମାମଲାର ଶୁଣାଣି କରି ଏହାକୁ ସାମ୍ବିଧାନିକ ବେଞ୍ଚର ପରାମର୍ଶ ପାଇଁ ପଠାଇବାକୁ ମତ ରଖିଥିଲେ। ଅତଏବ ୫ଜଣ ବିଚାରପତିଙ୍କୁ ନେଇ ଏହା ଗଠନ କରାଯାଇଥିଲା ଏବଂ ୨୦୧୮ରେ ଏହା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏଥିପାଇଁ ଅନୁମତି ଦେବାକୁ ମତ ଦେଇଥିଲେ ହେଁ ପାର୍ଲାମେଣ୍ଟ ଏହାର ବିଭିନ୍ନ ଦିଗ ବିଚାରକୁ ନେଇ ଉଚିତ୍ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଥିଲେ। ଏଣୁ ଏବେ(୨୦୨୪) ସେଥିପାଇଁ ସରକାର ମାର୍ଗଦର୍ଶିକାର ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଏହା ଲାଗି ପ୍ରସ୍ତୁତ ଖସଡ଼ା ବା ଡ୍ରାଫ୍ଟରେ ସୂଚିତ କରାଯାଇଛି ଯେ, ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ରଖାଯାଇଥିବା ଏବଂ ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ହୋଇଥିବା ରୋଗୀମାନଙ୍କର ଭେଣ୍ଟିଲେଟର ବିବିଧ ଅସ୍ତ୍ର ଚିକିତ୍ସା, କୃତ୍ରିମ ଉପାୟରେ ପୋଷଣ ବା ଅମ୍ଳଜାନ ଯୋଗାଣ ଆଦି ଜୀବନ ସହାୟକ ବ୍ୟବସ୍ଥାରୁ ଲାଭବାନ୍ ହେବାର ସମ୍ଭାବନା ଖୁବ୍ କମ୍। ଅନ୍ୟପକ୍ଷରେ, ଏପରି ଅବସ୍ଥାରେ ସେମାନଙ୍କ ଯତ୍ନ ନେବାର ଦାୟିତ୍ୱ ବଢ଼େ ଏବଂ ରୋଗୀଙ୍କ ଯନ୍ତ୍ରଣା ମଧ୍ୟ ବୃଦ୍ଧି ପାଇଥାଏ। ଅତଏବ ଏହା କରିବା କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ବରଂ ତାହା ପରିବାରବର୍ଗଙ୍କ ଭାବପ୍ରବଣଜନିତ ଚାପ ଏବଂ ଆର୍ଥିକ ଦୁର୍ଗତି ବଢ଼ାଇବାର କାରଣ ହୁଏ। ପୁନଶ୍ଚ ଏପରି ରୋଗୀଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ି ନେଇ ସସମ୍ମାନେ ମୃତ୍ୟୁବରଣ କରିବାକୁ ଦେବା ବିଶ୍ୱର ଅନେକ ଦେଶରେ ଆଇନଗତ ସ୍ୱୀକୃତି ଲାଭ କରିସାରିଲାଣି। ଏଣୁ ଆମ ଦେଶରେ ମଧ୍ୟ ତାହାକୁ ସ୍ୱୀକୃତି ଦେବା ସବୁ ଦୃଷ୍ଟିରୁ ଏବଂ ସମସ୍ତଙ୍କ ପାଇଁ ଉଚିତ ପଦକ୍ଷେପ ହେବ।

ଏହି ମାର୍ଗଦର୍ଶିକା ଅନୁଯାୟୀ, ରୋଗୀଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ିନେବା ଉଚିତ କି ନୁହେଁ, ତାହା ପ୍ରଥମେ ବିଚାର କରିବାକୁ ଏକ ପ୍ରାଥମିକ ମେଡିକାଲ ବୋର୍ଡ ଗଠନ କରାଯିବ। ଏହାର ସଦସ୍ୟ ରହିବେ ରୋଗୀର ଜଣେ ଚିକିତ୍ସକ ଏବଂ ୫ ବର୍ଷରୁ ଅଧିକ ଅନୁଭୂତିସମ୍ପନ୍ନ ଦୁଇ ଜଣ ବିଶେଷଜ୍ଞ। ତତ୍ପରେ ଏହାର ମତାମତକୁ ଅଧିକ ପରୀକ୍ଷାନିରୀକ୍ଷା କରିବା ଲାଗି ଅନ୍ୟ ଏକ ଦ୍ୱିତୀୟ ମେଡିକାଲ ବୋର୍ଡକୁ ପଠାଯିବ, ଯାହାକି ଗଠିତ ହେବ ଜଣେ ଅନୁଭୂତିସମ୍ପନ୍ନ ଡାକ୍ତର ଏବଂ ଦୁଇଜଣ ବିଶେଷଜ୍ଞଙ୍କୁ ନେଇ। ପ୍ରଥମ ମେଡିକାଲ୍ ବୋର୍ଡର କୌଣସି ସଦସ୍ୟଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ ନାହିଁ। ତତ୍ପରେ ରୋଗୀଟି ଚିକିତ୍ସିତ ହେଉଥିବା ଚିକିତ୍ସାଳୟ ଚାହିଁଲେ ଏଥିପାଇଁ ନୈତିକ କମିଟିଟିଏ ଗଠନ କରିପାରିବ, ଯାହାକି ଏହାର ଏ ଦିଗ ମଧ୍ୟ ଅନୁଧ୍ୟାନ କରିବ। ରୋଗୀ ନିଜେ କିମ୍ବା ସେ ସମ୍ପୂର୍ଣ୍ଣ ଅଚେତନ ଥିଲେ ତାଙ୍କ ପରିବାରବର୍ଗଙ୍କ ସମ୍ମତିରେ ଏସବୁ ପଦକ୍ଷେପ ନିଆଯିବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବେ ଏ ସମ୍ପର୍କରେ ଜନମତ ଲୋଡ଼ିଛି। କାହାରି କିଛି ମତାମତ ଥିଲେ ତାହା ଜଣାଇବା ପାଇଁ ଅନୁରୋଧ କରାଯାଇଛି। ତା'ହେଲେ ଆଇନ ପ୍ରଣୟନ ହେବା ପୂର୍ବରୁ ଏକ ବିଶେଷଜ୍ଞ କମିଟି ଦ୍ୱାରା ସେସବୁ ବିଚାରକୁ ନିଆଯାଇପାରିବ। ଏ ପ୍ରକାର ତଥାକଥିତ ''ସସମ୍ମାନେ ଇଚ୍ଛାମୃତ୍ୟୁ''କୁ ଅନେକ ଦେଶରେ ଆଇନସମ୍ମତ କରାଯାଇଛି। ସ୍ୱିଜରଲାଣ୍ଡ ହେଲା ସେଗୁଡ଼ିକ ମଧ୍ୟରେ ସବୁଠାରୁ ଅଗ୍ରଣୀ। ଏହା ୧୯୪୨ ମସିହାରୁ ଏହାକୁ ସ୍ୱୀକୃତି ପ୍ରଦାନ କରିଛି। ସେହିପରି କାନାଡା, ନେଦରଲାଣ୍ଡସ୍, ବେଲ୍‌ଜିୟମ, ଲକ୍‌ସମବର୍ଗ, ନ୍ୟୁଜିଲାଣ୍ଡ, ସ୍ପେନ, କଲମ୍ବିଆ, ଅଷ୍ଟ୍ରିୟା, ଅଷ୍ଟ୍ରେଲିଆର କେତେକ ରାଜ୍ୟ ଏବଂ ଆମେରିକାର ୧୧ଟି ରାଜ୍ୟରେ ଏହା ଆଇନସମ୍ମତ। ଏହାକୁ କୁହାଯାଉଛି ''ଡାକ୍ତରଙ୍କ ସହାୟତାରେ ଇଚ୍ଛାମୃତ୍ୟୁ''। ଏଥିରେ ବଞ୍ଚିବାର ଆଦୌ ସମ୍ଭାବନା ନ ଥିବା ରୋଗୀର କିମ୍ବା ତା'ର ଆତ୍ମୀୟସ୍ୱଜନଙ୍କ ଅନୁରୋଧକ୍ରମେ ତାଙ୍କୁ ଜୀବନଘାତକ ଔଷଧ ଦେବାକୁ ଏବଂ ତାଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥାମାନ କାଢ଼ିନେବାକୁ ଡାକ୍ତରମାନଙ୍କୁ କୁହାଯାଇଥାଏ। ଅନ୍ୟପକ୍ଷରେ, ଇଂଲଣ୍ଡ, ୱେଲ୍‌ସ ଏବଂ ଉତ୍ତର ଆୟର୍ଲାଣ୍ଡରେ ଏହା ବେଆଇନ। ସେଠାରେ ପ୍ରଚଳିତ ''ଦ ସୁଇସାଇଡ୍ ଆକ୍ଟ-୧୯୬୧'' ଅନୁସାରେ ଏଥିରେ ସହାୟତା କରୁଥିବା କିମ୍ବା ଏହାକୁ ଉତ୍ସାହିତ କରୁଥିବା ଲୋକଙ୍କୁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସେଥିପାଇଁ ଏଠାରୁ ଡାକ୍ତରୀ ପ୍ରମାଣପତ୍ର ଧରି ''ସସମ୍ମାନେ ଇଚ୍ଛାମୃତ୍ୟୁ'' ଚାହୁଁଥିବା କିଛି ରୋଗୀ ତାହା କରିବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଚାଲିଯିବାର ଦେଖାଯାଉଛି। ଏସବୁ ଦୃଷ୍ଟିରୁ ବିଚାରକଲେ, ବର୍ତ୍ତମାନ ଆମ ଦେଶରେ ଅନ୍ତିମ ସମୟ ଅପେକ୍ଷାରେ ଥିବା ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ରୋଗୀଙ୍କ ''ସସମ୍ମାନେ ଇଚ୍ଛାମୃତ୍ୟୁ'' ପାଇଁ ଆଇନ ପ୍ରଣୟନ କରିବା ଦିଗରେ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

# କଏଦୀ ନମ୍ବର-୬୨୬୭୧୦



ଜନାର୍ଦ୍ଦନ ପତି

ଜେଲ ଭିତରେ ବନ୍ଦୀ ଥିବା ସବୁ ମଣିଷ କ'ଣ ଅପରାଧୀ? ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅପରାଧୀ ବୋଲି ଶାସକ ଶ୍ରେଣୀର ରାଷ୍ଟ୍ରର ପୋଲିସ ଓ ମିଲିଟାରୀ ପକ୍ଷରୁ ଅଭିଯୋଗ କରାଯାଇଥାଏ। ସେଭଳି ଅନେକ ଘଟଣା ମଧ୍ୟରୁ ଗୋଟିଏ ଘଟଣା ଘଟିଥିଲା ଜର୍ମାନରେ। ନାଜି ନେତା ହିଟ୍‌ଲର ୧୯୩୩ ଜାନୁଆରୀ ୩୦ରେ କ୍ଷମତା ହାସଲ କଲାପରେ ଗୁପ୍ତଘାତକ ଏଜେଣ୍ଟ ଦ୍ୱାରା ଜର୍ମାନ ପାର୍ଲାମେଣ୍ଟରେ ନିଆଁ ଲଗାଇ ଦେଲା ଓ ଏହି ଅଭିଯୋଗରେ ବୁଲ୍‌ଗେରିଆର କମ୍ୟୁନିଷ୍ଟ ନେତା ଜର୍ଜ ଡିମିଟ୍ରଭ ଗିରଫ ହେଲେ ଏବଂ ଜର୍ମାନ କମ୍ୟୁନିଷ୍ଟ ପାର୍ଟିକୁ ବେଆଇନ ଘୋଷଣା କରାଗଲା। ଡିମିଟ୍ରଭ କୌଣସି ଓକିଲ ନିଯୁକ୍ତ ନ କରି ନିଜେ ନିଜ ମାମଲାକୁ ଲଢ଼ିଲେ। ଏକ ଶତ୍ରୁ ଦେଶରେ ଅଦାଲତରେ ସେ ଦେଶର ପ୍ରଧାନମନ୍ତ୍ରୀ ଗୋରିଂଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରି, ନାଜି ସରକାରକୁ କାଠଗଡ଼ାରେ ଠିଆ କରାଇ ନିଜେ ମୁକ୍ତି ପାଇଥିଲେ। କୋର୍ଟରୁ ମୁକ୍ତ ହେବା ପରେ ବି ହିଟ୍‌ଲର ସରକାର ତାଙ୍କୁ ଖଲାସ କରି ନ ଥିଲା। ସୋଭିଏଟ୍ ୟୁନିୟନର ହସ୍ତକ୍ଷେପ ପରେ ସେ ମୁକୁଳି ଥିଲେ।

ଆଉ ଏକ ଘଟଣା। କ୍ୟୁବାର ତତ୍କାଳୀନ ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ପାର୍ଲାମେଣ୍ଟ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ମାତ୍ର ଏକଛତ୍ରବାଦୀ ଶାସକ ବାଟିଷ୍ଟା ନିର୍ବାଚନକୁ ବାତିଲ କରିଦେଲେ। କାଷ୍ଟ୍ରୋଙ୍କ ନେତୃତ୍ୱରେ ଗଠିତ ଜୁଲାଇ ୨୬ କମିଟି ପକ୍ଷରୁ ବାଟିଷ୍ଟା ସରକାରର ମିଲିଟାରୀ ଗ୍ୟାରିସନ ଉପରେ ବିଦ୍ରୋହୀମାନେ ଆକ୍ରମଣ କଲେ, ମାତ୍ର ପରାସ୍ତ ହେଲେ। କାଷ୍ଟ୍ରୋ ଓ ତାଙ୍କ ସାଥୀମାନେ ଗିରଫ ହୋଇ ଅଦାଲତରେ ନିଜର ବୟାନ ଦେଇଥିଲେ। ରାଷ୍ଟ୍ରଦ୍ରୋହ ଅପରାଧରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆ ନ ଯାଇ ଜେଲଦଣ୍ଡ ଦିଆଯାଇଥିଲା ଓ କେଇବର୍ଷ ପରେ ସେ ଖଲାସ ହୋଇଥିଲେ। କାଷ୍ଟ୍ରୋ ଅଦାଲତରେ କହିଥିଲେ- 'ଇତିହାସ ମୋତେ ଦୋଷମୁକ୍ତ କରିବ।' ଫିଡେଲ ତା'ପରେ ଗଣବିପ୍ଳବ ଜରିଆରେ ବାଟିଷ୍ଟାଙ୍କୁ ଗାଦିଚ୍ୟୁତ କରିବା ପୂର୍ବରୁ ବାଟିଷ୍ଟା ଦେଶ ଛାଡ଼ି ପଳାଇଲେ।

୧୯୭୧ରେ ଶ୍ରୀଲଙ୍କାରେ ଆଉ ଏକ ଘଟଣା ଘଟିଥିଲା। ଜନତା ଭିମୁକ୍ତି ପେରାମୁନା ପକ୍ଷରୁ ସଶସ୍ତ୍ର ବିଦ୍ରୋହରେ ପ୍ରାୟ ପାଞ୍ଚହଜାର ଲୋକ ମୃତ୍ୟୁବରଣ କରିଥିଲେ। ବିପ୍ଳବୀମାନଙ୍କର ନେତା ରୋହନ ୱେଜେୱାରା ଅଦାଲତରେ ବିଚାରବେଳେ ଘୋଷଣା କରିଥିଲେ ଯେ, ମୁଁ କଏଦୀ ନଂ-୧୩୧, ମୁଁ ଜଣେ ବିପ୍ଳବୀ, ମୁଁ ଦେଶଦ୍ରୋହୀ ନୁହେଁ କି ଆତଙ୍କବାଦୀ ନୁହେଁ। ସେ କହିଲେ, ଜଣେ ବିପ୍ଳବୀ କେବେହେଲେ ଦେଶଦ୍ରୋହୀ ବା ଆତଙ୍କବାଦୀ ହୋଇପାରେନା।

ଆମ ଦେଶରେ ବ୍ରିଟିଶ ସରକାର ଶାସନ ଚାଲିଥିବାବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀମାନଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଥିଲା। ୨୦୧୪ ପରେ ଦେଶରେ ବେଶି ଲୋକଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଛି। ତେବେ କଏଦୀ ନମ୍ବର-୬୨୬୭୧୦ଙ୍କୁ ଜାଣିବା ଦରକାର। ଦିଲ୍ଲୀର ତିହାର ଜେଲରେ ବିଚାରାଧୀନ ବନ୍ଦୀ ଉମର ଖଲିଦ୍ ହେଉଛନ୍ତି କଏଦୀ ନମ୍ବର-୬୨୬୭୧୦। ୨୦୨୦, ସେପ୍ଟେମ୍ବର ୧୪ରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ୟୁ.ଏ.ପି.ଏ. ଆଇନ ବଳରେ ଗିରଫ କରି ଜେଲରେ ରଖିଛି। ଦୀର୍ଘ ଚାରିବର୍ଷ ଧରି ତାଙ୍କ ବିରୋଧରେ



ବିଚାର ଆରମ୍ଭ କରାଯାଉନାହିଁ କି ଜାମିନରେ ଛାଡି ଦିଆଯାଉନାହିଁ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି. ପାଇଥିବା ଉମର ଖଲିଦ୍ ଜଣେ ଛାତ୍ର ନେତା ଥିଲେ। ଜେଏନ୍‌ୟୁ ଛାତ୍ର ୟୁନିୟନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଆଗୁଆ ଥିଲେ। ତାଙ୍କୁ ଷଡ଼ଯନ୍ତ୍ର କରି ଗିରଫ କରାଯାଇଛି।

ସି.ଏ.ଏ. ଆଇନ-୨୦୧୯ ବିରୋଧରେ ଦିଲ୍ଲୀର ଜାଫ୍ରାବାଦରେ ମହିଳାମାନଙ୍କ ଶାନ୍ତିପୂର୍ଣ୍ଣ ଧାରଣାକୁ ହଟାଇବାକୁ ଭାଜପା ନେତା କପିଳ ମିଶ୍ର ଘୋଷଣା କରିବା ପରେ, ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେଲା। ଫେବୃଆରୀ ୨୩ ରୁ ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେବାପରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟାଗଲା ଓ ୫୩ ଜଣଙ୍କ ମୃତ୍ୟୁ ଘଟିଲା। ତହିଁରୁ ୨/୩ ଅଂଶ ଲୋକ ମୁସଲମାନ। ସ୍ଥାନୀୟ ହିନ୍ଦୁ ଓ ମୁସଲମାନ ଏଥିରେ ପ୍ରାୟତଃ ସଂପୃକ୍ତ ନ ଥିଲେ। ଭାରତରେ ଯେତେ ସାଂପ୍ରଦାୟିକ ଦଙ୍ଗା ଘଟିଛି ଓ ସେ ସମ୍ପର୍କରେ ଯେତେ ତଦନ୍ତ କମିଶନ ବସିଛି, ସେସବୁ କମିଶନ ସଂଖ୍ୟାଗରିଷ୍ଠ ସଂପ୍ରଦାୟର ହିଂସ୍ରକମାନଙ୍କୁ ଦାୟୀ କରିଛନ୍ତି। ଏହି ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଉମର ଖଲିଦ୍‌ଙ୍କୁ ପୋଲିସ ଅଭିଯୁକ୍ତ କରିଛି। ଏହି ଦଙ୍ଗା ଘଟଣାରେ ୭୦୦ ଏଫ୍.ଆଇ.ଆର. ପୋଲିସ ଗ୍ରହଣ କରିଥିଲା ଓ ପ୍ରାୟ ୨୫୦୦ ଲୋକଙ୍କୁ ଗିରଫ କରିଥିଲା ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ମୁସଲମାନ ଥିଲେ।

ଆମ ଦେଶରେ ଗୋଟାଏ ପରେ ଗୋଟାଏ ଭୟଙ୍କର ଓ କଠୋର ଦମନମୂଳକ ଆଇନ ଗ୍ରହଣ କରାଯାଉଛି। ଟାଡା ଆଇନ, ପୋଟା ଆଇନ, ୟୁ.ଏ.ପି.ଏ. ଆଇନ ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ଜଣେ ଅଭିଯୁକ୍ତକୁ ୧୭ବର୍ଷ ଜେଲରେ ରଖିବା ପରେ ଅଦାଲତ ତାଙ୍କୁ ନିର୍ଦ୍ଦୋଷ ବୋଲି କହିଛି। ଉମର ଖଲିଦ୍ ୨୦୧୬ରେ ଦେଶଦ୍ରୋହ ଅଭିଯୋଗରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଗିରଫ ହୋଇଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ସେହି ବର୍ଷ ଜାମିନରେ ଖଲାସ କରିଥିଲା। ମାତ୍ର ପୁଣି ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ଗିରଫ ପରେ ତାଙ୍କ ବିରୋଧରେ ଅନେକ ହଜାର ପୃଷ୍ଠାରୁ ଅଧିକ ପୃଷ୍ଠାର ଚାର୍ଯଶିଟ୍ ଦାଖଲ କରାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ ଅନେକ ହଜାର ପୃଷ୍ଠାର ଡାଟା ଉପରେ ତାଙ୍କୁ ଉତ୍ତର ଦେବାକୁ ହେବ। ବୋଧହୁଏ ଏ ବିଚାର ତାଙ୍କର ଜୀବନକାଳ ମଧ୍ୟରେ ଶେଷ ହେବ ନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟ ଯେ, ସୁପ୍ରିମକୋର୍ଟ କିଭଳି ଏ ଘଟଣା ପ୍ରତି ଆଖି ବୁଜି ଦେଇଛନ୍ତି। ଅଦାଲତରେ ତାଙ୍କର ବିଚାର ଆରମ୍ଭ ହେଉନାହିଁ କାହିଁକି? ଶୀର୍ଷ ଅଦାଲତ କାହିଁକି ନିର୍ଦ୍ଦେଶ ଦେଉନାହାନ୍ତି ବିଚାର ଆରମ୍ଭ କରିବାକୁ। ବାସ୍ତବରେ ଖଲିଦ୍ ସାମ୍ବିଧାନିକ ଅଧିକାର ବଳରେ ସି.ଏ.ଏ.କୁ ବିରୋଧ କରିଥିଲେ। ସାମ୍ବିଧାନିକ ଅଧିକାରଭୁକ୍ତ ପ୍ରକ୍ରିୟାରେ ପ୍ରତିବାଦ କରିବାକୁ ଆତଙ୍କବାଦୀ, ଦଙ୍ଗାକାରୀ ଓ ଦେଶଦ୍ରୋହୀ ବୋଲି ପୋଲିସ ଅଭିଯୋଗ ଆଣିଲାବେଳେ ବିଚାର ବିଭାଗ ନୀରବ କାହିଁକି?

ଉମର ଖଲିଦ୍‌ଙ୍କ କାରାବାସ ପଞ୍ଚମ ବର୍ଷରେ ପହଞ୍ଚିଛି। ତାଙ୍କୁ କୌଣସି ଅଦାଲତ ଦୋଷୀ ବୋଲି ଘୋଷଣା କରିନାହିଁ। ମାତ୍ର ତାଙ୍କୁ ଜାମିନ ମିଳୁନାହିଁ। କଏଦୀ ନମ୍ବର-୬୨୬୭୧୦ଙ୍କୁ କେବେ ସ୍ୱାଧୀନ ଭାରତର ନ୍ୟାୟ ବ୍ୟବସ୍ଥା ନ୍ୟାୟ ଦେବ?

**ମୋ:୯୪୩୭୦୦୭୭୭୦**

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ କାରଣରୁ ଅନିୟମିତ ବର୍ଷା ଓ ରୋଗପୋକ ପ୍ରାଦୁର୍ଭାବ ବଢ଼ିବା ହେତୁ ଅମଳ କମୁଛି। ଏହି ସମସ୍ୟା ଦୂର କରିବା ଲାଗି ଆସାମରେ ନିଲମ୍ ଦତ୍ତ ଚେଷ୍ଟା ଜାରି ରଖିଛନ୍ତି। ସେ 'ପାଓ୍ୱାହି ଗ୍ରିନ୍' କମ୍ପାନୀ ଗଠନ କରି ଜଳବାୟୁ ପରିବର୍ତ୍ତନ ସହନୀୟ ବିହନର ସଂରକ୍ଷଣ କରିବା ସହ ଚାଷ ଲାଗି କୃଷକମାନଙ୍କୁ ଉତ୍ସାହିତ କରିଆସୁଛନ୍ତି। ବଡ଼ କଥା ହେଉଛି ସେ ଉତ୍ତର-ପୂର୍ବ ଭାରତର ୨୪ ହଜାର କୃଷକଙ୍କୁ ଜୈବିକ ଚାଷ ଓ ବିହନ ସଂରକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ନିଲମ ୧୮ ଏକର ଜମିରେ ଜୈବିକ ଚାଷ କରୁଛନ୍ତି ଓ ବିଲୋପ ହେବାକୁ ବସିଥିବା ବିହନ ଉତ୍ପାଦନ କରୁଛନ୍ତି। ନିଲମ୍ ତାହାର ସଂରକ୍ଷଣ କରି କୃଷକମାନଙ୍କୁ ଯୋଗାଉଛନ୍ତି। ଫଳରେ କୃଷକମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା ପୂର୍ବକ ପାରମ୍ପରିକ ବିହନରେ ଚାଷ କରି ଅଧିକ ଲାଭ ପାଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ୧୫ ବର୍ଷ ମଧ୍ୟରେ ନିଲମ୍ ୮୦୦ ପ୍ରକାରର ପନିପରିବା ଓ ୨୦୦ କିସମର ଧାନ ବିହନ ସଂରକ୍ଷଣ କରିପାରିଛନ୍ତି। କେବଳ ଏତିକି ନୁହେଁ, ପ୍ରତିବର୍ଷ ସେ ବିହନ ଶସ୍ତାରେ କୃଷକମାନଙ୍କୁ ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଅକ୍ଟୋବର ୧୯୭୫**

- ବମ୍ବେ ସମୁଦ୍ର ଗର୍ଭର ପଶ୍ଚିମ ଓ ଉତ୍ତର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳର ୨୦ ହଜାର ବର୍ଗ କିଲୋମିଟର ପରିମିତ ସ୍ଥାନରେ ତୈଳ ଅନୁସନ୍ଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂଆ ପରିକଳ୍ପନା ହାତକୁ ନିଆଯାଇଛି।
- ନିଭେଦା ମରୁଭୂମି ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକା ଭୂମି ତଳେ ଏକ ପରମାଣୁ ବୋମା ପରୀକ୍ଷା କରିଛି।
- ଆମେରିକା ମିଶରକୁ ୯ କୋଟି ୮୧ ଲକ୍ଷ ଡଲାର ମୂଲ୍ୟର ଗହମ, କପା ଓ ଧୂଆଁପତ୍ର ସାହାଯ୍ୟ କରିବା ନେଇ ୪ଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ!
-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଟେରି ରିସାଇକ୍ଲିଂ ଏକ ଆହ୍ୱାନ

ମହାଶୟ,

ଭାରତରେ ବୈଦ୍ୟୁତିକ ଯାନ(ଇଭି)ର ଗ୍ରହଣୀୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଇଭିର ଏକ ମୁଖ୍ୟ ଅଂଶ ହେଲା ଲିଥିୟମ-ଆୟନ ବ୍ୟାଟେରି। ବ୍ୟାଟେରିଗୁଡ଼ିକର ଜୀବନଚକ୍ର ସମାପ୍ତ ହେବା ପରେ ଏହା ବୈଦ୍ୟୁତିକ ବର୍ଜ୍ୟ (ଇ-ବର୍ଜ୍ୟ)ରେ ପରିଣତ ହୋଇ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ। ଲିଥିୟମ-ଆୟନ ବ୍ୟାଟେରି ରିସାଇକ୍ଲିଂ ପ୍ରକ୍ରିୟା ଜଟିଳ, ବ୍ୟୟବହୁଳ ଏବଂ ଅଧିକ ଶକ୍ତି ଆବଶ୍ୟକ କରିଥାଏ। ଭାରତରେ ଉତ୍ପନ୍ନ ବାର୍ଷିକ ପ୍ରାୟ ୨ ନିୟୁତ ଟନ୍ ଇ-ବର୍ଜ୍ୟ ମଧ୍ୟରୁ ପ୍ରାୟ ୩୦% ରିସାଇକ୍ଲିଂ ହୋଇପାରିଥାଏ ଏବଂ ଅବଶିଷ୍ଟ ପରିବେଶକୁ କ୍ଷତି କରି ଚାଲିଛି। ଏହିଭଳି ଧାରା ଲାଗି ରହିଲେ ସ୍ୱଚ୍ଛ ପରିବେଶ ପାଇବା କଷ୍ଟକର ହୋଇପଡ଼ିବ। ଏହି ପରିପ୍ରେକ୍ଷୀରେ, ଉନ୍ନତ ବ୍ୟାଟେରି ରିସାଇକ୍ଲିଂ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି ଆଧାରିତ ବ୍ୟାଟେରି ଏବଂ ବ୍ୟାଟେରିର ଜୀବନଚକ୍ର ବୃଦ୍ଧି ଆଦି ଦିଗରେ ଗବେଷଣା ଅପରିହାର୍ଯ୍ୟ।

**- ନବନୀତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜଳବାୟୁ ପରିବର୍ତ୍ତନ ଉପରେ କର୍ମଶାଳା**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବଲାଙ୍ଗୀର ୱାସିଡିଏ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଶଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଆରପି,ଏମବିକେ,ପଞ୍ଚାୟତ ପ୍ରତିନିଧି,ବନ ସୁରକ୍ଷା ସମିତି,ଶିକ୍ଷାବିତ ,ଚାଷୀଙ୍କ ସମେତ ବିଭିନ୍ନ ବର୍ଗରେ ଲୋକ ସାମିଲ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତା ବନସୁରକ୍ଷା ସମିତି ସଭାପତି ସୋମନାଥ ପଟେଲ ,ଜଳବାୟୁ ପରିବର୍ତ୍ତନର ମୁକାବିଲା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାକୁ ବାହାଦୁର ଷାଣ୍ଡଙ୍କ ସଂଯୋଜନା କରିଥିବା ବେଳେ ଶୋଭାଗିନୀ ରାଜହଂସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



**ସଂକ୍ଷେପରେ**

## ପାରମ୍ପରିକ ଖାଦ୍ୟ ଓ କୃଷି ଉପରେ ଗୁରୁତ୍ୱ

**ବ୍ଲକସ୍ତରୀୟ ଖାଦ୍ୟମେଳା**

ଖପ୍ରାଖୋଲ,୨୯।୧୦(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଶ୍ରୀ ଅନ୍ନ ଅଭିଯାନ ଓ କୃଷି ବିଭାଗର ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ଖାଦ୍ୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ଓୟୁଏଟି ଛାତ୍ରୀ ବର୍ଷାରାଣୀ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ଷୁଦ୍ର ଶସ୍ୟ ଚାଷ, ପୁରାତନ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହେବା ସହିତ ଜୈବିକ ପଦ୍ଧତିରେ କୃଷି, ପାରମ୍ପରିକ ଖାଦ୍ୟ ଓ କୃଷି ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ପରେ ବିଲୁପ୍ତ ପ୍ରାୟ ବିଭିନ୍ନ ଦେଶୀ ବିହନ, ଦେଶୀ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଭୋଜରାଜ ବରିହା, ସୁନିଲ ହୋତାଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

# ୧୯ ଦାଦନ ଶ୍ରମିକ, ୫ ଶିଶୁ ଉଦ୍ଧାର

ପାଟଣାଗଡ଼,୨୯।୧୦(ସଚ୍ଚିଦାନନ୍ଦ ମହାକୁର)

ସୋମବାର ରାତିରେ ବଲାଙ୍ଗୀର ଜିଲାର ପାଟଣାଗଡ ବସଷ୍ଟାଣ୍ଡ ଉପରେ ପୋଲିସ ଚଢାଉ କରି ୧୯ ଜଣ ଦାଦନ ଶ୍ରମିକ ଓ ୫ ଜଣ ଶିଶୁଙ୍କୁ ଉଦ୍ଧାର କରିଛି । ଦାଦନ ଶ୍ରମିକଙ୍କ ମଧ୍ୟରେ ୧୩ ଜଣ ପୁରୁଷ ଓ ୬ ଜଣ ମହିଳା ଅଛନ୍ତି । ଏହି ଘଟଣାରେ ମୁଖ୍ୟ ଦଲାଲ ପାଟଣାଗଡର ଗୁଣ ବିଶିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଘଟଣାଦିନ ରାତି ପ୍ରାୟ ୯ ଟା ସମୟରେ ପାଟଣାଗଡ ବସଷ୍ଟାଣ୍ଡ ଭିତରେ କେତେଜଣ ମହିଳା, ପୁରୁଷ ଓ ଶିଶୁ ଏକାଠି ବସିଥିବା ନେଇ ପାଟଣାଗଡ ଥାନା ଅଧିକାରୀଙ୍କୁ ସୂଚନା ମିଳିଥିଲା। ଥାନାଅଧିକାରୀ ହରିବନ୍ଧୁ ଗଡତ୍ୟା ସଦଳବଳେ ସେଠାରେ ପହଞ୍ଚି ସେମାନଙ୍କୁ ପଚରାଉଚରା କରିଥିଲେ।


ଉଦ୍ଧାର ହୋଇଥିବା ଶ୍ରମିକ ଓ ଶିଶୁ।

ଶ୍ରମିକମାନେ ପୋଲିସ ଭୟରେ ୨ ଜଣ ଦଲାଲ ସେମାନଙ୍କୁ କିଛି ଅଗ୍ରିମ ଟଙ୍କା ଦେଇ ତେଲେଙ୍ଗାନାକୁ ନେଉଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାପରେ ପୋଲିସ ୧୯ ଜଣ ଦାଦନ ଶ୍ରମିକଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କରିଥିଲା। ଏହି

**ମୁଖ୍ୟ ଦଲାଲ ଗିରଫ**

ଶ୍ରମିକମାନେ ପାଟଣାଗଡ ବରପଡା, ଜଲବନ୍ଧପଡା, ଭାଟିସାଲପଡା, ଚିତାଡୁଙ୍ଗୁରି ଓ ଦଲଦଲି ଗାଁର ବୋଲି ପୋଲିସ ଜାଣିବାକୁ ପାଇଥିଲା। ମୁଖ୍ୟ ଦଲାଲ ଗୁଣ ଓ ତାଙ୍କର ଜଣେ ସହଯୋଗୀ ଶ୍ରମିକମାନଙ୍କୁ ବିନା କାଗଜପତ୍ରରେ ପାଟଣାଗଡରୁ ବସ ଯୋଗେ କଣ୍ଟାବାଞ୍ଜି ଓ ସେଠାରୁ ଟ୍ରେନ ଯୋଗେ ତେଲେଙ୍ଗାନାକୁ ନେଉଥିବା ଜଣାପଡିଥିଲା। ପୋଲିସ ଗୁଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ସହଯୋଗୀ କୌଶଳକ୍ରମେ ବସଷ୍ଟାଣ୍ଡରୁ ଫେରାର ହୋଇଯାଇଛନ୍ତି। ପୋଲିସ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଘରେ ପହଞ୍ଚାଇ ଦେଇଥିବା ଥାନା ଅଧିକାରୀ ଗଡତ୍ୟା ସୂଚନା ଦେଇଛନ୍ତି।

## ୮ ଦାଦନ ଶ୍ରମିକ ଉଦ୍ଧାର: ଦଲାଲ କୋର୍ଟ ଚାଲାଣ


ଉଦ୍ଧାର ଦାଦନ ଶ୍ରମିକ।

ବେଲପଡା,୨୯।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପୋଲିସ ସୋମବାର ରାତିରେ ୮ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଦଲାଲଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ,ଭରୁଆପାଲି ଗାଁର ଚିତ୍ରସେନ ହରପାଲ ନିକଟରେ ଥିବା ଭୁଟୁଙ୍ଗପଡା ଗ୍ରାମରୁ ୫ ଜଣ ପୁରୁଷ ଓ ୩ ଜଣ ମହିଳା ଶ୍ରମିକଙ୍କୁ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ସଂପୃକ୍ତ ଦଲାଲ ଜଣକ ସମସ୍ତ ଶ୍ରମିକଙ୍କୁ ଏକ ବୋଲେରୋ ଯୋଗେ ତୁରେକେଲା ରେଳ ଷ୍ଟେଶନକୁ ନେଉଥିବା ବେଳେ ସୂଚନା ପାଇ ପୋଲିସ ଝାକ୍ରିପାଲି ଗ୍ରାମ ନିକଟରେ ଅଟକାଇ ପଚରାଉଚରା କରିଥିଲା। ସେଠାରେ ଦଲାଲ ଜଣକ ଶ୍ରମିକ ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସଂପୃକ୍ତ ଦଲାଲ ଓ ଦାଦନ ଶ୍ରମିକଙ୍କୁ ପୋଲିସ ଥାନାକୁ ଆଣିଥିଲା। ଏ ନେଇ ବେଲପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜିଲା ବିଦ୍ୟାଳୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲ ଚାମ୍ପିୟନଶିପ୍

ଗୁଡ଼ଭେଲା,୨୯।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ବିଦ୍ୟାଳୟସ୍ତରୀୟ ରଗବୀ ଫୁଟବଲ ଚାମ୍ପିୟନଶିପ-୨୦୨୪ ମଙ୍ଗଳବାର ତୁଷୁରା ସହରସ୍ଥିତ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ୭ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ ବୟସ ବର୍ଗର ବାଳକ ବିଭାଗରେ ବଲାଙ୍ଗୀର, ପୁଇଁନ୍ତଲା, ମୁରିବାହାଲ ଓ ଗୁଡଭେଲା ବ୍ଲକର ଛାତ୍ରମାନେ ଅଂଶ ଗ୍ରହଣ କରିଥିବା ବେଳେ ଉକ୍ତ ବର୍ଗର ବାଳିକା ବିଭାଗରେ ମୁରିବାହାଲ, ଗୁଡଭେଲା ଓ ଟିଟିଲାଗଡର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ପୁଇଁନ୍ତଲା ବିଜେତା ହୋଇଥିବା ବେଳେ ମୁରିବାହାଲ ରନର୍ସଅପ ଓ ଗୁଡଭେଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିଭଳି ବାଳିକା ବିଭାଗରେ ଟିଟିଲାଗଡ ବିଜେତା ହୋଇଥିବା ବେଳେ ମୁରିବାହାଲ ରନର୍ସଅପ ଓ ଗୁଡଭେଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ଗୁଡଭେଲା ବିଇଓ ରୁଷିଆ ମେହେରଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା।



ମଞ୍ଚାସୀନ ଅତିଥିବୃନ୍ଦ।

**ଲୋକପ୍ରତିନିଧିଙ୍କୁ ଅଣଦେଖା**

ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀରର ପୂର୍ବ ଆଇପିଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଦେଓଗାଁ ବିଇଓ ମମତା ମାହାଡିକ, ବେଲପଡା ବିଇଓ ଅଭିନବ ମିଶ୍ର, ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଢିଆରୀ, ଟିଟିଲାଗଡ ବିଇଓ ଆର୍ତ୍ତତ୍ରାଣ ରଥ, ଟିଟିଲାଗଡ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡା,ଗୁଡଭେଲା ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ବିପିନ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଡିପିଇଓ ପ୍ରଦୀପ କୁମାର ପାତ୍ର ବିବରଣୀ ପାଠ କରିଥିଲେ। ତୁଷୁରା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାନୁମତୀ ଛତ୍ରିଆ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ତୁଷୁରା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭକ୍ତ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଗୁଡଭେଲା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଜନପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ମନଇଚ୍ଛା କାର୍ଯ୍ୟକ୍ରମ କରାଯିବା ନେଇ ଗୁଡଭେଲା ବ୍ଲକ ଅଧ୍ୟକ୍ଷା ବେବୀ ଦୋରା ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

## ଫସଲ ଜଳ ଆକଳନ ଓ ଜଳ ପରିଚାଳନା ତାଲିମ ଶିବିର

ମୁରିବାହାଲ,୨୯।୧୦(ଶ୍ରୀବତ୍ସ ବେହେରା)

ମୁରିବାହାଲ ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଦିନ କୃଷି ପରାମର୍ଶ ଓ ସୂଚନା କେନ୍ଦ୍ର, ବ୍ଲକ କୃଷି ବିଭାଗ, ଓଡିଶା ଜୀବିକା ମିଶନ ଓ ଏଫଇଏସ ସଂସ୍ଥା ପକ୍ଷରୁ କୃଷକମାନଙ୍କ ନିମନ୍ତେ ଦିନିକିଆ ଫସଲ ଜଳ ଆକଳନ ଓ ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ବ୍ଲକ କୃଷି ଅଧିକାରୀ ଗୁଲସନ କୁମାର ମହନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉକ୍ତ ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଓଡିଶା ଜୀବିକା ମିଶନ, ବିପିଏମ ଡ. ଗୋପାଳକୃଷ୍ଣ ଦୀପ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ମନବୋଧ ମାଝୀ, ଉଦ୍ୟାନ କ୍ଷେତ୍ର ଅଧିକାରୀ ରଘୁମଣି ପୁଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏଫଇଏସର ମାଷ୍ଟର ଟ୍ରେନର ଭାରତୀ ଗହୀର ଫସଲ ଜଳ ଆକଳନ ନେଇ ଆଲୋଚନା କରିଥିଲେ। ଏହି ତାଲିମ ଶିବିରରେ କ୍ଷେତ୍ରୀୟ କୃଷି କର୍ମଚାରୀ, କୃଷି ମିତ୍ର, କୃଷକ ସାଥୀ ତଥା ମହିଳା ଚାଷୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ଯଶୋବନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ବୁଲିଲେ, ଲୋକଙ୍କ ସହ ଆଲୋଚନା କଲେ


ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକର ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ସୋମବାର ଦେଓଗାଁ ବ୍ଲକର ଦେଓଗାଁ, ଜରାସିଂହା, ସାଲେପାଲି ଏବଂ ବରକାନି ଅଞ୍ଚଳ ପରିଦର୍ଶନ କରି ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଲୋକେ ନିର୍ମାଣଧୀନ ରାସ୍ତା, ପିଇବା ପାଣି, ଜମିହୀନଙ୍କ ପାଇଁ ଜମି ଚିହ୍ନଟ, ଗରିବଙ୍କ ପାଇଁ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡକୁ ନେଇ ଲୋକେ ଅଭିଯୋଗ କରିଥିଲେ। ବିଭିନ୍ନ ସରକାରୀ ଯୋଜନାରେ ଆସିଥିବା ଅନୁଦାନ କିଭଳି ଅଧିକାରୀଙ୍କ ଅପାରଗତା ଓ ଜନପ୍ରତିନିଧିଙ୍କ ସଂକୀର୍ଣ୍ଣ ରାଜନୀତି ଯୋଗୁ ଖର୍ଚ୍ଚ ନ ହୋଇ ପଡିରହିଛି ସେନେଇ ଲୋକେ କହିଥିଲେ। କିଛି ଅନୁଦାନର କାର୍ଯ୍ୟାଦେଶ ପରେ ମଧ୍ୟ କାମ ଅଟକି ପଡିରହିଛି । ଉନ୍ନୟନମୂଳକ କାମ କରିବା ପାଇଁ ଜନପ୍ରତିନିଧିଙ୍କୁ ପିସି ନ ଦେଲେ କାମ ଆଗକୁ ବଢିପାରୁନାହିଁ ବୋଲି କହିଥିଲେ। ଲୋକେ ଯେଉଁ ସମସ୍ୟା ଉଠାଉଛନ୍ତି ଏବଂ ତୃଣମୂଳ ସ୍ତରରେ ବାସ୍ତବ ସ୍ଥିତି ଯାହା ରହିଛି ସେନେଇ ନୂଆ ସରକାରଙ୍କ ଦୃଷ୍ଟି

**ନ୍ୟାଯ୍ୟ ଦାବି ହାସଲ କରିବାକୁ ଆନ୍ଦୋଳନ ହେବ: ନରସିଂହ**

ଆକର୍ଷଣ କରାଯାଇ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଆଯିବ ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର କହିଥିଲେ। ଯଦି ପ୍ରଶାସନ ଓ ସରକାର ଏହି ସମସ୍ୟାଗୁଡିକର ଶୀଘ୍ର ଏବଂ ଉପଯୁକ୍ତ ସମାଧାନ କରିନପାରିବେ ତେବେ ଆଗକୁ ରାଜରାସ୍ତାରେ ଜୋରଦାର ଆନ୍ଦୋଳନ କରାଯାଇ ଲୋକଙ୍କ ନ୍ୟାର୍ଯ୍ୟ ଦାବି ହାସଲ କରାଯିବ ବୋଲି ମିଶ୍ର କହିଥିଲେ। ଆଲୋଚନା ସମୟରେ ଦୁର୍ଗା ପ୍ରସାଦ ସିଂଦେଓ, ରାମଜୀ ଚୌଧୁରୀ, ବୈଶାଖୁ ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ଟଙ୍କ ମେହେର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ତାଣ୍ଡି, ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ରଙ୍କ ସମେତ ବିଭିନ୍ନ ଗାଁର ସଚେତନ ନାଗରିକ ଉପସ୍ଥିତ ଥିଲେ ।

## ଗୋଳାବାରୁଦ କାରଖାନାର ୪୦ତମ ପ୍ରତିଷ୍ଠା ଦିବସ



ସଇଁତଲା,୨୯।୧୦(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାର ୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାରଖାନା ପରିସରସ୍ଥିତ ଇନ୍ଦିରାଗାନ୍ଧୀ ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ସେ ଇନ୍ଦିରାଗାନ୍ଧୀ ପାର୍କଠାରେ ଥିବା ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କାରଖାନାର ସମସ୍ତ ଅଧିକାରୀ, ଜେସିଏମ, କାର୍ଯ୍ୟ ସମିତି, ୟୁନିୟନ ଏବଂ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ରହି ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି କାରଖାନାର ଗେଟ-୨ ଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କାରଖାନାର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ୧୯୮୪ ମସିହାର ଆଜିର ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଏହି କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାରଖାନାରୁ ଉତ୍ପାଦିତ ସାମଗ୍ରୀ କାରଗିଲ ଯୁଦ୍ଧରେ ବ୍ୟବହାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ କାରଖାନା ପ୍ରଶଂସାପତ୍ର ପାଇଥିଲା।

**ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ**

## ‘ଖାଲି ଶିକ୍ଷକ, କର୍ମଚାରୀ ପଦବୀ ଶୀଘ୍ର ପୂରଣ କର’

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଲାଗି ରହିଥିବା ଶିକ୍ଷା ସମସ୍ୟାର ତ୍ୱରିତ ସମାଧାନ ଦାବି ନେଇ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଡେମୋକ୍ରେଟିକ୍ ଅର୍ଗାନାଇଜେଶନ (ଏଆଇଡିଏସ୍‌ଓ)ବଲାଙ୍ଗୀର ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାରେ ବନ୍ଦ ହୋଇଥିବା ସମସ୍ତ ସ୍କୁଲ ତୁରନ୍ତ ଖୋଲିବା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଖାଲି ପଡିଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ପଦବୀ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୂରଣ କରିବା, ଫି ବୃଦ୍ଧି ବନ୍ଦ କରିବା ଏବଂ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ କରିବା ଦାବି କରାଯାଇଥିଲା। ଏହାସହିତ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିଯିବାକୁ ମାଗଣା ବସ ପାଶ୍ ଯୋଗାଇ ଦେବା ଦାବି କରାଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦କୁ ତୁରନ୍ତ ବାତିଲ କରିବା ଭଳି ୧୪ ଦଫା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଥବଲା। ଏହି ଅବସରରେ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ସ୍ଥାନୀୟ କଳାମଣ୍ଡଳ ପଡିଆରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ବିକ୍ଷୋଭ ପ୍ରଦର୍ଶନ ବେଳେ କମିଟି ଜିଲା ସଭାପତି ମଧୁସୂଦନ ବାଗ, ସମ୍ପାଦିକା ଗୌରୀ ରାଉତ, ରାଜ୍ୟ ଉପସଭାପତି ସୁନିଲ କୁମାର ଭୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଗୁଡଭେଲାର ଘୁନା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଓ ଭତ୍ରାପାଲି ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦିଆଯାଇଥିଲା।

# ମହୁଲପଡ଼ା ଦଳ ଚାମ୍ପିୟନ

ମୁରିବାହାଲ,୨୯।୧୦(ଶ୍ରୀବତ୍ସ ବେହେରା)

**ମା’ ବସ୍ତ୍ରେନ କ୍ରିକେଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମାଲିସିରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାବାଞ୍ଜି ଖେଳପଡିଆରେ ଚାଲିଥିବା ୮ମ ବାର୍ଷିକ ମା’ ବସ୍ତ୍ରେନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ତୁଲାଙ୍ଗ ଦଳକୁ ହରାଇ ମହୁଲପଡ଼ା ଦଳ ଚାମ୍ପିୟନ ହୋଇଛି। ଡ଼ଙ୍ଗାବାଞ୍ଜି ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ମହୁଲପଡ଼ା ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ତୁଲାଙ୍ଗ ଦଳ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୪୬ ରନ କରିବାରେ ସକ୍ଷମ ହୋଇଥିଲା। ଫଳରେ ମହୁଲପଡ଼ା ଦଳ ୩୬ରନରେ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଏମ.ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ବିକାଶ ମଞ୍ଚର ସଭାପତି ଅମ୍ଳାନ ଷଡ଼ଙ୍ଗୀ, ମାଲିସିରା ସରପଞ୍ଚ ଦେବରାଜ ପାତ୍ର, ବିଜେଡି ନେତା ଗିରିରାଜ ସିଂ ମାଝୀ, ବିଶିଷ୍ଟ କ୍ରୀଡ଼ାବିତ ପୀତାମ୍ବର ବାଗ, ଅଞ୍ଜନ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ନଗଦ ୧୮,୫୫୫ ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୪,୫୫୫ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହାସହ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ରାଜ ମାଝୀ, ଟୁର୍ନାମେଣ୍ଟରେ ସର୍ବାଧିକ ଛକା ମାରିଥିବା ସନମତ ବାଗ, ଶ୍ରେଷ୍ଠ ବୋଲର କହ୍ନ ମାଝୀ, ଅଧିକ କ୍ୟାଚ ଧରିଥିବା ପୃଥ୍ୱୀ ମାଝୀ ପ୍ରମୁଖଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବଳଦେବ ଧାରୁଆ ଓ ଚଉବନ ଧରୁଆ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ନକୁଳ ଧାରୁଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅକୁର ଧରୁଆ ଟୁର୍ନାମେଣ୍ଟରେ ଧରାବିବରଣୀ ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଭିନ୍ନକ୍ଷମ ଶିଶୁଙ୍କ ସହ ନିଆରା ପର୍ବ

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସଙ୍ଗଠନ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ ସମର୍ପଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ଶିଶୁ ଓ ଅସହାୟଙ୍କୁ ନେଇ ଆୟୋଜିତ ସମର୍ପଣ ଉତ୍ସବ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥିଲା। ଭିନ୍ନକ୍ଷମ ଶିଶୁଙ୍କ ମନୋରଞ୍ଜନ ପାଇଁ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ସମର୍ପଣ ଉତ୍ସବରେ ଅତିଥି ଭାବେ ଓଲିଉଡ ଅଭିନେତା ବବି ମିଶ୍ର, ସମ୍ବଲପୁରୀ ରକଷ୍ଟାର ରୁକୁ ସୁନା ଯୋଗଦାନ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରଧ୍ୟକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଜେଡ଼ି ନେତା ଲୋଟସ ଷଡ଼ଙ୍ଗୀ, କଂଗ୍ରେସ ଯୁବନେତା ଆକବର ଖାନ୍, ମୁଖ୍ୟବକ୍ତା ଭାବେ ଗଣମାଧ୍ୟମ ପ୍ରତିନିଧି ସତ୍ୟ ପ୍ରକାଶ ନାୟକ,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଭେଟଘାଟ ସମର୍ପଣ**

ସଙ୍ଗଠନ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଟୁନା ମିଶ୍ର, କିଶୋର ରଥ, ଉତ୍ତମ ନନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଦେଓଗାଁ ବ୍ଲକ ସାଲପାଲି ସ୍ଥିତ ଜଗତ ବନ୍ଧୁ ଶିକ୍ଷା ନିକେତନ, ପଥରଚେପା ପାର୍ବତୀଗିରି ଆଶ୍ରମ, ଆଦ୍ୟାଶା ଆଶ୍ରମ, ସୋନପୁର ଜିଲା ଶିବତଲାସ୍ଥିତ ଅନ୍ଧ ମୁକ ବଧିର ସେବା ନିକେତନର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମର୍ପଣ ଓଲିଉଡ ଷ୍ଟାର ମିଶ୍ର ଓ ସମ୍ବଲପୁରୀ ରକ୍ ଷ୍ଟାର ସୁନାଙ୍କ ଟିମ୍ ନୃତ୍ୟଗୀତରେ ଉତ୍ସବ ମୁଖର ହୋଇଉଠିଥିଲା। ଏହି ଅବସରରେ ସେବା ସଙ୍ଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ, ମାହେଶ୍ୱରୀ ସଙ୍ଗଠନ, ନାରୀଶକ୍ତି ଫାଉଣ୍ଡେଶନ, ମା’ ମାହେଶ୍ୱରୀ ସେନା, ଆକ୍ସନ କମିଟି ତୁଷୁରା, ମର୍ନିଂ ଷ୍ଟାର ସରଗାଡ଼, କର୍ତ୍ତବ୍ୟ ଫାଉଣ୍ଡେଶନକୁ ସେବା ସମ୍ମାନ ଏବଂ ସମାଜସେବାରେ ଡା. ସ୍ୱାତିରେଖା ପଟ୍ଟନାୟକ, ଡା. ମନମୋହନ ବାଗ, ଓ କଣ୍ଟାବାଞ୍ଜିର ଶାନ୍ତନୁ ବିଭାର, ମନୋଜ ଦୀପଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ଦୀର୍ଘ ବର୍ଷ ହେବ ସମାଜ ସେବାରେ ନିଜକୁ ନିୟୋଜିତ କରିଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସମସ୍ତ ସଦସ୍ୟ ଓ ସହଯୋଗୀ ଉପସ୍ଥିତ ଥିଲେ।

# ସଚେତନ ଭୋଟର ଗଣତନ୍ତ୍ର ସୁଦୃଢ଼ କରିବାକୁ ଆହ୍ୱାନ

ବରଗଡ଼, ୨୯।୧୦(ପ୍ରେମାନନ୍ଦ ଖମାରୀ)

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ଅବସରରେ ବରଗଡ଼ ଜିଲାର ଯୁବ ଭୋଟରଙ୍କ ସଚେତନତା ପାଇଁ ମଙ୍ଗଳବାର ଜିଲାସ୍ତରୀୟ ପଥ ଉତ୍ସବ ତଥା ଶୋଭାଯାତ୍ରା ଆୟୋଜିତ ହୋଇଛି। ସକାଳ ୭ଟାରେ ସ୍ଥାନୀୟ ଲେଙ୍ଗୁମିଶ୍ର ମିନି ଷ୍ଟାଡ଼ିୟମଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖ ସଭାସ୍ଥଳରେ ଶେଷ ହୋଇଥିଲା। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଯୁବ ଭୋଟରଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ପରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖରେ ପଥ ଉତ୍ସବ ଆୟୋଜିତ ହୋଇଥିଲା। ପଥ ଉତ୍ସବରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟାଲ, ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ବରଗଡ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଉପସ୍ଥିତ ରହି ଯୁବ ଭୋଟରଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଆସନ୍ତା ୨୦୨୫ ଜାନୁଆରୀ



ବରଗଡ଼ରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସଚେତନତା ଲାଗି ଶୋଭାଯାତ୍ରା ।

୧ତାରିଖ ସୁଦ୍ଧା ୧୮ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସମସ୍ତ ଯୁବତୀ, ଯୁବକଙ୍କୁ ଭୋଟର ତାଲିକାରେ ନିଜର ନାମକୁ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏତଦ୍‌ବ୍ୟତୀତ ପଥ ଉତ୍ସବରେ ଚିତ୍ରାଙ୍କନ, ରଙ୍ଗୋଲି, ସଚେତନତା ସଙ୍ଗୀତ, ଦଳଗତ ନୃତ୍ୟ, ହାସ୍ୟ କବିତା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସେଲଫି ପଏଣ୍ଟ ଏବଂ ଦସ୍ତଖତ ଅଭିଯାନକୁ

**ଯୁବ ଭୋଟରଙ୍କ ସଚେତନତା ପାଇଁ ପଥଉତ୍ସବ, ଶୋଭାଯାତ୍ରା**

ପଥ ଉତ୍ସବରେ ସାମିଲ କରାଯାଇଥିଲା। ଏହି ଅବସରରେ ପଦ୍ମପୁର କନ୍ୟାଶ୍ରମର ଛାତ୍ରୀଙ୍କ ସମେତ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଏବଂ ବରଗଡ଼ ସରକାରୀ ପଲିଟେକ୍ନିକ କଲେଜର ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଲୋକଙ୍କୁ ସଚେତନ କରିଥିଲେ। ସମ୍ବଲପୁରୀ ହାସ୍ୟକବି ଦେବେନ୍ଦ୍ର ସାହୁ ଏବଂ କବୟିତ୍ରୀ ଅହଲ୍ୟା ପ୍ରଧାନ ଭୋଟର ସଚେତନତା କବିତା ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ଓପନ କୁଇଜ ଆୟୋଜିତ ହୋଇଥିଲା। ଏହା ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜ୍ୟସ୍ତରୀୟ ଏବଂ ଜାତୀୟ ରାଜନୈତିକ ଦଳର ସଭାପତିମାନଙ୍କ ଉପସ୍ଥିତିରେ ସଂକ୍ଷିପ୍ତ ଭୋଟର ତାଲିକା-୨୦୨୫ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ସହାୟତା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ସଂକ୍ଷିପ୍ତ ସାରାଂଶ ସଂଶୋଧନ -୨୦୨୫ର କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଏବଂ ନୂତନ ଭୋଟରଙ୍କର ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନମ୍ବର ୬, ଭୋଟର ହେଲ୍ପଲାଇନ ଆପ ଏବଂ ଉଦ୍ଦିଷ୍ଟ ପୋର୍ଟାଲର ଠିକ୍ ବ୍ୟବହାର ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଯୁବ ଭୋଟର ଦେଶର ମେରୁଦଣ୍ଡ, ତେଣୁ ସମସ୍ତେ ନିଜ ନାମକୁ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଏବଂ ସଚେତନ ଭୋଟର ହୋଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଜିଲାପାଳ ଆହ୍ୱାନ କରିଥିଲେ। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ନଭେମ୍ବର ମାସ ୨, ୧୬ ଏବଂ ୨୪ ତାରିଖ ସ୍ୱତନ୍ତ୍ର ସମ୍ମିଳନୀର ଆୟୋଜନ କରାଯିବାର ସୂଚନା ମଧ୍ୟ ସମସ୍ତଙ୍କୁ ଦିଆଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଚିନ୍ମୟ



@ ଲୋଚନ



@ ନିଖିଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେବାଶ୍ରମ ସ୍କୁଲ ସମସ୍ୟା ନେଇ ଆଲୋଚନା

ପାଇକମାଲ,୨୯।୧୦(ବଡ ଶତପଥୀ): ପାଇକମାଲ ବ୍ଲକ ଟେମେରୀ ସରପଞ୍ଚ ଦିଲୀପ ବେହେରା ମଙ୍ଗଳବାର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସୋଡ଼ା ସେବାଶ୍ରମ ସ୍କୁଲ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସର୍ବ ପୁରାତନ ଏହି ସେବାଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଥିଲେ ମଧ୍ୟ ବର୍ତ୍ତମାନ ୨ଜଣ ଶିକ୍ଷକ ଅଛନ୍ତି। ମୋଟ ୧୦୨ ଛାତ୍ରୀଛାତ୍ର ଥାଇ ଅଷ୍ଟମ ଶ୍ରେଣୀ ଥିଲେ ହେଁ ଶିକ୍ଷକ ଅଭାବରୁ ପାଠପଢ଼ା ବ୍ୟାହତ ହେଉଛି। ବିଜ୍ଞାନ, ଗଣିତ, ଇଂରାଜୀ ବିଷୟରେ ମଧ୍ୟ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ ସରପଞ୍ଚ ବେହେରା ତୁରନ୍ତ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଦାବି କରିଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା ଦାବି ଉପରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଲୋଚନା ବେଳେ ସମାଜସେବୀ ଦେବାର୍ଚ୍ଚନ ସାହୁ, ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ।

# ଜିଲା ଜରୁରିକାଳୀନ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼, ୨୯।୧୦(ପ୍ରେମାନନ୍ଦ ଖମାରୀ)

ଆୟୁର୍ବେଦ ଦିବସ ଅବସରରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ନବନିର୍ମିତ ୫୦ ଶଯ୍ୟାବିଶିଷ୍ଟ ଜରୁରିକାଳୀନ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇଥିଲେ। ସେ କହିଥିଲେ, ବରଗଡ଼ ଜିଲା ପାଇଁ ଏକ ସ୍ମରଣୀୟ ଦିନ। ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନବ ଗଠିତ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓଡ଼ିଶା ତଥା ବରଗଡ଼ ଜିଲାକୁ ବିକାଶର ଜୟଯାତ୍ରାରେ ଆଗେଇ ନେଉଛି। ଓଡ଼ିଶାର ପ୍ରଥମ ଜରୁରିକାଳୀନ ଚିକିତ୍ସା କେନ୍ଦ୍ର ବରଗଡ଼ ଜିଲାରେ ନିର୍ମାଣ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ କରକମଳରେ ତାହା ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ



ଜିଲା ଜରୁରିକାଳୀନ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟ୍‌ଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅତିରିକ୍ତ ମିଶନ ନିର୍ଦ୍ଦେଶକ ମୃଣାଳକାନ୍ତି ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ଜିଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଉକ୍ତ ଜରୁରିକାଳୀନ ଚିକିତ୍ସା କେନ୍ଦ୍ରର ଅଟକଳ ମୂଲ୍ୟ ଏବଂ ଉପଲବ୍ଧ ସୁବିଧା ବିଷୟରେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ, ଏହି ୫୦ ଶଯ୍ୟାବିଶିଷ୍ଟ ଜରୁରିକାଳୀନ ଚିକିତ୍ସା କେନ୍ଦ୍ର ପିଏମ୍ ଆୟୁଷ୍ମାନ ଭାରତ ଇନ୍‌ଫ୍ରାଷ୍ଟ୍ରକ୍ଚର ମିଶନ ଗ୍ରାଣ୍ଟ ମାଧ୍ୟମରେ ସର୍ବମୋଟ ୧୮ କୋଟି ୧୦ ଲକ୍ଷ ୯୭ ହଜାର ୯ ଶହ କୋଡ଼ିଏ ଟଙ୍କା ଅଟକଳ ମୂଲ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି। ୩ ମହଲା ବିଶିଷ୍ଟ ଉକ୍ତ ଜରୁରିକାଳୀନ ଚିକିତ୍ସା କେନ୍ଦ୍ରରେ ଡାଏଲିସିସ୍ ନିମନ୍ତେ ୩ ଶଯ୍ୟାର ବ୍ୟବସ୍ଥା ଥିବାବେଳେ ଆଇସୋଲେଶନ ୱାର୍ଡଠାରେ ୨୪, ହାଇଡିପେଣ୍ଡେନ୍ସି ୟୁନିଟରେ ୮, ଆଇସିୟୁଠାରେ ୧୦, ଜରୁରିକାଳୀନ ଚିକିତ୍ସା ପାଇଁ ୨, ମାତୃ ଏବଂ ଶିଶୁ ଚିକିତ୍ସା ପାଇଁ ୨ ଏବଂ ପୋଷ୍ଟଅବଜରଭେଶନ ପାଇଁ ୨ଶଯ୍ୟାର ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏଠାରେ ପୋଲିସ ଆଉଟପୋଷ୍ଟ ଏବଂ ଫାୟାର କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି ।

# ବିକାଶରେ ଆଗାଜ୍-୨୦୨୪ ଉଦ୍‌ଯାପିତ

ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ପଲିଟେକ୍‌ନିକ୍ସରେ ଚଳିତବର୍ଷ ବି-ଟେକ୍, ଡିପ୍ଲୋମା ଏବଂ ଏମ୍‌ବିଏରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଫ୍ରେସର୍ସ ଡେ ଆଗାଜ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଉପରେ ସେମାନଙ୍କ ମା' ବାପାଙ୍କ ଆଶା, ଭରସା ପାଇଁ ଅଭିଭାବକଙ୍କୁ ସାଧୁବାଦ ଜଣାଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ





ବିକାଶରେ ଅନୁଷ୍ଠିତ ଆଗାଜ୍-୨୦୨୪ କାର୍ଯ୍ୟକ୍ରମ।

ଅଫିସର ଇଂ. ଅଜୟ କୁମାର ମହାପାତ୍ର, ସିନିୟର ଆଡ୍‌ଭାଇଜର ପି. କେ. ଦାଶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ପଲିଟେକନିକ୍ସର ଅଧ୍ୟକ୍ଷ ଡଃ ଦିଲୀପ ଖମାରୀ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ସମସ୍ତ ଅଧ୍ୟକ୍ଷ, ଡିନ୍, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ବି-ଟେକ୍‌ରୁ ଯଶସ୍ୱୀ ସମ୍ପର୍ଣ୍ଣ ପତି ମିଷ୍ଟର ଫ୍ରେସର୍ସ ଏବଂ ପ୍ରତ୍ୟାଶା ବହିଦାର ମିସ୍ ଫ୍ରେସର୍ସ ମନୋନୀତ ହୋଇଥିଲେ। ସେହିପରି ଡିପ୍ଲୋମାରୁ ଏସ୍. ପ୍ରତ୍ୟୁଷ ମିଷ୍ଟର ଫ୍ରେସର୍ସ ଏବଂ ସ୍ନେହାଶ୍ରୀ ମେହେର ମିସ୍ ଫ୍ରେସର୍ସ ବିବେଚିତ ହୋଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ସରଣ୍ଡା, ୨୯।୧୦(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବିଶି, ସିଆରସିସି ନନ୍ଦିଘୋଷ ଭୁଏଙ୍କ ଉପସ୍ଥିତିରେ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଏବଂ ଦୀପ ପ୍ରଜ୍ୱଳନ କରି ପ୍ରଦର୍ଶନୀ ଶୁଭାରମ୍ଭ କରାଯାଇଥିଲା। ଏଥିରେ କନିଷ୍ଠ ବିଭାଗରୁ ୨୯ଟି ଏବଂ ବରିଷ୍ଠ ବିଭାଗରୁ ୧୬ଟି ଏହିପରି ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ଅଷ୍ଟମ ଶ୍ରେଣୀର ସୁଶ୍ରୀ କର୍ଣ୍ଣଙ୍କ ପ୍ରକଳ୍ପ ଓ କନିଷ୍ଠ ବିଭାଗର ଚତୁର୍ଥ ଶ୍ରେଣୀର ପ୍ରିୟଙ୍କା ଚନ୍ଦନଙ୍କ ପ୍ରକଳ୍ପ ପ୍ରଥମ ହୋଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ବାବଲିରାଣୀ ଗଡତିଆ ଓ ବିଜ୍ଞାନ ଶିକ୍ଷକ ଋଷଭ ମେହେର ବିଚାରକ ଥିଲେ। ଶିକ୍ଷକ ସଞ୍ଜୀବ ପର୍ଡିଆ, ଶିକ୍ଷୟିତ୍ରୀ ମଥୁରା ପଧାନ, ରଞ୍ଜିତା କ୍ଷେତି ଓ ଝରଣା ମହାକୁର ପ୍ରମୁଖ ସହଯୋଗ କରିଥିଲେ।

# ସମ୍ବଲପୁରୀ ଚଳଚ୍ଚିତ୍ର 'ଭକୁଆ ଲୋକ' ପୁରସ୍କୃତ

ବରପାଲି,୨୯।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ବରଗଡ଼ ଜିଲା ବରପାଲିର ଜି. ଏମ୍. ପ୍ରଡକ୍ସନ ପ୍ରାୟୋଜିତ କ୍ଷୁଦ୍ର ସମ୍ବଲପୁରୀ ଚଳଚ୍ଚିତ୍ର 'ଭକୁଆ ଲୋକ' ଦ୍ୱିତୀୟ ଶ୍ରେଷ୍ଠ କମେଡି ସିନେମା ଭାବେ କଟକରେ ଆୟୋଜିତ ସିଲ୍‌ଭର ସିଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇଛି। ଏହି ଅବସରରେ ଚଳଚ୍ଚିତ୍ରର ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ ସରୋଜ କୁମାର ମେହେରଙ୍କ ସମେତ କଳାକାର ଅଭିନେତାଙ୍କୁ ପୁରସ୍କୃତ କରାଯାଇଥିଲା। ସମାରୋହରେ ଅତିଥି ଭାବେ ସିନେ ସଙ୍ଗୀତଜ୍ଞ ଓ ନିର୍ଦ୍ଦେଶକ ଅରୁଣ ମହାନ୍ତି, ଅଭିନେତା ଶ୍ରୀତମ ଦାସ, ନିର୍ଦ୍ଦେଶକ ସୁରଜ ମିଶ୍ର ଓ ନବକିଶୋର ଦାସ ମଞ୍ଚାସୀନ ଥିଲେ। ଏଥିରେ ୮ଟି ବିଦେଶୀ ସିନେମା ସହ ୩୦ଟି ଭାରତର ଭିନ୍ନ ଭିନ୍ନ ଭାଷାର ସିନେମା ପ୍ରଦର୍ଶିତ ହେଇଥିଲା।





କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସରୋଜ କୁମାର ମେହେରଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁରୀ ସିନେମା 'ଭକୁଆ ଲୋକ' ଦ୍ୱିତୀୟ ଶ୍ରେଷ୍ଠ କମେଡି ସିନେମା ଭାବେ ପୁରସ୍କୃତ ହୋଇଥିଲା। ଏହି ଚଳଚ୍ଚିତ୍ରରେ ବିର ବଜରଙ୍ଗ ମେହେର, ବୁଲୁ ରଣା, ଟଙ୍କଧର ଭୋଇ, ଦିଲୀପ ଲହରୀୟା, ପ୍ରକାଶ ବେହେରା, ବନ୍ଦିତା ମିଶ୍ର, ଆଲୋକ ନାଗ, ସରୋଜ କୁମାର ଅଭିନୟ କରିଛନ୍ତି। ସେହିପରି ଅଭିମନ୍ୟୁ ମେହେର ମ୍ୟୁଜିକ୍, ରାହୁଲ ଷ୍ଟୁଡିଓ (ସରୋଜ) କ୍ୟାମେରା, ଏଡିଟିଂ କରିଥିବାବେଳେ ନବକିଶୋର ମେହେର, ଘନଶ୍ୟାମ ଥଇତ, କ୍ରିଷ୍ଣା ମେହେର ପ୍ରମୁଖ ସହଯୋଗ କରିଥିଲେ।

# ସେମିରେ ଭଦ୍ରକ, ବଲାଙ୍ଗୀର

ସରଣ୍ଡା,୨୯।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ସୋମବାର ଓ ମଙ୍ଗଳବାର ମ୍ୟାଚ୍‌ରେ ଭଦ୍ରକ ଓ ବଲାଙ୍ଗୀର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ଗୋଶାଳା ଏବଂ ସୋର୍ଣ୍ଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋର୍ଣ୍ଣା ୮ ଉଇକେଟ୍‌ରେ ଜିତିଥିବା ବେଳେ ମିଳନ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗୀର ଏବଂ ଅତାବିରା ମର୍ନିଂ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇ ବଲାଙ୍ଗୀର ୮୧ ରନ୍‌ରେ ବିଜୟୀ ହୋଇଥିଲା। ଦଳର ସଞ୍ଜୁ ବାବା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ସୋର୍ଣ୍ଣା ଏବଂ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ବଲାଙ୍ଗୀର ୩



ଅତାବିରା ହାଇସ୍କୁଲ ଖେଳ ପଡିଆରେ କ୍ରିକେଟ୍ ମ୍ୟାଚ୍ ଚାଲିଛି।

**ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା**

ରନ୍‌ରେ ଜିତି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଦଳର ଚୈତନ୍ୟ ବାବୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମ୍ପାୟାର ମନୋହର ବାଗ, ବିକାଶ ବାରିକ, ଅବିନାଶ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ସୁରଥ ଦାଶ, ରିଙ୍କୁ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅତାବିରା ରୟାଲ ଷ୍ଟ୍ରାଇକ୍‌ର ପରିଚାଳନା କମିଟି ସଦସ୍ୟ ଧୀରଜ ସୁନା, ଟିକୁ ପଧାନ, ପ୍ରକାଶ ନାୟକ, ପ୍ରଭାକର, ଆଗ୍ନେଶ ନାୟକ, ଉମେଶ ବାବୁ, ଜୟ ବାରିକ, ବିନୟ ପଧାନ, ଦୀନବନ୍ଧୁ ସାହୁ, ବର୍ଣ୍ଣି ପଧାନ, ପ୍ରେମା ବେହେରା, କିରଣ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ପ୍ରଶମନ ପାଇଁ ସହଯୋଗ ଲୋଡ଼ା

ବରଗଡ଼, ୨୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ମଙ୍ଗଳବାର ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଛି। ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିର ଉପଯୁକ୍ତ ମୁକାବିଲା ସକାଶେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରୁ ଭଟଲି ଛକ ନିକଟସ୍ଥ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଗଣଦୌଡ ଆୟୋଜିତ ହୋଇଥିଲା। ଉକ୍ତ ଗଣଦୌଡରେ ସଦର ମହକୁମାର ଶତାଧିକ ଯୁବତୀ, ଯୁବକ, ଛାତ୍ରୀଛାତ୍ର, କ୍ରୀଡ଼ାବିତ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହାପରେ ବିଜୁ ପଟ୍ଟନାୟକ ଟାଉନ ହଲରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଦିବସର ମହତ୍ତ୍ୱ ବୁଝାଇବା ସହ ଜିଲାରେ





କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ ଶପଥପାଠ କରୁଛନ୍ତି।

ଆପତକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ଜିଲାବାସୀ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ଦିବସର ମହତ୍ତ୍ୱକୁ ପ୍ରଚାର ପ୍ରସାର କରିବା ପାଇଁ ଜିଲା ପ୍ରଶାସନ ଦ୍ୱାରା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଡିବେଟ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତିର ଉପଯୁକ୍ତ ମୁକାବିଲା ପାଇଁ ଆଗେଇ ଆସି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତ ଅଧିକାରୀ ଶପଥ ପାଠ କରିଥିଲେ। ଏହା ପରେ ବରଗଡ଼ ଜିଲାରେ ବିଗତ ଦିନରେ ଜରୁରୀକାଳୀନ ପରିସ୍ଥିତିରେ ଉପଯୁକ୍ତ ମୁକାବିଲା କରିଥିବା ବିଭାଗୀୟ ଅଧିକାରୀଙ୍କ ସଫଳ କାହାଣୀ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ଯୋଗେ ପ୍ରଦର୍ଶିତ ହୋଇଥିଲା। ସାଧାରଣ ସଭା ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ସମୟରେ କିଭଳି ନିଜ ସୁରକ୍ଷା କରିହୁଏ, ତାହା ମୋକଡ୍ରିଲ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଅଗ୍ନିଶମ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ଅଭିଲାଷ ପୁରୋହିତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ସାମାଜିକ ନାଟକର ପାଣ୍ଡୁଲିପି ପୂଜା




ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ରାଉରକେଲା ସହରର ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସୁବର୍ଣ୍ଣରେଖାର ଆଗାମୀ ବାର୍ଷିକୋତ୍ସବରେ ମଞ୍ଚସ୍ଥ ହେବାକୁ ଥିବା ନାଟକ 'ରେବତୀ ଲେଖୁଛି ଲୁହରେ ଚିଠି'ର ପାଣ୍ଡୁଲିପି ପୂଜା ବାସନ୍ତୀ କଲୋନୀ ସ୍ଥିତ ବ୍ୟାସଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ମହଲିକଙ୍କ ରଚିତ ଉକ୍ତ ନାଟକର ପାଣ୍ଡୁଲିପି ପୂଜା ହୋଇଥିଲା। ନାରୀ ସଶକ୍ତୀକରଣ ଉପରେ ଆଧାରିତ ଏହି ନାଟକର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମହାଲିକ ନାଟକର ଆଭିମୁଖ୍ୟ ଓ କାହାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସହ ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ ଓ ସାଂସ୍କୃତିକ ସମ୍ପାଦକ ରାଜୀବ ପାତ୍ର ନାଟକର ସଫଳତା କାମନା କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ କୁମାର ମହାପାତ୍ର, ବନବିହାରୀ ରଣା, ପରମେଶ୍ୱର ମହାରଣା, କମଳାକାନ୍ତ ପ୍ରଧାନ, ରବିନ୍ଦ୍ର ନାଥ ଜେନା, କବୀନ୍ଦ୍ର ନାଥ ଦେଓ, କନକଲତା ଜେନା, ବାଲୁକେଶ୍ୱର ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଦେବଯାନୀ ଘୋଷ, ଛବିରାଣୀ ପ୍ରଧାନ, ସୁଷମା ସାହୁ, ବରୁଣ ମାଝୀ, ସୁବ୍ରତ କୁମାର ଜେନା, ପର୍ଶୁରାମ ମଲ୍ଲିକ, ଦୀପକ ପାଲ୍, ବ୍ରଜ କିଶୋର ପରିଡା, ମଧୁସୂଦନ ବେଜ୍, ଗଗନ ପ୍ରଧାନ, ରତିକାନ୍ତ ଆଚାର୍ଯ୍ୟ, ତୁଷାର ମହାପାତ୍ର, ଭାଗ୍ୟଲକ୍ଷ୍ମୀ ପାତ୍ର, ତୁଷାର ମହାପାତ୍ର, ରାଧାକୃଷ୍ଣ ଦଳପତି, ଆନନ୍ଦ ଗିରି, ରାଜେନ୍ଦ୍ର ନାରାୟଣ ଦାସ, କ୍ଷିତିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଋଣ ଦେଲେ, ସବ୍‌ସିଡି ମିଳିଲାନି

**ପାନପୋଷ ସମବାୟ ସମିତି**

**ଚାଷୀଙ୍କ ଉପରେ ଗଡୁଛି କୃଷି ଋଣ**

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ପାନପୋଷ ମୁଖ୍ୟ ସହକାରୀ ସମବାୟ ସମିତି (ଏଆର୍‌ସିଏସ୍) ଅଧୀନ କୁଆଁରମୁଣ୍ଡା, ରାଇବଗା, ନୂଆଗାଁ, ହାତୀବାରୀ, ଲାଠିକଟା, କଲୁଙ୍ଗା ଏବଂ ବିଶ୍ରା ଆଦି ୭ଟି ଲ୍ୟାମ୍ପ୍‌ସ ମାଧ୍ୟମରେ ପାନପୋଷ କୃଷି ଜିଲାର ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ପାଇଁ ଋଣ ଯୋଗାଇ ଦିଆଯାଇଛି। ମାତ୍ର ସେମାନଙ୍କୁ ସବ୍‌ସିଡି ମିଳି ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ୬୦ ପ୍ରତିଶତ ଚାଷୀଙ୍କଠାରୁ ଋଣ ଆଦାୟ ହେଉଥିବା ବେଳେ ୪୦ପ୍ରତିଶତ ଚାଷୀ ଋଣ ପରିଶୋଧ କରିପାରିନାହାନ୍ତି। ଫଳରେ ବିଭିନ୍ନ ଆର୍ଥିକ ବର୍ଷରେ ସମବାୟ ସମିତିରୁ ଋଣ ଆଶା ରଖିଥିବା ଚାଷୀ ଏହା ପାଇବାରୁ ବଞ୍ଚିତ ହେଉଛନ୍ତି।

ପାନପୋଷ କୃଷି ଜିଲାର ଗୁରୁଣ୍ଡିଆ, ଜର୍ଡା, ବଣାଇ, ଲାଠିକଟା, କଲୁଙ୍ଗା, ବିଶ୍ରା, ରାଏବେଗା, କୁଆଁରମୁଣ୍ଡା, ହାତିବାରୀ, ଖୁଣ୍ଟଗାଁ ଆଦି ବ୍ଲକ ଅଞ୍ଚଳରେ ଥିବା ଲ୍ୟାମ୍ପ୍‌ସ ମାଧ୍ୟମରେ ଖରିଫ ଓ ରବି ଚାଷ ପାଇଁ ୬୪୨୬ ଜଣ ଚାଷୀଙ୍କୁ ୫ଟି ପର୍ଯ୍ୟାୟରେ ପ୍ରାୟ ୭୪.୪୭ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଗତ ୮ବର୍ଷ ମଧ୍ୟରେ ପାଖାପାଖି ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏଭଳି ଋଣ ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରୁ ଉକ୍ତ ଟଙ୍କା ସିଧାସଳଖ କୃଷି ଯନ୍ତ୍ରପାତି ଯୋଗାଉଥିବା ସଂସ୍ଥାକୁ ଦିଆଯାଇଛି। ଅନ୍ୟପଟେ କୃଷି ଯନ୍ତ୍ରପାତି ବାବଦ ସବ୍‌ସିଡି ଟଙ୍କା ମଧ୍ୟ ଚାଷୀଙ୍କ ଖାତାକୁ ଆସିନାହିଁ। ଫଳରେ ଚାଷୀ ମୁଣ୍ଡରେ ଋଣବୋଝ ବଢି ଚାଲିଛି। ଅନ୍ୟପକ୍ଷେ ଋଣ ନେଇଥିବା ଚାଷୀଙ୍କଠାରୁ ୬୦ପ୍ରତିଶତ ଅର୍ଥ ଆଦାୟ ହୋଇଥିବା ବେଳେ ୪୦ପ୍ରତିଶତ ଚାଷୀଙ୍କ ମୁଣ୍ଡରେ ଋଣ ଗଡୁଛି। ଏଭଳି ଭାବେ ମଧ୍ୟମ ମିଆଦୀ ଋଣ ଆକାରରେ ୨୩୫ଜଣ ଚାଷୀଙ୍କୁ ପାଖାପାଖି ୪.୬୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ଏହି ଋଣ ଅର୍ଥ ଶତ ପ୍ରତିଶତ ଅସୁଲ ହୋଇପାରିନି। ସେହିପରି ଦୀର୍ଘମିଆଦୀ ଋଣ ବାବଦରେ ୪୯୬ଜଣ ଚାଷୀଙ୍କୁ ପ୍ରାୟ ୧.୦୪୭କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବହୁ ଚାଷୀଙ୍କ ଉପରେ ସୁଧ ମାତ୍ରା ବଢି ଚାଲିଛି। ଅନ୍ୟପଟେ ବିଗତ ୫ ଆର୍ଥିକ ବର୍ଷରେ ଜଣେ ସୁଦ୍ଧା ଚାଷୀଙ୍କୁ ୭ଟି ଲ୍ୟାମ୍ପ୍‌ସରୁ କୌଣସି ପ୍ରକାର ଉଦ୍ୟାନ ସମ୍ପର୍କିତ ଋଣ ପ୍ରଦାନ ହୋଇନାହିଁ। ମାତ୍ର ଉକ୍ତ ଲ୍ୟାମ୍ପ୍‌ସଗୁଡିକ ମାଧ୍ୟମରେ ୨୫୬୮ଜଣ ଏସ୍‌ଏଚ୍‌ଜି ମହିଳା ଚାଷୀଙ୍କୁ ୫.୦୩୭ କୋଟି ଟଙ୍କା ଗୋଷ୍ଠୀଋଣ ଦିଆଯାଇଛି। ମାତ୍ର ତାହା ଆଦାୟ ହୋଇପାରିନି। ଏଭଳି ଭାବେ ୫ବର୍ଷ ମଧ୍ୟରେ ୬୪୭ଜଣ ଚାଷୀଙ୍କୁ କୃଷି ଯନ୍ତ୍ରପାତି ନାଁରେ ଲ୍ୟାମ୍ପ୍‌ସ ପକ୍ଷରୁ ଋଣ ପ୍ରଦାନ କରାଯାଇଥିବା ବେଳେ ଋଣ ଆଦାୟ ହୋଇପାରୁ ନ ଥିବାରୁ ଚାଷୀଙ୍କ ଉପରେ ଏହାର ସୁଧ ବଢି ଚାଲିଛି। ମାତ୍ର ବିଭାଗ ପକ୍ଷରୁ ଋଣ ଅର୍ଥ ଆଦାୟ ହୋଇପାରୁନି। ଏହାଦ୍ୱାରା ବିଶେଷ କରି ଯୁବଚାଷୀ ପ୍ରଭାବିତ ହେଉଛନ୍ତି। ଏ ଦିଗରେ ବିଭାଗୀ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ଯୁବ ଚାଷୀ ମହଲରେ ଦାବି ହେଉଛି। ଏ ନେଇ ପାନପୋଷ ଏଆର୍‌ସିଏସ୍ ବିକାଶ ସାମଦଙ୍କୁ ପଚାରିବାରୁ ଋଣ ବିଷୟରେ ସମବାୟ ବ୍ୟାଙ୍କ ଓ ସମବାୟ ସମିତିଗୁଡିକ ସହିତ ବିଚାର ବିମର୍ଶ କରାଯିବ ବୋଲି ସେ କହିଥିଲେ।



ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ତ୍ରିବେଣୀ କଳା ପରିଷଦର ବାର୍ଷିକୋତ୍ସବ

ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଭଞ୍ଜ ଭବନରେ ନାଟ୍ୟ ଅନୁଷ୍ଠାନ ତ୍ରିବେଣୀ କଳା ସଙ୍ଗମର ୨୪ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତି ଆମ ଓଡ଼ିଆ ଜାତିର ପରିଚୟ। ତେଣୁ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରୁଥିବା ତ୍ରିବେଣୀ କଳା ପରିଷଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆର୍‌ଜିଏଚ୍ ଚକ୍ଷୁ ବିଭାଗ ମୁଖ୍ୟ ଡାକ୍ତର ସମୀର କୁମାର ପାତ୍ର, ସଚେତନ ନାଗରିକ ମଞ୍ଚ ସଭାପତି ବିମଳ ବିଶି, କ୍ୟାରିୟର ପଏଣ୍ଟର ନିର୍ଦ୍ଦେଶକ ସଲିଲ କୁମାର ପରିଡା ଓ କଳ୍ପନା ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ତ୍ରିବେଣୀ କଳା ପରିଷଦର ନିର୍ଦ୍ଦେଶିକା ସୁନିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରବୀର କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ, କ୍ଲାସିକାଲ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁଚରଣ ମହାନ୍ତି, ଅଗ୍ନିରେଖା ରାୟ, ଏଲିନା ମହାନ୍ତି, ପୂର୍ଣ୍ଣିମା ମହାନ୍ତି, ବନ୍ଦନା ମହାପାତ୍ର, ରଶ୍ମିତା କରଣ, ଅଞ୍ଜଳି ଜେନା, ଦିପେନ ଦେହୁରୀ, କିରନବାଳା, ସଙ୍ଗୀତା ସାହୁ, ମନିନ୍ଦ୍ର କୁମାର ଦାସ, ଶ୍ରାବଣୀ ଦେହୁରି ଓ ଆଧୁନିକ ନୃତ୍ୟଗୁରୁ ରୋବର୍ଟ ହାଇଫିଲ, ସୂର୍ଯ୍ୟାସିନୀ ମିଶ୍ର, ମାନସ ରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ମନିନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଳନ ହେଲାନି ରାଷ୍ଟ୍ରୀୟ ଏକତା ଦିବସ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ପ୍ରତ୍ୟେକ ବର୍ଷ ଅକ୍ଟୋବର ୩୧ ତାରିଖ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ମାତ୍ର ଚଳିତ ବର୍ଷ ଅକ୍ଟୋବର ୩୧ରେ ଦୀପାବଳି ଉତ୍ସବ ପଡୁଥିବା ଯୋଗୁ କେନ୍ଦ୍ର ସରକାର ମଙ୍ଗଳବାର ଜୟନ୍ତୀ ପାଳନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରିତାପର ବିଷୟ ରାଜ୍ୟ ସାରା ଏହି ଦିବସ ମଙ୍ଗଳବାର ପାଳିତ ହୋଇଥିବା ବେଳେ ରାଉରକେଲା ସହର ଏଥିରୁ ବାଦ୍ ପଡିଛି। ରାଉରକେଲାରେ ଏକତା ଦିବସ ପାଳନ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏହି ଦିବସ ପାଳନ ନେଇ ରାଜ୍ୟବାସୀଙ୍କୁ ଏକତାର ବାର୍ତ୍ତା ପ୍ରଦାନ କରିଥିବା ବେଳେ ରାଉରକେଲା ସହରରେ ଏ ସମ୍ପର୍କିତ କୌଣସି କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ଏନେଇ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ଚିନ୍ମୟ



@ ଲୋଚନ



@ ନିଖିଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାକାର, ଅନୁଷ୍ଠାନ ପରସ୍ପର ପରିପୂରକ

ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ତ୍ରିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚାଲିଥିବା ନୃତ୍ୟ ସମର୍ପଣ ସମାରୋହ-୨୦୨୪ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାକାର ଓ ଅନୁଷ୍ଠାନ ଉଭୟ ପରସ୍ପର ପରିପୂରକ। ଅନୁଷ୍ଠାନ ବଞ୍ଚିଲେ କଳାକାର ବଞ୍ଚିବେ। ତେଣୁ ତ୍ରିଶ ଅନୁଷ୍ଠାନ ଆଜିକୁ ଦୀର୍ଘ ବର୍ଷ ଧରି ସହରରେ ଓଡିଶୀ ଓ ଲୋକ ନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ଯେଉଁ ଉଦ୍ୟମ ଜାରି ରଖିଛି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଉତ୍ସବରେ ଆରଏସ୍‌ପି ସହରସେବା ବିଭାଗ ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର, ସମାଜସେବୀ କମଲ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ନୃତ୍ୟ ଗୌରବ ସମ୍ମାନ, ଓଡ଼ିଶୀ ଡ୍ୟାନ୍ସର ପୁଷ୍ପା ମିଶ୍ରଙ୍କୁ ନୃତ୍ୟ ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ମ୍ୟୁଜିକ୍ ସର୍କଲ ପାଇଁ ଏହାର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଓ ଇସ୍ପାତ କଳା ପରିଷଦର ନିର୍ଦ୍ଦେଶକ ପ୍ରକାଶ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡକ୍ଟର ଜଗବନ୍ଧୁ ପଣ୍ଡା ଓ ସମ୍ପାଦକ ସସ୍ମିତ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟଗୁରୁ ଦେବସ୍ମିତା ଦାଶ ବାର୍ଷିକ ବିବରଣୀ ପାଠ ଓ ଅନୀଲ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପରେ ଅନ୍ୟ ଅନୁଷ୍ଠାନର ଗୁରୁ ଓ ନୃତ୍ୟଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଉଦ୍‌ଘାଟକ ସାରଦା ପ୍ରସାଦ ନାୟକଙ୍କୁ ରାଉରକେଲା ଗୌରବ, ସହରସେବା ବିଭାଗର ସିଜିଏମ୍ ପ୍ରତାପ କୁମାର ସ୍ୱାଇଁଙ୍କୁ ନୃତ୍ୟ ସମର୍ପଣ ସମ୍ମାନ ଓ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ତ୍ରିଶା କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବୀ କମଲ ଅଗ୍ରୱାଲଙ୍କୁ ତ୍ରିଶା ସୌରଭ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସମ୍ପାଦିକା ଗାୟତ୍ରୀ ବିଶୋୟୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସଦସ୍ୟ ଜ୍ୟୋତିର୍ମୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଗୃହସ୍ଥୀ ଉଦ୍ୟୋଗ ପାଳିଲା ଧନତେରସ୍



ଗୃହସ୍ଥୀ ପରିବାର ପକ୍ଷରୁ ଧନତେରସ ପାଳନ କରାଯାଉଛି।

ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଧନତେରସ୍ ପୂଜା ଓ ଏମ୍‌ଡି ଗୋକୁଲ ଆନନ୍ଦ ବାଗେଡିଆଙ୍କ ଜନ୍ମଦିନ ଖୁବ୍ ଧୁମଧାମ୍‌ରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୃହସ୍ଥୀ ଉଦ୍ୟୋଗ ପରିସରରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ଆରମ୍ଭରେ ପ୍ରଥମେ ଗୋମାତା, ଗୁରୁମାତା ଓ ପିତୃପକ୍ଷ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ପଣ୍ଡିତ ଜନାର୍ଦ୍ଦନ ମହାରାଜ ମା' ଲକ୍ଷ୍ମୀଙ୍କ ଆବାହନ, ଘଟ ସ୍ଥାପନ ଓ ଷୋଡଶ ଉପଚାର ପୂଜା କରିଥିଲେ। ଏହି ପୂଜାରେ ଗୃହସ୍ଥୀ ଉଦ୍ୟୋଗର ସିଏମ୍‌ଡି ଗଣେଶ ବାଗେଡିଆ, ନିର୍ଦ୍ଦେଶକ ମଞ୍ଜୁଦେବୀ ବାଗେଡିଆ, ସିଇଓ ଅମିତ ଅଗ୍ରୱାଲ, ଏମ୍‌ଡି ଗୋକୁଲ ଆନନ୍ଦ ବାଗେଡିଆ ପ୍ରମୁଖ ଯୋଗ ଦେଇଥିଲେ। ଗୃହସ୍ଥୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମା' ଲକ୍ଷ୍ମୀଙ୍କୁ ପୁଷ୍ପାଞ୍ଜଳି ଓ ଆଳତୀ ପ୍ରଦାନ କରିଥିଲେ। ପରେ ଏମ୍‌ଡି ଗୋକୁଲ ଆନନ୍ଦଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଇଓ ଅମିତ ଅଗ୍ରୱାଲ, ସୀତାରାମ୍‌ଜୀ ବାଗେଡିଆ, ପ୍ରଫୁଲ ପାତ୍ର, ମୁକେଶ ଠାକୁର, ଅଭିନାଶ ମିଶ୍ର, ଟି. ପୁରୁଷୋତ୍ତମ, ସଙ୍ଗୀତା କୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୃହସ୍ଥୀ ପରିବାର ପକ୍ଷରୁ ଏହା ପୂର୍ବରୁ ଜନ୍ମାଷ୍ଟମୀ, ରାଧାଷ୍ଟମୀ ଭଳି ବିଭିନ୍ନ ପର୍ବ ପାଳିତ ହୋଇଥିଲା।

# ଜାତୀୟ ଭଲିବଲରେ ଖେଳିବେ ରାଉରକେଲାର ଲଳିତା

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)



ଆସନ୍ତା ନଭେମ୍ବର ୬ରୁ ୧୦ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରେଲିରେ ଆୟୋଜିତ ହେବାକୁ ଯାଉଛି ୬୮ତମ ୧୭ବର୍ଷରୁ କମ୍ ଜାତୀୟ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା। ତେବେ ଏହି କ୍ରୀଡ଼ା ପାଇଁ ବାଳିକା ବର୍ଗରେ ରାଉରକେଲାର ଝିଅ ଲଳିତା ତିର୍କୀ ଚୟନ ହୋଇଛନ୍ତି। ସେ ବରେଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସମସ୍ତ ଖେଳାଳିଙ୍କୁ ନେଇ ଗତ ୨୮ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ କୋଚିଂ ଆରମ୍ଭ ହୋଇଥିବା ବେଳେ ଏଥିରେ ଲଳିତା ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଲଳିତା ଲାଠିକଟା ବିଜାଡିହିସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ। ଏହି ବିଦ୍ୟାଳୟ ଆର୍‌ଏସ୍‌ପି ଅଧୀନରେ ରହିଛି। ଲଳିତା ଚନ୍ଦ୍ର ଶେଖର କ୍ରୀଡ଼ା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଲିବଲ ପ୍ରଶିକ୍ଷଣ ନେଉଥିଲେ। ସେ ଜାତୀୟ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ ହୋଇଥିବାରୁ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁଷମା ଆଇନ୍ଦଙ୍କ, ପାବ୍ରେନ ଏକ୍କା, ଖେଳ ଶିକ୍ଷକ ସୌମ୍ୟରଞ୍ଜନ ଘଡେଇଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, ରାଉରକେଲା ସହରବାସୀ ଓ ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର ସଦସ୍ୟ ଓ ଯୁବ ଖେଳାଳିଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ଆର୍‌ଏସ୍‌ପିରେ ଭିଜିଲାନ୍ସ ସଚେତନତା ସପ୍ତାହ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ଶପଥ ପାଠ କରାଯାଉଛି।

ଆର୍‌ଏସ୍‌ପି ଗୋପବନ୍ଧୁ ପ୍ରେକ୍ଷାଳୟରେ ଆର୍‌ଏସ୍‌ପିର ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳନର ଶୁଭାରମ୍ଭ ହୋଇଛି। ମାନବ ସମ୍ବଳ ଏବଂ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହା ପାଳିତ ହୋଇଥିଲା। ଏହି ଅବସରରେ ଖଣି ଓ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ଏବଂ ଭିଜିଲାନ୍ସ ବିଭାଗ ସିଜିଏମ୍ ତଥା ଏସ୍‌ସିଭିଓ ଏସ୍. ପ୍ରହାରାଜ ମଞ୍ଚାସୀନ ଥିଲେ। ଏଥିରେ ବହୁ ସିଜିଏମ ଇନ୍‌ଚାର୍ଜ, ସିଜିଏମ୍ ଇନ୍‌ଚାର୍ଜ, ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କାରଖାନାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସର୍ଦ୍ଦାର ପଟେଲଙ୍କ ଜନ୍ମଦିବସ ପାଳନ ଉପଲକ୍ଷେ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଏ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ ପାଳନର ବିଷୟବସ୍ତୁରେ ରାଷ୍ଟ୍ରର ସମୃଦ୍ଧି ସତ୍ୟ ନିଷ୍ଠାର ସଂସ୍କୃତି ରଖାଯାଇଛି। ତରୁଣ ମିଶ୍ର ଏ ନେଇ ପ୍ରତ୍ୟେକ କ୍ଷେତ୍ରର ମୂଲ୍ୟବୋଧ, ନିରନ୍ତର ନୈତିକତା ଅଭ୍ୟାସ ବଳରେ ବିଶ୍ୱାସ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଆଲୋକ ବର୍ମା ପ୍ରତିରୋଧ ମୂଳକ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ବେହୁରିଆ ଓ ତରୁଣ ମିଶ୍ର ଅଖଣ୍ଡତାର ସଂକଳ୍ପ ପାଠ କରାଇଥିଲେ। ପରେ ସିଭିସି ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ସତର୍କତା ବିଭାଗର ଜିଏମ୍ ମନୋଜ ଅଗ୍ରୱାଲ ରାଷ୍ଟ୍ରପତିଙ୍କ ବାର୍ତ୍ତା ପଠନ କରିଥିବା ବେଳେ ଏଜିଏମ ସଞ୍ଜୀବ ବିଶ୍ୱାଳ ଉପ ରାଷ୍ଟ୍ରପତି, ଏଜିଏମ କେ. ବିଶ୍ୱାଳ ପ୍ରଧାନମନ୍ତ୍ରୀଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ସେହିପରି ମ୍ୟାନେଜର ହରିଶ ଅଗ୍ରୱାଲ କେନ୍ଦ୍ର ସତର୍କତା କମିଶନରଙ୍କ ବାର୍ତ୍ତା ପାଠ କରିଥିବା ବେଳେ ମ୍ୟାନେଜର ଏମ୍. କେ ସିଂହ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ବାର୍ତ୍ତା ପାଠ କରିଥିଲେ। ସତର୍କତା ନିରୀକ୍ଷକ ଜି. କେ. ଦାସ ଦୁର୍ନୀତି ଉପରେ ସ୍ୱଲିଖିତ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ବିଶ୍ୱ ଷ୍ଟ୍ରୋକ୍ ନିରାକରଣ ଦିବସ ପାଳନ



ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବିଶ୍ୱମୋହନ ମିଶ୍ରଙ୍କ ଅଧକ୍ଷତାରେ ବିଶ୍ୱ ଷ୍ଟ୍ରୋକ ନିରାକରଣ ଦିବସ ପାଳିତ ହୋଇଯାଇଛି। ଜନ ସ୍ୱାସ୍ଥ୍ୟ ଅଧିକାରୀ ମିଶ୍ରସ ତାଙ୍କ ବକ୍ତବ୍ୟରେ ଷ୍ଟ୍ରୋକ କ'ଣ, ଏହା କିପରି ହୁଏ ଏବଂ ଏହାର ଲକ୍ଷଣ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ରୋଗକୁ ରୋକିବାକୁ ହେଲେ ପ୍ରତ୍ୟେକ ଦିନ ବ୍ୟାୟାମ, ସୁସ୍ଥ ଜୀବନ ଶୈଳୀ, ତମ୍ବାଖୁ ବର୍ଜନ ଉପରେ ଆଲୋକପାତ କରିଥିଲେ। ଏହା ସମ୍ପୂର୍ଣ୍ଣ ନିରାକରଣ ହୋଇପାରୁଥିବାରୁ ରୋଗୀ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟ ସାଧ୍ୟ,ଏହି ରୋଗରୁ ବର୍ତ୍ତିବା ପାଇଁ ୪୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିତ୍ୟାନ୍ତ ଆବଶ୍ୟକ ବୋଲି ବୁଝାଇ କହିଥିଲେ। ଏହି ବାର୍ତ୍ତାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଅବଗତ କରିଥିଲେ। ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଭାତ ଓଝା, ଡ଼ା ବଂଶୀଧର ପାତ୍ର, ଡ଼ା ମନୋରଞ୍ଜନ ସାମଲ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ଏଏନ୍‌ଏମ୍‌ସିର ଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରାଇଥିବା ବେଳେ ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ଦାସ, ଡିଇଓ ମିଳି ବିଶ୍ୱାଳ ସହଯୋଗ କରିଥିଲେ।

### ଜିଲା କୃଷକ ସଂଘ, କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ମରୁଡ଼ଗ୍ରସ୍ତ ଅଞ୍ଚଳ ପରିଦର୍ଶନ



ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୃଷକ ସଂଘ କର୍ମକର୍ତ୍ତାଙ୍କ ସମେତ ଆଡ଼ସ ଓ ମାଲେହିପଡ଼ା ପଞ୍ଚାୟତ ଅନେକ ଚାଷୀ ଗତ ୦୪।୧୦।୨୦୨୪ ତାରିଖରେ ବିରାଟ ରାଲି କରି ଜିଲାପାଳ ଓ ଉପଜିଲାପାଳଙ୍କୁ ବର୍ଷାଭାବ ଜନିତ ମରୁଡ଼ି ପରିସ୍ଥିତି ବିଷୟରେ ଅବଗତ ଏବଂ ମରୁଡ଼ି ଘୋଷଣା ଦାବି କରିଥିଲେ। ବଡ ସମଲେଇ ଓ ସାନ ସମଲେଇ ଓ ଅନ୍ୟ ପାହାଡ ପାଦଦେଶରେ ଥିବା ଗ୍ରାମଗୁଡିକରେ ଝରିଯାଉଥିବା ଚିରସ୍ରୋତା ନାଳଗୁଡ଼ିକୁ ଆନିକଟ ବା ଚେକ୍-ଡେମ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଗୁରୁତର ସହ ବିଚାରକୁ ନେଇ ଗତ ୨୪ ତାରିଖରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗୀୟ ଅଧିକାରୀ ରାଜସ୍ୱ ବିଭାଗ ଓ କୃଷକ ସଂଘ ସଭାପତି ସ୍ଥାନୀୟ ଚାଷୀଙ୍କୁ ନେଇ ଅଞ୍ଚଳ ପରିଦର୍ଶନ କରି ଠିକ୍ ଜାଗାରେ ଯେପରି ନାଳରେ ବନ୍ଧ-ବନ୍ଧା ଗଲେ ଜଳ ସେଚନ ସୁବିଧା ଠିକ୍ ଭାବେ ହୋଇ ସୁଚାରୁ ରୁପେ ଚାଷ କାର୍ଯ୍ୟ ହୋଇପାରିବ। ଭବିଷ୍ୟତରେ ଏଭଳି ମରୁଡ଼ି ସମସ୍ୟା ନ ଉପୁଜିବ ସେ ପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର ଫଳ ସଦୃଶ ମଙ୍ଗଳବାର କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଜେନାଙ୍କ ସହ ବିଭାଗୀୟ ଅଧିକାରୀ ଓ କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝଙ୍କାର ଓ ରିଆମାଳ ବ୍ଲକ କୃଷକ ସଂଘ କର୍ମକର୍ତ୍ତା ଜନାର୍ଦ୍ଦନ ପ୍ରଧାନ, ସନ୍ତୋଷ ପ୍ରଧାନ, ପ୍ରମୋଦ ପ୍ରଧାନ, ପବିତ୍ର ନାୟକଙ୍କ ସହ ଦୁଇ ଗ୍ରାମର ଚାଷୀ ତଥା ଗ୍ରାମବାସୀ ପାହାଡ ତଳ ଅଞ୍ଚଳ ଅନୁଧ୍ୟାନ କରି ଠିକ୍ ସ୍ଥାନ ନିରୂପଣ କରିବାରେ ଅଧିକାରୀଙ୍କୁ ସାହାଯ୍ୟ କରିଥିଲେ। ଏହାସହ ଗ୍ରାମବାସୀ ଆଶାବାଦୀ ହୋଇ ଯଥାଶୀଘ୍ର କାର୍ଯ୍ୟାରମ୍ଭ ହେବା ଆଶାରେ ଜିଲାପାଳଙ୍କୁ ଧନ୍ୟବାଦ୍ ଦେବା ସହ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀ ଏବଂ ଜିଲା କୃଷକ ସଂଘକୁ ଧନ୍ୟବାଦ୍ ଜଣାଇଛନ୍ତି।

# ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସ୍ମାରକପତ୍ର

- ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର ୧୧ ଦଫା ଦାବି
- ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ

ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)



୧୧ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବା ଚେତାବନୀ ଦେଇଛି ଅଲ ଓଡିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ। ଏ ନେଇ ଦେବଗଡ ଜିଲା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ପକ୍ଷରୁ କର୍ମଚାରୀଙ୍କ ୧୧ଦଫା ବିଭିନ୍ନ ସମସ୍ୟା ସମ୍ପର୍କୀତ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୋମବାର ମଧ୍ୟାହ୍ନରେ ସଂଘର ବହୁ ସଦସ୍ୟ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହେବା ଦିନଠାରୁ ତଥା ୨୦୧୩ରୁ ଏକ ଠିକା ସଂସ୍ଥା ଅଧୀନରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ କାମ କରୁଥିଲେ। ମାତ୍ର ଗତ ୨୧ ତାରିଖ ୧୦୮ ଆମ୍ବୁଲାନ୍ସ ପରିଚାଳନା ପାଇଁ ସରକାର ଅନ୍ୟ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦେଇଥିବା ବେଳେ କର୍ମଚାରୀଙ୍କୁ ଉପରେ ଉକ୍ତ ଠିକା ସଂସ୍ଥା ମନମାନି କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ୧୧ ଦଫା ସମ୍ବଳିତ ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଦାବି ପୂରଣ ନ ହେଲେ ଅକ୍ଟୋବର ୩୦ ତାରିଖରୁ ଜିପିଏସ ବନ୍ଦ କରି ରୋଗୀ ସେବା କରାଯିବ। ତଥାପି ଦାବି ପୂରଣ ନ ହେଲେ ନଭେମ୍ବର ୧ରୁ ସମ୍ପୂର୍ଣ୍ଣ ଭାବେ ରୋଗୀ ସେବା ବନ୍ଦ କରି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ବିଶେଷ ଭାବେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି, କାର୍ଯ୍ୟ କରିବାର ଠିକ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ ସହିତ ଓଭରଡ୍ୟୁଟି କଲେ ଘଣ୍ଟା ପ୍ରତି ପାରିଶ୍ରମିକ ବୃଦ୍ଧି, ଠିକାସଂସ୍ଥାରୁ ମୁକ୍ତ କରି ନିୟମିତ କର୍ମଚାରୀ ମାନ୍ୟତା, ୧୨ ଘଣ୍ଟାର କାର୍ଯ୍ୟକୁ ୧୨ ଘଣ୍ଟାର ପ୍ରାପ୍ୟ, ନବନିଯୁକ୍ତ କର୍ମଚାରୀ ତୁଳନାରେ ଅଭିଜ୍ଞ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି, କର୍ମଚାରୀଙ୍କ ମୃତ୍ୟୁ ହେଲେ ୨୦ ଲକ୍ଷ ଏବଂ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସମେତ ୧୧ଦଫା ଦାବି ପୂରଣ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଦୁଷ୍ମନ୍ତ ସାହୁ, କେଦାର ସାହୁ, ଅମ୍ରିତ ସିଂ, ବାଦଲ ଶବର, ଗଙ୍ଗାଧର ଅଟି, ବାସଲ ସାହୁ, ଚନ୍ଦନ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକରେ ସଚେତନତା

ଝାରସୁଗୁଡ଼ା,୨୯।୧୦(ସଞ୍ଜୟ ମାଲି)



ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ଆୟୋଜିତ ଶୋଭାଯାତ୍ରା।

**ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ**

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ୨୦୨୫ ଉପଲକ୍ଷେ ଜିଲାସ୍ତରୀୟ ପଥ ଉତ୍ସବ(ୱାକାଥନ), ପାଲା, ଦାସକାଠିଆ ରଙ୍ଗୋଲି ଓ ପଥପ୍ରାନ୍ତ ନାଟକ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଗାନ୍ଧୀ ଛକ(ପୁରୁଣା ବସଷ୍ଟାଣ୍ଡ)ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୱାକାଥନ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ ମିଳିତ ଭାବେ ୱାକାଥନର ଶୁଭାରମ୍ଭ କରିଥିଲେ। ୧୮ବର୍ଷ ପୂରଣ ଭୋଟର ହେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ସମେତ ବୁଥସ୍ତରୀୟ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ୱାକାଥନରେ ଅଂଶ ଗ୍ରହଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଡେପୁଟି କଲେକ୍ଟର ଲୋପାମୁଦ୍ରା ସାମଲ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ, ଦୁଷ୍ମନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଲା, ଦାସକାଠିଆ ଓ ରଙ୍ଗୋଲି ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଅତିରିକ୍ତ ଜିଲାପାଳ ସଚେତନ ଭୋଟର ଦେଶ ଗଠନରେ ଭୂମିକା ଗ୍ରହଣ କରିବାରେ ସହାୟକ ହୋଇଥାନ୍ତି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଉଭୟ ସଚେତନତା ପାଇଁ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସୁଶୀଲ ମିଶ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି, ହରିହର ମାଝି, ଯତୀନ୍ଦ୍ର ଭୋଇ, ସାହେବଲାଲ ପଧାନ, ମାନସ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ ଓ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ରଙ୍ଗୋଲି ଅଙ୍କନ କରିଥିଲେ। ପ୍ରହଲ୍ଲାଦ ମିଶ୍ର ଓ ସାଥି ପାଲା ପରିବେଷଣ କରିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ ପଥପ୍ରାନ୍ତ ନାଟକ, ରଙ୍ଗୋଲିରେ ଅଶଗ୍ରହଣକାରୀ ତଥା ପାଲା ପରିବେଷଣ କରିଥିବା କଳାକାରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନରେ ଶପଥ ପାଠ

ଝାରସୁଗୁଡ଼ା,୨୯।୧୦(ସଞ୍ଜୟ ମାଲି)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲା କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ ବ୍ଲକ, ତହସିଲ, ପୌରପାଳିକା, ଅନ୍ୟ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସାଧୁତା ଶପଥ ପାଠ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଲୋକ ସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ରାଜ୍ୟସ୍ତରୀୟ ଶପଥ ପାଠ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସାଧୁତାର ଶପଥ ପାଠ କରାଇଥିଲେ। ଭିଡିଓ କନ୍‌ଫରେନ୍ସରେ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଜିଲା ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ପ୍ରସାରଣରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଲଖନପୁର ବ୍ଲକ କାର୍ଯ୍ୟାଳୟ ଓସ୍ୱାନ ହଲରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ବିଡିଓ ବିନୟ ପଟେଲ, ଅତିରିକ୍ତ ଉପଜିଲାପାଳ ଭିକ୍ଟୋରିଆ ଏକ୍କା, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଅନ୍ୟମାନେ ସାଧୁତାର ଶପଥ ପାଠ କରିଥିଲେ। ସେହିପରି ଜିଲା କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲରେ ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗଙ୍କ ସମେତ ଜିଲା ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଚିନ୍ମୟ



@ ଲୋଚନ



@ ନିଖିଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରସଶାନ ପକ୍ଷରୁ ଜିଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ କୁମାର ସିଂଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ସକାଳ ୭ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରୁ ପଦଯାତ୍ରା ରାଲି ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହର ପରିକ୍ରମା କରି ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପହଞ୍ଚି ଥିଲା। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବୈଠକର ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରୀକ୍ଷିତ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ସାହୁ, ଜାତୀୟ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଦ୍ୟାଳୟ, ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲାସ୍ତରୀୟ ଅଧିକାରୀ, ଛାତ୍ରୀଛାତ୍ର ଏବଂ ଓଡ୍ରାଫ୍ ଟିମ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ଦକ୍ଷତା ବୃଦ୍ଧି, ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା କୃଷି କାର୍ଯ୍ୟାଳୟ ସଭା ଗୃହଠାରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧିକରଣ ଅନ୍ତର୍ଗତ ସମସ୍ତ କର୍ମକର୍ତ୍ତା ଓ କୃଷକମାନଙ୍କୁ ନେଇ ଦକ୍ଷତା ବୃଦ୍ଧି ଓ ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା, ଷ୍ଟେଟ ମ୍ୟାନେଜେର ସିଡିପି ଏମ୍‌ଏଲ୍‌ଆଇପି ଡାକ୍ତର ରବୀନ୍ଦ୍ର କୁମାର ପାଇକରାୟ, ଷ୍ଟେଟ ବୈଷୟକ ପରାମର୍ଶଦାତା ସଚ୍ଚିଦାନନ୍ଦ ପଣ୍ଡା, ବ୍ଲକ କୃଷି ଅଧିକାରୀ ବାରକୋଟ ଧବଳେଶ୍ୱର ପ୍ରଧାନ, ବ୍ଲକ କୃଷି ଅଧିକାରୀ ରିଆମାଳ ରାଜେଶ କୁମାର ଚୌଧୁରୀ, ଡିପିଡି ଆତ୍ମା ମନୋଜ କୁମାର ମାରାଣ୍ଡି, ସ୍କିମ ଅଫିସର ସିଡିପି ଶାଶ୍ୱତ କୁମାର ମିଶ୍ର, ଜିଲା ସଂଯୋଜକ ବିଭୁତି ଭୂଷଣ ପତି ଓ ପାଞ୍ଚଟା ସିଡିପି କ୍ଲଷ୍ଟରର ସମସ୍ତ ସହକାରୀ କୃଷି ଅଧିକାରୀ, କୃଷି ଅଧିକାରୀ, ଭିଏଡବ୍ଲ୍ୟୁଓ, କାର୍ଯ୍ୟକାରୀ ସଂସ୍ଥାର ଷ୍ଟାଫ ଓ ଶତାଧିକ ଚାଷୀ ମହିଳା ଓ ପୁରୁଷଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଡିପିର କାର୍ଯ୍ୟକ୍ରମ, ମୃତ୍ତିକା ସ୍ୱାସ୍ଥ୍ୟ, ଫସଲର ପୂର୍ବ ଓ ପରବର୍ତ୍ତୀ ପରିଚାଳନା, ପ୍ରକ୍ରିୟା କରଣ ଓ ମୂଲ୍ୟଯୁକ୍ତ, କୃଷକ ଉତ୍ପାଦକ କମ୍ପାନୀ ବିଷୟରେ ଆଲୋଚନା କରାଯାଇଥିଲା।

## ଆର୍‌ଜେ ଇଲେଭେନ ଷ୍ଟାର ଚାମ୍ପିୟନ

ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)

**ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଡ଼ଁରା ପଞ୍ଚାୟତ ଗୁଣ୍ଡୁରିପୋଷି ଗ୍ରାମରେ ମା' ଚୁଲିଆପାଟ ଫୁଟବଲ କ୍ଳବ ପକ୍ଷରୁ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଟିମ୍‌କୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାଲିରୋଇ ଫୁଟବଲ ଟିମ୍‌କୁ ଟାଇବ୍ରେକର ଜରିଆରେ ୨-୦ ଗୋଲରେ ପରାସ୍ତ କରି ଦଣ୍ଡାସିଂହା ଆର୍‌ଜେ ଇଲେଭେନ ଷ୍ଟାର ଫୁଟବଲ ଟିମ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ସତୋଜ ଗଡନାୟକ, ଡବୁଲୁ ପାଟୁନ, ଆନନ୍ଦ ମିର୍ଦ୍ଧା ଏବଂ ସାନି ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଦୋଳାନନ୍ଦ ପାତ୍ର ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ଅନୁଷ୍ଠାନ ସଭାପତି ଗୌତମ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ମା' ଚୁଲିଆପାଟ ଫୁଟବଲ କ୍ଳବ ସମ୍ପାଦକ ସୋମନାଥ ପ୍ରଧାନ, ବିଶ୍ୱରଞ୍ଜନ ମୁଣ୍ଡା, ହିମାଂଶୁ ସାହୁ, ପିଣ୍ଟୁ ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ, କଳା ଉତ୍ସବ

ଦେବଗଡ଼,୨୯।୧୦(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇଯୋଗ ଦେଇ ଶିଶୁ କନ୍ୟାମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଅସହାୟ ମନେ ନ କରି ଆଗକୁ ବଢିବା ନିମନ୍ତେ ପ୍ରୟାସ କରିବା ଦରକାର ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରକୋଟ ଗାୟତ୍ରୀ ସାହୁ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜାତୀୟସ୍ତରରେ ଫୁଟବଲ ଖେଳି କୃତିତ୍ୱ ହାସଲ କରିଥିବା ଛାତ୍ରୀ ପ୍ରିୟା ମାଝି, ଆଂଶୀଲା ଏକ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷଣ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ମଞ୍ଚ ସଂଯୋଜନା କରିଥିବା ବେଳେ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩ଟି ବ୍ଲକରୁ ଚୟନ ହୋଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ, କଳା ଶିକ୍ଷକ ଅରୁଣ ତନ୍ମୟ ଟାଲି ଦାୟିତ୍ୱ ବହନ କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ଶିକ୍ଷଣ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଝରଣା ବେହେରା, ଦୀପିକା ମିଶ୍ର, ସିଆର୍‌ସିସି ଚୂଡ଼ାମଣି ସାହୁ, ଭେନସ କୁମାର ପ୍ରଧାନ, ଉଦୟନାଥ ପ୍ରଧାନ, ଶିକ୍ଷକ ଦୁଷ୍ମନ୍ତ ସାମଲ, ଭବାନୀକାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି କଳା ଉତ୍ସବ ଉପଲକ୍ଷେ ୩ବ୍ଲକରୁ ଚୟନ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଶିବାଶିଷ ଝାଙ୍କର, କଳା ଶିକ୍ଷକ ଅରୁଣ ତନୟ ଟାଲି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଜିଲାସ୍ତରରେ ଚୟନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀରେ କସ୍ତୁରିବା ବାଳିକା ବିଦ୍ୟାଳୟ ରିଆମାଳ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼, ମନ୍ଦାକିନୀ ବାଳିକା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦେବଗଡ଼ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଶୌଚାଳୟ ପାଇଁ ବ୍ଲକ ଅଫିସ ସାମ୍ନାରେ ଧାରଣା

**ଲାଞ୍ଜିଗଡ଼,୨୯।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ଅନ୍ତର୍ଗତ କାକଭଟା ଗ୍ରାମର ହିତାଧିକାରୀ ଗଙ୍ଗାରାମ ସୁନା ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ନିଜ ଘରେ ଶୌଚାଳୟ ନିର୍ମାଣ ପ୍ରାପ୍ୟ ପାଇଁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ତାଙ୍କ ସହିତ ଏଆଇସିସିଟିୟୁର ସଦସ୍ୟମାନେ ମଧ ଧାରଣାରେ ସାମିଲ ହୋଇଥିଲେ। ଶେଷରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ଆସି ଧାରଣାକାରୀଙ୍କ ଦାବି ଗ୍ରହଣ କରିଥିଲେ ଓ ୧୫ଦିନରେ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଗଙ୍ଗାରାମ ଧାରଣାରୁ ଉଠିଥିଲେ। ସୂଚାନନୁସାରେ ଗଙ୍ଗାରାମ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ହିତାଧିକାରୀ ହୋଇଥିଲେ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନ ପାଇବାରୁ ବାଧ ହୋଇ ନିଜସ୍ୱ ଅର୍ଥରେ ଶୌଚାଳୟ ତିଆରି କରିସାରିଛନ୍ତି।

### ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ

**ପଲମ, ୨୯।୧୦(ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ସରିଆଁ ପଞ୍ଚାୟତ ସରିଆଁ ଗ୍ରାମରେ ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ଭବାନୀ ଶଙ୍କର ସରିଆଁ ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ପ୍ରଥମେ ଶପଥ ପାଠ ପରେ ଗ୍ରାମର ମାଣିକେଶ୍ୱରୀ ମନ୍ଦିର ପରିସରରେ ବୃକ୍ଷ ରୋପଣ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୁଲିଆମାଲ ପଞ୍ଚାୟତର ନିର୍ବାହୀ ଅଧିକାରୀ ଶରତ ଚନ୍ଦ୍ର ସାହୁ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆନନ୍ଦ ଚନ୍ଦ୍ର ଭୋଇ ଓ ଭବାନୀ ଶଙ୍କର ଅନୁଷ୍ଠାନର ଉପଦେଷ୍ଟା ମୋହନ ଲାଲ ଅଗ୍ରୱାଲ, ସମ୍ପାଦକ ମିଳନ କୁମାର ଭୋଇ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

### ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଘଟଣା**

**ଲାଞ୍ଜିଗଡ଼,୨୯।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଘଟଣାରେ ବନ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପୁଞ୍ଜାମ ଗାଁର ହାନ୍ଦା ମାଝି ଓ କାଞ୍ଚନମୁଖିର ଲକି ମାଝି। ସୂଚନାନୁସାରେ ପାହାଡପଦର ଅଞ୍ଚଳରେ ବାରମ୍ବାର କାଟ ହେଉଥିବାରୁ କର୍ମଚାରୀ ଯାଞ୍ଚ ପାଇଁ ଉକ୍ତ ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ ବିଦ୍ୟୁତ୍ ତାର ଲଗାଇ ଦୁର୍ବୃତ୍ତମାନେ ଜଙ୍ଗଲି ବାରହା, ହରିଣ, ଠେକୁଆ, କୁକୁରା ଆଦି ଶିକାର କରୁଥିବା ଜଣାପଡିଥିଲା। ଏ ନେଇ ବନବିଭାଗକୁ ଅବଗତ କରିବାପରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରେ ସମ୍ପୃକ୍ତ ହାନ୍ଦା ଓ ଲକିଙ୍କୁ ଗିରଫ କରିବା ସହ କେସ୍ ନଂ.୬୨/୨୪-୨୫ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ବନ ବିଭାଗ ଏସିଏଫ୍ ନରୋତ୍ତମ ମାଝି ପ୍ରକାଶ କରିଛନ୍ତି।

### ଦଣ୍ଡପାଟ ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବେହେରା,୨୯।୧୦(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଗ୍ରାମର ହାଇସ୍କୁଲ ପଡ଼ିଆଠାରେ ୬ଷ୍ଠ ତମ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ କମିଟିର ପୂର୍ବତନ ସଭାପତି ବାଳକୃଷ୍ଣ ବିଶିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୨୫ରୁ ୩୧ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ବିନ୍ଧୁସାର ବିଶି ସଭାପତି, ଉପେନ୍ଦ୍ର ନାଏକ ଉପସଭାପତି, ଲଳିତ ବାଣୁଆ ସମ୍ପାଦକ, ଭବାନୀ ଶଙ୍କର ବାଣୁଆ ସହ ସମ୍ପାଦକ, ବାଳକୃଷ୍ଣ ବିଶିଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। କ୍ଷୀରସିନ୍ଧୁ ବାଣୁଆଙ୍କୁ ମୁଖ୍ୟ ମଞ୍ଚ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ କମିଟିର ବରିଷ୍ଠ ସଦସ୍ୟ ଭବେଶ ଗଇନ୍ତା, ତ୍ରିଲୋକ ସିଂହ, ଭିକାରୀ ଚରଣ ଗୋପାଳ, କ୍ଷୀରସିନ୍ଧୁ ବାଗ, ଅଭୟ ସିଂହ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସୋନପୁରର ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ କଂସ ରୂପେ ବରଣ କରାଯିବାକୁ ସ୍ଥିର କରାଯାଇଛି।

# ପଞ୍ଜୀକରଣରେ ଯୁବ ଭୋଟର ସାମିଲ ହେବାକୁ ଆହ୍ୱାନ

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଉପଲକ୍ଷେ ପଥ ଉତ୍ସବ

**ଭବାନୀପାଟଣା,୨୯।୧୦ (ଉତ୍ତମ କୁମାର ଦାଶ)**

ଭାରତର ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଉପଲକ୍ଷେ ଭବାନୀପାଟଣାରେ କଳାହାଣ୍ଡି ଜିଲାସ୍ତରୀୟ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପାୱାର ସଚିନ ପ୍ରକାଶ ପତାକା ଦେଖାଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ ଅଫିସରୁ ଏହି ପଥ ଉତ୍ସବ ଆରମ୍ଭ ହୋଇ ଜିଲା କାରାଗାର ଛକ, ନୂଆ ବସ୍‌ଷ୍ଟାଣ୍ଡ, ଘୋଡାଘାଟ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାତ୍ରୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅଧିକାରୀ କସ୍ତୁରୀ ପଣ୍ଡା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ




ପଥ ଉତ୍ସବରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

**ନଭେମ୍ବର ୧ରୁ ଆବେଦନ ପ୍ରକ୍ରିୟା ଆରମ୍ଭ**

ମହାନନ୍ଦିଆ, ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟସମର୍ପ୍ଣା ରାଉତ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନର ଡ୍ରାଫ୍ଟ ରୋଲ ପ୍ରକାଶିତ ହୋଇଥିଲା। ଏହା ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪୧୩ ବୁଥ୍ (ପୋଲିଂ ଷ୍ଟେଶନ)ରେ ପ୍ରକାଶିତ କରାଯାଇଛି। ପ୍ରତି ବୁଥ୍ ପାଇଁ ଜଣେ ଅଧିକାରୀ ନିଯୁକ୍ତ କରାଯାଇଛି। ନୂତନ ଭାବରେ ଭୋଟ ଦାତା ହେବାକୁ ଥିବା ଯୋଗ୍ୟ ବ୍ୟକ୍ତି ଫର୍ମ ନମ୍ବର ୬ରେ ଆବେଦନ କରିପାରିବେ। ବାଦ୍ ପାଇଁ ଫର୍ମ ନମ୍ବର ୭ ଓ ସଂଶୋଧନ ପାଇଁ ଫର୍ମ ନମ୍ବର ୮ରେ ଆବେଦନ କରିପାରିବେ। ନଭେମ୍ବର ୧, ୧୦, ୧୬ ଓ ୨୪ ତାରିଖରେ ବୁଥ୍ ଲେଭେଲ ଅଧିକାରୀମାନେ ନିଜ ବୁଥ୍‌ରେ ରହି ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କଠାରୁ ଫର୍ମ ସଂଗ୍ରହ କରିବେ। ସଂଶୋଧନ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ସମସ୍ତ ଜନସାଧାରଣ ବିଶେଷ କରି ଯୁବ ଭୋଟର ଭୋଟର ତାଲିକାରେ ପଞ୍ଜୀକରଣ କରି ଗଣତନ୍ତ୍ରର ଏହି ବୃହତ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ବିକଶିତ ରାଷ୍ଟ୍ର ଗଠନରେ ଭାଗୀଦାର ହେବା ପାଇଁ ଜିଲାପାଳ ପାୱାର ସଚିନ ପ୍ରକାଶ ଆହ୍ୱାନ ଦେଇଥିଲେ।

# କ୍ଷେତ୍ର ପରିଦର୍ଶନ କଲେ କୃଷି ବୈଜ୍ଞାନିକ, ଅଧିକାରୀ

## ଧାନ କିଆରିରେ ଚାଷୀ ନିଆଁ ଲଗାଇବା ଘଟଣା

**ବେହେରା,୨୯।୧୦(ଭୂପେଶ ତିୱାରୀ)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମ ପଞ୍ଚାୟତରେ ବିପିଏଚ୍ ରୋଗ କବଳରେ ଧାନ ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଛି। ନାମୀଦାମୀ କୀଟନାଶକ ସିଞ୍ଚନ ସତ୍ତ୍ୱେ ରୋଗ ନିୟନ୍ତ୍ରିତ ହୋଇପାରୁ ନାହିଁ। ଶେଷରେ ଚାଷୀ ହତାଶ ହୋଇ ପାଳଗଦା ପାଳଟିଥିବା ଅମଳକ୍ଷମ ଧାନ ଫସଲରେ ନିଆଁ ଲଗାଇଛନ୍ତି। ଏହି ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ତତ୍ପରତା ଦେଖାଇଛି କୃଷି ବିଭାଗ। କୃଷି ବିଜ୍ଞାନ କେନ୍ଦ୍ର ଭବାନୀପାଟଣାର ବରିଷ୍ଠ ବୈଜ୍ଞାନିକ ଅମିତାଭ ପଣ୍ଡା, ଓୟୁଏଟି କୀଟ ତତ୍ତ୍ୱ ବିଭାଗ ପ୍ରଫେସର ସନ୍ଦିପ୍ତ ନାଏକ, କୃଷି ଯୋଜନା ଅଧିକାରୀ ବିଶ୍ୱନାଥ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର କଳାହାଣ୍ଡିର ବୈଜ୍ଞାନିକ ତ୍ରିବିଜୟ ବଡ଼ଜେନା ପହଞ୍ଚି ପ୍ରଭାବିତ ରୋଗପୋକ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ବ୍ୟବହାର କରୁଥିବା ଔଷଧପତ୍ର ଯାଞ୍ଚ କରି ରୋଗର ନିରାକରଣ ପାଇଁ ପରାମର୍ଶ ଦେଇଥିଲେ। ପୂର୍ବରୁ ଜିଲା କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ମେହେର, ସହକାରୀ କୃଷି ଅଧିକାରୀ ହେମାନନ୍ଦ ମାଝି, କମଳେଶ ଶବର, ବିଟିଏମ୍ ଦେବାଶିଷ ଚାନ୍ଦ କ୍ଷୟକ୍ଷତି ହୋଇଥିବା ଜମି ପରିଦର୍ଶନ କରିଥିଲେ। ଅନ୍ୟସବୁ ପ୍ରଭାବିତ ଜମି ସର୍ଭେ କରିବା ପାଇଁ ଅଳ୍ପଦିନ ମଧ୍ୟରେ ଆଉ ଏକ ଟିମ୍ ଆସିବ, ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରେରଣ କରାଯାଇ ଚାଷୀଙ୍କୁ ସହଯୋଗ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ପ୍ରତିଶ୍ରୁତି ପୂରଣ ନ ହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।



ମହୋତ୍ସବରେ କୁନି କୁନି ଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ

**ଭବାନୀପାଟଣା,୨୯।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରଜମୋହନ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଆୟୋଜିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରି ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଏବିଇଓ ଜୟକୁମାର ମାଝି, ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ଏବିଇଓ ହୃଷୀକେଶ ନାଏକ, ଚିତ୍ରଶିଳ୍ପୀ ପ୍ରଭାସ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଏଡିଇଓ ପବିତ୍ର ମୋହନ ସାହୁ, ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବ୍ଲକର ୧୮ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କଳା ଉତ୍ସବ ଅନ୍ତର୍ଗତ ଏକକ ଓ ଦଳଗତ କଣ୍ଠ ସଂଗୀତ, ଯନ୍ତ୍ର ସଂଗୀତ, ନୃତ୍ୟ, ଅଭିନୟ, ଚାରୁକଳା ଆଦି ପ୍ରତିଯୋଗିତା କରଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ର ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ ଯୋଗଦେବେ।

### ବର୍ଷାରେ ନଷ୍ଟ ହେଉଛି ଅମଳକ୍ଷମ ଧାନ

**ନୂଆପଡ଼ା,୨୯।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଝଡବର୍ଷା ଯୋଗୁ ପାଚିଲା ଧାନ ଝଡିବାରେ ଲାଗିଛି। ବର୍ତ୍ତମାନ ଧାନ କାଟିବା ସମୟ। କେତେଜଣ ଚାଷୀ ଧାନ କାଟି ଖଳାରେ ଗଦା କରିଥିବାବେଳେ ଆଉ କେତେକଙ୍କ ଜମିରେ ଧାନ କାଟିବା ଅବସ୍ଥାରେ ରହିଛି। ଏପରିସ୍ଥଳେ ଝିପିଝିପି ବର୍ଷା ସେମାନେଙ୍କୁ ଚିନ୍ତାରେ ପକାଇଛି। ଅତ୍ୟଧିକ ବର୍ଷା ହେଲେ ବିଲରେ ପାଚିଥିବା ଧାନ ଗଜା ହୋଇଯିବ। ଏହାଛଡା ବର୍ଷାରେ ଭିଜିଲେ ଧାନର ରଙ୍ଗ ବଦଳି ମାନ କମିବା ସହ ବଜାର ମୂଲ୍ୟ ମଧ କମିଯିବ। ଚାଷୀ ଦୁଇ ପଇସା ଅଧିକ ଲାଭ ଆଶାରେ ଥିବାବେଳେ ଅଦିନିଆ ବର୍ଷା ଦାଉ ସାଧୁଛି। ଡାଲି ଜାତୀୟ ଫସଲ ହରଡ, ମୁଗ, ବିରି ଆଦି ଫସଲରେ ଫୁଲ ଝଡି ଯାଉଥିବାବେଳେ ଅର୍ଥକରୀ ଫସଲ କପା ଝଡି ବର୍ଷାରେ କଳା ରଙ୍ଗ ହେଉଥିବାରୁ ମାନ କମି ଯିବାର ମଧ ସମ୍ଭାବନା ରହିଛି। ପନିପରିବା ଚାଷ ପଚିଶଢ଼ି ନଷ୍ଟ ହେବାରେ ଲାଗିଛି।

# ଜିଲା ପ୍ରତିଷ୍ଠା ଦିବସ ପାଇଁ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା



ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ।

**କୋକସରା,୨୯।୧୦ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

ନଭେମ୍ବର ୧ରେ କଳାହାଣ୍ଡି ଜିଲାର ୭୫ତମ ପ୍ରତିଷ୍ଠା ଦିବସ ପାଳନ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୋକସରା ବ୍ଲକସ୍ତରୀୟ ପ୍ରତିଯୋଗିତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବର୍ଗରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଓ କନିଷ୍ଠ ବର୍ଗରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କଳାହାଣ୍ଡି ଜିଲା ଅତୀତ, ବର୍ତ୍ତମାନ, ପରମ୍ପରା, କଳା ସଂସ୍କୃତି, ରଚନା, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲଙ୍କ ତତ୍ତ୍ୱାବଧାନରେ କୋକସରା ଗୋଷ୍ଠୀ ଶିକ୍ଷା ବିଭାଗର ବିଆର୍‌ସିସି ତୋଫାନ ମାଝିଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସି ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ଲକ ସ୍ତରରେ ଯେଉଁ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# 'ମୁକ୍ତ ବିଚାର ମଞ୍ଚ'ର ଆଲୋଚନାଚକ୍ର

**ଖଡ଼ିଆଲ,୨୯।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ପବ୍ଲିକ୍ ସ୍କୁଲ ପରିସରରେ ମୁକ୍ତ ବିଚାର ମଞ୍ଚର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'କାନାଡା ସହ କୂଟନୈତିକ ସମ୍ପର୍କ ଛେଦନ ଉଚିତ ପଦକ୍ଷେପ' ପ୍ରସଙ୍ଗ ସପକ୍ଷରେ ଅଧ୍ୟାପିକା ସଞ୍ଜୀବନୀ ସୁଧା ରଥ ଓ ଅଦିତି ଅଗ୍ରୱାଲ ଏବଂ ବିପକ୍ଷରେ ଆଇନଜ୍ଞ ବୀରେନ୍ଦ୍ର ପାଣିଗ୍ରାହୀ ଓ ମାମିନା ସାହୁ ମତ ଉପସ୍ଥାପନ କରିଥିଲେ। ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜି ସଭାରେ ସଭାପତିତ୍ୱ କରିଥିଲେ। ଖଡ଼ିଆଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରଶ୍ନୋତ୍ତରରେ ଅଂଶଗ୍ରହଣ କରିଥିଲେ। ସର୍ବଶ୍ରୀ ଲୋହିତାକ୍ଷ



ପ୍ରଶ୍ନୋତ୍ତରରେ ଭାଗନେଇଥିବା ବୁଦ୍ଧିଜୀବୀ।

ଜୋଷୀ, ସାମୁଏଲ ଦାନି, ପଦ୍ମଲୋଚନ ବର୍ମା, ଶିରି ଶଙ୍କର ବାରିକ, ସୁଶାନ୍ତ ବିଶି, କୈଳାସ ଅଗ୍ରୱାଲ, ଧୀରଜ ତୟାଲ, ଠାକୁରଦାସ ମହାନନ୍ଦ, କିଶୋର ବାଗ, କାର୍ତ୍ତିକ ବାଗ ପ୍ରମୁଖ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆକାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୋଡ଼ାବନ୍ଧଠାରେ କୃଷକ ସଚେତନତା ଶିବିର

**ଲାଞ୍ଜିଗଡ଼,୨୯।୧୦(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଯୋଡବନ୍ଧଠାରେ ମଙ୍ଗଳବାର କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନାବାର୍ଡର ରାଜ୍ୟ ମୁଖ୍ୟ ମହାପ୍ରବନ୍ଧକ ଡ଼. ସୁଧାଂଶୁ କେ.କେ. ମିଶ୍ର ଓ ଓମ୍ନି ଆକ୍ଟିଭର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ମାରିୱାଲା ଯୋଗଦେଇ ସୁବର୍ଣ୍ଣ ଉତ୍କଳ ନାମକ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାଶକ୍ତି ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ ଏହି ପ୍ରକଳ୍ପର ଗେଣ୍ଡୁଫୁଲ ଚାଷ ଉପରେ ଆଲୋକପାତ କରିଥିଲେ। ଏଥିରେ ହ୍ୟୁମାନ ଭେଞ୍ଚରର ଏମ୍‌ଡି କାର୍ତ୍ତିକ ଆୟାର, ନାବାର୍ଡ ଡିଜିଏମ୍ ସମୀର ସାମନ୍ତରା, ବେଦାନ୍ତ ଆଲୁମିନା ସିଏସ୍‌ଆର୍ ମୁଖ୍ୟ ଶିଶିର ତରପଦାର, ନାବାର୍ଡ କଳାହାଣ୍ଡି ଡ଼ିଡ଼ିଏମ୍ ମହେଶ୍ୱର ଦାସ, ଏଆର୍‌ସିଏସ୍ ମଳୟ ମେହେର, ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝି ଯୋଗଦେଇଥିଲେ।

# ଧନପୁରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ମହିଳାଙ୍କୁ ହାତ ଧୋଇବା ପ୍ରଣାଳୀ ଶିଖାଯାଉଛି।

**କଳମପୁର,୨୯।୧୦(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ମୀନଗୁର ପଞ୍ଚାୟତ ଧନପୁର ଗ୍ରାମର ଲଙ୍କେଶ୍ୱରୀ ମନ୍ଦିର ପଡ଼ାଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସେବା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ, ବିଷ୍ଣୁପ୍ରିୟା, ମା' ଲକ୍ଷ୍ମୀବାଈ, ମା' ମହାମାୟୀ, ମା' ସରସ୍ୱତୀ, ମା' ଖମାରଦେଈ ଓ ଧନଦେଈ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମାଝି ଏହାକୁ ପରିଚାଳନା କରିଥିଲେ। ସାଧନ କର୍ମୀ ଭାବେ ସସ୍ମିତା ନାଏକ, ବୁନୁ ବେହେରା, ପ୍ରଫୁଲ୍ଲ ମାଝି, ଜିପିଏଲ୍‌ଏଫ୍ ଶଙ୍କର ପ୍ରସାଦ ରାଉତ ଯୋଗଦେଇ କିଭଳି ସଫାସୁତୁରା ରହିବା ଓ ହାତ ଧୋଇବା ପ୍ରଣାଳୀ ଉପରେ ମହିଳାମାନଙ୍କୁ ଅବଗତ କରିଥିଲେ। ସଂଗଠନ ସଭାପତି ସଞ୍ଜୀବ କୁମାର ଠାକୁର, ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, କୋଷାଧକ୍ଷ ଲଳିତ କୁମାର ବିଶି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏଭଳି କାର୍ଯ୍ୟକ୍ରମ କରି ଜନସାଧାରଣଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯିବ ବୋଲି କହିଥିଲେ।

# ଭୋଟର ତାଲିକା ସଂଶୋଧନ ସଚେତନତା ପଥ ଉତ୍ସବ

**ନୂଆପଡ଼ା,୨୯।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ସଚେତନତା ଉପଲକ୍ଷେ ମଙ୍ଗଳବାର ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ୱାକାଥନକୁ ସବୁଜ ପତାକା ଦେଖାଇ ଜିଲାପାଳ ଶୁଭାରମ୍ଭ କରିଥିଲେ। ପରେ ଜିଲା ସଦର ମହକୁମା ଏକତା ଛକଠାରେ ଏକ ସାଧାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏପିଡି ଯୋଗେଶ୍ୱର ଭୋଇ, ଉପଜିଲାପାଳ ଯୋଗେନ୍ଦ୍ର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଉପଲକ୍ଷେ ପଦଯାତ୍ରା, ରଙ୍ଗୋଲି, ସେଲଫି ପଏଣ୍ଟ, ସ୍ୱାକ୍ଷର କାନ୍‌ଭାସ, ମ୍ୟୁଜିକ ଚେୟାର, କୁଇଜ, ଚିତ୍ରାଙ୍କନ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ବିଦ୍ୟାଳୟ ଛାତରୁ ଖସିଲା ସିମେଣ୍ଟ ପ୍ଲାଷ୍ଟର

**ନୂଆପଡ଼ା,୨୯।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋଠରି ମରାମତି କାର୍ଯ୍ୟ ଚାଲିଥିବାବେଳେ ରବିବାର ହଠାତ୍ ଏକ ଶ୍ରେଣୀ କୋଠରି ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିପଡିଥିଲା। ସୋମବାର ପିଲାମାନେ ଏହା ଜାଣିବା ପରେ ଭୟରେ କୋଠରିରେ ନ ବସି ବାରଣ୍ଡାରେ ବସି ପାଠ ପଢିଥିଲେ। ଏ ନେଇ ଗ୍ରାମବାସୀ ମଙ୍ଗଳବାର ନୂଆପଡ଼ା ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ସୂଚନା ମୁତାବକ ୧୯୭୧ରେ ବାଗମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲେ ମଧ ଭଲ ଶ୍ରେଣୀ କୋଠରିଟିଏ ନାହିଁ। ୧୧୪ ଜଣ ଛାତ୍ରୀଛାତ୍ର ଥିବାବେଳେ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି।



ବାଗମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**ଭୟରେ ଛାତ୍ରୀଛାତ୍ର, ଅଭିଭାବକ**

୬ଟି ଶ୍ରେଣୀ କୋଠରି ମଧ୍ୟରୁ ୨ଟି ଠିକ୍ ଥିବାବେଳେ ୪ଟି ଭାଙ୍ଗିରୁଜି ଗଲାଣି। ଯଥାଶୀଘ୍ର ନୂତନ ଶ୍ରେଣୀ କୋଠରି, ଡ୍ୟାମେଜ କୋଠରିକୁ ମରାମତି ଓ ନୂତନ ରୋଷେଇ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ଜେଇଙ୍କୁ ପଠାଇ ତଦନ୍ତ କରିବେ। ତଦନ୍ତ ରିପୋର୍ଟ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ମହିଳା କଲେଜରେ ସ୍ୱାଗତ ଉତ୍ସବ

**ରିଷିଡ଼ା,୨୯।୧୦(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ପିରବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପ୍ରଥମବର୍ଷ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ପ୍ରତିଷ୍ଠାତା ମୁରଲୀଧର ରଣା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ବିଇଓ ହୃଷୀକେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟକ୍ଷ ଯଶୋବନ୍ତ ରଣା ସଭାପତିତ୍ୱ କରିଥିବା ବେଳେ ସାମାଜିକ ବିଜ୍ଞାନ ଅଧ୍ୟାପିକା ପିଙ୍କି ଜାନି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ଅଧ୍ୟାପିକା ଇପ୍ସିତା ରଣା, ଇତିହାସ ଅଧ୍ୟାପକ ଭୁବନେଶ୍ୱର ଗହୀର, ସୁମନ୍ତ ରଣା, ହରେକୃଷ୍ଣ ସାହୁ, ପ୍ରସନ୍ନ ରଣା, ବିଳାସିନୀ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ପଥ ଉତ୍ସବ, ସଚେତନତା ଶୋଭାଯାତ୍ରା

**ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଭୋଟର ତାଲିକାରେ ନୂତନ ନାମ ସଂଯୋଗ ଓ ସଂଶୋଧନ କାର୍ଯ୍ୟକ୍ରମ ଚାଲୁଛି। ମଙ୍ଗଳବାର ସୁବର୍ଣ୍ଣପୁର ପ୍ରଶାସନ ପକ୍ଷରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୫ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ସହ ସୋନପୁର ବ୍ଲକ ଛକଠାରେ ଶିକ୍ଷା ସୂଚନା ଓ ସାଂସ୍କୃତିକ ସମାରୋହ ସମ୍ମିଳିତ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ନିର୍ବାଚନ ଶାଖା ଦ୍ୱାରା ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବ୍ଲକ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହେଇଥିଲା। ଜିଲାପାଳ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରାକୁ ଉଦ୍ଘାଟନ କରିଥିଲେ। ସ୍ୱଚ୍ଛ ଭାରତ, ଇନଫିନିଟି କ୍ଲବ, ସୋନପୁର କଲେଜ ଏନସିସି, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ପଦ୍ମିନୀ ଦେବୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ମାନବ ଶୃଙ୍ଖଳ ଓ ମାର୍ଶଲ ଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଶୋଭାଯାତ୍ରା ବ୍ଲକ ଛକରେ ପହଞ୍ଚିବା ପରେ ପାଠୋତ୍ସବ, ସଚେତନତା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତେ ଭୋଟରେ ଅଂଶଗ୍ରହଣ କରି ମତଦାନ ହାର ରେକର୍ଡକୁ ଏକ ନମ୍ବର ସ୍ଥାନରେ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀଙ୍କୁ ଆହ୍ୱାନ କରିଥିଲେ। ଉପଜିଲାପାଳ ତଥା ସୋନପୁର ଇଆରଓ ଡ଼ ସୌମ୍ୟାରୂପା ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ନିର୍ବାଚନ ଶାଖା ଯଶସ୍ୱିନୀ ପୋଥାଳ, ସହକାରୀ ଜିଲାପାଳ ଅଜିତ ତ୍ରିପାଠୀ ଯୋଗଦେଇ ନୂତନ ଭୋଟରମାନଙ୍କୁ ଉତ୍ସାହିତ କରିଥିଲେ। ସଭାରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ସ୍କୁଲ କଲେଜର ଛାତ୍ରୀଛାତ୍ର, ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ବ୍ୟବସାୟୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା, ରଚନା ଲିଖନ, କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ରଙ୍ଗୋଲି, ଆର୍ଟ ଓ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ର ତଥା ମହାବିଦ୍ୟାଳୟ ଅଧକ୍ଷ ଏବଂ ବିଏଲଓ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାକୁ ନୀଳାମ୍ବର ଶତପଥୀ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଭିନାଶ ହୋତା ସଂଯୋଜନା କରିଥିଲେ।

# ଉଲୁଣ୍ଡା ଧନୁଯାତ୍ରା ପାଇଁ କଂସ ବରଣ


କଂସଭାବେ ଅଭିନେତା ସୁଶୀଲ ମେହେରଙ୍କୁ ବରଣ କରାଯାଉଛି।

**ଉଲୁଣ୍ଡା, ୨୯।୧୦(ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ପନ୍ନ ହୋଇଛି। ଚଳିତବର୍ଷ ଏଥି ନିମନ୍ତେ ବରଗଡ଼ ଜିଲା ଚିଚିଣ୍ଡାର ସୁଶିଲ କୁମାର ମେହେରଙ୍କୁ ସଭାପତି ହିମାଂଶୁ ତ୍ରିପାଠୀ ନାରିକେଲ, ଫୁଲତୋଡା ଓ ଉତ୍ତରୀୟ ଦେଇ ବରଣ କରିଥିଲେ। ଏଥିରେ ଗୋବିନ୍ଦ ଦାସ ତରାଇ, ଗୋପାଳ ପଣ୍ଡା, ଧର୍ମ ପଣ୍ଡା, ଯୁଧିଷ୍ଠିର ତରାଇ, ରାଧାଚରଣ ମହାକୁର, ସନ୍ତୋଷ ଭୁକ୍ତା, ଅଶୋକ କୁଲିହା ଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ। ଏ ବର୍ଷ ଧନୁଯାତ୍ରା ୧୭ ଡିସେମ୍ବରରୁ ୨୭ ପର୍ଯ୍ୟନ୍ତ ୧୧ ଦିନ ହେବ ବୋଲି ସଭାପତି ଘୋଷଣା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଗ୍ରାମସଭା

**ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ତରଫରୁ ସମଗ୍ର ଦେଶରେ ୨୯ ଅକ୍ଟୋବରରୁ ୩ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ସୁବର୍ଣ୍ଣପୁର ଦୁର୍ନୀତି ନିବାରଣ ବିଭଗ ଓ ଉଲୁଣ୍ଡା ମଧ୍ୟ ଡୁଙ୍ଗୁରିପାଲି ବ୍ଲକ ପ୍ରଶାସନ ମିଳିତ ସହଯୋଗରେ ବ୍ଲକ ଅଧୀନ ରାମପୁର ଓ ସରଗୁଲ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଥଲା। ଏଥିରେ ପଞ୍ଚାୟତ ସରପଞ୍ଚ, ନିର୍ବାହୀ ଅଧିକାରୀ, ୱାର୍ଡ ସଭ୍ୟ, ଜନସାଧାରଣ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟ, ସ୍ୱୟଂ ସହାୟକ ସଦସ୍ୟା, ତଥା ତୃଣମୂଳସ୍ତରରେ କାର୍ଯ୍ୟରତ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ଭିଜିଲାନ୍ସ ଡିଏସ୍‌ପି ରିତାଞ୍ଜଳି ପ୍ରଧାନ ଉପସ୍ଥିତ ରହି ଜନସାଧାରଣଙ୍କୁ ଦୁର୍ନୀତିର ପ୍ରକାର, ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ତଥା ଦୁର୍ନୀତି ସମ୍ବନ୍ଧରେ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ରାମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ମନୋଜ କୁମାର ପୁରୋହିତ, ରଞ୍ଜନ ବେହେରା, ବବିତା ଦୀପ, ମହିଳା ସ୍ୱୟଂ ସହାୟକ ସଦସ୍ୟା, ଏମବିକେ, ୱାର୍ଡ ସଦସ୍ୟ, ରଞ୍ଜୁଶ୍ରୀ ମିଶ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ସରଗୁଲ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସରପଞ୍ଚ କୁଞ୍ଜିତା ପାଣ୍ଡେ, ସବିତା ବାଙ୍କ, ବନିତା ସାହୁ, ଉତ୍କଳ କୁମାର ରଣା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗର ନନ୍ଦ କିଶୋର ବଗର୍ତ୍ତୀ ତଥା ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଭାରତ ଗଠନରେ ଛାତ୍ରୀଛାତ୍ର ଆଗଭର ହୁଅନ୍ତୁ



ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି,୨୯।୧୦(ପୀତାମ୍ବର ସାହୁ)**

## ବୀରମହାରାଜପୁର କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଧାପକ ବିଜୟ କୁମାର ପୁରୋହିତ, ସମ୍ମାନୀତ ଅତିଥିଭାବେ ଅଧାପକ ଶିବ କୁମାର ପୁରୋହିତ, ଅଧାପକ ନରେନ୍ଦ୍ର ଝା ଯୋଗଦେଇ ନିଶାମୁକ୍ତ ଭାରତ ଗଠନରେ ମତ ପ୍ରକାଶ କରିଥିଲେ। ଅଧକ୍ଷ ଡ. ପାଢୀ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ର ନିଶାମୁକ୍ତ ଭାରତ ଗଠନରେ ଆଗଭର ହୁଅନ୍ତୁ ବୋଲି କହିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ ସୃଜନିକା ପଣ୍ଡା, ଅର୍ପିତା ପଣ୍ଡା ଓ ଚନ୍ଦ୍ରିକା କର୍ଣ୍ଣଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଯାମିନୀ ଦାଶ ସଭା ପରିଚାଳନା କରିଥିବା ବେଳେ ଛାତ୍ରୀ ସୃଜନୀକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ସଭାରେ ଅଧାପକ ବିଜୟ ପଧାନ, ଡ. ଶିଶିର ବଣିଆ, ଅଧାପିକା ଡ. ବନ୍ଦିତା ବିଶାଳ, ହରପ୍ରିୟା ମହାପାତ୍ର, ମାଳତି ନାଏକ, ଡେମନଷ୍ଟ୍ରେଟର ବଳରାମ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିପୂର୍ବରୁ ସୋମବାର ନିଶାମୁକ୍ତ ଭାରତ ନିର୍ମାଣ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାପରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସଂକ୍ଷିପ୍ତ ଭୋଟର ସଂଶୋଧନ ପାଇଁ ପଥ ଉତ୍ସବ

**ଅମରପାଲି,୨୯।୧୦(ପୀତାମ୍ବର ସାହୁ)**


ବୀରମହାରାଜପୁର ପଥଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଭୋଟର ପଞ୍ଜୀକରଣ ପାଇଁ ନୃତ୍ୟଗୀତ ମାଧ୍ୟମରେ ସଚେତନ

ସୁବର୍ଣ୍ଣପୁରଜିଲା ବୀରମହାରାଜପୁରଠାରେ ଉପଖଣ୍ଡସ୍ତରୀୟ ୱାକାଥନ ବା ପଥ ଉତ୍ସବ-ଅନୁଷ୍ଠିତ ହୋଇଯାଇଛି। ୧୮ ବର୍ଷ ହେଲେ ଭୋଟର ପଞ୍ଜିକରଣରେ ସାମିଲ ହେବା, ଭୋଟ ଦେବା ଓ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ସମସ୍ତ ନାଗରିକ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ୱାକାଥନ ଓ ପଥ ଉତ୍ସବ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି ଉପସ୍ଥିତ ଅତିଥି ଓ ଅଧିକାରୀ। ଏହି ଉପଲକ୍ଷେ ବୀରମହାରାଜପୁର ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଲଲାଟେନ୍ଦୁ ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ରେଭିନ୍ୟୁ ଅଫିସର ଉପେନ୍ଦ୍ର ଦାଶ, ତହସିଲଦାର ପୁନମ ମହାପାତ୍ର, ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ବାସୁଦବ ଛତ୍ରିଆ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀ ନାରାୟଣ ସାହୁ, ଅଧାପକ ସତ୍ୟ ନାରାୟଣ ଦାଶ, ଗିରିଧାରୀ ହୋତା ସଂଯୋଜନା କରିଥିଲେ। ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ମହିଳା ଶିଶୁ କଲ୍ୟାଣ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗର ପ୍ରଶାସନିକ କର୍ମଚାରୀ ଓ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ପରେ ପରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗୋଲି, କୁଇଜ, ନୃତ୍ୟ, ବଂଶୀବାଦନ, ସଙ୍ଗୀତ, ମ୍ୟୁଜିକ ଶୋ, ଲୋକ ନୃତ୍ୟ, ଲୋକ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଗଞ୍ଜେଇ, ବାଇକ୍ ଜବତ: ୩ ଗିରଫ

**ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଅବକାରୀ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ସହର ଓ ବିନିକାରେ ମଙ୍ଗଳବାର ଚଢାଉ କରାଯାଇଥିଲା। ସୁବର୍ଣ୍ଣପୁର ବୁଢାରଜା ଛକରେ ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଏକ ସ୍କୁଟି ନଂ ଓଡି୧୫ଏକ୍ସ-୧୨୨୬କୁ ଅଟକ ରଖି ତନଖି ସମୟରେ ୫କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲେଖାପର୍ବତ ଅଞ୍ଚଳର ଜିତେନ୍ଦ୍ର କ୍ଷେତି(୨୪)ଙ୍କୁ ଗିରଫ କରାଯାଇଛି। ସେହିପରି ବିନିକା ଅବକାରୀ ଥାନା ପକ୍ଷରୁ ବିଜୁ ପାର୍କ ଛକଠାରେ ତନଖି ସମୟରେ ଏକ ବାଇକ୍ ଆରୋହୀଙ୍କ ନିକଟରୁ ୧୦କିଲୋ ଗଞ୍ଜେଇ ମିଳିଥିଲା। ଅବକାରୀ ବିଭାଗ ପକ୍ଷରୁ ବ୍ୟବହୃତ ବାଇକ୍ ନଂ ଓଡି୩୧ଇ-୪୯୨୧କୁ ଜବତ କରାଯାଇଛି। ଏହି ଘଟଣାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଝରାପଡା ଗ୍ରାମର ମିଥୁନ ନାଏକ(୩୫) ଓ ମନ୍ମଥ ନାଏକ(୪୦)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗର ଜିଲା ମୋବାଇଲ ଟିମ୍ ଓ ବିନିକା ଅବକାରୀ ଥାନା ପକ୍ଷରୁ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି। ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ ସା, ମୋବାଇଲ ଇନିସପେକ୍ଟର ହର ପ୍ରସାଦ ରଣା, ବିନିକା ସବ୍‌ଇନିସପେକ୍ଟର ରାମଚନ୍ଦ୍ର ପଟ୍ଟନାୟକ ଓ ମୋବାଇଲ୍ ସବ୍‌ଇନିସପେକ୍ଟର ବିଶ୍ୱନାଥ ଭୋଇ ଏହି ଚଢାଉରେ ସାମିଲ ହୋଇଥିଲେ।

# ସଚେତନତା, ସନ୍ତୁଳିତ ଖାଦ୍ୟ ଷ୍ଟ୍ରୋକ୍‌ରୁ ରକ୍ଷା କରେ


ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଅମରପାଲି,୨୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡ଼ାକ୍ତରଖାନା ଅଧୀନ ଜଟେସିଂହା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞାପରିମିତା ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସରେ ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା, ସମ୍ପୃକ୍ତ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ସାହୁ, ଆଶାକର୍ମୀ ଗୀତାଞ୍ଜଳି ଭୋଇ, ଭାନୁମତୀ ସାହୁ, ଗୀତାଞ୍ଜଳି ସେଠି, ଅନୁଶୟା ମଲ୍ଲିକ, ସୁକାନ୍ତି ସାହୁ, ଗୀତାଞ୍ଜଳି ଜଗଦଲା, ଝୁନୁ ଖମାରୀ, ପୁଷ୍ପା ପଧାନ, ପୂର୍ଣ୍ଣମାସୀ ଭୋଇ ଏବଂ ସଚେତନ ଗ୍ରାମବାସୀ ଯୋଗଦାନ କରିଥିଲେ। ଷ୍ଟ୍ରୋକ ବିଷୟରେ ସଚେତନତାର ଅଭାବରୁ ପ୍ରତିବର୍ଷ ଭାରତରେ ପ୍ରାୟ ୧୩ ଲକ୍ଷ ଲୋକ ପ୍ରାଣ ହରାନ୍ତି । ଲୋକଙ୍କୁ ଷ୍ଟ୍ରୋକ ବିଷୟରେ ସଚେତନ କରାଇବା ଏବଂ ଏହାକୁ ରୋକିବା ପାଇଁ ଅକ୍ଟୋବର ୨୯ ତାରିଖ ଷ୍ଟ୍ରୋକ ଡେ ଭାବେ ପାଳନ କରାଯାଏ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହୋତା ପ୍ରକାଶ କରିଥିଲେ। ସରକାରଙ୍କଠାରୁ ମିଳୁଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗ ଓ ସହାୟତା ଯଥା ସରକାରୀ ଡାକ୍ତରଖାନାମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ସିଟି ସ୍କାନ, ଏମଆର୍‌ଆଇ ଆଦି ବିଷୟରେ ସୂଚନା ଦେବା ସହିତ କମ୍ ଲୁଣ ଖାଇବା, ଅଧିକ ତନ୍ତୁଯୁକ୍ତ ଖାଦ୍ୟ ଖାଇବା ଏବଂ କମ୍ ଚର୍ବିଯୁକ୍ତ ଖାଇ ରକ୍ତଚାପକୁ ନିୟନ୍ତ୍ରଣ ରେ ରଖିବାକୁ ପରାମର୍ଶ ଦେଇଥିଲେ। ଧୂମପାନ ବର୍ଜନ, ନିୟମିତ ଯୋଗ, ପ୍ରାଣାୟମ ଓ ବ୍ୟାୟାମ ଆଦି ଅଭ୍ୟାସ ଦ୍ୱାରା ଷ୍ଟ୍ରୋକକୁ ଏଡାଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ମନୁଷ୍ୟ ଜୀବନ ଅତି ମହାର୍ଘ। ଏଣୁ ଏ ବର୍ଷର ଥିମ୍ ଜୀବନ ଷ୍ଟ୍ରୋକରୁ ଊର୍ଦ୍ଧ୍ୱରେ ନୀତିକୁ ପାଳନ କରିବାକୁ ବିଶ୍ୱ ଷ୍ଟ୍ରୋକ ଡେ' ରେ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

# ବନ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଲେ


ଗ୍ରାମବାସୀ ବନବିଭାଗ ଟିମ୍‌ଙ୍କୁ ଅଟକ ରହିଛନ୍ତି।

**ଖୁଣ୍ଟିଗୋରା,୨୯।୧୦(ମକରନ୍ଦ ସାହୁ)**

## ତଦନ୍ତ ପାଇଁ ଆସିଥିଲେ

ମଙ୍ଗଳବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ନାଦେନ ଗ୍ରାମରେ ରାସ୍ତା କାମ ବନ୍ଦକୁ ନେଇ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଦୀର୍ଘ ୪ ଘଣ୍ଟା ଧରି ଅଟକ ରଖିଥିବା ଜଣାଯାଇଛି । ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ନାରାୟଣ ପ୍ରସାଦରୁ ନାଦେନ,କଲରାଖୁଟା ଓ ଖୁଣ୍ଟିଗୋରାକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଗତ କିଛି ମାସ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା । ରାସ୍ତା କାମକୁ ନେଇ ଅଞ୍ଚଳବାସୀ ଉତ୍ସାହିତ ଥିଲେ । କିନ୍ତୁ ଏହି ୧୪ କି.ମି ରାସ୍ତା ଜଙ୍ଗଲ ମଧ ଦେଇ ଯାଉଥିବା ବେଳେ ବନ ବିଭାଗର ଅନୁମତି ନାହିଁ । ଫଳରେ ବନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା କାମକୁ ୧ ମାସ ହେବ ବନ୍ଦ କରି ଦିଆଯାଇଛି। କଣ୍ଟାମାଳ ରେଞ୍ଜ ଅଞ୍ଚଳରେ ପୂର୍ବରୁ ବହୁ ସଂଖ୍ୟକ କେନ୍ଦୁଗଛ କଟାଯାଇ ଗଣ୍ଡି ଚୋରା ଚାଲାଣ ହୋଇଥିବାରୁ ଏହାର ତଦନ୍ତ ପାଇଁ ବୌଦ୍ଧରୁ ଏସିଏଫ ଟିମ ତଦନ୍ତ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ନାଦେନ ଗ୍ରାମକୁ ଯାଇଥିଲେ । ଏହି ସମୟରେ ରାସ୍ତା କାମ ବନ୍ଦ ହୋଇଥିବାରୁ ଗ୍ରାମବାସୀ ଏସିଏଫ ଟିମ୍‌କୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ । ତୁରନ୍ତ ବନ୍ଦ ରାସ୍ତା କାମ ଚାଲୁ କରିବାକୁ ଉତ୍ତ୍ୟକ୍ତ ଗ୍ରାମବାସୀ ଦାବି କରିଥିଲେ। ଖବରପାଇ ଘଣ୍ଟାପଡ଼ା ପୋଲିସ ଟିମ ପହଞ୍ଚି ଆରଡ଼ି ବିଭାଗ ଏସଡିଓଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ। ତୁରନ୍ତ ରାସ୍ତା କାମ ଆରମ୍ଭ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ମିଳିବା ପରେ ବନବିଭାଗ କର୍ମଚାରୀମାନଙ୍କୁ ଛାଡ଼ି ଦିଆଯାଇଥିଲା।

# ଭୋଟର ତାଲିକା ସଂଶୋଧନ ନେଇ ପଥ ଉତ୍ସବ

**ବୌଦ୍ଧ,୨୯।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ନେଇ ଏକ ପଥ ଉତ୍ସବ ଓ ୱାକଥନ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପଥ ଉତ୍ସବ ଜିଲା ସଂଗ୍ରହାଳୟରୁ ବାହାରି ସହରର ୱାରଲେସ ଛକ , ଗାନ୍ଧୀ ଛକ ଦେଇ ଟାଉନହଲଠାରେ ପହଞ୍ଚି ଥିଲା। ଏହି ପଥ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରେ ଟାଉନହଲଠାରେ ମୁଖ୍ୟଅତିଥି ଭାବେ ଜିଲାପାଳ ତଥା ଜିଲାନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା କଣ୍ଟାମାଳ (୮୫) ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଅନିରୁଦ୍ଧ ପଧାନ, ବୌଦ୍ଧ(୮୬) ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ୧୮ ବର୍ଷରୁ ଅଧିକ ସମସ୍ତେ ଏହି ଭୋଟର ପକ୍ରିୟାରେ ସାମିଲ ହୋଇ ନିଜ ନାମ ପଞ୍ଜୀକୃତ କରିବା, ନୂତନ ଭୋଟର ସଂଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଥିଲା। ଭିନ୍ନକ୍ଷମ ଭୋଟର ରଞ୍ଜନ ଜଗଦଲା, ଦୟାନିଧି ମେହେର, ଗଣେଶ୍ୱର ଭୋକ୍ତା, ସାନନ୍ଦ ଭୋଇ, ଭରତ ନାଏକ, ଅଜୟ କୁମାର ବାଘ, ଧନେଶ୍ୱର ନାଏକ, ମଧୁସୂଦନ ମୁଦୁଲି, ରାଜ କିଶୋର ବାଘ, ଶ୍ରୀରାମ କହଁର, ବାବୁଲି କିନ୍ନାର, ବିକାଶ ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭିଡିଓ ପ୍ରତିଯୋଗିତା ପାଇଁ ସ୍ମିତିପ୍ରଜ୍ଞା ଦେହୁରୀ, ଦିବ୍ୟଶ୍ରୀ ମିଶ୍ର, ସିଦ୍ଧେଶ୍ୱର ମିଶ୍ରଙ୍କୁ ଅତିଥିମାନେ ପୁରସ୍କୃତ୍ କରିଥିଲେ। ପଥ ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ପାଳିତ

**ବୌଦ୍ଧ,୨୯।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ୨୦୨୪ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ମିନି ମାରାଥନ ଜିଲା ସଂଗ୍ରହାଳୟରୁ ବାହାରି ବାଘଗୁଡା ଛକ, ଗାନ୍ଧୀଛକ, ମୁଖ୍ୟ ଡାକଘର ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହଠାରେ ଆୟୋଜିତ ସଚେତନତା ସଭାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା । ଏହି ଦିବସ ପାଳନ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ,ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର,ତହସିଲଦାର ଲଗ୍ନଜିତ ବେହେରା,ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର,ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଯୋଗଦେଇଥିଲେ। ଆୟୋଜିତ ମିନି ମାରାଥନରେ ଜିଲାପାଳ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଜରୁରୀକାଳୀନ ଅଧିକାରୀ ସୁଦାମ କୁମାର ସ୍ୱାଇଁ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ଜିଲା ସଂଯୋଜକ ସଂଜୟ କୁମାର ଝା ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିନିକାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ବିନିକା,୨୯।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିନିକାରେ ମଙ୍ଗଳବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ନେତୃତ୍ୱରେ ପଦଯାତ୍ରା ୱାର୍ଡ ୯ ସ୍ଥିତ ପାପକ୍ଷୟ ରାସ୍ତାରୁ ବାହାରି ଇଲେକ୍ଟ୍ରି ଅଫିସ ଛକ, ଆମ୍ବେଦକର ଛକ, ନୂଆବଜାର ଦେଇ ଆରଏମ୍‌ସି ପ୍ରାଙ୍ଗଣରେ ପହଞ୍ଚି ଥିଲା। ଜିଲା ଯୁବ ବିଜେଡି ସଭାପତି ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବିନିକା ବ୍ଲକ ଅଧକ୍ଷା ଦୀପ୍ତିମୟୀ ନନ୍ଦ, ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ନଗରପାଳ ସୁବାସ ଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ନଗର ସଭାପତି ସୋମନାଥ ମିଶ୍ର, ସମସ୍ତ କାଉନସିଲର ଯୋଗଦେଇଥିଲେ। ରାଜ୍ୟର ଭାଜପା ସରକାର ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିବାରୁ ବିଜେଡି ନେତୃବର୍ଗ ବିଷୋଦ୍‌ଗାର କରିଥିଲେ। ବ୍ଲକ ସଭାପତି ଦ୍ୱାରିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଜେଡି ନେତା ଭୀମସେନ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳ ଧାରଣାରୁ ମୃତ ଶିଶୁକନ୍ୟା ଉଦ୍ଧାର

**ରାଜଗାଙ୍ଗପୁର, ୨୯।୧୦(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ସୁନାଖାନ ରେଳ ଷ୍ଟେଶନର ରେଳ ଧାରଣାରୁ ଦେଢ଼ବର୍ଷର ମୃତ ଶିଶୁକନ୍ୟାଙ୍କୁ ମଙ୍ଗଳବାର ରାଜଗାଙ୍ଗପୁର ରେଳବାଇ ପୋଲିସ ଜବତ କରିଛି। ସକାଳ ୭ଟାରେ ସୁନାଖାନ ଷ୍ଟେଶନର ରେଳ ଧାରଣା କଡ଼ରେ ଏକ ଶିଶୁ ମୃତ ଅବସ୍ଥାରେ ଏକ କମଳରେ ଗୁଡା ହୋଇ ପଡ଼ିଥିବାର ଷ୍ଟେଶନ ମାଷ୍ଟର ଦେଖି ରାଜଗାଙ୍ଗପୁର ରେଳବାଇ ପୋଲିସ ଅଧିକାରୀ ଶୁଶାନ୍ତ ବେହେରାଙ୍କୁ ଅବଗତ କରାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶିଶୁ କନ୍ୟାକୁ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଶିଶୁକନ୍ୟାର ପରିଚୟ ମିଳିପାରି ନାହିଁ।

## ଜୁଆଆଡ୍ଡାରେ ଚଢ଼ାଉ

**କୁଆଁରମୁଣ୍ଡା, ୨୯।୧୦(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ତହସିଲ ନିକଟରେ ଥିବା ଏକ ଟେଷ୍ଟ ହାଉସରେ ସୋମବାର ବିଳମ୍ବିତ ରାତିରେ ଜୁଆଆଡ୍ଡା ଚାଲିଥିଲା। ଏହି ଖବରପାଇ ବୀରମିତ୍ରପୁର ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଗଠିତ ଏକ ପୋଲିସ ଟିମ୍ ଉକ୍ତ ଜୁଆ ଆଡ୍ଡାରେ ଚଢ଼ାଉ କରିବାରୁ ଜୁଆ ଖେଳୁଥିବା ଯୁବକମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ସମୟରେ ପୋଲିସ ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ହେଲେ ଘଟଣାସ୍ଥଳରୁ ଜୁଆଖେଳର ମାଷ୍ଟର ମାଇଣ୍ଡ ଫେରାର ହୋଇଯାଇଛନ୍ତି। ବୀରମିତ୍ରପୁର ଥାନା ଅଞ୍ଚଳ ଜୁଆ ଖେଳ ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି।



ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସଚେତନତା ସୃଷ୍ଟି ଲାଗି ଦୌଡ଼ କାର୍ଯ୍ୟକ୍ରମ।

# ସୁନ୍ଦରଗଡ଼ରେ ୱାକାଥନ, ପଥ ଉତ୍ସବ

**ସୁନ୍ଦରଗଡ଼, ୨୯।୧୦(ଜୟ ନାରାୟଣ ମେଣ୍ଡୁଲି)**

**ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ**

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଦ୍ୱାରା ମଙ୍ଗଳବାର ସୁନ୍ଦରଗଡ଼ଠାରେ ୱାକାଥନ ଓ ପଥ ଉତ୍ସବ ଆୟୋଜିତ ହୋଇଛି।

ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକ ଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ଏହି ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୋଗଦେଇ ଜିଲାପାଳ ମନୋଜ ମହାଜନ ଭୋଟଦାନ ପ୍ରକ୍ରିୟା ହେଉଛି ଏକ ମହାନ ଗଣତାନ୍ତ୍ରିକ ପର୍ବ ଏବଂ ଏହି ଗଣତାନ୍ତ୍ରିକ ପର୍ବରେ ସମସ୍ତଙ୍କଙ୍କ ଯୋଗଦାନ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ। ଏଣୁ ପ୍ରତ୍ୟେକ ସଚେତନ ନାଗରିକ ଏହି ପ୍ରକ୍ରିୟାରେ ନିଜର ସକ୍ରିୟ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନେ ଭୋଟଦାନ ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର କହିଥିଲେ। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହେବା ନିମନ୍ତେ ପ୍ରତ୍ୟେକ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ ବୁଲି ଦେଖିବା ସହିତ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ। ଏହି ପଥ ଉତ୍ସବ ଆୟୋଜନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ଡ୍ରଇଂ, ପେଣ୍ଟିଂ, ଭୋଟଦାନ ସମ୍ପର୍କିତ କୁଇଜ, ଓପନ ମାଇକ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜନସଚେତନତା ସୃଷ୍ଟି ନିମନ୍ତେ ସରକାରୀ ମହାବିଦ୍ୟାଳୟର ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ପିରାମିଡ କରାଯାଇଥିଲା। ଏହି ଅବସରରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଉପରେ ବ୍ୟାପକ ଜନସଚେତନତା ନିମନ୍ତେ ଏକ ପଦଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ଏକ ସଚେତନତା ରଥକୁ ଜିଲାପାଳ ମହାଜନ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ପୋର୍ଟସ ହଷ୍ଟେଲର ଛାତ୍ରୀ ଛାତ୍ର ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ସଦର ତହସିଲଦାର କୁଳମଣି ରନବିଡା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ବିଶକେତନ ପାଣ୍ଡେ, ଡେପୁଟି କଲେକ୍ଟର (ନିର୍ବାଚନ), ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସଚେତନ ନାଗରିକ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଦାସ ଏବଂ ଡେପୁଟି କଲେକ୍ଟର ସ୍ମୃତି ସୌମ୍ୟା ଦାସ ପରିଚାଳନା କରିଥିଲେ।

## ୫ରେ ଅନାସ୍ଥା, ଅଜ୍ଞାତରେ ୯ ୱାର୍ଡମେମ୍ବର

**ବଡ଼ଗାଁ, ୨୯।୧୦(ଅଶୋକ ଷଡ଼ଙ୍ଗୀ)**

**ଜରଙ୍ଗଲୋଇ ପଞ୍ଚାୟତ**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୯ ୱାର୍ଡ଼ ସଭ୍ୟ ଗତ ମାସ ୩୦ ତାରିଖ ସୁନ୍ଦରଗଡ଼ ଜିଲାପାଳଙ୍କ ନିକଟରେ ସରପଞ୍ଚ ମେନକା କାଲୋଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରସ୍ତାବ ବିଷୟରେ ପ୍ରାଥମିକ ତଦନ୍ତ ପରେ ଆସନ୍ତା ନଭେମ୍ବର ୫ଏହି ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ବିରେନ୍ଦ୍ର ବାର୍ଲାଙ୍କ ସମେତ ୯ଜଣ ୱାର୍ଡ଼ମେମ୍ବର ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗତ ୧୫ ଦିନ ହେଲା ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୯ଜଣ ୱାର୍ଡ଼ ସଭ୍ୟ ଅଜ୍ଞାତ ସ୍ଥାନରେ ଥିବା ଏହି ଅନାସ୍ଥା ପ୍ରସ୍ତାବ ଆଗତ ଘଟଣାକୁ ଆହୁରି ରୋଚକପୂର୍ଣ୍ଣ ଓ ଚର୍ଚ୍ଚା ପାଇଁ ରାଜନୈତିକ ମହଲରେ ଖୋରାକ ଯୋଗାଇଛି। ପ୍ରକାଶଯୋଗ୍ୟ ଯେ, ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତରେ ୧୩ ଜଣ ୱାଡ଼ ସଭ୍ୟ ଅଛନ୍ତି। ସେଥିମଧ୍ୟରୁ ନାଏବ ସରପଞ୍ଚଙ୍କ ସମେତ ୯ଜଣ ଅଜ୍ଞାତରେ ଥିବାରୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଗୋଷ୍ଠୀଙ୍କ ପଲ୍ଲା ଭାରି ଥିବା ଆଲୋଚନା ହେଉଛି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ତାରିଖ ଧାର୍ଯ୍ୟ ହେବା ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ପ୍ରିଜାଇଡିଙ୍ଗ ଅଫିସର ଭାବେ ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା ଦାୟିତ୍ୱ ତୁଲାଇବେ। ଅନାସ୍ଥା ପ୍ରସ୍ତାବ ଆଗତ କାର୍ଯ୍ୟକ୍ରମକୁ ବଡ଼ଗାଁ ଗ୍ରାମ ପଞ୍ଚାୟତ ଅଧିକାରୀ ଆଶୁତୋଷ ମିଶ୍ର ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତି ହୋଇଥିବା ସୂଚନା ମିଳିଛି।

## ଡିଆଇଜି ବ୍ରିଜେଶ ରୟଙ୍କ କୁତ୍ରା ଥାନା ପରିଦର୍ଶନ



କୁତ୍ରା ଥାନାରେ ଡିଆଇଜି, ଏସ୍‌ପି ଉପସ୍ଥିତ।

**କୁତ୍ରା, ୨୯।୧୦(ଦେବାଶିଷ ସାହୁ)**

ଡିଆଇଜି ବ୍ରିଜେଶ ରୟ ମଙ୍ଗଳବାର ଅପରାହ୍ନରେ କୁତ୍ରା ଥାନା ପରିଦର୍ଶନରେ ଆସି ଥାନାଗୃହ ବୁଲି ଦେଖିବା ସହ ଏହି ଥାନା ଅଧୀନରେ ଥିବା ଅଞ୍ଚଳର ଆଇନ ପରିସ୍ଥିତି ନେଇ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡିଆଇଜି କୁତ୍ରା ଥାନାରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ପୋଲିସ ପକ୍ଷରୁ ପାରମ୍ପରିକ ଭାବରେ ସ୍ୱାଗତ କରାଯାଇଥିଲା। କୁତ୍ରା ଥାନା ପରିଦର୍ଶନ ଅବସରରେ ଏଠାରେ ରହିଥିବା ଆନୁଷଙ୍ଗିକ ବ୍ୟବସ୍ଥା ବୁଲିଦେଖିଥିଲେ। ଏହା ସହ ଏଠାକାର ଆଇନ ପରିସ୍ଥିତି ନେଇ ଉପସ୍ଥିତ ଥିବା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପ୍ରତ୍ୟୁଷ ଦିବାକର, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ସହ ଆଲୋଚନା କରିଥିଲେ। ପରେ କୁତ୍ରା ପ୍ରେସ୍ କ୍ଲବର ସଦସ୍ୟ ପ୍ରଶାନ୍ତ ସାହୁ, ମହେନ୍ଦ୍ର ସିଂ, ଦେବାଶିଷ ସାହୁଙ୍କ ସହ କୁତ୍ରା ଥାନା ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏହି ଆଲୋଚନାରେ କୁତ୍ରା ଥାନା ଅଧୀନ ଝାଡଖଣ୍ଡ ରାଜ୍ୟ ସୀମାବର୍ତ୍ତୀ ବଡ଼ମାଳ ଅଞ୍ଚଳରେ ଏକ ଫାଣ୍ଡି ପ୍ରତିଷ୍ଠାର ଆବଶ୍ୟକତା, କୁତ୍ରା ବ୍ଲକର କେତେକ ଅଞ୍ଚଳ ବଡ଼ଗାଁ ଥାନା ଓ କେତେକ ଅଞ୍ଚଳ ରାଜଗାଙ୍ଗପୁର ଥାନା ଅଧୀନରେ ଆସୁଥିବାରୁ ସେହିସବୁ ଅଞ୍ଚଳକୁ କୁତ୍ରା ଥାନା ଅଧୀନକୁ ଅଣାଯିବାର ଆବଶ୍ୟକତା ନେଇ ସାମ୍ବାଦିକଙ୍କ ପକ୍ଷରୁ ଡିଆଇଜିଙ୍କ ସହ ଆଲୋଚନା କରାଯାଇଥିଲା। କୁତ୍ରା ଥାନା ପରିଦର୍ଶନ ପରେ ଏଠାକାର ଆଇନ ପରିସ୍ଥିତି ବ୍ୟବସ୍ଥା ନେଇ ଡିଆଇଜି ରୟ ସନ୍ତୋଷ ପ୍ରକାଶ କରିଥିଲେ।

## ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ବୀମା ରାଶି ଚେକ୍ ପ୍ରଦାନ

**ସୁନ୍ଦରଗଡ଼, ୨୯।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ରାଜପୁର ଲ୍ୟାମ୍ପସ ପରିସରରେ ମଙ୍ଗଳବାର ଜଣେ ହିତାଧିକାରୀଙ୍କୁ ବୀମାରାଶି ଚେକ୍ ପ୍ରଦାନ କରାଯାଇଛି। ରାଜପୁର ଲ୍ୟାମ୍ପ୍ସରେ କୁଲବା ଗ୍ରାମର ସ୍ୱର୍ଗତ ରିକାଶ ନାଏକ ନାମକ ଜଣେ ବ୍ୟକ୍ତି କିଶାନ କ୍ରେଡିଟ ଲୋନ କରିଥିଲେ ଏବଂ ଜନତା ପରସନାଲ ଏକ୍ସିଡେଣ୍ଟ ପଲିସିରେ ଗତ ବର୍ଷ ୬୨ ଟଙ୍କା ଦେଇ ଜମା କରିଥିଲେ। ହେଲେ ଦୁର୍ଭାଗ୍ୟ ବଶତଃ ଗତ ତା ୧୩।୧୨।୨୦୨୩ ରିଖ ଦିନ ଏକ ଗାଡ଼ି ଧକ୍କାରେ ରିକାଶ ମୃତ୍ୟୁବରଣ କରିଥିଲେ। ରାଜପୁର ଲ୍ୟାମ୍ପସ ପରିସରରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସହ ମ୍ୟାନେଜର ଅଶୋକ କୁମାର ପଶାୟତ, ବ୍ୟାଙ୍କ ମ୍ୟାନେଜର ବିଜୟ କୁମାର ପଣ୍ଡା, ବୋର୍ଡ ସଭ୍ୟ ପଞ୍ଚା ବାର୍ଲା, ରାଜପୁର ଲ୍ୟାମ୍ପ ସଭାପତି ନିଆଲି କୁଜୁର ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଓରାମ ଉପସ୍ଥିତ ରହି ସ୍ୱର୍ଗତ ନାଏକଙ୍କ ବାପା ଗୋଲେଖ ବିହାରୀ ନାଏକ ଓ ମାତା ସପ୍ତସିନି ନାଏକଙ୍କୁ ୪୦୦୦୦୦ଟଙ୍କାର ଏକ ବୀମା ରାଶି ଚେକ ପ୍ରଦାନ କରିଛନ୍ତି।



ଜଣେ ହିତାଧିକାରୀଙ୍କୁ ବୀମାରାଶି ଚେକ୍ ପ୍ରଦାନ କରାଯାଉଛି।

## ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

**ରାଉରକେଲା,୨୯।୧୦(ଦିନେଶ ମିଶ୍ର)**

**ରୋଗୀ କଲ୍ୟାଣ ସମିତି ବୈଠକ**

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) କାର୍ଯ୍ୟାଳୟ ସଭାଗୃହରେ ପାନପୋଷ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଉରକେଲା ଅତିରକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତା କରିଥିଲେ। ରୋଗୀ କଲ୍ୟାଣ ସମିତି ସଦସ୍ୟ ତଥା ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ବିଧାୟକଙ୍କ ପ୍ରତିନିଧି ଉପସ୍ଥିତ ରହି ସରକାରୀ ଚିକିତ୍ସାଳୟଗୁଡ଼ିକୁ ରୋଗୀ କେନ୍ଦ୍ରିକ କରିବା ତଥା ଉତ୍ତମ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ୍ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରୋଗୀମାନଙ୍କ ସୁବିଧା ପାଇଁ ପାନପୋଷ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖିବା ସହ ଏହା ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରି ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ଉପରେ ଆଲୋଚନା କରାଯାଇଥିଲା। ଏହାସହ ସମସ୍ତ ଚିକିତ୍ସାଳୟରେ ଗର୍ଭବତୀ ତଥା ପ୍ରସୂତୀମାନଙ୍କୁ ବିଶେଷ ଚିକିତ୍ସା ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆଗାମୀ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଲାଗି ଅର୍ଥ ଅନୁମୋଦନ କରାଯାଇଥିଲା। ବୈଠକରେ ରାଉରକେଲା ଏଡିସ୍ଲୁପିଏଚ୍‌ଓର ଡାକ୍ତର ଶକ୍ତି ପ୍ରକାଶ ପାଢୀ, ରାଉରକେଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶିଲ କୁମାର ପରିଡା, ପାନପୋଷ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ସରବଜିତ ସିଂ, ଏଡିପିଏଚ୍‌ଓ ଡାକ୍ତର ଭକ୍ତ ମୋହନ ସ୍ୱାଇଁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ବିମଲାଗଡ଼ ଆର୍‌ପିଏଫ୍ ଇନ୍‌ସପେକ୍ଟରଙ୍କୁ ବଦଳି

**ବଣାଇଁ, ୨୯।୧୦(ପ୍ରଦୀପ ତ୍ରିପାଠୀ)**

**ଆରପିଏଫ୍‌ର ଥାର୍ଡ ଡିଗ୍ରୀ ପ୍ରସଙ୍ଗ**

ବିମଲାଗଡ ଆର୍‌ପିଏଫ୍ ଇନ୍‌ସପେକ୍ଟର ଯୋଗେନ୍ଦ୍ର କୁମାରଙ୍କୁ ଝାରସୁଗୁଡାକୁ ସ୍ଥାନାନ୍ତର କରାଯାଇଛି। ଚଳିତ ମାସ ପ୍ରଥମ ସପ୍ତାହରେ ଏକ ଚୋରି ମାମଲାରେ ବିମଲାଗଡ ଆରପିଏଫ୍ ଦୁଇ ଆଦିବାସୀ ଯୁବକଙ୍କୁ ମଧ୍ୟରାତ୍ରିରେ ଘରୁ ଡାକି ଆର୍‌ପିଏଫ୍ ପୋଷ୍ଟରେ ଅଟକ ରଖି ଥାର୍ଡ ଡିଗ୍ରୀ ପ୍ରୟୋଗ ସ୍ୱରୂପ ଅକଥନୀୟ ନିର୍ଯାତନା ଦେବା ମାମଲାରେ ସମ୍ପୃକ୍ତ ଯୋଗେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ଆର୍‌ପିଏଫ୍ ଅଧିକାରୀମାନଙ୍କୁ ଗିରଫ କରିବାକୁ ସ୍ଥାନୀୟ ଲୋକମାନେ ନିରନ୍ତର ଦାବି କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଅକ୍ଟୋବର ୭ ତାରିଖ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ବରିଷ୍ଠ ସିଟୁ ନେତା ବିଷ୍ଣୁଚରଣ ମହାନ୍ତିଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଆଦିବାସୀ ଲୋକ ଏକତ୍ରିତ ହୋଇ ବିମଲାଗଡ ରେଳବାଇ ଷ୍ଟେଶନ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ। ମାତ୍ର ପୋଲିସ ପ୍ରଶାସନର ଅନୁରୋଧ କ୍ରମେ ଦୁଇ ଘଣ୍ଟା ପରେ ଧର୍ମଘଟକୁ ବନ୍ଦ କରାଯାଇଥିଲା। ଏହି ପ୍ରସଙ୍ଗରେ ଗମ୍ଭୀରତା ଦେଖାଇ ରେଳ ବିଭାଗ ବିମଲାଗଡ ଆର୍‌ପିଏଫ ଇନସପେକ୍ଟର ଯୋଗେନ୍ଦ୍ର କୁମାରଙ୍କୁ ଝାରସୁଗୁଡାକୁ ସ୍ଥାନାନ୍ତର କରିଛି। ତେବେ ଏହି ଘଟଣାରେ ଜଡିତ ଅନ୍ୟ ଆର୍‌ପିଏଫ୍ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଜୀବନ ବୀମା ଅଭିକର୍ତ୍ତା ସଂଘର ଧାରଣା

**ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)**

୫ ଦଫା ଦାବିରେ ଜୀବନ ବୀମା ଅଭିକର୍ତ୍ତା ସଂଘ ପକ୍ଷରୁ ରାଉରକେଲାର ସମସ୍ତ ଜୀବନ ବୀମା ନିଗମ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଏହି ଧାରଣାରେ ରାଉରକେଲା ଜୀବନ ବୀମା ନିଗମ ଶାଖା କାର୍ଯ୍ୟାଳୟର ଅଭିକର୍ତ୍ତା ସଂଘ ସଭାପତି ସୁବ୍ରତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଧାରଣାରେ କ୍ଷେତ୍ରୀୟ ପରିଷଦ କୋଷାଧ୍ୟକ୍ଷ ଅମର ବିଜୟ ପୃଷ୍ଟି, ସମ୍ପାଦକ ସଞ୍ଜୟ କୁମାର ସାହୁ, ତିରୁପତି ବକ୍ସି ଓ ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଦାବି ଉପସ୍ଥାପନା କରିଥିଲେ। ସମ୍ବଲପୁର ମଣ୍ଡଳ ସାଧାରଣ ସମ୍ପାଦକ ଅନିରୁଦ୍ଧ ସାମଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।




ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ଦେଶୀ ମହୁଲି ମଦ ସହ ସ୍କୁଟି ଜବତ: ଯୁବକ କୋର୍ଟ ଚାଲାଣ

**ଲହୁଣୀପଡ଼ା, ୨୯।୧୦(ଦାଶରଥି ପଣ୍ଡା)**

ସ୍କୁଟିରେ ଦେଶୀ ମହୁଲି ମଦ ଚୋରା ଚାଲାଣ କରୁଥିବାବେଳେ ଲହୁଣୀପଡ଼ା ଅବକାରୀ ବିଭାଗ ହାତରେ ଧରାପଡି ଜଣେ ଯୁବକ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। କୋର୍ଟ ଚାଲାଣ ହୋଇଥିବା ଯୁବକ ଜଣକ ହେଲେ ଯୋଗେଶ୍ୱର ମହାକୁଡ଼ (୨୫)। ପ୍ରକାଶ ଯେ, କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମର ଯୋଗେଶ୍ୱର ଏକ ସ୍କୁଟି କେଏ ୫୧ଏଏ ୪୩୭୧ ଯୋଗେ ଦେଶୀ ମହୁଲି ମଦ ନେଇ ଗୋପନାରୁ ଲହୁଣୀପଡ଼ା ପଟେ ଆସୁଥିଲେ। କୌଣସି ସୂତ୍ରରୁ ଲହୁଣୀପଡା ଅବକାରୀ ଅଧିକାରୀ ତେଜରାଜ ଗହୀର,ଏଏସଆଇ ବାଦଲ କୁମାର ବ୍ରହ୍ମ, ପଞ୍ଚାନନ ଜେନା, ସୁକୁମାର ସାହୁ, ଶ୍ୟାମ ସୁନ୍ଦର ସାହୁ, ଜ୍ୟୋତିପ୍ରକାଶ ଛୁରିଆ ପ୍ରମୁଖ ଜଗିବସିଥିଲେ। ଯୋଗେଶ୍ୱର ମହାକୁଡ଼ ନିଜ ଗ୍ରାମ ଗୋପନାରୁ ୫୨୦ ନମ୍ବର ଜାତୀୟ ରାଜପଥରେ ଲହୁଣୀପଡା ପଟେ ଆସୁଥିବାବେଳେ ଲମସି ନିକଟରେ ଚଢ଼ାଉ କରିଥିଲେ। ଫଳରେ ତାଙ୍କ ପାଖରୁ ୨୪ ଲିଟର ଦେଶୀ ମହୁଲି ମଦ ଓ ସ୍କୁଟି ଜବତ କରିବା ସହିତ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।



ଅବକାରୀ ବିଭାଗ କର୍ମଚାରୀଙ୍କ ସହ ଧରାପଡ଼ିଥିବା ଯୁବକ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ସୁନ୍ଦରଗଡ଼, ୨୯।୧୦(ଜୟନାରାୟଣ ମେଣ୍ଡୁଲି)**

ଅକ୍ଟୋବର ୨୮ ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ମଙ୍ଗଳବାର ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ଼ ଶାଖା ଏବଂ ସୁନ୍ଦରଗଡ଼ ଜିଲା ପ୍ରଶାସନ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ହୋଇଯାଇଛି।

ଚଳିତବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି। ଏହି ଅବସରରେ ସ୍ଥାନୀୟ ବିକାଶ ଭବନଠାରେ ଜିଲାସ୍ତରୀୟ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ଦାଶରଥି ସରାବୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସ୍‌ପି ଦୈତାରି ଘଡ଼େଇ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସ୍‌ପି ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମହାଜନ ନିଜ ଅଭିଭାଷଣରେ କହିଥିଲେ, ଦୁର୍ନୀତି ପାଇଁ ଦେଶର ଅର୍ଥନୀତି ପ୍ରତି କୁପ୍ରଭାବ ପଡୁଛି। ଦୁର୍ନୀତି ହେଉଛି ଉଇ ଭଳି, କୌଣସି ସ୍ଥାନରେ ଉଇ ଲାଗିଗଲେ ତାହା ଯେପରି ସେହି ସ୍ଥାନକୁ ଦୁର୍ବଳ ତଥା ଖରାପ କରିଥାଏ, ଠିକ ସେହିଭଳି ସମାଜରେ ଦୁର୍ନୀତି ରହିଲେ ତାହା ସମାଜକୁ ମଧ୍ୟ କଳୁଷିତ କରିଥାଏ ଏବଂ ସେହି ସମାଜର ବିକାଶ ଦିଗରେ ଅଗ୍ରଗତି ନିମନ୍ତେ ବାଧକ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଦଳର ସଦସ୍ୟ, ଆଶା କର୍ମୀ, ବରିଷ୍ଠ ନାଗରିକ, ଭିଜିଲାନ୍ସ ବିଭାଗର କର୍ମଚାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ମଙ୍ଗଳବାର ସକାଳେ ଡିଆରଡିଏ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏକ ଭିଜିଲାନ୍ସ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଆଶା କର୍ମୀ ସାମିଲ ହୋଇଥିଲେ ଏବଂ ଭିଜିଲାନ୍ସ ସଚେତନତାର ବାର୍ତ୍ତା ଦେଇ ସହର ମଧ୍ୟରେ ପରିକ୍ରମା କରିଥିଲେ।




ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା।

## ଦୀପାବଳି ଷ୍ଟଲ ଉଦ୍‌ଘାଟିତ

ସମ୍ବଲପୁର,(ପ୍ରମୋଦ ବହିଦାର):ଦୀପାବଳି ଉପଲକ୍ଷେ ସମ୍ବଲପୁର ସହରର ଆଶାପାଲି ବିଦ୍ୟାଳୟ ନିକଟ, ଗୋଲବଜାର ଛକ, ଲକ୍ଷ୍ମୀ ଟକିଜ୍ ଛକ ଆଦି ତିନୋଟି ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଦୀପାବଳି ଷ୍ଟଲ ଉଦ୍‌ଘାଟିତ ହୋଇଛି। ଜିଲା ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ମଙ୍ଗଳବାର ଗୋଲବଜାର ଠାରେ ଦୀପାବଳି ଷ୍ଟଲଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଷ୍ଟଲ ଗୁଡିକରେ ମଷ୍ଟାନ୍ନଠାରୁ ଆରମ୍ଭ କରି କୁକିଜ୍, ଚକୋଲେଟ୍ ଆଦିର ଉପହାର ପ୍ୟାକ୍, ପରିବେଶ ଉପଯୋଗୀ ମହମବତୀ, ଧୂପକାଠି, ଦୀପ, ଝାଡୁ ରଙ୍ଗୋଲି ଆଦି ସାମଗ୍ରୀ ବିକ୍ରି କରାଯାଉଛି।

# ଭୋଟର ସଚେତନତା ପାଇଁ ପଦଯାତ୍ରା, ପଥ ଉତ୍ସବ

ସମ୍ବଲପୁର,୨୯।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସଚେତନତା ପାଇଁ ପଦଯାତ୍ରା ଓ ପଥଉତ୍ସବ ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଛକଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୁକ୍ତ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ପ୍ରତ୍ୟେକ ବର୍ଷ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଏହାସହିତ ନୂତନ ଭାବେ ୧୮ ବର୍ଷରେ ପଦାର୍ପଣ କରୁଥିବା ଯୁବତୀଯୁବକ ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ପାଇଁ ଓଡ଼ିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ ହୋଇଛି। ଆଜିର ସଚେତନତା ପଦଯାତ୍ରା ଶେଷ ହେବା ପରେ ଜେଲଛକ ନିକଟସ୍ଥ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମୁଖରେ ଆୟୋଜିତ ପଥ ଉତ୍ସବରେ ସମ୍ବଲପୁରୀ ଲୋକ ନୃତ୍ୟ ଜରିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଏହାସହ ମାର୍ଶଲ ଆର୍ଟ, ନୁକ୍କଡ ନାଟକ, କୁଇଜ, ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା ଆଦିର ପ୍ରଦର୍ଶନ କରାଯାଇ ନୂତନ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବାକୁ ସଚେତନ କରାଯାଇଥିଲା। ଏଥିରେ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି ପାଇଁ ପ୍ରୟାସ କରାଯାଇଥିଲା। ଏଥିରେ ଜିଲା ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଓ ବିଭିନ୍ନ ସଙ୍ଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଆଥଲେଟ୍ ରେଖା ଦେ ଓ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଡେପୁଟି କଲେକ୍ଟର ସଞ୍ଜୀବ କୁମାର ମେହେରଙ୍କ ସମେତ ସବୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।



ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଗୋଶାଳା ନିର୍ମାଣ ପାଇଁ ଜମି ଚିହ୍ନଟ


ସାହାଜବାହାଲରେ ଗୋଶାଳା ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଉଛି।

ସମ୍ବଲପୁର,୨୯।୧୦(ଭବାନୀ ଶଙ୍କର ଭୋଇ)

ହୀରାକୁଦ ନିକଟ ସାହାଜବାହାଲରେ ଗୋଶାଳା ନିର୍ମାଣ କରିବାକୁ ମଙ୍ଗଳବାର ଆବଶ୍ୟକ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ହୀରାକୁଦ ରାଜସ୍ୱ ନିରୀକ୍ଷକ ନିର୍ମଳ ଧର୍ଜି, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଇଶ୍ୱର ବଡ଼ପଣ୍ଡା ସାହାଜବାହାଲ ଯାଇ ଗୋଶାଳା ନିର୍ମାଣ ପାଇଁ ଆବଶ୍ୟକ ହେବାକୁ ଥିବା ୮୦ ଡିସିମିଲ ଜମି ଚିହ୍ନଟ କରାଯାଇଛି। ଏହି ଅବସରରେ ବଜରଙ୍ଗଦଳ ମହାନଗର ନିଗମ ସଂଯୋଜକ ବିକାଶ ଚନ୍ଦ୍ର ବେହେରା, ବଜରଙ୍ଗ ଦଳ ସଭ୍ୟ ଅଜୟ ମିର୍ଦ୍ଧା, ସୁବାସ ଡାକୁଆ, ସିଦ୍ଧାର୍ଥ ପଣ୍ଡା, ଅଶୋକ ଖଡିଆ, ତପନ ମେହେର ଉପସ୍ଥିତ ଥିଲେ। ସୂଚନା ଅନୁସାରେ କିଛି ଦିନ ଆଗରୁ ବଜରଙ୍ଗଦଳ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ୍ କରି ହୀରାକୁଦରେ ଗୋରୁଙ୍କ ସୁରକ୍ଷା ପାଇଁ ଏକ ଗୋଶାଳା ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହି ଅନୁସାରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ବଜରଙ୍ଗଦଳ ମହାନଗର କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ସଂକ୍ଷେପରେ

## ନିଷିଦ୍ଧ କଫ୍‌ସିରପ ଜବତ, ୪ଗିରଫ

ସମ୍ବଲପୁର,୨୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଅଇଁଠାପାଲି ଥାନା ଶାନ୍ତିନଗରରେ ମଙ୍ଗଳବାର ଚଢ଼ାଉ କରାଯାଇ ୫୯୫ବୋତଲ ନିଷିଦ୍ଧ କଫ୍‌ସିରପ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମଜୀମନ୍ଦିର ପଡ଼ାର ସୁଜିତ ସାହୁ(୩୪), ସୁରଜ ବରର୍ଡି(୨୬), ଜିତେନ ସାହା(୨୬) ଓ ହୀରାକୁଦ ଗଡ଼ାମୁଣ୍ଡାର କରଣ ପୃଷେଠ୍(୨୦)। ସେମାନଙ୍କ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ଉକ୍ତ ନିଷିଦ୍ଧ କଫ୍ ସିରପ ସହିତ ଗୋଟିଏ ସ୍କୁଟି ଜବତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନରେ ଅଇଁଠାପାଲି ଥାନା ଶାନ୍ତିନଗର ଅଞ୍ଚଳରେ ୨ଜଣ ଯୁବକ ଉକ୍ତ ନିଷିଦ୍ଧ କଫ୍ ସିରପକୁ ଧରି କାହାକୁ ଅପେକ୍ଷା କରି ରହିଥିଲେ। କିଛି ସମୟ ପରେ ସେଠାରେ ଅନ୍ୟ ଦୁଇଜଣ ଯୁବକ ପହଞ୍ଚି ସେମାନଙ୍କଠାରୁ ଉକ୍ତ କଫ୍ ସିରପ୍ ନେବାବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଅବକାରୀ ବିଭାଗ କର୍ମଚାରୀ ସେମାନଙ୍କୁ ଧରିଥିଲେ। ଜବତ କଫ୍‌ସିରପର ଅନୁମାନିକ ମୂଲ୍ୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ

ସମ୍ବଲପୁର,୨୯।୧୦(ଭବାନୀ ଶଙ୍କର ଭୋଇ)

ବିପର୍ଯ୍ୟୟ ପ୍ରସ୍ତୁତି ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ସତର୍କତା ତୁରନ୍ତ ପଦକ୍ଷେପ ଶୀର୍ଷକରେ ଆଲୋଚନା କରାଯାଇଥିଲା। ସକାଳେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରୁ ସମଲେଶ୍ୱରୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜୟୀ ଛାତ୍ରୀଛାତ୍ରଙ୍କୁ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରଯାଇଥିଲା। ଅପରାହ୍ନରେ ରାଜ୍ୟସ୍ତରୀୟ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଗଦେଇ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି। ଆଗକୁ ମଧ୍ୟ ବିପର୍ଯ୍ୟୟ ସମୟରେ ପୂର୍ବ ସୂଚନାକୁ ଆଧାରକରି ତୁରନ୍ତ ପଦକ୍ଷେପ ନିଆଯାଇ ପାରିବ ସେ ନେଇ ସମସ୍ତଙ୍କୁ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ।

# ଉପଖଣ୍ଡସ୍ତରୀୟ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ

କୁଚିଣ୍ଡା,୨୯।୧୦(ବିରଞ୍ଚି ଦର୍ଶୀ)



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ସଚେତନତା ପାଇଁ ପଥ ଉତ୍ସବ, ମାନବଶୃଙ୍ଖଳ

ସମ୍ବଲପୁର ଜିଲା କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଉପଖଣ୍ଡସ୍ତରୀୟ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ ତଥା ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋଟ ଦେଇ ଗଣତନ୍ତ୍ରକୁ ସୁଦୃଢ କରିବା ବାର୍ତ୍ତାନେଇ ଏକ ପଥ ଉତ୍ସବ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ସଚେତନତା ଶୋଭାଯାତ୍ରା କୁଚିଣ୍ଡା କଲେଜରୁ ବାହାରି ଟ୍ରାଫିକ ଛକ ଓ ପଞ୍ଚମୁଖୀ ଛକଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଉପଜିଲାପାଳ ଗୌରବମୟ ପ୍ରଧାନ ସବୁଜପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରମାନେ ମାନବଶୃଙ୍ଖଳ ଗଠନ କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି, କସ୍ତୁରୀ ଚଳଚ୍ଚିତ୍ର ଅଭିନେତା ସଞ୍ଜୟ ପାତ୍ର, ଉପଜିଲାପାଳ ଗୌରମୟ ପ୍ରଧାନ, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, ତହସିଲଦାର ପ୍ରସନ୍ନ ଟେଟେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସଂକ୍ଷିପ୍ତ ଭୋଟର ସଂଶୋଧନ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ସଭାକୁ କୁଚିଣ୍ଡା କଲେଜ ଏନ୍ଏସ୍ଏସ୍ ଅଫିସର ସୁଶ୍ରୀ ବେଲମତୀ କୁମୁରା ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ସୁଶ୍ରୀ ପ୍ରବିଣା ବିଲୁଙ୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡର ୧୫ କଲେଜରୁ ୨୫୦ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଭୋଟର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଏବଂ ଭୋଟ ଦେବାର ଅଧିକାର ବିଷୟରେ ହୋଇଥିବା ରଙ୍ଗୋଲି, ପୋଷ୍ଟର, ସ୍ଲୋଗାନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନୃତ୍ୟ ପରିବେଷଣରେ ଭୋଜପୁର ବିଜିଆର ଯୁକ୍ତ ୨ କଲେଜ ଓ ପଥପ୍ରାନ୍ତ ନାଟକରେ କୁଚିଣ୍ଡା ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ୱିଲିୟମ ବାଗ, ଅନିଭା ନାୟକ, ରଞ୍ଜୁକ୍ତା ମେହେର, ଅରୁଣ ଓରାମଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶାର ୧୭୧ଜଣ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ


କାର୍ଯ୍ୟକ୍ରମରେ ଉପଭୋକ୍ତାମାନଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୨୯।୧୦(ବି.ଶଙ୍କର)

### ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପେ ଆଣ୍ଡ ୱିନ-ଖୁଲ ଜା ସିମସିମ କାର୍ଯ୍ୟକ୍ରମ

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପେ ଆଣ୍ଡ ୱିନ-ଖୁଲ ଜା ସିମ୍‌ସିମ୍ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୯ଟି ଜିଲାର ୧୭୧ଜଣ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ ହୋଇଛନ୍ତି। ଅକ୍ଟୋବର ୨୧ରୁ ସମ୍ବଲପୁର ବିଦ୍ୟୁତ୍ ମଣ୍ଡଳ ଅଧିନ ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲାର ୪୨ ଜଣ ଉପଭୋକ୍ତାଙ୍କୁ ପେ ଆଣ୍ଡ ୱିନ – ଖୁଲ ଜା ସିମ ସିମ କାର୍ଯ୍ୟକ୍ରମ ଯୋଜନାରେ ପୁରସ୍କୃତ କରାଯାଇଥିଲା। ଶୂନ୍ୟ ବକେୟା ଥିବା ଉପଭୋକ୍ତାମାନଙ୍କୁ ଏହି ଲକି ଡ୍ର କାର୍ଯ୍ୟକ୍ରମରେ ସାମିଲ କରାଯାଇ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ୧୪ ସବ୍‌ଡିଭିଜନର ୪୨ ଉପଭୋକ୍ତା ପୁରସ୍କୃତ ହୋଇଛନ୍ତି । ପ୍ରତି ସବ୍‌ଡିଭିଜନରୁ ୩ ବିଜେତାଙ୍କୁ ଏକ ସଂଖ୍ୟାଭିତ୍ତିକ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା । ପ୍ରଥମ ବିଜେତାଙ୍କୁ ସ୍ମାର୍ଟ ଫୋନ, ଦ୍ୱିତୀୟ ବିଜେତାଙ୍କୁ ମ୍ୟୁଜିକ ପ୍ଲେୟାର ଏବଂ ତୃତୀୟ ବିଜେତାଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ପ୍ରତିମାସ ନିୟମିତ ଶୂନ୍ୟ ବକେୟା ଥିବା ଲକି ଭାଗ୍ୟଶାଳୀ ଉପଭୋକ୍ତାମାନଙ୍କୁ ପୁରସ୍କୃତ କରାଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ।

# କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିକାଶରେ ସହାୟକ ହେବ

ସମ୍ବଲପୁର,୨୯।୧୦(ଭବାନୀ ଶଙ୍କର ଭୋଇ)



ଅତିଥି ମାନେ ଉଦ୍ୟୋଗୀଙ୍କୁ ଋଣ ପ୍ରଦାନ କରୁଛନ୍ତି।

### ସମ୍ବଲପୁରରେ ଖୋଲିଲା ସିଡ୍‌ବିର ନୂଆ ଶାଖା

ପଶ୍ଚିମ ଓଡ଼ିଶାର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏସ୍ଏସ୍ଏମ୍ଇ)କୁ ସହାୟତା ପ୍ରଦାନ ପାଇଁ ମଙ୍ଗଳବାର ଭାରତୀୟ କ୍ଷୁଦ୍ର ଉଦ୍ୟୋଗ ବିକାଶ ବ୍ୟାଙ୍କ(ସିଡ୍‌ବି) ପକ୍ଷରୁ ସମ୍ବଲପୁରରେ ଏକ ନୂତନ ଶାଖା ଉଦ୍‌ଘାଟନ କରାଯାଇଛି। ସିଡ୍‌ବି ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଜୈନ, କୋଲକାତା ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବିଜୟଭର୍ଗିୟ, ଡିଆଇସିର ମହାପ୍ରବନ୍ଧକ ସୁଷମା କରାଲି, ଅତିରିକ୍ତ ନିର୍ଦ୍ଦେଶକ ତଥା ଏମ୍ଏସ୍ଏମ୍ଇ-ଡିଏଫ୍ଓ ଶୁଭେନ୍ଦୁ କୁମାର ପତି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଶିଳ୍ପପତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ସିଡ୍‌ବିର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଜୈନ କହିଥିଲେ, ପୂର୍ବରୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀମାନଙ୍କୁ ଋଣ ପାଇଁ ସିଡ୍‌ବିର ଭୁବନେଶ୍ୱର ଶାଖାକୁ ଯିବାକୁ ପଡୁଥିଲା। ଏବେ ଆପଣଙ୍କ ସହରରେ ନୂତନ ଶାଖା ଖୋଲିବା ପରେ ଏହା ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀମାନଙ୍କୁ ବେଶ୍ ସହାୟକ ହୋଇପାରିବ। ଅଳ୍ପ ଆବଶ୍ୟକ କାଗଜପତ୍ର ଏବଂ କମ୍ ସମୟ ଭିତରେ ସିଡ୍‌ବି ଉଦ୍ୟୋଗୀମାନଙ୍କୁ ଋଣ ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ମହାପ୍ରବନ୍ଧକ ଜୈନ କହିଥିଲେ। ଏହି ଅବସରରେ ସିଡ୍‌ବି ଭୁବନେଶ୍ୱର ଶାଖା ଉପ ମହାପ୍ରବନ୍ଧକ ପ୍ରଦ୍ୟୁମ୍ନ ଚୌଧୁରୀ କହିଥିଲେ ଯେ, ଗତ ୩୪ ବର୍ଷ ଧରି ସିଡ୍‌ବି ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ ଯେତିକି ଉନ୍ନତି କରିବେ ସ୍ଥାନୀୟ ନିଯୁକ୍ତି ସହ ଅଞ୍ଚଳର ସେତିକି ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ପାଞ୍ଚଟି ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ୧୬କୋଟି ୨୧ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ରାଜଗାଙ୍ଗପୁର ସମେତ ଆଖପାଖ ଅଞ୍ଚଳରେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀମାନେ ବୈଠକରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସିଡ୍‌ବି ଉପମହାପ୍ରବନ୍ଧକ ପ୍ରଦ୍ୟୁମ୍ନ ଚୌଧୁରୀ ପରିଚାଳନା କରିଥିଲେ। ସିଡବି ସମ୍ବଲପୁର ଶାଖାର ମୁଖ୍ୟ ବିଜୟ କୁମାର ନାଏକ କାର୍ଯ୍ୟ ପ୍ରଣାଳୀ ବିଷୟରେ ସୂଚନା ପ୍ରଦାନ କରିଥିଲେ।

## ସରପଞ୍ଚଙ୍କ ସପକ୍ଷରେ ବାହାରିଲେ ୱାର୍ଡସଭ୍ୟ


ୱାର୍ଡସଭ୍ୟମାନେ ଉପଜିଲାପାଳଙ୍କୁ ଫେରାଦ ହେବାକୁ ଆସିଛନ୍ତି।

କୁଚିଣ୍ଡା,୨୯।୧୦(ବିରଞ୍ଚି ଦର୍ଶୀ)

### ସର୍ଡା ଗ୍ରାମ ପଞ୍ଚାୟତ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

ସମ୍ବଲପୁର ଜିଲା ଜମନକିରା ବ୍ଲକ ୧୧ୱାର୍ଡ ବିଶିଷ୍ଟ ସର୍ଡା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ୯ଜଣ ୱାର୍ଡସଭ୍ୟ ଗତ ୨୨ତାରିଖ କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ହେଲେ ଏହି ଘଟଣା ଏବେ ଭିନ୍ନମୋଡ ନେଇଛି। ମଙ୍ଗଳବାର ସରପଞ୍ଚ ଗୀତା ବାଘଙ୍କ ସହ ୪ୱାର୍ଡସଭ୍ୟ ପଞ୍ଚାୟତରେ ଭଲ କାମ ହେଉଥିବା ଓ ତାଙ୍କଠାରୁ ଜବରଦସ୍ତ ସ୍ୱାକ୍ଷର କରାଇ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବା ସମ୍ପର୍କରେ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଏହି ଘଟଣାକ୍ରମ ପରେ ସର୍ଡା ପଞ୍ଚାୟତ ରାଜନୀତି ଉଷ୍ମ ହୋଇଛି। ଉଭୟ ଅଭିଯୋଗର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ଗୌରବମୟ ପ୍ରଧାନ କହିଛନ୍ତି।

ଘନଶ୍ୟାମ ଝାଙ୍କର, ସୌଭାଗ୍ୟ ଅଡା, ରାଜକୁମାରୀ ସୋରେନ, ଜୟନ୍ତି ଦେହୁରି ପ୍ରମୁଖ ୪ ୱାର୍ଡସଭ୍ୟ ଅଭିଯୋଗ କରି କହିଛନ୍ତି, ସରପଞ୍ଚ ବାଘ ପଞ୍ଚାୟତ ସଭାରେ ଆଲୋଚନା ସହ ବିଭିନ୍ନ ବିକାଶମୂଳକ କାମ କରୁଛନ୍ତି। ନାଏବ ସରପଞ୍ଚ ଦୀନବନ୍ଧୁ ଡନସନା ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟମାନଙ୍କୁ ଉସୁକାଇ ଆଗତ ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରାଇ ନେଇଛନ୍ତି। ସରପଞ୍ଚ ଅନାସ୍ଥାରେ ହଟିଲେ ନାଏବ ସରପଞ୍ଚ କାଳେ ତାଙ୍କୁ ସରପଞ୍ଚ ଦାୟିତ୍ୱ ମିଳିବ ଏ ନେଇ ୱାର୍ଡସଭ୍ୟମାନଙ୍କଠାରୁ ସ୍ୱାକ୍ଷର କରାଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ନାଏବ ସରପଞ୍ଚଙ୍କ ୩ଟି ସନ୍ତାନ ଥିବା ସତ୍ତ୍ୱେ ସେ ନିର୍ବାଚନ ନାମାଙ୍କନ ସମୟରେ ସେ ତଥ୍ୟ ଲୁଚାଇ ଥିବାରୁ ଏ ଦିଗରେ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ୪ ୱାର୍ଡସଭ୍ୟ ଓ ସରପଞ୍ଚ ଉପଜିଲାପାଳଙ୍କଠାରେ ଲିଖିତ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖରେ ନାଏବ ସରପଞ୍ଚ ଦୀନବନ୍ଧୁ ଡନସନାଙ୍କ ସହ ୯ ଜଣ ୱାର୍ଡସଭ୍ୟ ଉପଜିଲାପାଳଙ୍କଠାରେ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରିଛନ୍ତି।

# ମୁଣ୍ଡେନପାଲି ବିଦ୍ୟାଳୟ ଚାମ୍ପିୟନ

ସମ୍ବଲପୁର,୨୯।୧୦(ବି.ଶଙ୍କର)


ଚାମ୍ପିୟନ ମୁଣ୍ଡେନପାଲି ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର କାଇଁଶିର ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ ବନାମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ମଧ୍ୟରେ ହୋଇଥିଲା। ମୁଣ୍ଡେନପାଲି ୨–୦ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ରେଫରୀ ମଥୁରା ଓରାମ, ଶାନ୍ତା ରଣବିଡା, ମନୋଜ ଭୋଇ, ଜଲେନ୍ଦ୍ର ଓରାମ, ଗଜେନ୍ଦ ଓରାମ ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡା ସଂଘ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଡାକ୍ତର ଅଶ୍ୱିନୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଣ୍ଡେନପାଲି ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ମନୋରଞ୍ଜନ ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉପବିଜେତା ଦଳକୁ ଟ୍ରଫି ଦେଇଥିଲେ। ସାଧରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥିଙ୍କୁ ସ୍ୱାଗତ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ନିସାକ ମିର୍ଦ୍ଧା ଶ୍ରେଷ୍ଠ ଗୋଲକିପର, ସୁନିତ କାଲେ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ, ଧରନଦୀପ ମୁଣ୍ଡାଙ୍କୁ ମେନ ଅଫ ଦ ମ୍ୟାଚ ଏବଂ ଅନୁପ ଧନୁଆରଙ୍କୁ ମେନ ଅଫ ଦ ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଅକ୍ଷୟ କୁମାର ପ୍ରଧାନ, ପ୍ରମୋଦ ଚନ୍ଦ୍ର ବକ୍ସିଙ୍କୁ ସମ୍ମାନୀତ କରାଯାଇଥିଲା।

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷ



**ନ**ଭେମ୍ବର ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା – କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪, ପି.ଏ.ସି.–୩୬, ଏମ୍.ଏସ୍.ଏଫ୍.ଏଚ୍.–୮, ଜ୍ୱାଳାମୁଖୀ ଆଦି ଉନ୍ନତ କିସମର ସୂର୍ଯ୍ୟମୁଖୀ ବିହନ ବ୍ୟବହାର କରନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

# ମଧ୍ୟମ କିସମ ଧାନ ଅମଳ ସମୟରେ...



**ମ**ଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷାକରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣକରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

**ଡାଲି ଜାତୀୟ ଫସଲ :** ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ :** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ପିୟୁ ୯୪–୨, ସାରଳା, ପ୍ରସାଦ, ପି.ୟୁ.–୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।

## ନଭେମ୍ବର ମାସର କୃଷି ସୂଚନା

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣକଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

**କପା :** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା’ ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

**ପନିପରିବା ଫସଲ**

**ଆଳୁ :** କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା–୩, କୁଫ୍ରି ବାଦ୍‌ଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨–୩ ଆଖି ବିଶିଷ୍ଟ ୨୦–୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍ଫରସ୍ ଓ ପଟାସ୍ ସାର ପ୍ରୟୋଗକରି ୪୫–୬୦ ସେ.ମି. x ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ପଶୁପାଳନ :** ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପଶୁମାନଙ୍କୁ କୃମିନାଶକ ଔଷଧ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପଶୁମାନଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ । ପଶୁମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଔଷଧ ଦିଅନ୍ତୁ । ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମାଛଚାଷ :** ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ଫଳ ଚାଷ

**ବ**ଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ। ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ଆମ୍ବଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।



## ଅଳ୍ପରେ...



**ବାଇଗଣ :** ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।



**ଫୁଲକୋବି :** ଫୁଲକୋବି ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା’ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କା :** ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



## ଚିନାବାଦାମର ଉନ୍ନତ କିସମ



**ଚି**ନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩, କାଦିରି–୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮–୪୬–୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି

**ପି**ଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ। ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗକଲେ ପତ୍ର ଉକୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ ।



# ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ

(ଶେଷ ଭାଗ)

**ପ୍ର**ଥମ ପର୍ଯ୍ୟାୟ ଅମଳର ୭ ବା ୮ ଦିନ ପରେ ଆଉ ଥରେ ଛତୁ ଫୁଟେ। ୧୦୦ କି.ଗ୍ରା. କମ୍ପୋଷ୍ଟରୁ ପ୍ରାୟ ୧୫ରୁ ୧୬ କି.ଗ୍ରା. ଓ ସର୍ବାଧିକ ୧୮ କି.ଗ୍ରା. ପର୍ଯ୍ୟନ୍ତ ଛତୁ ଅମଳ ହୁଏ । ନଡ଼ା ସହ ତୁଳା ଆବର୍ଜନା ମିଶେଇ ଚାଷକଲେ ଛତୁ ଉତ୍ପାଦନ ଆହୁରି ବୃଦ୍ଧିପାଏ। ନଡ଼ା ସହ କଦଳୀଗଛର ଶୁଖିଲା ପତ୍ର, ଶୁଖିଲା ବିଲାତି ଦଳ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ମିଶାଇ ଓ ଆନୁଷଙ୍ଗିକ ପୋଷାକ ତତ୍ତ୍ୱ ବ୍ୟବହାରକରି ଅର୍ଦ୍ଧ କମ୍ପୋଷ୍ଟର ଗୁଣାତ୍ମକ ମାନ ବୃଦ୍ଧିକରି ଆହୁରି ଅଧିକ ପାଳଛତୁ ଉତ୍ପାଦନ କରାଯାଇପାରିବ ।

ପ୍ରଚଳିତ ପାଳଛତୁ ପଦ୍ଧତି ତୁଳନାରେ ନୂତନ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଅନେକ ସୁଫଳ ମିଳିଥାଏ। ଭବିଷ୍ୟତରେ ବିଡ଼ା ନଡାର ଅଭାବଜନିତ ସମସ୍ୟାରୁ ମୁକ୍ତିପାଇବାକୁ ହେଲେ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଉତ୍ପାଦନ କରିବା ଏକ ସମୟୋପଯୋଗୀ ପ୍ରତିକାର । ଏଥିରେ ସବୁ ପ୍ରକାର ଧାନ ନଡ଼ା ଓ ଅନେକ ପ୍ରକାର କୃଷିଜାତ ଅଦରକାରୀ ପଦାର୍ଥକୁ ବିନିଯୋଗକରି ପାଳଛତୁ ଉତ୍ପାଦନ କରିହେବ। ପାରମ୍ପରିକ ପ୍ରଣାଳୀଠାରୁ ଏହି ନୂତନ ପଦ୍ଧତିରେ ପ୍ରାୟ ୨ ଗୁଣ ଅଧିକ ଛତୁ ଅମଳ ହୋଇପାରେ। ଚାଷ ସମୟରେ ରୋଗ, ପୋକ ଓ ଅନିଷ୍ଟକାରୀ ଫିମ୍ପିମାନଙ୍କର ସଂକ୍ରମଣ




ମଧ୍ୟ କମ୍ ହୁଏ। ଏହି ପ୍ରଣାଳୀରେ ଅମଳ ହେଉଥିବା ଛତୁ ପାରମ୍ପରିକ ପ୍ରଣାଳୀରେ ଉତ୍ପାଦିତ ହେଉଥିବା ପାଳଛତୁଠାରୁ ଅଧିକ ସ୍ୱାଦିଷ୍ଟ। ବେଡ୍‌ର ଉଚ୍ଚତା କମ୍ ଥିବାରୁ ଏକକ ପରିମିତ ଜାଗାରେ ଥାକ ବ୍ୟବସ୍ଥାକରି ପାରମ୍ପରିକ ପ୍ରଣାଳୀ ତୁଳନାରେ ଯଥେଷ୍ଟ ଅଧିକ ବେଡ୍ ରଖି ହେବ ଓ ଅପେକ୍ଷାକୃତ ଅଧିକ ପାଳଛତୁ ଉତ୍ପାଦନ କରିହେବ । ଯେଉଁ ଘରେ ଏବେ ଛତୁଚାଷ କରାଯାଉଛି, ସେହି ଘରେ ହିଁ ନୂତନ ପଦ୍ଧତିରେ ପାଳଛତୁ ଚାଷକରିହେବ । ପରିବେଶ ଦୃଷ୍ଟିରୁ ନୂତନ ପ୍ରଣାଳୀ ଅଧିକ ନିରାପଦ। ପାରମ୍ପରିକ ଚାଷ ପ୍ରଣାଳୀରେ ଛତୁ ଫାର୍ମରୁ ନିର୍ଗତ ପରିତ୍ୟକ୍ତ ବର୍ଜ୍ୟ ପଦାର୍ଥର କିଛି ସିଧାସଳଖ ଉପଯୋଗ ନାହିଁ । ସେଗୁଡ଼ିକ ଅନ୍ୟତ୍ର ଫୋପାଡ଼ିଦେବା ଫଳରେ ପରିବେଶ ଦୂଷିତ ହୁଏ । ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ଛତୁ ଅମଳହେବା ପରେ ବର୍ଜ୍ୟପଦାର୍ଥକୁ ସିଧାସଳଖ ଜୈବିକ ଖତ ଭାବରେ ବ୍ୟବହାର କରିହେବ। ଏହାର ଗୁଣାତ୍ମକ ମାନ ସାଧାରଣ ଖତଠାରୁ ଢେର ଅଧିକ। ତେଣୁ ଆମ ରାଜ୍ୟର ଅଗଣିତ ଛତୁ ଚାଷୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ନୂତନ ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀର ସୁଯୋଗ ନିଅନ୍ତୁ ଓ ଏହି ପ୍ରଣାଳୀରେ ଅଧିକ ଛତୁ ଉତ୍ପାଦନକରି ଆର୍ଥିକ ଦୃଷ୍ଟିରୁ ଆହୁରି ମଜଭୁତ ହୁଅନ୍ତୁ ।

**–ଡ. ବିକ୍ରମ କେଶରୀ ପାଣି,**
ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ,
ଓୟୁଏଟି, ଭୁବନେଶ୍ୱର–୩
ମୋ : ୯୪୩୭୬୭୩୭୬୩

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ୧୨ ମୃତ

ଜୟପୁର,୨୯।୧୦

ରାଜସ୍ଥାନର ସିକର ଜିଲା ଅନ୍ତର୍ଗତ ଲକ୍ଷ୍ମଣଗଡ଼ରେ ମଙ୍ଗଳବାର ଅପରାହ୍ନରେ ଏକ ବସ୍ କଲ୍‌ଭର୍ଟକୁ ଧକ୍କା ଦେବାରୁ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବସ୍‌ଟି ସାଲାସାରରୁ ଯାଉଥିଲା। ଆହତମାନଙ୍କୁ ଲକ୍ଷ୍ମଣଗଡ଼ର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ରେ ଅତ୍ୟଧିକ ଭିଡ଼ ଥିବାବେଳେ ଏହା ଦ୍ରୁତ ବେଗରେ ଯାଉଥିବାରୁ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି କୁହାଯାଉଛି।

### ସଲମାନ ଓ ଜିସାନ୍‌ଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଗିରଫ



ନୋଏଡା, ୨୯।୧୦

ବଲିଉଡ୍ ଅଭିନେତା ସଲମାନ ଖାନ୍ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ନେତା ଜିସାନ ସିଦ୍ଦିକିଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ(୨୦)ଙ୍କୁ ମଙ୍ଗଳବାର ଉତ୍ତରପ୍ରଦେଶର ନୋଏଡାରୁ ମୁମ୍ବାଇ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ଗତ ଶୁକ୍ରବାର ପ୍ରଥମେ ବିଧାୟକ ଜିସାନ୍‌ଙ୍କ ହେଲ୍‌ପଲାଇନ୍ ନମ୍ବରକୁ ଧମକ୍‌ଭରା ମେସେଜ ପଠାଇଥିଲେ। ପରେ ସେ ଜିସାନଙ୍କ ପୂର୍ବ ବାନ୍ଦ୍ରାସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟକୁ ଏକ ଭଏସ୍ କଲ୍ କରିଥିଲେ। ଉକ୍ତ କଲ୍‌ରେ ସେ ସଲମାନ ଏବଂ ଜିସାନ୍‌ଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ମୁମ୍ବାଇ ପୋଲିସର ଜଣେ ଅଧିକାରୀ କହିଛନ୍ତି। ମାମଲାର ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ମୁମ୍ବାଇ ଅଣାଯାଉଥିବା ସେ କହିଛନ୍ତି।

# ଗାଜାରେ ଇସ୍ରାଏଲ୍‌ର ବୋମାମାଡ଼: ୧୦୯ ମୃତ



ଇସ୍ରାଏଲୀ ସେନାର ବୋମାମାଡ଼ରେ ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

ଦେଇର ଅଲ୍‌-ବଲାହ,୨୯।୧୦

ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଉପରେ ଇସ୍ରାଏଲୀ ସେନା ମଙ୍ଗଳବାର ବୋମାମାଡ଼ କରିବାରୁ ଅନ୍ୟୂନ ୧୦୯ ଜଣ ପାଲେଷ୍ଟିନୀୟ ନିହତ ହେବା ସହ ଅନେକେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଛୋଟ ପିଲା। ବିସ୍ଥାପିତ ପାଲେଷ୍ଟିନୀୟମାନେ ଉକ୍ତ ବିଲ୍ଡିଂରେ ଆଶ୍ରୟ ନେଇଥିଲେ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରେ ଜଣେ ମାଆ ଏବଂ ତାଙ୍କର ୫ ପିଲା ରହିଥିବାବେଳେ ଅନ୍ୟ ଜଣେ ମହିଳା ଓ ତାଙ୍କର ୬ ପିଲା ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଗାଜାରେ ଯୁଦ୍ଧଜନିତ ମୃତ୍ୟୁସଂଖ୍ୟା ୪୩ ହଜାର ଟପିଛି। ଏଥିସହିତ ଯୁଦ୍ଧରେ ମୋଟ ୧,୦୧,୨୨୩ ଜଣ ଆହତ ହେଲେଣି। ଗତ ଶୁକ୍ରବାର ଇସ୍ରାଏଲୀ ସୈନ୍ୟ ଉତ୍ତର ଗାଜାର କମଲ ଅଡୱାନ ହସ୍ପିଟାଲରେ ଚଢ଼ାଉ କରି ଶତାଧିକ ପାଲେଷ୍ଟିନୀୟଙ୍କୁ ଗିରଫ କରିଥିଲେ। ସେମାନେ ସନ୍ଦିଗ୍ଧ ହମାସ୍ ଆତଙ୍କବାଦୀ ଏବଂ ହସ୍ପିଟାଲରେ ଛଦ୍ମବେଶରେ ଆତ୍ମଗୋପନ କରିଥିଲେ ବୋଲି ଇସ୍ରାଏଲ୍ କହିଥିଲା। ଗତବର୍ଷ ଅକ୍ଟୋବରରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାରର ଜବାବରେ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି।

## ନାଇମ୍ କାସିମ୍ ହେଜ୍‌ବୋଲ୍ଲା ମୁଖ୍ୟ ନିର୍ବାଚିତ

ବେରୁଟ୍,୨୯।୧୦

ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନର ଉପନେତା ଥିବା ଶେଖ୍ ନାଇମ୍ କାସିମ୍‌ଙ୍କୁ ଏହାର ନୂଆ ନେତା ନିର୍ବାଚନ କରାଯାଇଛି। ସେପ୍ଟେମ୍ବର ୨୭ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ମୃତ୍ୟୁ ଘଟିଥିଲା। ଏହାର ୪ ସପ୍ତାହ ପରେ କାସିମ୍‌ଙ୍କୁ ନୂଆ ନେତା ବଛାଯାଇଛି। ୧୯୯୧ରେ କାସିମ୍ ପ୍ରଥମ ଥର ପାଇଁ ହେଜ୍‌ବୋଲ୍ଲାର ଉପନେତା ନିର୍ବାଚିତ ହୋଇଥିଲେ। ସେ ଆତଙ୍କବାଦୀ ସଂଗଠନର ଉପସାଧାରଣ ସମ୍ପାଦକ ଏବଂ ସେକେଣ୍ଡ-ଇନ୍-କମାଣ୍ଡ ରହିଥିଲେ। ହେଜ୍‌ବୋଲ୍ଲାର ଶୁରା କାଉନ୍‌ସିଲ ୭୧ ବର୍ଷୀୟ କାସିମ୍‌ଙ୍କୁ ନେତା ନିର୍ବାଚନ କରିଛି।



ଶେଖ୍ ନାଇମ୍ କାସିମ୍

# ନୋଏଡ଼ାରେ ଡ୍ରଗ୍‌ସ ଫ୍ୟାକ୍ଟ୍ରି

ନୂଆଦିଲ୍ଲୀ,୨୯।୧୦(ପି.ଟି.)

- ୯୫ କେ.ଜି. ବେଆଇନ ନିଶାଦ୍ରବ୍ୟ ଜବତ
- ତିହାର ଜେଲ ୱାର୍ଡେନ ଗିରଫ

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ନୋଏଡ଼ାରୁ ଡ୍ରଗ୍ସ ଉତ୍ପାଦନ ଫ୍ୟାକ୍ଟ୍ରି ଠାବ ହୋଇଛି। ମେକ୍ସିକୋ ଡ୍ରଗ୍ କାର୍ଟେଲ ସହ ଉକ୍ତ ମେଥ୍ ଲାବ୍‌ର ସମ୍ପର୍କ ରହିଛି। ଗତ ୨୫ ତାରିଖରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏବଂ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍‌ର ମିଳିତ ଚଢ଼ାଉ ବେଳେ ନୋଏଡ଼ାର ଗୌତମବୁଦ୍ଧ ନଗର ଜିଲା ଅନ୍ତର୍ଗତ କସ୍‌ନା ଶିଳ୍ପାଞ୍ଚଳରୁ ମେଥାମ୍‌ଫେଟାମାଇନ୍ ଉତ୍ପାଦନ ଲାବ୍ ଠାବ ହୋଇଛି। ସେଠାରୁ ୯୫ କେ.ଜି. ମେଥାମ୍‌ଫେଟାମାଇନ୍ ଜବତ ହୋଇଛି। ଏହି ବେଆଇନ ନିଶା ଉତ୍ପାଦନରେ ସମ୍ପୃକ୍ତ ତିହାର ଜେଲ୍‌ର ୱାର୍ଡେନ୍ ଏବଂ ଜଣେ ମେକ୍ସିକୋ ନାଗରିକଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ଉକ୍ତ ଫ୍ୟାକ୍ଟ୍ରି ପରିସରରୁ ଦିଲ୍ଲୀ ଜଣେ ବ୍ୟବସାୟୀ ଧରାପଡ଼ିଥିଲେ। ଉକ୍ତ ବ୍ୟବସାୟୀ ଏବଂ ୱାର୍ଡେନ୍ ବେଆଇନ କାରଖାନା ବସାଇଥିବା କୁହାଯାଇଛି। ସେମାନେ ଡ୍ରଗ୍ସ ତିଆରି ପାଇଁ ବିଭିନ୍ନ ସୂତ୍ରରୁ ଆବଶ୍ୟକ ରାସାୟନିକ ସାମଗ୍ରୀ କିଣିବା ସହ ଉପକରଣ ବାହାରୁ ଆମଦାନି କରିଥିଲେ ବୋଲି ଏନ୍‌ସିବି ଉପମହାନିର୍ଦ୍ଦେଶକ (ଅପରେଶନ୍ସ) ଜ୍ଞାନେଶ୍ୱର ସିଂ କହିଛନ୍ତି। ଡ୍ରଗ୍ ଉତ୍ପାଦନରେ ମୁମ୍ବାଇର ଜଣେ ରସାୟନବିଦ୍ ସମ୍ପୃକ୍ତ। ଦିଲ୍ଲୀରେ ରହିଥିବା ମେକ୍ସିକୋର ଡ୍ରଗ୍ କାର୍ଟେଲ ସଦସ୍ୟ ଡ୍ରଗ୍‌ର ମାନ ପରୀକ୍ଷା କରୁଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ସ୍ୱତନ୍ତ୍ର ନାର୍କୋଟିକ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଅଧିନିୟମ କୋର୍ଟରେ ୨୭ ତାରଖରେ ହାଜର କରାଯାଇଥିଲା। ଏନ୍‌ସିବି ସେମାନଙ୍କୁ ୩ ଦିନ ପାଇଁ ହାଜତକୁ ନେଇଛି। ଉକ୍ତ ସିଣ୍ଡିକେଟ୍ ସହ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା ଦିଲ୍ଲୀ ବ୍ୟବସାୟୀଙ୍କୁ ରାଜୌରୀ ଗାର୍ଡେନ ଅଞ୍ଚଳରୁ ଗିରଫ କରାଯାଇଥିଲା।

## ମନ୍ଦିରରେ ବାଣ ବିସ୍ଫୋରଣ, ୧୫୪ ଆହତ

ଥିରୁଭାନନ୍ତପୁରମ, ୨୯।୧୦

ଦୀପାବଳି ପୂର୍ବରୁ କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବାଣ ବିସ୍ଫୋରଣ ଘଟିଛି। ସ୍ଥାନୀୟ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବରେ ବାଣ ଫୁଟାଯାଉଥିବା ବେଳେ ନିକଟରେ ଥିବା ବାଣ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଫଳରେ ମନ୍ଦିର ପରିସରରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ୧୫୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି। ଆହତମାନଙ୍କୁ ସ୍ଥାନୀୟ କାସରଗୋଡ଼, କନ୍ନୁର, ମଙ୍ଗଲୁରୁ ଆଦି ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ବିନା ଅନୁମତିରେ ବାଣ ଫୁଟାଇ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବାରୁ ମନ୍ଦିର ପ୍ରଶାସନର ୮ ସଦସ୍ୟଙ୍କ ବିରୋଧରେ ଜାମିନବିହୀନ ଧାରା ଅଧୀନରେ ପୋଲିସ ମାମଲା ରୁଜୁ କରିଛି।



କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ୍‌ସ୍ଥିତ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବ ଚାଲୁଥିବାବେଳେ ଭୟଙ୍କର ବାଣ ବିସ୍ଫୋରଣ ଘଟିଛି।

# ଭାରତ-ଚାଇନା ସେନା ପ୍ରତ୍ୟାହାର ପ୍ରାୟତଃ ଶେଷ

ନୂଆଦିଲ୍ଲୀ,୨୯।୧୦

ପୂର୍ବ ଲଦାଖର ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍ ଅଞ୍ଚଳରୁ ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅନ୍ତର୍ଗତ ସମ୍ବେଦନଶୀଳ ଅଞ୍ଚଳରୁ ସବୁ ସେନା ପ୍ରତ୍ୟାହାର ହୋଇଛନ୍ତି କି ନାହିଁ ଏବଂ ସାମରିକ ଭିତ୍ତିଭୂମି ଭଙ୍ଗାଯାଇଛି କି ନାହିଁ, ଉଭୟ ଦେଶର ସୈନ୍ୟବାହିନୀ ମିଳିତ ଭାବେ ତାହାର ଯାଞ୍ଚ କରୁଛନ୍ତି। ତେବେ ଗଲ୍‌ୱାନ ଅଞ୍ଚଳ ସମେତ ୪ ବଫର ଜୋନ୍ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ। ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗରେ ପାଟ୍ରୋଲିଂ ଆରମ୍ଭ ହେବା ପରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯିବା ନେଇ କମାଣ୍ଡରସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ। ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଖୁବ୍‌ଶୀଘ୍ର ପାଟ୍ରୋଲିଂ ଆରମ୍ଭ ହେବା ସହ ସୀମାରେ ୨୦୨୦ ଏପ୍ରିଲ ପୂର୍ବ ସ୍ଥିତି ଫେରିବ ବୋଲି ଦୁଇଦିନ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ।

ସୂଚନାଯୋଗ୍ୟ, ୨୦୨୦ ମେ' ମାସରେ ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଜୁନ୍‌ରେ ଗଲ୍‌ୱାନ୍ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇ କେତେକ ସୈନ୍ୟ ମୃତାହତ ହୋଇଥିଲେ। ଏହି ଘଟଣା ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ଏଲ୍‌ଏସିରେ ପାଟ୍ରୋଲିଂ ପାଇଁ ଚାଇନା ସହ ବୁଝାମଣା ହୋଇଥିଲା।

## ବୋମା ଧମକ ଦେଉଥିବା ସନ୍ଦିଗ୍ଧଙ୍କ ପରିଚୟ ମିଳିଲା

ନାଗପୁର, ୨୯।୧୦

ଗତ ୧୩ ଦିନ ମଧ୍ୟରେ ଭାରତର ୩୦୦ରୁ ଅଧିକ ବିମାନକୁ ବୋମା ଧମକ ମିଳିଥିଲା। ଏହାର ତଦନ୍ତ କରୁଥିବା ନାଗପୁର ପୋଲିସକୁ ମଙ୍ଗଳବାର ବୋମା ଧମକ ପଛର ସନ୍ଦିଗ୍ଧଙ୍କ ପରିଚୟ ମିଳିଛି। ଧମକ ଦେଉଥିବା ମହାରାଷ୍ଟ୍ରର ଗୋଦିଆଁ ନିବାସୀ ଜଗଦୀଶ ଉଇକେ(୩୫) ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି। ୨୦୨୧ରେ ସେ ଏକ ମାମଲାରେ ଗିରଫ ହୋଇଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ଶୁଭାରମ୍ଭ

**ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ, ପଶ୍ଚିମବଙ୍ଗ ସରକାରଙ୍କୁ ମୋଦିଙ୍କ ସମାଲୋଚନା**

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଦେଶରେ ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିର ପ୍ରସାର ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୯ମ ଆୟୁର୍ବେଦ ଦିବସ ଅବସରରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ (ଏଆଇଆଇଏ)ଠାରେ ୧୨,୮୫୦ କୋଟି ଟଙ୍କା ମୂଲ୍ୟର ଅନେକ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଏମ୍ସ ଏବଂ ଇଏସ୍‌ଆଇସି ହସ୍ପିଟାଲଗୁଡ଼ିକରେ ଅତ୍ୟାଧୁନିକ ସୁବିଧା ଆରମ୍ଭ ହୋଇଛି।




ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଜଣେ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନୈତିକ ସ୍ୱାର୍ଥ ପାଇଁ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ପ୍ରଧାନମନ୍ତ୍ରୀ ବର୍ଷିଛନ୍ତି। ପରିବର୍ଦ୍ଧିତ ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମରୁ ଏହି ୨ ରାଜ୍ୟର ବରିଷ୍ଠ ନାଗରିକମାନେ ମାଗଣା ଚିକିତ୍ସା ସୁବିଧା ପାଇପାରୁ ନ ଥିବାରୁ ମର୍ମାହତ ବୋଲି ମୋଦି କହିଛନ୍ତି।

# ଦେଶରେ ଏକାଧିପତ୍ୟ ବଞ୍ଚାଅ ସିଣ୍ଡିକେଟ୍ ଚାଲିଛି: ରାହୁଲ

ନୂଆଦିଲ୍ଲୀ,୨୯।୧୦(ପି.ଟି.)



ରାହୁଲ ଗାନ୍ଧୀ

**ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା, ଭାଜପା ମଧ୍ୟରେ ବିପଜ୍ଜନକ ସମ୍ବନ୍ଧ ଅଭିଯୋଗ**

ପୁଞ୍ଜିବଜାର ନିୟନ୍ତ୍ରକ ସେବିର ଅଧକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ କଂଗ୍ରେସ ମଙ୍ଗଳବାର ସାନି ବ୍ୟକ୍ତିଗତ ସ୍ୱାର୍ଥ ଅଭିଯୋଗ ଆଣିଛି। ଦେଶରେ ଏକ 'ଏକାଧିକାର ବଚାଓ ସିଣ୍ଡିକେଟ୍' କାର୍ଯ୍ୟ କରୁଛି, ଯାହାର କେନ୍ଦ୍ରରେ ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା ଏବଂ ଭାଜପା ମଧ୍ୟରେ 'ବିପଜ୍ଜନକ ସମ୍ବନ୍ଧ' ରହିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବିର ପବିତ୍ରତାକୁ ନଷ୍ଟ କରିଦେଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଫଳରେ ଦେଶର କୋଟି କୋଟି କ୍ଷୁଦ୍ର ଏବଂ ମଧ୍ୟମବର୍ଗ ନିବେଶକଙ୍କ କଷ୍ଟୋପାର୍ଜିତ ସଞ୍ଚୟ ବିପଦରେ ପଡ଼ିଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଦ୍ୱାରା ନିଯୁକ୍ତ କରିଥିବା ଅଧକ୍ଷାଙ୍କ ସମୟରେ ସେବିରେ ସୃଷ୍ଟି ହୋଇଥିବା ଦୁର୍ନୀତିକୁ ଘୋଡ଼ାଇପାରିବେ ନାହିଁ। ମାଧବୀଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହେବାରେ ଲାଗିଥିବାରୁ ତାଙ୍କ ପଦବୀରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହି ସିଣ୍ଡିକେଟ୍‌ର ପ୍ରତ୍ୟେକ ଦିଗକୁ ତଦନ୍ତ କରିବା ପାଇଁ ଉପଯୁକ୍ତ ଜେପିସିର ଆବଶ୍ୟକତା ରହିଥିବା ଖାର୍ଗେ ଏକ୍ସ'ରେ ଲେଖିଛନ୍ତି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ମାଧବୀ ତାଙ୍କ ସମ୍ପତ୍ତିକୁ ଏକ କମ୍ପାନୀକୁ ଭଡ଼ା ଲଗାଇଛନ୍ତି। ଉକ୍ତ କମ୍ପାନୀ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ଷ୍ଟକ୍ ବଜାର ନିୟନ୍ତ୍ରକଙ୍କ ତଦନ୍ତାଧୀନ ଥିବା ଇଣ୍ଡିଆବୁଲ୍ ଗ୍ରୁପ୍ ସହ ସମ୍ପର୍କ ରହିଛି। ସାନି ଅଭିଯୋଗ ଉପରେ ମାଧବୀ ବୁଚ୍ କିମ୍ବା ଆଦାନୀ ଗ୍ରୁପ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। କୌଣସି ଭୁଲ୍ କାର୍ଯ୍ୟ ହୋଇଥିବା ଅଭିଯୋଗକୁ ପୂର୍ବରୁ ସେବି ମୁଖ୍ୟ ଏବଂ ଆଦାନୀ ଗ୍ରୁପ୍ ଖଣ୍ଡନ କରିଥିଲେ। ପ୍ରେଡିବଲ୍ ହେଲ୍‌ଥ ପ୍ରାଇଭେଟ୍ ଲିଃ ସହ ମାଧବୀ ସମ୍ପୃକ୍ତ। ସେ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହେବା ସତ୍ତ୍ୱେ ଉକ୍ତ କମ୍ପାନୀରେ ତାଙ୍କର ଶେୟାର ରହିଥିବା ବିରୋଧୀ ଦଳ ଅଭିଯୋଗ କରିଛି।

ଏଆଇସିସି ମୁଖ୍ୟାଳୟରେ କଂଗ୍ରେସର ମିଡିଆ ଓ ପ୍ରଚାର ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ୨୦୨୨ ଅକ୍ଟୋବର ୧୦ରେ ଅନନ୍ତ ନାରାୟଣ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲେ। ସେ ମଧ୍ୟ ମୁମ୍ବାଇରେ ଥିବା ତାଙ୍କ ସମ୍ପତ୍ତିକୁ ଜଣେ ଷ୍ଟକ୍‌ବ୍ରୋକରଙ୍କୁ ଭଡ଼ା ଦେଇ ୬୪.୮ ଲକ୍ଷ ଟଙ୍କା ଭଡ଼ା ପାଇଛନ୍ତି। ଆଇଏମ୍‌ସି ଇଣ୍ଡିଆ ସିକ୍ୟୁରିଟିଜ୍ ନାମକ ବ୍ରୋକ୍‌ରେଜ୍ ଫାର୍ମ ଉକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛି। ଆଦାନୀ ଡିଫେନ୍ସ ୱେବ୍‌ସାଇଟ୍ କିପରି ବିଦେଶୀ ନିର୍ମିତ ଅସ୍ତ୍ରର ବ୍ରାଣ୍ଡ ପରିବର୍ତ୍ତନ କରି ଲାଭ ଉଠାଉଛି, ଏକ ଭିଡିଓ ଜରିଆରେ କଂଗ୍ରେସ ଏହାର ପର୍ଦ୍ଦାଫାଶ କରିଛି।

## ଫୁର୍‌ସତ୍

# ଜୀବନରେ ସଞ୍ଚୟ ଜରୁରୀ

**ବିଶ୍ୱ ସଞ୍ଚୟ ଦିବସ**

ଆଜି ସାରା ବିଶ୍ୱରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଉଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଞ୍ଚୟ ବିଷୟରେ ଅବଗତ କରାଇବା। ଆଜିକାଲି ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଛି। ଆଧୁନିକତା ହେତୁ ଲୋକମାନେ ଇଚ୍ଛା ନ ଥାଇ ମଧ୍ୟ ଅତ୍ୟଧିକ ଖର୍ଚ୍ଚ କରନ୍ତି। ଏହା ଅର୍ଥନୈତିକ ପରିସ୍ଥିତିରେ ଅସନ୍ତୁଳନ ସୃଷ୍ଟି କରେ। ଏଥିପାଇଁ ଅନାବଶ୍ୟକ ଟଙ୍କା ଖର୍ଚ୍ଚ କରିବା ଉଚିତ୍ ନୁହେଁ। ଆଜିର ସଞ୍ଚୟ ଆସନ୍ତାକାଲିର ଭବିଷ୍ୟତକୁ ସହଜରେ ପରିଣତ କରେ। ଏହି ଦୃଷ୍ଟିକୋଣରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଏ।

ଅକ୍ଟୋବର ୩୦, ୧୯୨୪ରେ ଅନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ ଇଟାଲୀର ମିଲାନ ସହରରେ ଆୟୋଜିତ କଂଗ୍ରେସ ଅଧିବେଶନରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବାକୁ ପଦକ୍ଷେପ ନେଇଥିଲା।



ସେହି ଦିନଠାରୁ ଏହା ପ୍ରତିବର୍ଷ ପାଳନ କରାଯାଉଥିଲା। କିଛି ବର୍ଷ ପରେ, ବିଶ୍ୱର ଅନ୍ୟାନ୍ୟ ଦେଶ ମଧ୍ୟ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବା ନିଷ୍ପତ୍ତିକୁ ଗ୍ରହଣ କରିଥିଲେ।

## 'ସିଟାଡେଲ ହନିବନି' ଟ୍ରେଲର ୨ ରିଲିଜ୍

ମୁମ୍ବାଇ

ଅଭିନେତା ବରୁଣ ଧାୱନ ଓ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ 'ସିଟାଡେଲ ହନିବନି' ୱେବ ସିରିଜ୍ ଆସନ୍ତା ନଭେମ୍ବର ୭ରେ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ର ଦ୍ୱିତୀୟ ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଉକ୍ତ ଟ୍ରେଲରକୁ ବରୁଣ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିବା ସହ ଏଥିରେ ସାମନ୍ଥାଙ୍କୁ ଟ୍ୟାଗ୍ କରିଛନ୍ତି। ଏହି ସିରିଜର ପ୍ରଥମ ଟ୍ରେଲର ଗତ ୧୫ରେ ରିଲିଜ୍ ହୋଇଥିଲା।

ଟ୍ରେଲରରେ ବରୁଣଙ୍କ ଶୈଳୀ ଏବଂ ଲୁକ୍ ବହୁତ ଭିନ୍ନ ରହିଛି। ଟ୍ରେଲର ଆରମ୍ଭରୁ ବରୁଣଙ୍କ ଧମାକାଦାର ଏଣ୍ଟ୍ରି ରହିଥିବାବେଳେ ସେ ବାଇକ୍ ଷ୍ଟଣ୍ଟ କରୁଥିବା ନଜରକୁ ଆସିଛନ୍ତି। ତେବେ 'ସିଟାଡେଲ ହନିବନି' ୱେବ ସିରିଜ୍‌ର ଏହି ଦ୍ୱିତୀୟ ଟ୍ରେଲରରେ ଉଭୟ ବରୁଣ ଓ ସାମନ୍ଥାଙ୍କର ବହୁ ଆକ୍ସନ ଦୃଶ୍ୟ ରହିଛି। ଟ୍ରେଲରରେ ବରୁଣ ଓ ସାମନ୍ଥାଙ୍କର ଅଭିନୟକୁ ଦୁହିଙ୍କ ପ୍ରଶଂସକ ଢେର ପସନ୍ଦ କରିଛନ୍ତି।

ଖୁବ୍‌ଶୀଘ୍ର ବରୁଣ ତାଙ୍କ ବାପା ତଥା ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରର ନାମ 'ହେ ଜୱାନି ତୋ ଇସ୍କ ହୋନା ହେ' ରହିଛି। ଏଥିରେ ବରୁଣଙ୍କ ସହ ଅଭିନେତ୍ରୀ ପୂଜା ହେଗ୍‌ଡେ ନଜରକୁ ଆସିବେ। ଅନ୍ୟପକ୍ଷେ ସାମନ୍ଥାଙ୍କୁ ଖୁବ୍‌ଶୀଘ୍ର ତେଲୁଗୁ ଫିଲ୍ମ 'ବନ୍‌ଗରମ'ରେ ଦେଖିବାକୁ ମିଳିବ।



ସାମନ୍ଥା ରୁଥ୍ ପ୍ରଭୁ

## ୧୩ ହଜାର କି.ମି. ସାଇକେଲ ଚଳାଇ ରୋନାଲ୍‌ଡୋଙ୍କୁ ଭେଟିଲେ ପ୍ରଶଂସକ

ରିୟାଧ୍

ପ୍ରସିଦ୍ଧ ଫୁଟ୍‌ବଲର ତଥା କିମ୍ବଦନ୍ତୀ କ୍ରୀଡ଼ାବିତ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ସମ୍ପ୍ରତି ତାଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ସାଇକେଲ ଯୋଗେ ୧୩ ହଜାର କିଲୋମିଟର ଯାତ୍ରା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ରୋନାଲ୍‌ଡୋଙ୍କର ଗୋଙ୍ଗ(୨୪) ନାମକ ଚାଇନାର ଏହି ପ୍ରଶଂସକ ସାଇକେଲ ଯୋଗେ ଚାଇନାରୁ ସାଉଦି ଆରବ ଯାତ୍ରା କରିଥିଲେ। ସେ ନିଜର ଆଦର୍ଶ ଫୁଟ୍‌ବଲରଙ୍କୁ ଭେଟିବାକୁ ସାଇକେଲରେ ୧୩ ହଜାର କି.ମି.ର ଦୂରତ୍ୱ ଅତିକ୍ରମ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୭ ମାସ ସମୟ ଲାଗିଥିଲା। ଗୋଙ୍ଗ୍ ଗତ ମାର୍ଚ୍ଚ ୧୮ରେ ନିଜର ଯାତ୍ରା ଆରମ୍ଭ କରିଥିବାବେଳେ ସେ ସୋମବାର




ସାଉଦି ଆରବର ଅଲ୍ ନାସର ଫୁଟ୍‌ବଲ୍ କ୍ଲବ ସମ୍ମୁଖରେ ରୋନାଲ୍‌ଡୋଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଏହି ଅବସରରେ ରୋନାଲ୍‌ଡୋ ଗୋଙ୍ଗ୍‌ଙ୍କୁ ନିଜର ଜର୍ସି ଓ ଅଟୋଗ୍ରାଫ୍ ଉପହାରରେ ଦେଇଥିଲେ। ଏହି ସାକ୍ଷାତ୍ ପରେ ସେ ବହୁତ ଖୁସି ଅଛନ୍ତି ବୋଲି ଗୋଙ୍ଗ୍ କହିଛନ୍ତି।

# ଧନ୍‌ତେରସରେ ଜିଏସ୍‌ଟି ଚଢ଼ାଉ

## ରାଉରକେଲା, ସମ୍ବଲପୁର, ଭବାନୀପାଟଣାରେ ରେଡ୍

ରାଉରକେଲା/ସମ୍ବଲପୁର/ ଭବାନୀପାଟଣା, ୨୯।୧୦ (ସଙ୍ଗୀତା ଜେନା/ ପ୍ରମୋଦ ବହିଦାର/ ଉତ୍ତମ କୁମାର ଦାଶ)



ରାଉରକେଲାସ୍ଥିତ ଅଗ୍ରୱାଲ ଜୁଏଲର୍ସରେ ସିଟି ଜିଏସ୍‌ଟି ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ସୁଖ ଓ ସମୃଦ୍ଧିର ପର୍ବ ଧନ ତ୍ରୟୋଦଶୀ ବା ଧନ୍‌ତେରସ ଉପଲକ୍ଷେ ମଙ୍ଗଳବାର ଜୁଏଲେରି ଦୋକାନଗୁଡ଼ିକରେ ଗହଣା କିଣିବାକୁ ଲୋକଙ୍କ ଭିଡ଼ ଲାଗି ଥିବାବେଳେ ରାଜ୍ୟର ପ୍ରମୁଖ ସହରର କେତେକ ଜୁଏଲେରି ଦୋକାନରେ ସିଟି ଆଣ୍ଡ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଥିବା ଦେଖିବାକୁ ମିଳିଛି। ଜିଏସ୍‌ଟି ଫାଙ୍କୁଥିବା ଅଭିଯୋଗରେ ଇସ୍ପାତ ସହର ରାଉରକେଲା, ସମ୍ବଲପୁର ଏବଂ ଭବାନୀପାଟଣାର ବିଭିନ୍ନ ଦୋକାନରେ ଏହି ଚଢ଼ାଉ ହୋଇଛି। ଜିଏସ୍‌ଟି ଟିମ୍ ବିଭିନ୍ନ କାଗଜପତ୍ର ଜବତ କରି ଯାଞ୍ଚ କରୁଛି। ଯାଞ୍ଚ ପରେ କିଛି ଅନିୟମିତତା ମିଳିଲେ ଦୋକାନ ମାଲିକଙ୍କୁ ସମନ୍ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ମେନ୍ ରୋଡ୍‌ସ୍ଥିତ ସିଂହ ବିଲ୍ଡିଂରେ ଥିବା ଅଗ୍ରୱାଲ ଜୁଏଲର୍ସରେ ରାଜ୍ୟ ସିଟି ଆଣ୍ଡ୍ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଦୋକାନର କ୍ରୟ ଓ ବିକ୍ରୟ, ବଳକା ସୁନା ଆଦିର ରେକର୍ଡ ଓ ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସହାୟକ ଉପଆୟୁକ୍ତ ବି. ପୁରୋହିତଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଚଢ଼ାଉ କରିଥିଲା। ତେବେ ଜୁଏଲର୍ସ ପକ୍ଷରୁ କୌଣସି ପ୍ରକାର ଅନିୟମିତତା କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରାଯାଇନାହିଁ। ସେହିପରି ସମ୍ବଲପୁର ମାରୱାଡ଼ିପଡ଼ାସ୍ଥିତ ତୁଲଶ୍ୟାନ ଜୁଏଲେରି ନାମକ ଏକ ଗହଣା ଦୋକାନରେ ଜିଏସ୍‌ଟି ସମ୍ବଲପୁର ୟୁନିଟ ପକ୍ଷରୁ ଚଢ଼ାଉ ହୋଇଛି। ଗହଣା ଦୋକାନ ଓ ଦୋକାନୀଙ୍କ ଘର ସହ ତିନୋଟି ସ୍ଥାନରେ ଏକ ସଙ୍ଗେ ଚଢ଼ାଉ ହୋଇଛି। ଜିଏସ୍‌ଟି ଡେପୁଟି ପ୍ରବର୍ତ୍ତନ କମିଶନର ସମ୍ବଲପୁର ଟେକଚାନ୍ଦ ମେହେରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଚଢ଼ାଉକାରୀ ଦଳ ତୁଲଶ୍ୟାନ ଜୁଏଲେରି ଦୋକାନ, ଏହାର ଏକ ଶାଖା ଓ ଦୋକାନ ମାଲିକଙ୍କ ଘରେ ଏକ ସଙ୍ଗେ ଚଢ଼ାଉ କରିଥିଲେ। ଚଢ଼ାଉ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଜାରି ରହିଥିଲା। ଚଢ଼ାଉକାରୀ ଦଳ ଦୋକାନର ବ୍ୟବସାୟ ଜନିତ ବିଭିନ୍ନ କାଗଜପତ୍ର, ଦୋକାନର ଷ୍ଟକ ଆଦିକୁ ଯାଞ୍ଚ କରିଥିଲେ। ଏଥିସହ ତର୍ଜମା ପାଇଁ ଏ ସମ୍ପର୍କିତ ସମସ୍ତ କାଗଜପତ୍ର ଜବତ କରାଯାଇଛି। ଏ ସମ୍ପର୍କରେ ଜିଏସ୍‌ଟି ଡେପୁଟି କମିଶନର ମେହେର କହିଛନ୍ତି, ବିଭିନ୍ନ ସମୟରେ ଲୋକଙ୍କ ଅଭିଯୋଗ ଓ ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ତଥ୍ୟ ଆଧାରରେ ଏହି ଗହଣା ଦୋକାନରେ ଚଢ଼ାଉ କରାଯାଇଛି। ଦୋକାନର ଷ୍ଟକ ଓ କାଗଜପତ୍ରରେ ମେଳ ରହିଛି କି ନାହିଁ ସେ ନେଇ ଯାଞ୍ଚ ଜାରି ରହିଛି। ଏଥିପାଇଁ ଦୋକାନର ଷ୍ଟକସ୍ଥିତି ଓ ଏ ସମ୍ପର୍କିତ କାଗଜପତ୍ର, କ୍ରୟ ଓ ବିକ୍ରୟ ବିଲ୍ ଆଦି କାଗଜପତ୍ରକୁ ଜିଏସ୍‌ଟି ବିଭାଗ ନିଜ ହେପାଜତକୁ ନେଇଛି। ଦୋକାନର ଷ୍ଟକ ଓ କ୍ରୟ ବିକ୍ରୟ ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ରର ଠିକ୍ ଯାଞ୍ଚ ପରେ ଜିଏସଟି ଫାଙ୍କି ହୋଇଛି କି ନାହିଁ, ଯଦି ହୋଇଛି ତାହାର ପରିମାଣ କେତେ ତାହା ସ୍ପଷ୍ଟ ହୋଇ ପାରିବ ବୋଲି ଅତିରିକ୍ତ ପ୍ରବର୍ତ୍ତନ କମିଶନର ମେହେର କହିଛନ୍ତି।

ଅନ୍ୟପକ୍ଷରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବସୁନ୍ଧରା ଜୁଏଲେରିରେ ସିଟି ଓ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ବଡ଼ଧରଣର ଚଢ଼ାଉ କରିଛି। ଦୀର୍ଘସମୟ ଧରି ଅଧିକାରୀମାନେ ଦୋକାନର ବିଭିନ୍ନ କାଗଜପତ୍ର ସହ ଷ୍ଟକ ଯାଞ୍ଚ କରିଥିଲେ। ପରେ କେତେକ ରେଜିଷ୍ଟର ଜବତ କରି ଅଫିସକୁ ନେଇଛନ୍ତି। ସେଠାରେ ଉକ୍ତ ରେଜିଷ୍ଟର ଯାଞ୍ଚ କରାଯିବ ଓ ଏହି ସମୟରେ ଦୋକାନ ମାଲିକଙ୍କୁ ମଧ୍ୟ ସମନ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଭବାନୀପାଟଣା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗର ଡେପୁଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ବିପୁଳ ପରିମାଣରେ ବାଣ ଜବତ, ଜଣେ ଗିରଫ



ଜବତ ବାଣ।

ଜମନକିରା, ୨୯।୧୦ (ରବୀନ୍ଦ୍ର ପ୍ରସାଦ ଦାନୀ)



ଗିରଫ ଅଶ୍ୱିନୀ ସାହୁ।

ସମ୍ବଲପୁର ଜିଲା ଜମନକିରା ଥାନା କଦଳୀମୁଣ୍ଡାରେ ଏକ ରାଶନ ଦୋକାନ ଗୋଦାମରେ ବାଣ ରଖି ବେଆଇନଭାବେ ବିକ୍ରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଅଶ୍ୱିନୀ ସାହୁ (୩୩)। ତାଙ୍କ ନିକଟରୁ ବିପୁଳ ପରିମାଣ ବାଣ ଜବତ ହୋଇଛି। ମଙ୍ଗଳବାର ପୋଲିସ ଅଶ୍ୱିନୀଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଅପରପକ୍ଷରେ ଏହି ଘଟଣାରେ ଅଶ୍ୱିନୀଙ୍କ ବାପା କ୍ଷୀରୋଦ ସାହୁଙ୍କୁ ବୟସାଧିକ କାରଣରୁ ପୋଲିସ ନୋଟିସ ଦେଇ ଛାଡ଼ି ଦେଇଛି। ଜବତ ବାଣର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଉକ୍ତ ବାଣକୁ କୋର୍ଟ ଆଦେଶ ପରେ ତହସିଲଦାର ଏବଂ ସ୍କ୍ୱାଡ୍ ଅଧିକାରୀଙ୍କ ଉପସ୍ଥିତିରେ ନଷ୍ଟ କରାଯିବ ବୋଲି ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ସାଢ଼େ ୧ ଟାରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଆଇଆଇସି ସାହୁ କଦଳୀମୁଣ୍ଡାର କ୍ଷୀରୋଦ ସାହୁ ଏବଂ ତାଙ୍କ ପୁଅ ଅଶ୍ୱିନୀ ସାହୁ ବେଆଇନଭାବେ ବାଣ ବିକ୍ରି କରୁଥିବା ଖବର ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ କ୍ଷୀରୋଦ ଏବଂ ଅଶ୍ୱିନୀ ବାଣ ବିକ୍ରି ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ ବୋଲି ପୋଲିସ କହିଛି। ଚଢ଼ାଉ ବେଳେ ତହସିଲଦାର ହରେକୃଷ୍ଣ ବରିହା ଏବଂ ଅଗ୍ନିଶମ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ୨୩ ବର୍ଷ ପରେ ଉଦ୍ୟାନବିତ୍‌ଙ୍କ ସମେତ ୭ ଦୋଷୀ

ବ୍ରହ୍ମପୁର/ ପାରଳାଖେମୁଣ୍ଡି, ୨୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ/ ଗିରିଧାରୀ ପରିଚ୍ଛା)

**ସରକାରୀ ଯୋଜନାରେ ଟଙ୍କା ଆତ୍ମସାତ୍ ମାମଲା**

ଉଦ୍ୟାନ ବିଭାଗରେ ସରକାରୀ ଯୋଜନା ଟଙ୍କା ଆତ୍ମସାତ୍ ମାମଲାର ୨୩ ବର୍ଷ ପରେ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ମଙ୍ଗଳବାର ୭ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲାର ଉଦ୍ୟାନ ବିଭାଗର ତତ୍କାଳୀନ ଉଦ୍ୟାନବିତ୍ ଜଗନ୍ନାଥ ସାମନ୍ତ, ଫିଲ୍ଡ ଟେକ୍ନିସିଆନ ରଙ୍କନିଧି ଡାକୁଆ ଓ ଶିବର ପ୍ରଧାନ, କାଶୀନଗର ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ସନାତନ ଗୌଡ, ନୂଆଗଡ଼ର ହରିହର ନାୟକ, ଗୁମ୍ମାର ପୁରୁଷୋତ୍ତମ ବେହେରା ଏବଂ ଗୋଷାଣୀ ବ୍ଲକର ପ୍ରତାପଚନ୍ଦ୍ର ପଟ୍ଟନାୟକ। ଉଦ୍ୟାନବିତ ଜଗନ୍ନାଥ ସାମନ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟ ସେ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବେ। ସେହିପରି ଅନ୍ୟ ୬ କର୍ମଚାରୀଙ୍କୁ ୬ମାସ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ସେମାନେ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ପ୍ରତ୍ୟେକେ ୧ ମାସ ଲେଖାଏ ଅତିରିକ୍ତ ସଶ୍ରମ ଜେଲ ଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଥିବା ଉକ୍ତ ବିଭାଗର ଉପ ନିର୍ଦ୍ଦେଶକ କୁଞ୍ଜବିହାରୀ ବସନ୍ତିଆଙ୍କ ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ୨୦୧୨ ମେ ୨୦ ତାରିଖରେ ମୃତ୍ୟୁ ହୋଇସାରିଥିବାରୁ ମାମଲାରୁ ବାଦ୍ ଦିଆଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ୧୯୯୯-୨୦୦୦ରେ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ଉଦ୍ୟାନ ବିଭାଗ ପକ୍ଷରୁ କଦଳୀ, ନଡ଼ିଆ, ଖଜୁରୀ ଚାରାର ନର୍ସରୀ କରିବା ଓ ସେ ସବୁର ପରିଚାଳନା କରିବାକୁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଏହି ଅର୍ଥକୁ ଉପରୋକ୍ତ କର୍ମଚାରୀମାନେ ନକଲି କାଗଜପତ୍ର ଜରିଆରେ ଆତ୍ମସାତ କରିଥିଲେ। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। କଦଳୀ ଚାରା ନର୍ସରୀ ପାଇଁ ୩୪,୭୩୦ ଟଙ୍କା, ନଡିଆ ଚାରା ନର୍ସରୀ ପାଇଁ ୧.୧୧ ଲକ୍ଷ ୨୦ଟଙ୍କା ଏବଂ ଖଜୁରୀ ଚାରା ପାଇଁ ଆସିଥିବା ଟଙ୍କାରୁ ୩୩ ହଜାର ୨୦୦ ଟଙ୍କା ଏଭଳି ମୋଟ ୧ ଲକ୍ଷ ୭୮ ହଜାର ୯୫୦ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ୨୦୦୧ ଜୁନ ୨୯ ତାରିଖରେ ନଂ.୨୧/୨୦୦୧ରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଇନ୍ସପେକ୍ଟର ତଥା ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଭିଯୁକ୍ତ ୮ କର୍ମଚାରୀ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ମୋଟ ୫୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ୭ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଭାଇବୋହୂଙ୍କୁ ମରଣାନ୍ତକ ଆକ୍ରମଣ: ଦେଢ଼ଶୁର ଗିରଫ

ଦେବଗଡ଼, ୨୯।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ସଇଡା ଗ୍ରାମରେ ଭାଇବୋହୂଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଦେଢ଼ଶୁରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ଦୁଃଖ ମୁଣ୍ଡା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସଇଡା ଗ୍ରାମର ସ୍ୱର୍ଗତ ରୁନା ମୁଣ୍ଡାଙ୍କ ସ୍ତ୍ରୀ ସୁପାରି ମୁଣ୍ଡାଙ୍କୁ ତାଙ୍କ ଦେଢ଼ଶୁର ଦୁଃଖ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରାୟ ୨ ବର୍ଷ ହେଲା ସୁପାରିଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେହିଦିନଠାରୁ ତାଙ୍କ ଦେଢ଼ଶୁର ଦୁଃଖ ତାଙ୍କୁ ହଇରାଣ କରି ଆସୁଥିଲେ। ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହିତ ଘରୁ ବାହାରିଯିବା ପାଇଁ ବିଭିନ୍ନ ଧମକ ମଧ୍ୟ ଦେଉଥିଲେ। ଏହି କ୍ରମରେ ଗତ ୨୭ ତାରିଖରେ ସୁପାରିଙ୍କୁ ତାଙ୍କ ଦେଢ଼ଶୁର ଦୁଃଖ ଗାଳିଗୁଲଜ କରିଥିଲେ। ପରେ ମହିଳାଙ୍କ ତଣ୍ଟି ଚିପି ତଳେ ପକାଇ ଏକ ଲଙ୍ଗଳ ଲୁହାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସୁପାରିଙ୍କ ଗୋଟିଏ ହାତ ଭାଙ୍ଗିଯିବା ସହିତ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇ ଫେରିବା ପରେ ସୋମବାର ବାରକୋଟ ଥାନାରେ ଦେଢ଼ଶୁର ଦୁଃଖଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିଭିନ୍ନ ଦଫାରେ ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ସନ୍ଧ୍ୟାରେ ଦୁଃଖଙ୍କୁ କୋର୍ଟଚାଲାଣ କରଛି।

# ଡାକ୍ତରଙ୍କୁ ଗାଳିଗୁଲଜ ଅଭିଯୋଗ

ଦେବଗଡ଼, ୨୯।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଡାକ୍ତରଖାନାକୁ ଆସିଥିବା ୨ଜଣ ଅଚିହ୍ନା ଯୁବକ ଉଦ୍ଦଣ୍ଡକାଣ୍ଡ ଘଟାଇଛନ୍ତି। ଏ ନେଇ ଡାକ୍ତର ରାଜଗୁରୁ ରଣିତ ଅଭିଯୋଗ କରିବା ପରେ କୁଣ୍ଡେଇଗୋଳା ପୋଲିସ ଏକ ମାମଲା (ନଂ.୨୪୩/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୋମବାର ଅପରାହ୍ନ ପ୍ରାୟ ୧ଟାରେ ୨ଜଣ ଯୁବକ କୁଣ୍ଡେଇଗୋଳା ଡାକ୍ତରଖାନାକୁ ଆସିଥିଲେ। ସେହି ସମୟରେ ଡାକ୍ତର ରଣିତ ତାଙ୍କ ସରକାରୀ ବାସଭବନରେ ଥିଲେ। ସମ୍ପୃକ୍ତ ଯୁବକ ଦ୍ୱୟ ତାଙ୍କୁ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଡାକ୍ତରଖାନାର ଜଣେ ଷ୍ଟାପନର୍ସଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିବା ସହିତ ଠେଲାପେଲା କରିଥିଲେ। ଏ ନେଇ ଡାକ୍ତର ଜଣକ ମଙ୍ଗଳବାର କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିଥିଲେ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟିମାଟି କିଏ ଛାଟିଲା ଲୋ**
**ଝଡି ପଡ଼ିଅଛି ପାନ,**
**କାନ୍ତଙ୍କ କଥାରେ କରିଛି ମାନ**
**ରହିବି କି ଦୁଇଦିନ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା। ବେଳେବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ। ତେବେ ଏଭଳି ଅଭିମାନ ଯେ ଖୁବ କ୍ଷଣସ୍ଥାୟୀ ତାହା ଏଠାରେ ସୂଚିତ କରାଯାଇଛି।

**ଝୁରନା ଝୁରନା ଝୁରିଲେ ମରିବୁଟି**
**କର୍ପୂର ପରି ସହଣିକ ହେଲେ**
**କର୍ପୂର ବୁରିବୁଟି।**

ଯେ ସକଳ ବାଧାବିଘ୍ନକୁ ଅତିକ୍ରମ କରି ବାଟ ଚାଲିଥାଏ ସେ ହିଁ ସଫଳ ହୋଇଥାଏ। ସେହିପରି ଯାହାର ସହିବା ଶକ୍ତି ଯେତେ ଅଧିକ ହୋଇଥାଏ ତା'ର ବ୍ୟକ୍ତିତ୍ୱ ଓ ମହାନତା ସେତେ ବୃଦ୍ଧି ପାଇଥାଏ। କର୍ପୂରକୁ ବୁରିଲେ ଯେମିତି ବାସ ଚହଟିଥାଏ ସେମିତି ସହିଷ୍ଣୁତା ଗୁଣ ମଣିଷକୁ ଆହୁରି ମହନୀୟ କରି ଗଢି ତୋଳୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


# ପେଟ୍ରୋଲ ଢାଳି କାର୍ ଜାଳିଦେଲେ ଦୁର୍ବୃତ୍ତ

ଦିଗପହଣ୍ଡି, ୨୯।୧୦ (ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ଓ ଦିଗପହଣ୍ଡି ଅଞ୍ଚଳରେ ଅସାମାଜିକ ତତ୍ତ୍ୱଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ୨ ଅଜଣା ଦୁର୍ବୃତ୍ତ ସ୍କୁଟିରେ ଆସି ରାସ୍ତାକଡରେ ଥିବା ଏକ କାର (ନଂ.ଓଡ଼ି ୦୫ ଏଏକ୍ସ ୪୧୬୫)କୁ ପେଟ୍ରୋଲ ଢ଼ାଳି ଜାଳି ଦେଇଛନ୍ତି। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଙ୍ଗଳବାର ସକାଳେ ଦିଗପହଣ୍ଡି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ସୋଫିଆ ମିଶ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆଖପାଖରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରିଛନ୍ତି। ପାଟପୁର ଥାନା କଂସାମାରି ଗ୍ରାମର ସ୍ୱର୍ଗତ ରାଣା ବିଜୟ ଦୋରାଙ୍କ ନାଁରେ ଥିବା କାରଟିକୁ ମୁନା ଦୋରା ବୁଝାଶୁଝା କରୁଥିଲେ। ସେ ଏକ ଗଞ୍ଜେଇ ଚାଲାଣ ମାମଲାରେ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ମୌଳାଭଞ୍ଜା ଗ୍ରାମର ଗାଡ଼ିଚାଳକ ଧନୁ ଗୌଡ଼ ସବୁଦିନ ଭଳି କାରକୁ ସୋମବାର ରାତିରେ ଘର ସମ୍ମୁଖରେ ରଖିଥିଲେ। ୨ ଦୁର୍ବୃତ୍ତ ମୁହଁରେ ମାକ୍ସ ପିନ୍ଧି ବିଳମ୍ବିତ ରାତିରେ ସେଥିରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଏତଲା ହେବାପରେ ପୋଲିସ ନଂ. ୪୨୨/୨୪ରେ ମକଦ୍ଦମା ରୁଜୁ କରିଛି।

# ୧୯ ମାଓବାଦୀ ଗିରଫ

ମାଲକାନଗିରି, ୨୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଓ ସିଆର୍‌ପିଏଫ୍ ମିଳିତ ଅପରେଶନରେ ସୁକ୍‌ମା ଜିଲା ଭେଜି, ଜାଗୁରକୋଣ୍ଡା ଅଞ୍ଚଳରେ ଭିନ୍ନ ଭିନ୍ନ ମାମଲାରେ ସମ୍ପୃକ୍ତ ୧୯ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଜାଗୁରଗୋଣ୍ଡା ଅଞ୍ଚଳରୁ ଗିରଫ ହୋଇଥିବା ମାଓବାଦୀଙ୍କ ଉପରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଭେଜିଥାନା ଅଞ୍ଚଳର ଗିରଫ ହୋଇଥିବା ୫ ମାଓବାଦୀଙ୍କ ନାମରେ ଦୁଇଜଣ ସାଧାରଣ ଜନତାଙ୍କୁ ହତ୍ୟା ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ସେହିପରି ଜାଗୁରଗୋଣ୍ଡା ଥାନା ଅଞ୍ଚଳରୁ ବିସ୍ଫୋରକ ସାମଗ୍ରୀ ସହ ୧୪ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସମସ୍ତେ ପ୍ରାୟ ୧୦ ବର୍ଷ ହେଲା ଏହି ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟକରି ଆସୁଥିଲେ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଟଙ୍କା ଫେରସ୍ତ ନ କରିବାରୁ ହତ୍ୟା, ୮ ଗିରଫ

ବଲାଙ୍ଗୀର, ୨୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର)







**ତଣ୍ଡାମୁଣ୍ଡା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ**

- ବୋକାରୋରୁ ଅପରାଧ କରି ବଲାଙ୍ଗୀରରେ ଲୁଚିଥିଲେ ମୃତ ଜାଭେଦ୍
- ମୃତ ଜାଭେଦ୍‌ଙ୍କ ସହ ଲିଭ୍ ଇନ୍ ରିଲେସନ୍‌ରେ ଥିଲେ ମୃତ ଯୁବତୀ
- ଝାଡ଼ଖଣ୍ଡରୁ ୭, ବଲାଙ୍ଗୀରରୁ ଜଣେ ଅଭିଯୁକ୍ତ ଗିରଫ
- ବନ୍ଧୁକ, ମୋବାଇଲ, ଛୁରୀ, ରକ୍ତଭିଜା ଲୁଗା, କାର୍, ସ୍କୁଟି ଜବତ

ବଲାଙ୍ଗୀର ଜିଲା ପୁଇଁତଲା ଥାନା ତଣ୍ଡାମୁଣ୍ଡା ଜଙ୍ଗଲରେ ସଂଘଟିତ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ହୋଇଛି। ଗତ ୨୩ ତାରିଖ ରାତିରେ ଝାଡ଼ଖଣ୍ଡର ବୋକାରୋ ସହରର ଏମ୍. ଜାଭେଦ୍ (୨୯) ଓ ପଲକ ମିଶ୍ର (୨୦)ଙ୍କୁ ତଣ୍ଡାମୁଣ୍ଡା ଗାଁ ନିକଟ ଜଙ୍ଗଲରେ ଗଳା କାଟି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେଥିରୁ ଗିରଫ ୪ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ବୋକାରୋ ସହରର ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲ୍ଲୋ (୪୮), ଗୌରବ କୁମାର(୨୮), ଚନ୍ଦନ କୁମାର (୩୬), କୌଶଲ କୁମାର ଓରଫ୍ କୌଶଲ ବିହାରୀ (୨୯), ବିହାର ପ୍ରଦେଶର ଔରଙ୍ଗାବାଦ୍ ସହରର ଗିରଫ ୩ ଅଭିଯୁକ୍ତ ହେଲେ ବାଦଲ କୁମାର (୨୦), ପପୁ ଓରଫ୍ ରାଜୀବ ଗୌତମ (୪୩), ଦେବା ଓରଫ୍ ବିଶାଳ କୁମାର (୨୩)। ଅନ୍ୟ ଜଣେ ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ସହର ପ୍ରତାପ ସାଗରପଡାର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍ (୩୧)। ଅଭିଯୁକ୍ତମାନଙ୍କ ଠାରୁ ଏକ ସ୍ୱୟଂଚାଳିତ ୱର୍ଣ୍ଣା କାର, ଏକ ଏକ୍ଟିଭା ସ୍କୁଟି, ଗୋଟିଏ ଛୁରୀ, ଏକ ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି, ୧୦ଟି ମୋବାଇଲ, ରକ୍ତଭିଜା ଲୁଗା, ସୋଲୋଟ୍ୟାପ୍ ଓ ଅନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଜଣେ ବିଲଡରଙ୍କ ଠାରୁ ପ୍ରାୟ ୭ ଲକ୍ଷ ଟଙ୍କା ନେଇ ଫେରସ୍ତ ନ କରି ବଲାଙ୍ଗୀରରେ ଲୁଚିଥିବା ଅଭିଯୁକ୍ତଙ୍କୁ ହତ୍ୟା କରିବାକୁ ଯାଇ ଏହି ଡବଲ ମର୍ଡର ହୋଇଥିବା ବଲାଙ୍ଗୀର ଏସପି ଋଷିକେଶ ଡାମ୍‌ଦେଓ ଖିଲାରୀ ମଙ୍ଗଳବାର ରାତିରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ବୋକାରୋ ସହରର ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲ୍ଲୋ ଜଣେ ବିଲଡର ଏବଂ ରିଏଲ ଇଷ୍ଟେଟ ବ୍ୟବସାୟୀ। ଏହି ବିଲଡରଙ୍କ ପାଖରେ ମୃତ ଜାଭେଦ୍ ଜଣେ ସହଯୋଗୀ ଭାବେ କାମ କରି ଅପରାଧ ଘଟାଉଥିଲେ। ବିଲଡର କିଲ୍ଲୋଙ୍କ ଠାରୁ ଜାଭେଦ୍ ୭ ଲକ୍ଷ ଟଙ୍କା ନେଇ ଫେରସ୍ତ କରିନଥିଲେ। ଏଭଳି କି ଲିଭ୍ ଇନ୍ ରିଲେସନ୍‌ରେ ଥିବା ପଲକଙ୍କୁ ଧରି ଜାଭେଦ୍ ଫେରାର ହୋଇଯାଇଥିଲେ। ଅନେକ ଖୋଜାଖୋଜି କରିବା ପରେ ଜାଭେଦ୍ ବଲାଙ୍ଗୀର ମହାଲକ୍ଷ୍ମୀନଗରରେ ଏକ ଭଡାଘରେ ପଲକଙ୍କ ସହ ରହିଏଠାରେ ଡ୍ରଗ୍ସ ଓ ଗଞ୍ଜେଇ କାରବାର କରୁଥିବା ଖବର ପାଇଥିଲେ। ଏହାପରେ ଘରମାଲିକ ବଲାଙ୍ଗୀରର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍‌ଙ୍କୁ ଯୋଗାଯୋଗ କରି ଜାଭେଦ୍ ସମ୍ପର୍କରେ ଖବର ନେଇଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ମଧ୍ୟ ଫେରସ୍ତ ନ କରିବାରୁ ଗତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ବିଲଡର କିଲ୍ଲୋ ବିହାର ଓ ଝାଡ଼ଖଣ୍ଡର ୬ ଜଣ ଗୁଣ୍ଡାଙ୍କୁ ନେଇ ବଲାଙ୍ଗୀରରେ ପହଞ୍ଚି ମହାଲକ୍ଷ୍ମୀନଗରର ଭଡାଘରକୁ ଯାଇଥିଲେ। ସେଠାରେ ଜାଭେଦ୍ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଗୁଣ୍ଡାମାନେ ଜାଭେଦ୍ ଓ ତାଙ୍କ ପ୍ରେମିକା ପଲକ ମିଶ୍ରଙ୍କ ହାତଗୋଡ ବାନ୍ଧି ଦେବା ସହ ମୁହଁରେ ସୋଲୋଟ୍ୟାପ ଲଗାଇ ଦେଇ ଏକ କାରରେ ତଣ୍ଡାମୁଣ୍ଡା ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଜାଭେଦ୍ ଓ ପଲକଙ୍କ ତଣ୍ଟି କାଟି ଦେଇ ମୃତଦେହ ଫିଙ୍ଗି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ବାଦଲ କୁମାର ତଣ୍ଟି କାଟିଥିବା ପୋଲିସ ସୂଚନା ଦେଇଛି। ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟ ଏବଂ ବିହାର ହଜାରୀବାଗ୍, ରାଞ୍ଚି ପୋଲିସ ଏବଂ ସମ୍ବଲପୁର ପୋଲିସର ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସହଯୋଗରେ ଅଭିଯୁକ୍ତ ସବୁଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି। ମଙ୍ଗଳବାର ଅଭିଯୁକ୍ତ ବାଦଲ କୁମାରକୁ ତଣ୍ଡାମୁଣ୍ଡା ହତ୍ୟାସ୍ଥଳକୁ ନିଆଯାଇଥିଲା। ତାଙ୍କ ସୂଚନା ଆଧାରରେ ପୋଲିସ କଷାବାହାଲ ପୋଲ ନିକଟରୁ ରକ୍ତଭିଜା ଲୁଗା, ମୋବାଇଲ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ବିଭୂତି ଭୂଷଣ ଜେନା-ଗୋପାଳପୁର (ଗଞ୍ଜାମ)



ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ବିଭୂତି ଭୂଷଣ ଜେନା ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ହୋଇଛନ୍ତି। ସେ ବିଜେଡିର ପୁରୁଖା ନେତା ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ୯,୦୬୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରାରେ ୧୯୬୭ ମେ ୨୭ରେ ବିଭୂତିଙ୍କ ଜନ୍ମ। ପିତା ସ୍ୱର୍ଗତ ଅଧିକାରୀ ନିତ୍ୟାନନ୍ଦ ଜେନା ଓ ମାତା କେତକୀ ଜେନାଙ୍କ ସେ ତୃତୀୟ ସନ୍ତାନ। ଗାଁର ଦଣ୍ଡାସି ପ୍ରଧାନ ପ୍ରାଥମିକ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ବିଶ୍ୱନାଥ ହାଇ ଆଣ୍ଡ୍ ଟେକ୍ନିକାଲ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ପରେ ଗଞ୍ଜାମ କଲେଜରୁ ବିଜ୍ଞାନରେ ଇଣ୍ଟର ମିଡିଏଟ୍ ଡିଗ୍ରୀ ହାସଲ କରିଥିଲେ। ପିତା ଜଣେ ଚାଷୀ ଥିଲେ। ନିମ୍ନମଧ୍ୟବିତ୍ତ ପରିବାରରେ ବଢ଼ିଥିଲେ। ଗାଁରେ ଅନେକ ଗୋଷ୍ଠୀଗତ କାର୍ଯ୍ୟ କରିବା, ପ୍ରୌଢ଼ ଶିକ୍ଷା ଦେବା, ଛୋଟ ପିଲାଙ୍କୁ ଟ୍ୟୁଶନ କରିବା ସମୟରୁ ହିଁ ତାଙ୍କ ମନରେ ଜନସେବା ପ୍ରତି ଆଗ୍ରହ ଜନ୍ମିଥିଲା। କଲେଜ ଶିକ୍ଷା ଚାଲିଥିବା ସମୟରେ ସେ 'ପଲ୍ଲୀ ପାଠାଗାର'ର ସମ୍ପାଦକ ହୋଇଥିଲେ। ୧୯୯୨ରେ ଗାଁ ଲୋକଙ୍କ ସମର୍ଥନରେ ଗୋଳନ୍ଥରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ହାରିଯାଇଥିଲେ। ପରେ ୧୯୯୭ରେ ସେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ୨୦୦୨ରେ ଜିଲା ପରିଷଦ ସଭ୍ୟ ଭାବେ ୫୩ ନଂ. ଜୋନ୍‌ରୁ ବିଜୟୀ ହୋଇଥିଲେ। ତା'ପରେ ୨୦୦୯ରେ ଭାଜପା ଟିକେଟରେ ବିଧାୟକ ନିର୍ବାଚନ ଲଢ଼ିଥିଲେ। ବିଜେଡିରୁ ଲଢ଼ିଥିବା ପ୍ରଦୀପ କୁମାର ପାଣିଗ୍ରାହୀଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୧୪ରେ ପୁଣି ପ୍ରଦୀପଙ୍କ ସହିତ ନିର୍ବାଚନ ଟକ୍କର ହୋଇଥିଲା। ସେଥିରେ ବି ପରାଜୟ ବରଣ କରିଥିଲେ। ୨୦୧୯ରେ ପୁଣି ଭାଜପା ଟିକେଟରେ ଲଢ଼ିଥିଲେ ମଧ୍ୟ ପ୍ରଦୀପଙ୍କଠାରୁ ଅତି କମ୍ ଭୋଟରେ ହାରିଯାଇଥିଲେ। ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ଲଢ଼ି ବିଜେଡିର ପୁରୁଖା ନେତା ବିକ୍ରମ କୁମାର ପଣ୍ଡାଙ୍କୁ ପରାସ୍ତ କରି ବିଧାୟକ ହୋଇଛନ୍ତି।

**ବିଧାୟକ କହନ୍ତି:** ଲୋକଙ୍କ ସମର୍ଥନରେ ସବୁ ସମ୍ଭବ ହୋଇଛି । ଏବେ ସେ ରାଜ୍ୟ ସରକାରରେ ଶିଳ୍ପ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ହୋଇଛନ୍ତି। ନିଜ ଲକ୍ଷ୍ୟ ସମ୍ପର୍କରେ କହନ୍ତି, ପ୍ରଥମରୁ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ନିର୍ବାଚନ ହାରିବା, ଜିତିବା ପଛ, ଲୋକସେବା ଆଗ। ଏବେ ବି ଏହା ଜାରି ରହିଛି। ବର୍ତ୍ତମାନ ମନ୍ତ୍ରୀ ପଦ ମିଳିଛି। ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛି। ଅଞ୍ଚଳର ବିକାଶ ସହିତ ରାଜ୍ୟର ବିକାଶ କରିବା ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଓଡ଼ିଶା କିଭଳି ସୁନାର ଓଡ଼ିଶା ହେବ ତାକୁ ନେଇ ଦଳୀୟ ଯୋଜନା ଜାରି ରହିଛି।

**ରିପୋର୍ଟ: ଅଶୋକ କୁମାର ସାହୁ, ବ୍ରହ୍ମପୁର**

# ଗୋଟିଏ ହୁଇସିଲ୍‌ରେ ବିଜେଡି ଭାଙ୍ଗିଯିବ: ଜୟନାରାୟଣ

- ଆଜି ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ: ପ୍ରମିଳା
- ଆଗକୁ ଆହୁରି ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ: କୃଷ୍ଣ ପାତ୍ର

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)



ଜୟନାରାୟଣ ମିଶ୍ର



ପ୍ରମିଳା ମଲ୍ଲିକ

ରାଜ୍ୟରେ କେଉଁ ଦଳ ୧ ନମ୍ବର ହୋଇ ରହିଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରସଙ୍ଗରେ ବିଜେଡି-ଭାଜପା ନେତା ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ରାଜ୍ୟରେ ୧୪୦ ଆସନ ଜିତିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିବା ପରେ ଏହି ପ୍ରସଙ୍ଗରେ ଭାଜପା ମୁହଁ ଖୋଲିଛି। ପ୍ରମିଳାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ୧୪୦ ତ ଅଲଗା କଥା, ୪୦ ସିଟ୍‌ରେ ଜିତିକି ଦେଖାନ୍ତୁ। ବିଜେଡି ଆଗାମୀ ଦିନରେ ରହିବ କି ନାହିଁ ସେକଥା ଚିନ୍ତା କରନ୍ତୁ। ତାଙ୍କର ୨ ସାଂସଦ ଆସିଲେଣି। ଜିଲାସ୍ତରରେ ଗଣ୍ଡଗୋଳ ଲାଗି ରହିଛି। ବିଜେଡିକୁ କିଭଳି ସମ୍ଭାଳି ରଖିବେ ସେକଥା ଚିନ୍ତା କରନ୍ତୁ। ଆଜି ଗୋଟିଏ ହୁଇସିଲ୍ ମାରିଲେ ବିଜେଡି ଭାଙ୍ଗିଯିବ ବୋଲି ଜୟନାରାୟଣ କହିଛନ୍ତି।

ପ୍ରମିଳାଙ୍କ ମନ୍ତବ୍ୟକୁ ନେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଓଡ଼ିଶାରେ ଗୋଟିଏ ଦଳ ରହିବ। ରାଜ୍ୟରେ ଆଉ ବିଜେଡିର ସ୍ଥାନ ନାହିଁ। ଧୀରେ ଧୀରେ ବିଜେଡି ନେତା ଓ କର୍ମୀ ଦଳ ଛାଡ଼ିବା ଆରମ୍ଭ କରିଛନ୍ତି। ଆଗକୁ ଆହୁରି ଅନେକ ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ପ୍ରମିଳା ଗଣମାଧ୍ୟମ ଆଗରେ କହିଥିଲେ, ବିଜେଡି ଆଜି ମଧ୍ୟ ରାଜ୍ୟରେ ୧ ନମ୍ବର ଦଳ। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ। ତାଙ୍କ ଦଳରେ କେହି ବିକ୍ଷୋଦ୍‌ଗାର କରୁନାହାନ୍ତି। ପ୍ରସନ୍ନ ପାଟଶାଣୀ କେବେଠାରୁ ଭାଜପାକୁ ପଳାଇଲେଣି। ଭାଜପା ଆଗେ ତାଙ୍କ ଅବସ୍ଥା ସମ୍ଭାଳନ୍ତୁ ବୋଲି ପ୍ରମିଳା କହିଛନ୍ତି।

# ସରକାରୀ କାର୍ଯ୍ୟକ୍ରମରେ ଭାଜପା ପ୍ରଚାର ଗୀତ

## ଭୋଟର ସଚେତନତା ପଥ ଉତ୍ସବ

ପଦ୍ମପୁର,୨୯।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଭୋଟର ସଚେତନତା ଅବସରରେ ମଙ୍ଗଳବାର ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଏଭଳି ଏକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ଦଳଗତ ନୃତ୍ୟରେ ଭାଜପାର ଦଳୀୟ ଚିହ୍ନ ସହିତ ଦଳର ପ୍ରଚାର ଆଧାରିତ ଗୀତ ବାଜିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ଗୀତ ବାଜିବାର କିଛି ସମୟ ପରେ ତାକୁ ବନ୍ଦ କରି ଦିଆଯାଇଥିଲା। ଏ ସମ୍ପର୍କରେ ମତାମତ ନେବା ପାଇଁ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ତାଙ୍କ ମୋବାଇଲ ନମ୍ବର ୮୬୭୯୦୧୧୮୫୨ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ସକାଳ ୭ଟାରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି କାର୍ଯ୍ୟକ୍ରମ ହୋଇଥିଲା। ଭୋଟର ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଭେଡ଼ଁରିଆ ଛକରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ ସହିତ ନିର୍ବାଚନ ସମ୍ପର୍କୀତ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପୂର୍ବରୁ ସ୍ଲୋଗାନ, ରିଲ୍ସ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ, ଉପଜିଲାପାଳ ସ୍ନେହା ଅରୁଗୁଲା, ସହକାରୀ ଉପଜିଲାପାଳ ସନ୍ତୋଷ କୁମାର ପତି, ନିତୁଶ୍ରୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଥାନା ଘେରାଉ କରି ଭାଜପାର ବିକ୍ଷୋଭ



ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପାଲଲହଡା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)

## ଉଦ୍‌ଘାଟନ ପୂର୍ବରୁ ଫଳକ ଭଙ୍ଗା ଏବଂ କର୍ମୀଙ୍କୁ ମାଡ଼ ଘଟଣାର ପ୍ରତିବାଦ

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ରବିବାର ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିବା ପୂର୍ବରୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କେତେକ ଉଦ୍‌ଘାଟନ ପ୍ରକଳ୍ପର ଫଳକ ଭାଙ୍ଗି ଦେଇଥିଲେ। ଏହି ସମୟରେ କେତେଜଣ ବିଜେଡି କର୍ମୀ ସେଠାରେ ଉପସ୍ଥିତ ଭାଜପା କର୍ମୀଙ୍କୁ ମାଡ଼ ମାରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଉଭୟ ଘଟଣାରେ ପୋଲିସ ଦୋଷୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୋମବାର ଏ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦୋଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ପୋଲିସ କାହାରିକୁ ଗିରଫ କରିପାରି ନ ଥିବାରୁ ଚେତାବନୀ ଅନୁସାରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଥାନା ଘେରାଉ କରି ପୋଲିସ ବିରୋଧରେ ସ୍ଲୋଗାନ ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ଗିରଫ ପାଇଁ ଅଡି ବସିଥିଲେ। ଏହା ନ ହେଲେ ପୋଲିସର ଅବହେଳା ପାଇଁ ଆଗକୁ ପାଲଲହଡ଼ା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ବେଳେ ଭାଜପା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ପ୍ରଭାରୀ ଆଶିଷ ସାମଲ, ଅର୍ଜୁନ ମାଝୀ, ବରିଷ୍ଠ ନେତା ମନୋଜ କୁମାର ସାହୁ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା, ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମିଥ୍ୟା ମାମଲା ପାଇଁ ଚାପ: ବିଜେଡି

ପାଲଲହଡା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।

ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ପୂର୍ବରୁ ଉନ୍ନୟନ କାର୍ଯ୍ୟର ଫଳକ ଭାଙ୍ଗିବା ଓ ଭାଜପା କର୍ମୀଙ୍କୁ ବିଜେଡି କର୍ମୀ ମାଡ଼ ମାରିଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ କରାଯାଇଥିବା ବେଳେ ବିଜେଡି ଏହାକୁ ସମାଲୋଚନା କରିଛି। ବିଜେଡି କର୍ମୀଙ୍କ ବିରୋଧରେ ମିଥ୍ୟା ମାମଲା ପାଇଁ ଭାଜପା ପୋଲିସ ଉପରେ ଚାପ ସୃଷ୍ଟି କରିବାକୁ ଏପରି କରୁଥିବା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ବିଜେଡିର ଏହି ଖବରଦାତା ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କହିଛନ୍ତି, ତାଙ୍କୁ ଜାଣିଶୁଣି ଭାଜପା ବିଧାୟକ ଅପମାନିତ କରିବାକୁ ରବିବାର ଫଳକ ଉଦ୍‌ଘାଟନ କରିବା ପାଇଁ ଆସିଥିଲେ। ସେଦିନ ଗଜଲକ୍ଷ୍ମୀ ପୂଜାର ବିସର୍ଜନ ଥିବାରୁ କୋଉଠି କ'ଣ ଗଣ୍ଡଗୋଳ ହେଇଥିବ, ସେଥିରେ ବିଜେଡି କର୍ମୀଙ୍କ କୌଣସି ହାତ ନାହିଁ। ପୂର୍ବତନ ବିଧାୟକ ମୁକେଶ ପାଲଙ୍କୁ ଅଯଥାରେ ବଦନାମ କରିବା ପାଇଁ ଭାଜପା ଅପଚେଷ୍ଟା ଚଳାଇଛି। ବିଜେଡି କର୍ମୀମାନଙ୍କୁ ମିଥ୍ୟା ମାମଲାରେ ଫସାଇବା ପାଇଁ ପୋଲିସ ଉପରେ ଚାପ ସୃଷ୍ଟି କରାଯାଉଛି। ଯଦି ଏଥିରୁ ଭାଜପା ନେତାମାନେ କ୍ଷାନ୍ତ ନ ରୁହନ୍ତି ତେବେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲା ଉପସଭାପତି ନରେନ୍ଦ୍ର ଭୁକ୍ତା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଗ୍ରାମ ମିଶ୍ର, ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ଚିଠି ଲେଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ୩ଟି ପ୍ରସ୍ତାବ ଦେଇ ସେଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ୧୯୨୧ରେ ମହାତ୍ମା ଗାନ୍ଧୀ ତାଙ୍କ ପ୍ରଥମ ଓଡ଼ିଶା ଗସ୍ତରୁ ଫେରି ବମ୍ବେଠାରେ ଓଡ଼ିଶାର ଗରିବୀ ସମ୍ପର୍କରେ ଉଲ୍ଲେଖକରି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ସମ୍ପଦଭରା ଓଡ଼ିଶାର ଗରିବୀ ତାଙ୍କୁ ବ୍ୟଥିତ କରିଥିଲା । ୧୦୦ ବର୍ଷ ପରେ ବି ଆଜି ଓଡ଼ିଶା ଦେଶରେ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ। ପ୍ରଚୁର ଖଣିଜ ସମ୍ପଦ କିଛି ମୁଷ୍ଟିମେୟ ଶିଳ୍ପପତିଙ୍କ ଲୁଟ୍‌ରେ ପରିଣତ ହୋଇଛି। ମଦ ପ୍ରଚଳନରେ ଅନ୍ୟ ରାଜ୍ୟ ତୁଳନାରେ ଆମେ ବହୁ ଆଗରେ । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ଯେଉଁମାନଙ୍କ ସଂଖ୍ୟା ରାଜ୍ୟରେ ୯୪% ସେମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର, ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରାଯାଇଛି। ଅନ୍ୟ ରାଜ୍ୟ ଭଳି ଏଠାରେ ସମସ୍ତ ଚାଷୀଙ୍କ ପାଇଁ ୧୦ ହର୍ସ ପାୱାର ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଣ ଓ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦିଆଯାଉ। ରାଜ୍ୟକୁ ସମ୍ପୂର୍ଣ୍ଣ 'ମଦମୁକ୍ତ' କରାଯାଉ । 'ମଦରୁ ମୁକ୍ତି ଗରିବୀରୁ ମୁକ୍ତି' । ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ରାଜ୍ୟର ୯୪ % ଲୋକଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର (ଶିକ୍ଷା ଓ ଚାକିରିରେ ସଂରକ୍ଷଣ) ଦେବା ସଙ୍ଗେ ସଙ୍ଗେ 'ଜାତିଭିତ୍ତିକ ଜନଗଣନା' ରାଜ୍ୟରେ ତୁରନ୍ତ ଆରମ୍ଭ ହେଉ ବୋଲି ସେ ଅନୁରୋଧ କରିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟଙ୍କ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା,୨୯।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ସରପଞ୍ଚ ବୈଦେହୀ ମାଝିଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ସ୍ଥାନୀୟ ୱାର୍ଡ ସଭ୍ୟାସଭ୍ୟ। ସରପଞ୍ଚ ପଞ୍ଚାୟତ ଆଇନର ଖୋଲାଖୋଲି ଉଲ୍ଲଂଘନ କରିବା ସହିତ ବିଭିନ୍ନ ଆର୍ଥିକ ଅନିୟମିତତା, ଦୁର୍ନୀତିରେ ସମ୍ପୃକ୍ତ ରହିବା, ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରିବା, ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା, ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରିବା, ମାସିକ ବୈଠକ ଡାକିବାରେ ଅବହେଳା କରିବା ଆଦି ଅଭିଯୋଗ ଆଣିଛନ୍ତି। ଏସବୁ ଅଭିଯୋଗ ନେଇ ସ୍ଥାନୀୟ ନାଏବ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡାଙ୍କ ନେତୃତ୍ୱରେ ୧୦ରୁ ଅଧିକ ୱାର୍ଡ ସଭ୍ୟାସଭ୍ୟ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କୁ ଦାବିପତ୍ର ଦେବା ସହିତ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଅନୁରୋଧ କରିଛନ୍ତି। ତେବେ ସରପଞ୍ଚ ମାଝି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ବଦ୍‌ନାମ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଉଛି ବୋଲି କହିଛନ୍ତି।




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୱାର୍ଡ ସଭ୍ୟାସଭ୍ୟ।

# ଭାଜପାରେ ମିଶିଲେ ଗଁଦିଆ ବ୍ଲକ ଅଧ୍ୟକ୍ଷା

## ବିଜେଡିରୁ ନିଲମ୍ବିତ ହୋଇଥିଲେ

ଢେଙ୍କାନାଳ,୨୯।୧୦(ରତନ ନାୟାର)




ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସାମିଲ୍ ହୋଇଛନ୍ତି।

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କୁ ମଙ୍ଗଳବାର ଦଳବିରୋଧୀ କାର୍ଯ୍ୟ ପାଇଁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ରୀନାରାଣୀ ଭୁବନେଶ୍ୱରଠାରେ ଭାଜପାରେ ଯୋଗଦେଇଛନ୍ତି। ସେ ନିଜର ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ରୀନାରାଣୀ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଢେଙ୍କାନାଳ ଜିଲାର ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ରୀନାରାଣୀ କହିଛନ୍ତି, ବିଜେଡିର ଗଁଦିଆ ବ୍ଲକ ଅଧ୍ୟକ୍ଷା ଭାବେ ମୁଁ ମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ଗଁଦିଆରେ ଏକମାତ୍ର ଲୋକ ଥିଲି। କିନ୍ତୁ ବିଜେଡିରେ ଯିଏ ଆମ ମୁରବି, ସିଏ ଆମ ସାଥ୍ ଦେଲେନାହିଁ। ମୁଁ ଜଣେ ମହିଳା ହୋଇ ବହୁ ସଂଘର୍ଷ କରିଛି। ବହୁ ସମସ୍ୟା ଭିତରେ ଗତି କରିଛି। ଯିଏ ମୁରବି ଥିଲେ ସେ ଦିନେହେଲେ ବ୍ଲକ କାର୍ଯ୍ୟାଳୟକୁ ଆସିଲେ ନାହିଁ। ଏଭଳି ବହୁ କଥା ଅଛି। ତେଣୁ ବର୍ତ୍ତମାନ ମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ୭ଜଣ ସମିତିସଭ୍ୟ ଏବଂ ଆଉ କିଛି ସରପଞ୍ଚ ଭାଜପାରେ ଯୋଗଦେଇଛୁ। ବିଜେଡିର ବରିଷ୍ଠ ନେତା ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ରାଜନୀତି ପରିପ୍ରେକ୍ଷୀରେ ବହୁତ ନେତା ଆସିଛନ୍ତି, ଯାଇଛନ୍ତି। ଗତ ନିର୍ବାଚନରେ ଲୋକେ ଆମକୁ ପୂର୍ଣ୍ଣ ସମର୍ଥନ ଦେଇ ନ ଥିଲେ ମଧ୍ୟ ଆମର ସଂଗଠନ ଜାରି ରହିଛି। ରୀନାରାଣୀ ଦୀର୍ଘ ୧୫ଦିନ ହେଲାଣି ଭାଜପା ସହ ଯୋଗାଯୋଗରେ ଥିଲେ। ଜାଣିବା ପରେ ଆମେ ବହୁତ ବୁଝାଇଥିଲୁ। ସେ ନିଜ ସ୍ୱାର୍ଥ ପାଇଁ ଦଳ ଛାଡ଼ିଛନ୍ତି। ଗଁଦିଆ ବ୍ଲକ ଜନସାଧାରଣ ଆମ ସହ ଅଛନ୍ତି। ବିଜେଡି ଅଛି, ରହିବ। ଯାହାର ସଂଗଠନ ନ ଥାଏ, ସେ ଅନ୍ୟ ଦଳର ନେତାଙ୍କୁ ଖୋଜେ। କିଏ ଡରିକି ଯାଉଛି ତ କିଏ ନିଜର ବ୍ୟବସାୟ ପାଇଁ ଯାଉଥିବ। ୨୦୨୦ରୁ ୨୦୨୪ ମଧ୍ୟରେ ମୋ ରାଜନୀତି କ୍ୟାରିୟରରେ ମୁଁ ଗଁଦିଆ ବ୍ଲକ ଅଞ୍ଚଳ ପାଇଁ ଯେତିକି ସମୟ ଦେଇଛି, ଏତେ ସମୟ ଆଉ କେଉଁଠି ଦେଇନାହିଁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର କୌଣସି ଫରକ ପଡିବ ନାହିଁ। ତାଙ୍କର ଦଳବିରୋଧୀ କାର୍ଯ୍ୟ ଜାଣିବା ପରେ ରାଜ୍ୟ ବିଜେଡି ସଭାପତି ତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ବୋଲି ପୂର୍ବତନ ବିଧାୟକ କହିଛନ୍ତି।

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୩୬୩.୯୯ ପଏଣ୍ଟ ବଢ଼ି ୮୦,୩୬୯.୦୩ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୭.୭୦ ପଏଣ୍ଟ ବୃଦ୍ଧି ଘଟି ୨୪,୪୬୬.୮୫ ଅଙ୍କରେ କାରବାର ଶେଷ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



କ୍ରୀଷ୍ଣା ପରିବାରବର୍ଗ



ରାଜ ନନ୍ଦିନୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେକର୍ଡ ପରିମାଣର କାରବାର



ଧନ୍‌ତରେସ ଉପଲକ୍ଷେ ଭୁବନେଶ୍ୱର ମାଲାବାର ଶୋ'ରୁମ୍‌ରେ ପ୍ରବଳ ଜନଗହଳି।

- ଆକର୍ଷଣୀୟ ଅଫରରେ ଗ୍ରାହକ ଆକୃଷ୍ଟ
- ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ
- ପ୍ରଥମ ଦିନରେ ପ୍ରାୟ ୧୦୦ କୋଟି

**ଭୁବନେଶ୍ୱର,୨୯।୧୦ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଧନ୍‌ତେରସ୍ ଅବସରରେ ଓଡ଼ିଶା ସୁନା ବଜାର ରେକର୍ଡ ପରିମାଣର କାରବାର କରିଛି। ଏପରିକି ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ ଉଭୟ ଭୁବନେଶ୍ୱର ଏବଂ ଓଡ଼ିଶାର ପ୍ରମୁଖ ବଜାରଗୁଡ଼ିକରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଘରୋଇ ପାଞ୍ଜି ଗଣନା ଅନୁଯାୟୀ ଚଳିତ ବର୍ଷ ଓଡ଼ିଶାରେ ଧନ୍‌ତେରସ୍ କ୍ରମାଗତ ୨ ଦିନ ଧରି ପାଳନ ହେଉଛି। ଏହି ୨ ଦିନ ଯାକ ଓଡ଼ିଶା ବଜାରର ବ୍ୟବସାୟୀମାନେ ବ୍ୟାପକ ପ୍ରସ୍ତୁତ କରିଛନ୍ତି। ଫଳରେ ଧନ୍‌ତେରସ୍‌ର ପ୍ରଥମ ଦିନର କାରବାର ପ୍ରାୟ ୧୦୦କୋଟି ଛୁଇଁଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକଳନ କରାଯାଇଛି।

ସେହିଭଳି ଆଗକୁ ଦୀପାବଳି ଓ ଛଟ୍ ଭଳି ପର୍ବପର୍ବାଣି ସାଙ୍ଗକୁ ବାହାଘର ଥିବାରୁ ଗ୍ରାହକ ଏକ ସଙ୍ଗେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। କାରଣ କ୍ରମାଗତ ଭାବେ ଦରବୃଦ୍ଧି ଘଟୁଥିବାବେଳେ ଘରୋଇ ବଜାରର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୪୫୦ ଟଙ୍କାରେ କାରବାର ହେଉଛି। ଏପରିକି ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୫୦୦ ଟଙ୍କା ଥିଲାବେଳେ ୧୮ ଗ୍ରାମ ଓ ଅନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଏବଂ ରୁପା ଦର କେଜି ପ୍ରତି ୧,୦୭,୦୦୦ ଟଙ୍କାରେ କାରବାର ହେଉଛି।

ସେହିପରି ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଧନ୍‌ତେରସ୍ ଅବସରରେ ମୂଲ୍ୟବାନ୍ ଧାତୁ କ୍ରୟ ବିଧି ଥିଲାବେଳେ ସବୁ ବର୍ଗର ଲୋକ ସେମାନଙ୍କର ସକ୍ଷମ ଅନୁଯାୟୀ ଅଳ୍ପ ବହୁତ ମୂଲ୍ୟରେ ସୁନା ଓ ମୂଲ୍ୟବାନ୍ ଧାତୁ କିଣିଛନ୍ତି। ଏପରିକି ଧନ୍‌ତେରସ୍ ଉପଲକ୍ଷେ କାରବାର ବୃଦ୍ଧି ପାଇଁ ବ୍ୟବସାୟୀମାନେ ଆକର୍ଷଣୀୟ ରିହାତି, ଅଫର ଓ ଉପହାର ଜରିଆରେ ଗ୍ରାହକଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ନୂଆଦିଲ୍ଲୀରେ ମଧ୍ୟ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୯,୯୬୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୩୧୦ଟଙ୍କା ରହିଛି। ଏପରିକି ୧୮ ଗ୍ରାମ ସୁନା ମୂଲ୍ୟ ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୩୫ ରୁ ୪୫ ହଜାର ଟଙ୍କା ଥିଲାବେଳେ ରୁପା ଦର କେଜି ପ୍ରତି ୧,୦୧,୦୦୦ ଟଙ୍କାରେ କାରବାର ହେଉଛି।

ସୂଚନାଯୋଗ୍ୟ, ଓଡ଼ିଶା ବଜାରରେ ଖିମ୍‌ଜୀ ଜୁଏଲର୍ସ, ଅରୁନ୍ଧତୀ, କଲ୍ୟାଣ, ଲାଲ୍‌ଚାନ୍ଦ, ତନିସ୍କ, ମାଲାବାର ଭଳି ପ୍ରମୁଖ ରିଟେଲ ଚେନ୍ ସାଙ୍ଗକୁ ପି ସି ଚନ୍ଦ୍ରା, ଜୟଆଲୁକ୍କାସ,ମଧୁକୁଞ୍ଜ, ଟିବିଜେଡ୍, ନାରାୟଣୀ, ରୀତା, ହିନ୍ଦୁସ୍ଥାନ ଏବଂ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ ଭଳି ଅଳଙ୍କାର ପ୍ରତିଷ୍ଠାନରେ ଗ୍ରାହକଙ୍କ ଭିଡ଼ ବେଶ୍ ଉତ୍ସାହଜନକ ରହିଥିଲା।



ଧନ୍‌ତରେସ ଉପଲକ୍ଷେ କଟକ ତନିସ୍କ ଶୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼।

# ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା 'ପିସିଆର୍'

**ନୂଆଦିଲ୍ଲୀ,୨୯।୧୦**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଷ୍ଟାର୍ଟଅପ୍ ପ୍ଲାଟ୍‌ଫର୍ମ 'ପିନ୍ କୋଡ୍ ରିକ୍ୱାଇରମେଣ୍ଟ (ପିସିଆର୍)' ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ଦେଶର କର୍ପୋରେଟ୍ ନିଯୁକ୍ତି କ୍ଷେତ୍ରରେ ପିସିଆର୍ ଏକ ଗେମ୍‌ଚେଞ୍ଜର ଭାବେ ଉଭା ହୋଇଛି। ଏପରିକି 'ନିୟର ମି ଜବ୍‌ସ'ଭାବେ ପରିଚିତ ଏହି ଅଭିନବ ଦୃଷ୍ଟିକୋଣ କମ୍ପାନୀ ଓ ନିଯୁକ୍ତିଦାତାମାନେ କିଭଳି ସ୍ଥାନୀୟ ପ୍ରତିଭାମାନଙ୍କ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସହ ସଂଯୋଜିତ ହେଉଛନ୍ତି ତାହାକୁ ପ୍ଲାଟ୍‌ଫର୍ମ ନୂଆ ରୂପ ଦେଉଛି।

ପିସିଆର୍ ହେଉଛି ଏକ ରଣନୀତି ଯାହା ପ୍ରାର୍ଥୀମାନଙ୍କୁ ସେମାନଙ୍କର ଭୌଗୋଳିକ ସ୍ଥାନ ଉପରେ ଆଧାରକରି ବିଶେଷକରି ସେମାନଙ୍କ ବାସସ୍ଥାନର ପିନ୍‌କୋଡ୍ ଅଞ୍ଚଳ ମଧ୍ୟରେ ନିଯୁକ୍ତି ସୁଯୋଗ ସହ ସଂଯୋଗ କରିଥାଏ। ଭାରତର ଏକ ଅଗ୍ରଣୀ ନିଯୁକ୍ତି ସଂସ୍ଥା ଆଡ୍ ଆଷ୍ଟ୍ରା କନ୍‌ସଲ୍‌ଟାଣ୍ଟସର ପ୍ରତିଷ୍ଠାତା ତଥା ଏମ୍‌ଡି ନିରୁପମା ଭି.ଜି.ଙ୍କ କହିବା ଅନୁଯାୟୀ, ପିସିଆର୍ ଏକ ବ୍ୟବହାରିକ ସମାଧାନ ଭାବେ ଉଭାହୋଇଛି, ଯାହା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଯେକୌଣସି କ୍ଷେତ୍ରରେ ନିଜ ଘର ନିକଟରେ ଚାକିରି ସନ୍ଧାନ କରିବା ପାଇଁ ସକ୍ଷମ କରୁଛି। ସେହିଭଳି ଆମେ ଏହାର ସମ୍ଭାବନାକୁ ଶୀଘ୍ର ଚିହ୍ନଟ କରିଥିଲୁ ଏବଂ ଉଭୟ ପ୍ରାର୍ଥୀ ଓ ନିଯୁକ୍ତିଦାତାଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଏହାକୁ ଆମର ନିଯୁକ୍ତି ଅଭ୍ୟାସରେ ଏକୀକୃତ କରାଯାଇଛି। ନିରୁପମା ଆହୁରି ମଧ୍ୟ କହିଛନ୍ତି, ସ୍ଥାନୀୟ ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇ ପିସିଆର୍ ସହରାଞ୍ଚଳକୁ ସ୍ଥାନାନ୍ତର ହେବାର ଆବଶ୍ୟକତାକୁ ହ୍ରାସ କରିବା ସହିତ ନିଯୁକ୍ତି ସନ୍ଧାନକାରୀଙ୍କୁ ଏକ ଉତ୍ତମ କାର୍ଯ୍ୟ ଜୀବନ ସନ୍ତୁଳନ ପ୍ରଦାନ କରୁଛି।




**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



କ୍ରିଷ୍ଣା, ଆଜି ତୋର ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ମା' ବୀରଜାଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ**

ବାପା-ଜୀତେନ୍ଦ୍ର ନାୟକ, ମା-ରଶ୍ମିତା ନାୟକ, ଦିଦି-ଲିନୁ ନାୟକ, ଜେଜେବାପା-ବେଣୁଧର ନାୟକ, ଜେଜେ ମା-ସୀତା ନାୟକ, ସାଇ, ଲିଟୁ, ବେବୀ, ଆଶା, ସୁକାନ୍ତି ଏବଂ ନାୟକ ପରିବାର ବର୍ଗ।

**କ୍ରିଷ୍ଣା ନାୟକ (ଗୁଗୁଲୁ)**
ବନ୍ଥିଲୋ, ସୁକିନ୍ଦା, ଯାଜପୁର

ଧ-୧୭୯୮

**ଜନ୍ମଦିନ ଶୁଭେଚ୍ଛା**



ଆମ ରାଜ ନନ୍ଦିନୀ 'ଲାବନ୍ୟା'ର ପ୍ରଥମ ଜନ୍ମ ଦିନର ଶୁଭ ମୁହୂର୍ତ୍ତରେ ବଡ଼ଠାକୁର ମହାବାହୁ ତାଙ୍କୁ ଦୀର୍ଘାୟୁ କରି ଗଢ଼ି ତୋଳନ୍ତୁ ଏତିକି ପ୍ରାର୍ଥନା ବିଭୁଙ୍କ ପଦାର ବିନ୍ଦରେ। ଶୁଭେଚ୍ଛା ସହ– ଜେଜେ: ପ୍ରଫୁଲ୍ଲ, ବିଜୟ, ଅଜୟ, ସଞ୍ଜୟ, ବିପିନ୍, ଜେଜେମା': ପ୍ରଜ୍ଞାଭାରତୀ, ତଅପୋଇ, ବାପା: ଲକ୍ଷ୍ମୀଧର, ଲକ୍ଷ୍ମଣ, ସୁଧାଂଶୁ, ସୁଶାନ୍ତ, ବିଦ୍ୟାଧର, ପାର୍ଥସାରଥୀ, ବୋଉ: ବିଜୟାଲକ୍ଷ୍ମୀ, ଲକ୍ଷ୍ମୀ, ବନିତା, ଉର୍ମିଳା, ମାମୁ: ବୀର କିଶୋର, ବିନୋଦ।

ଧ-୧୭୯୯

# ଆଲୁମିନିୟମ ଶିଳ୍ପର ଅଭିବୃଦ୍ଧିକୁ ଗୁରୁତ୍ୱ

**୬ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ବିନିଯୋଗ ଆବଶ୍ୟକ**

**ନୂଆଦିଲ୍ଲୀ,୨୯।୧୦**

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ(ଏଏଆଇ)ର ପ୍ରସ୍ତାବ ଅନୁଯାୟୀ ଆଲୁମିନିୟମ ଉଦ୍ୟୋଗ ଘରୋଇ ବଜାର ପ୍ରବେଶକୁ ସୁରକ୍ଷା ଓ ସଦ୍ୟ ନିବେଶକୁ ଆକର୍ଷିତକରିବା ଲାଗି ସର୍ଜ ଇମ୍ପୋର୍ଟ ବିପକ୍ଷରେ ସୁରକ୍ଷା ଚାହୁଁଛି। ଏପରିକି ଆଗାମୀ ୬ ବର୍ଷ ମଧ୍ୟରେ ୩ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ସେହିଭଳି ଆଲୁମିନିୟମ ଆମଦାନୀ ଉପରେ ଅତ୍ୟଧିକ ଶୁଳ୍କ ଲଗାଯାଇ ଘରୋଇ ଉଦ୍ୟୋଗୀଙ୍କୁ ସୁରକ୍ଷା ଦେବା ସହିତ ଅତ୍ୟାବଶ୍ୟକ କଞ୍ଚାମାଲ ଉପରେ ବିଦ୍ୟମାନ ଶୁଳ୍କ ଯଥାର୍ଥ ହେବା ଉଚିତ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ସର୍ବୋଚ୍ଚ ଆଲୁମିନିୟମ ଉତ୍ପାଦକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ତଥା ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡିପାର୍ଟମେଣ୍ଟ ଫର୍ ପ୍ରୋମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଜରିଆରେ ଏଏଆଇ ଏହାର ପୂର୍ବ ବଜେଟ ପ୍ରତିନିଧିତ୍ୱ ଦାଖଲ କରିଛି। ଏପରିକି ଏହା ଦେଶର ଆଲୁମିନିୟମ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ଦେଇଥାଏ। ବିଶେଷକରି ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ଲାଗି ପ୍ରୟାସୀ ଥିଲାବେଳେ ଏହାଦ୍ୱାରା ଆମେରିକା, ମାଲେସିଆ ଓ ଇଣ୍ଡୋନେସିଆ ପରି ଅନେକ ଦେଶ ଆଲୁମିନିୟମକୁ ଏକ ରଣନୀତିକ କ୍ଷେତ୍ର ଭାବେ ବିବେଚନା କରିଛନ୍ତି।

ସେହିଭଳି ଶିଳ୍ପ ଆକଳନ ଅନୁସାରେ ବିଶ୍ୱର ହାରାହାରି ୧୨ କିଲୋଗ୍ରାମ ତୁଳନାରେ ଭାରତର ମୁଣ୍ଡ ପିଛା ଆଲୁମିନିୟମ ବାର୍ଷିକ ୩ କିଲୋ ରହିଛି। ଏପରିକି ୨୦୩୦ ସୁଦ୍ଧା ଆଲୁମିନିୟମର ୧୦ ଏମ୍‌ଟିପିଏରେ ପହଞ୍ଚିବାକୁ ଥିବା ଘରୋଇ ଚାହିଦା ସତ୍ତ୍ୱେ ଏହି କ୍ଷେତ୍ର ନୂଆ ପୁଞ୍ଜି ନିବେଶକୁ ଆକର୍ଷିତ କରିବାର ପ୍ରମୁଖ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ଆଶା କରାଯାଉଥିବା ଚାହିଦା ପୂରଣ ଲାଗି ଆଗାମୀ ୬ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ଏହା ହେଲେ ଦେଶରେ ଏକ ବ୍ୟାପକ ନିଯୁକ୍ତି ସୃଷ୍ଟି ମଧ୍ୟ ହୋଇପାରିବ।

ଏ ନେଇ ଶିଳ୍ପ ସଦସ୍ୟମାନେ ଉଲ୍ଲେଖ କରିଛନ୍ତି, ଘରୋଇ ବଜାରରେ ଆମଦାନୀ ପ୍ରବାହ ଓ ପୁଞ୍ଜି ବିନିଯୋଗ କରିବାରେ ଏକ ପ୍ରତିବନ୍ଧକ ରହିଛି, ଯେତେବେଳେ କି ଭାରତରେ ଆଲୁମିନିୟମ ହବ୍ ଉତ୍ପନ୍ନ ହେବା ପାଇଁ ସବୁ ପ୍ରକାର ଉପାଦାନ ଉପଲବ୍ଧ ଅଛି। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି ଶିଳ୍ପ ସଦସ୍ୟମାନେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ତେଣୁ ଏଏଆଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି, ଦେଶର ଆତ୍ମନିର୍ଭରଶୀଳତାକୁ ସହାୟକ ହେବା ଓ ପ୍ରାଥମିକ/ଡାଉନଷ୍ଟ୍ରିମ୍ ଉତ୍ପାଦ ଉପରେ ଆମଦାନୀ ଶୁଳ୍କକୁ ବିଦ୍ୟମାନ ୭.୫% ରୁ ୧୦%କୁ ବୃଦ୍ଧି କରାଗଲେ ଦେଶ ନୂଆ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବ। ଅପରପକ୍ଷରେ ଶସ୍ତା ଆମଦାନୀକୁ ନିୟନ୍ତ୍ରଣ କରିବା ଲାଗି ଆବଶ୍ୟକ ବ୍ୟବସ୍ଥା ରହିବା ଉଚିତ ରହିଛି।

ବିଶ୍ୱର ପ୍ରତିଦ୍ୱନ୍ଦ୍ୱିତାକୁ ସୁନିଶ୍ଚିତ କରିବା ଲାଗି ଏହା ଜରୁରୀ ଯେ ନୀତିଗୁଡ଼ିକ ଏକ ସ୍ଥାୟୀ ପରିବେଶ ପ୍ରତିପୋଷଣ କରିବା ସହ ଘରୋଇ ଶିଳ୍ପ ଲାଗି ଅଭିବୃଦ୍ଧି ଘଟାଇବା ସହ ବିଶ୍ୱ ବଜାରରେ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିବ। ବର୍ତ୍ତମାନ ଶିଳ୍ପ ଏହାର ଉତ୍ପାଦନ ମୂଲ୍ୟର ୧୭% ଟିକସ, ଶୁଳ୍କ ବହନ କରୁଛି। ଏହାକୁ ହ୍ରାସ କରିବା ଲାଗି ଏଏଆଇ ପ୍ରସ୍ତାବ ଦେଇଛି।

ଘରୋଇ ଆଲୁମିନିୟମ ଉଦ୍ୟୋଗର କ୍ଷମତା ବିନିଯୋଗରେ ୮ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିଲା ଏବଂ ଦୁର୍ଗମ ଅଞ୍ଚଳରେ ବିଶେଷକରି ଡାଉନଷ୍ଟ୍ରିମ କ୍ଷେତ୍ରରେ ୪୦୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ସହାୟକ ହୋଇଥିଲା।

# ବାଇକ୍ ରାଲି ଜରିଆରେ ସଚେତନତା

**ବିଏମ୍‌ସିର ନୂତନ ଅଭିଯାନ**

**ଭୁବନେଶ୍ୱର,୨୯।୧୦**



ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି)ର ନୂତନ ଅଭିଯାନ 'ଶ୍ରମ ଛୋଡ଼ୋ, ଗାଛୋପେ ବୋଲୋ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନର ଅଂଶ ଭାବେ ସ୍ତନ କର୍କଟ ରୋଗ ଉପରେ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ସର୍ବଭାରତୀୟ ସ୍ତରରେ ଅକ୍ଟୋବରକୁ ସ୍ତନ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଇଥାଏ। ଏପରିକି ଏହି ରୋଗର ଲକ୍ଷଣ ଓ ରୋଗ ବିଷୟରେ ଉପଯୁକ୍ତ ଚିକିତ୍ସା ଲାଗି ଲୋକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ହୋଇଥାଏ।

ସେହିଭଳି ଛତିଶଗଡ଼ର ରାୟପୁର ମେରାଇନ ଡ୍ରାଇଭଠାରେ ମନ୍ତ୍ରୀ ଶ୍ୟାମ ବିହାରୀ ଜୟସ୍ୱାଲ ଏହି ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏପରିକି ସେ ତାଙ୍କ ଭାଷଣରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତକରି ସ୍ତନ କର୍କଟ ରୋଗର ଗୁରୁତ୍ୱ ଓ ଏହାର ଠିକ୍ ନିରୂପଣ ତଥା ଚିକିତ୍ସା ବିଷୟରେ ଲୋକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ବିଏମ୍‌ସିର ଏମ୍‌ଡି ଡା. ଭାବନା ସିରୋହି କହିଥିଲେ, ଭାରତରେ ୧୦ ଜଣ ମହିଳାଙ୍କ ମଧ୍ୟରୁ ଜଣକଠାରେ ସ୍ତନ କର୍କଟ ହେବା ସମ୍ଭାବନା ରହିଛି। ଏଥିପାଇଁ ଜୀବନଶୈଳୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଗକୁ ଯଥା ସମୟରେ ଚିହ୍ନଟକରି ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଦ୍ୱାରା ଆରୋଗ୍ୟ କରାଯାଇପାରିବ। ରୋଗକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଗରୁତ୍ୱପୂର୍ଣ୍ଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସେହିପରି ନଭା ରାୟପୁର ଅଟଳନଗର ବିକାଶ ପ୍ରାଧିକରଣ ଓ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଦ୍ୱାରା ସମର୍ଥିତ ଏହି ରାଲିରେ ସକ୍ରିୟ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା ଏବଂ ସ୍ତନ କର୍କଟର ଲକ୍ଷଣ, ଯାଞ୍ଚ ଓ ଚିକିତ୍ସା ବିକଳ୍ପ ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା। ଏଥିରେ ୧୦ଟି ବାଇକର୍ ଗୋଷ୍ଠୀ, ଭାରତୀୟ ସେବା, ସିଆର୍‌ପିଏଫ୍, କର୍ପୋରେଟ ଓ ଗୋଷ୍ଠୀ ସଦସ୍ୟ ୨୫୦ରୁ ଅଧିକ ଲୋକ ଯୋଗ ଦେଇଥିଲେ।

ପରିଶେଷରେ ବାଲ୍‌କୋ ମେଡିକାଲଠାରେ ସ୍ତନକର୍କଟଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ ସମ୍ମାନାର୍ଥେ ଏକ ପ୍ରତୀକାତ୍ମକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା।

## Classified Everyday 0674-2580101, 2549949



MATRIMONIAL

### BRIDE WANTED

Wanted homely bride from Karan/ Khandayat caste for Karan groom D.O.B.- 14.11.86, Height- 5'10", B.Sc. with M.B.A. own house with Medicine Business near S.C.B. Medical College, Cuttack. No Dowry. Contact- 7978668288. D-1761

Wanted bride from Karan caste for Groom D.O.B.- 11.07.1991, Height-5'11", Qualification M.C.A. Working in Senior Clerk in Central Bank of India at Cuttack. Contact- 8339940420. D-1762

### GROOM WANTED

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-1772



REAL ESTATE

### SALE

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1797

**Duplex sale at Bhubaneswar and apartment Kalinganagar DAV School- 9777433701.** D-76202

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1796

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ– 8847830306, 8984999772. D-71077

କଟକ–ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201

### LOST

I Kabita Nayak, W/o Ashok Kumar Behera, Masterpada, Phulbani, Kandhamal declare that the original gift deed executed in my favoure by Ashok kumar Behera vide 11442300695 dt.02.12.2023 is lost somewhere which is reported at Phulbani tow PS vide diary No.- 009/21.10.2024. I am using certified copy of the same which is not pledged for mortgage in any bank or financial institution for loan purpose.

Sd./- Kabita Nayak
D-1800

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit No.- 2056 dtd. 10.06.2024. I Ms Ranjulata Sahoo(60yrs), W/o- Banamali Sahoo, Vill- Asurali, P.s.- Dhusuri, Dist.- Bhadrak. I have an LIC Policy bearing No.- 586247222 where is my name is Sanjukta Sahoo. By this Affidavit I declare that Ranjulata Sahoo and Sanjukta Sahoo W/o- Banamali Sahoo same and one person. D-1801

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384 6@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଖଣ୍ଡତା ପାଇଁ ସଂକଳ୍ପବଦ୍ଧ ହେବା: ମୁଖ୍ୟମନ୍ତ୍ରୀ

## ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର,୨୯।୧୦(ଅନିଲ ଦାସ)**

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ 'ଏକତା ଦୌଡ଼' ବା ରନ୍ ଫର୍ ୟୁନିଟକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଂକଳ୍ପ ଓ ଦୃଢ଼ ପଦକ୍ଷେପର ତୁଳନା ନାହିଁ। ଦେଶର ଏକତା ପାଇଁ ସର୍ଦ୍ଦାର ପଟେଲ ସମର୍ପିତ ହୋଇ ଏକ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ କରି ଦେଶୀୟ ରାଜ୍ୟଗୁଡ଼ିକର ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ଲୌହମାନବ ଆଖ୍ୟା ଦିଆଯାଏ। ତାଙ୍କ ଆଦର୍ଶରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୋଇ କାମ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର ଓ ଯୁବତୀଯୁବକମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ଛୋଟ ପିଲା, କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ର ଓ ବିଭିନ୍ନ କ୍ରୀଡ଼ା ସଙ୍ଗଠନର ପିଲାମାନେ ଯୋଗଦେଇ ଦୌଡ଼ରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ନେତୃତ୍ୱ ନେଇ ଏହି ଦୌଡ଼ରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ, ପୋଲିସ ମହା ନିର୍ଦ୍ଦେଶକ, କ୍ରୀଡ଼ା ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅକ୍ଟୋବର ୩୧ ତାରିଖକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ୨୯ ତାରିଖଠାରୁ ରାଷ୍ଟ୍ରୀୟ ଏକତାର ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୧୪ରୁ ସାରା ଦେଶରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଅଛି।




ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ): ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂତନ ଜ୍ଞାନକୌଶଳର ଉପଯୋଗ କ୍ରମେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ ଦେଇଛନ୍ତି। ମଙ୍ଗଳବାର କୌଶଲ୍ୟାଗଙ୍ଗଠାରେ ମହିଳା ଏସ୍ଏଚ୍‌ଜିଙ୍କ ନିମନ୍ତେ ଉଦ୍ଦିଷ୍ଟ ମତ୍ସ୍ୟଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ ମଲ୍ଲିକ ଉଦ୍ୟାନଚାଷ ଜରିଆରେ ମହିଳା ସଶକ୍ତୀକରଣକୁ ବିସ୍ତୃତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

## ଭାଲୁଡୁଙ୍ଗୁରି ଗାଁରୁ ବିରଳ ପେଚା ଉଦ୍ଧାର



**ଖପ୍ରାଖୋଲ,୨୯।୧୦(ଅଭୟ ତ୍ରିପାଠୀ)**

ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଭାଲୁଡୁଙ୍ଗୁରି ଗାଁରୁ ବନ ବିଭାଗ ଏକ ବିରଳ ପେଚା ଉଦ୍ଧାର କରିଛି। ପେଚାଟି ଗାଁ ମୁଣ୍ଡରେ ଉଡ଼ିବାରେ ଅକ୍ଷମ ଥିବା ଜାଣି ଗାଁର ଲୁଇସ୍ ବିଶାଲ ଖପ୍ରାଖୋଲ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ବନରକ୍ଷୀ ରାଜେନ୍ଦ୍ର ଧରୁଆ ପେଚାକୁ ଉଦ୍ଧାରକରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ପେଚାର ଡେଣାରେ ଆଘାତ ଲାଗିଥିବାରୁ ଚିକିତ୍ସା ଜାରି ରହିଛି ବୋଲି ବନପାଳ ସୁଧୀର ଜେନା ପ୍ରକାଶ କରିଛନ୍ତି।

# ଡାକ୍ତରଙ୍କୁ ଗିରଫ, ହସ୍ପିଟାଲ ସିଲ୍ ଦାବିରେ ଧାରଣା

## ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ୍ୟୁ ଘଟଣା

**କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସିଡିଏ ସେକ୍ଟର-୭ସ୍ଥିତ ଘରୋଇ ହସ୍ପିଟାଲ 'ନ୍ୟୁ ବର୍ନ ଆଣ୍ଡ ପେଡିଆଟ୍ରିକ୍ ହେଲ୍‌ଥ ସେଣ୍ଟର'ରେ ସୋମବାର ନବଜାତ ଶିଶୁର ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ଏହି ଘଟଣାରେ ଡାକ୍ତରଙ୍କ ଗିରଫ ଓ ହସ୍ପିଟାଲ ସିଲ୍ କରିବା ଦାବିରେ ମୃତ ଶିଶୁଙ୍କ ପରିବାର ଲୋକେ ମଙ୍ଗଳବାର ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ମର୍କତନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ମୃତକଙ୍କ ପରିବାର ସଦସ୍ୟ ଅପରାହ୍ନରେ ଜିଲାପାଳ କାର୍ଯ୍ୟାଳୟରେ ଉକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁତର ନବଜାତ ଶିଶୁପୁତ୍ରକୁ ଭେଣ୍ଟିଲେଟର ନ ଲଗାଇ ୫୦ ହଜାର ଟଙ୍କା ବିଲ୍ ପଇଠ କରିବାକୁ କହିବା, ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଶିଶୁର ମୃତ୍ୟୁ ଘଟିବା, ଶିଶୁ ମୃତ୍ୟୁ ପରେ ଔଷଧ ଏବଂ ଚିକିତ୍ସା ବାବଦକୁ ହସ୍ପିଟାଲ ପକ୍ଷରୁ ୪୦ ହଜାର ଟଙ୍କା ମଗାଯିବା ଏବଂ ଏହାକୁ ବିରୋଧ କରିବାରୁ ଘଟଣା ଚପାଇଦେବା ପାଇଁ ପରିବାର ଲୋକଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ୧୦ ହଜାର ଟଙ୍କା ଯାଚିଛନ୍ତି। ଏନେଇ ମୃତ ଶିଶୁର ମାମୁ ପ୍ରଶାନ୍ତ ବିଶ୍ୱାଳ କହିଛନ୍ତି, ଶିଶୁମୃତ୍ୟୁ ଘଟଣାରେ ଉପଯୁକ୍ତ ନ୍ୟାୟ ଦାବି କରୁଛୁ। ଏଥିପାଇଁ ଦାୟୀ ଡାକ୍ତରଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ମର୍କତନଗର ଥାନା ଏସ୍ଆଇ ଶୁଭ୍ରଜିତ୍ ପୁହାଣ କହିଛନ୍ତି, ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଯିବ। ଏଥିସହ ଅଭିଯୋଗ ମୁତାବକ ଚିକିତ୍ସା ପ୍ରଣାଳୀ ଯାଞ୍ଚ କରାଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ଯାଜପୁର କୋରେଇ ଅଞ୍ଚଳର ସୁପ୍ରଭା ବିଶ୍ୱାଳ ଓ ରାଜେନ୍ଦ୍ର ସାହୁଙ୍କ ଏକ ଶିଶୁପୁତ୍ର ଯାଜପୁର ମେଡିକାଲରେ ଜନ୍ମ ହୋଇଥିଲା। ଶିଶୁର ନିଃଶ୍ୱାସ ନେବାରେ ଅସୁବିଧା ହେବାରୁ ଭେଣ୍ଟିଲେଟରର ଆବଶ୍ୟକ ପଡିଥିଲା। ତେଣୁ ଶିଶୁକୁ ସେଠାରୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଭେଣ୍ଟିଲେଟର ଫାଙ୍କା ନ ଥିବା ଜାଣିବା ପରେ ପରିବାର ଲୋକେ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲ ପକ୍ଷରୁ ଭେଣ୍ଟିଲେଟର ଲାଗିବ କହି ହଜାର ହଜାର ଟଙ୍କା ନେବା ପରେ ମଧ ଡାକ୍ତରଙ୍କ ଅନୁପସ୍ଥିତି ଓ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିଲା। ଏନେଇ ମୃତ ଶିଶୁଙ୍କ ପରିବାର ସଦସ୍ୟ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

DSPL-156



ଓଡ଼ିଶା ସରକାର



**ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ**

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ -

- ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି -
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

**ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha @HFWOdisha http://www.health.odisha.gov.in

OIPR-10003/13/0086/2425

## ବିହାରରେ ୨ ପ୍ରବାସୀ ଓଡ଼ିଆ ଶ୍ରମିକ ମୃତ

**ଗଣିଆ,୨୯।୧୦**
**(ସନ୍ତୋଷ କୁମାର ପ୍ରଧାନ)**

ବିହାର ରାଜ୍ୟ ପାଟନାରେ ଥିବା ଏକ କମ୍ପାନୀରେ କାମ କରୁଥିବା ନୟାଗଡ଼ ଜିଲା ଗଣିଆ ବ୍ଲକର ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ହେଲେ ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ବିଜୟ ବେହେରା(୩୫) ଓ ଗୋଛାବାରୀ ଗ୍ରାମର ମନୋଜ ବେହେରା (୨୭)। ଉଭୟ ପଡୋଶୀ ଗ୍ରାମର ଶ୍ରମିକମାନଙ୍କ ସହ ଗତ ୭ମାସ ଧରି ବିହାରର ପାଟନାରେ ନିର୍ମାଣାଧୀନ ଏଲ ଆଣ୍ଡ ଟି କମ୍ପାନୀର ଏକ ମେଟ୍ରୋ ଟନେଲରେ କାମ କରୁଥିଲେ। ସୋମବାର ସେହି ଟନେଲ ଭିତରେ ଏକ ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା । ଏଥିରେ ବିଜୟ ଓ ମନୋଜ ଗୁରୁତର ହୋଇଥିଲେ। ତୁରନ୍ତ ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତଦେହକୁ ଗଣିଆ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି। ୨ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି । ମୃତ ବିଜୟ ତାଙ୍କ ପରିବାରର ଏକମାତ୍ର ପୁଅ ହୋଇଥିବା ବେଳେ ତାଙ୍କର ୮ ଓ ୪ ବର୍ଷର ୨ ଝିଅ ଅଛନ୍ତି। ସେହିପରି ମନୋଜ (ମିଲୁ) ଗତ ଗଣେଶ ପୂଜାରେ ଗାଁକୁ ଆସିଥିଲେ। ଅଳ୍ପଦିନ ତଳେ ସେ ପାଟନା ଫେରିଯାଇଥିଲେ। ହେଲେ ମୃତ୍ୟୁ ଖବର ଆସିବା ପରେ ଉଭୟଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ।




ତା୩୦।୧୦।୨୦୨୪ରିଖରେ ସ୍ପେଶାଲ ଟ୍ରେନ୍

| ଟ୍ରେନ୍ ନଂ. | ଠାରୁ | ଛାଡ଼ିବା ସମୟ | ପର୍ଯ୍ୟନ୍ତ |
|---|---|---|---|
| ୧୪୮୧ | ପୁଣେ | ୧୯:୫୫:୦୦ | ଦାନାପୁର |
| ୧୨୮୨ | ଦାନାପୁର | ୧୦:୪୫:୦୦ | ପୁଣେ |
| ୧୧୪୩ | ଲୋକମାନ୍ୟ ତିଲକ ଟର୍ମିନସ୍ | ୧୦:୩୦:୦୦ | ଦାନାପୁର |
| ୧୧୪୪ | ଦାନାପୁର | ୨୧:୩୦:୦୦ | ଲୋକମାନ୍ୟ ତିଲକ ଟର୍ମିନସ୍ |
| ୧୧୪୬ | ଆସାନସୋଲ ଜଙ୍କସନ୍ | ୨୧:୦୦:୦୦ | ଛତ୍ରପତି ଶିବାଜୀ ଟର୍ମିନସ୍ |
| ୧୪୧୮ | ସି ସାହୁ ମହାରାଜ ଟର୍ମିନସ୍ କୋହ୍ଲାପୁର | ୨୨:୦୦:୦୦ | ଛତ୍ରପତି ଶିବାଜୀ ଟର୍ମିନସ୍ |
| ୧୦୪୬ | ପ୍ରୟାଗରାଜ ଜଙ୍କସନ୍ | ୧୮:୫୦:୦୦ | ଲୋକମାନ୍ୟ ତିଲକ ଟର୍ମିନସ୍ |
| ୧୦୫୩ | ଲୋକମାନ୍ୟ ତିଲକ ଟର୍ମିନସ୍ | ୧୨:୧୫:୦୦ | ବାରାଣସୀ ଜଙ୍କସନ୍ |
| ୧୪୧୫ | ପୁଣେ | ୦୬:୫୦:୦୦ | ଗୋରଖପୁର ଜଙ୍କସନ୍ |
| ୧୪୧୬ | ଗୋରଖପୁର ଜଙ୍କସନ୍ | ୧୭:୩୦:୦୦ | ପୁଣେ |
| ୧୦୭୯ | ଛତ୍ରପତି ଶିବାଜୀ ଟର୍ମିନସ୍ | ୨୨:୩୦:୦୦ | ଗୋରଖପୁର ଜଙ୍କସନ୍ |
| ୧୦୮୦ | ଗୋରଖପୁର ଜଙ୍କସନ୍ | ୧୪:୩୦:୦୦ | ଛତ୍ରପତି ଶିବାଜୀ ଟର୍ମିନସ୍ |
| ୧୪୩୩ | ପୁଣେ | ୦୯:୪୫:୦୦ | ଦହର କା ବାଲାଜୀ |
| ୧୦୬୮ | କରିମନଗର | ୧୯:୦୫:୦୦ | ଛତ୍ରପତି ଶିବାଜୀ ଟର୍ମିନସ୍ |
| ୧୨୦୫ | ପୁଣେ | ୧୫:୦୫:୦୦ | ଦାନାପୁର |
| ୧୨୦୬ | ଦାନାପୁର | ୦୫:୦୩:୦୦ | ପୁଣେ |
| ୧୨୦୭ | ନାଗପୁର | ୧୦:୦୪:୦୦ | ସମସ୍ତିପୁର ଜଙ୍କସନ୍ |
| ୧୧୭୬ | ସାୱନ୍ତୱାଡି ରୋଡ୍ | ୨୩:୨୫:୦୦ | ପୁଣେ |
| ୧୧୭୭ | ପନଭେଲ | ୦୯:୦୪:୦୦ | ସାୱନ୍ତୱାଡି ରୋଡ୍ |
| ୧୪୫୨ | କରିମନଗର | ୦୬:୦୦:୦୦ | ପୁଣେ |
| ୧୦୨୫ | ଦାଦର | ୧୪:୦୫:୦୦ | ବଲିଆ |
| ୧୦୨୬ | ବଲିଆ | ୧୫:୧୫:୦୦ | ଦାଦର |
| ୧୦୨୦ | ଗୋରଖପୁର ଜଙ୍କସନ୍ | ୦୦:୪୫:୦୦ | ଛତ୍ରପତି ଶିବାଜୀ ଟର୍ମିନସ୍ |
| ୧୧୩୯ | ନାଗପୁର | ୧୫:୦୫:୦୦ | ମଡ଼ଗାଓଁ |
| ୨୮୩୨ | ଭୁବନେଶ୍ୱର | ୨୦:୫୫:୦୦ | ଧାନବାଦ ଜଙ୍କସନ୍ |
| ୨୮୩୧ | ଧାନବାଦ ଜଙ୍କସନ୍ | ୧୬:୦୦:୦୦ | ଭୁବନେଶ୍ୱର |
| ୮୫୭୯ | ବିଶାଖାପାଟଣା | ୧୯:୦୦:୦୦ | ସିକନ୍ଦରାବାଦ ଜଙ୍କସନ୍ |
| ୮୫୩୯ | ବିଶାଖାପାଟଣା | ୦୮:୨୦:୦୦ | କୋଲ୍ଲାମ ଜଙ୍କସନ୍ |
| ୮୩୧୧ | ସମ୍ବଲପୁର | ୧୮:୪୫:୦୦ | ଏରୋଡ ଜଙ୍କସନ୍ |
| ୮୫୦୭ | ଶାଳିମାର | ୦୫:୦୦:୦୦ | ବିଶାଖାପାଟଣା |
| ୨୩୯୭ | ଗୟା ଜଙ୍କସନ୍ | ୧୪:୧୫:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୨୩୯୮ | ଆନନ୍ଦ ବିହାର ଟର୍ମିନାଲ୍ | ୦୮:୦୨:୦୦ | ଗୟା ଜଙ୍କସନ୍ |
| ୩୨୫୩ | ପାଟନା ଜଙ୍କସନ୍ | ୧୫:୦୦:୦୦ | ସିକନ୍ଦରାବାଦ ଜଙ୍କସନ୍ |
| ୦୭୨୫୫/ ୦୭୨୫୬ | ହାଇଦ୍ରାବାଦ ଡେକାନ୍ / ସିକନ୍ଦରାବାଦ ଜଙ୍କସନ୍ | ୨୨:୫୦:୦୦/ ୨୧:୦୦:୦୦ | ପାଟଣା ଜଙ୍କସନ୍ |
| ୨୩୯୩ | ପାଟନା ଜଙ୍କସନ୍ | ୨୦:୦୧:୦୦ | ନୂଆଦିଲ୍ଲୀ |
| ୨୩୯୪ | ନୂଆଦିଲ୍ଲୀ | ୧୩:୦୨:୦୦ | ପାଟନା ଜଙ୍କସନ୍ |
| ୩୩୨୫ | ଧାନବାଦ ଜଙ୍କସନ୍ | ୧୦:୧୦:୦୦ | କୋଏମ୍ବାଟୁର୍ ଜଙ୍କସନ୍ |
| ୫୨୧୯ | ମୁଜାଫରପୁର ଜଙ୍କସନ୍ | ୧୩:୦୩:୦୦ | ଆନନ୍ଦ ବିହାର ଟର୍ମିନାଲ |
| ୫୨୨୦ | ଆନନ୍ଦ ବିହାର ଟର୍ମିନାଲ୍ | ୦୮:୦୦:୦୦ | ମୁଜାଫରପୁର ଜଙ୍କସନ୍ |
| ୫୨୮୩ | ମୁଜାଫରପୁର ଜଙ୍କସନ୍ | ୦୬:୦୩:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୫୨୮୪ | ଆନନ୍ଦ ବିହାର ଟର୍ମିନାଲ୍ | ୦୭:୦୦:୦୦ | ମୁଜାଫରପୁର ଜଙ୍କସନ୍ |
| ୩୩୧୦ | ଜାମ୍ମୁ ତାୱି | ୨୩:୨୫:୦୦ | ଧାନବାଦ ଜଙ୍କସନ୍ |
| ୩୨୪୫ | ଦାନାପୁର | ୧୫:୦୦:୦୦ | ଏସ୍ଏମ୍ଭିଟି ବେଙ୍ଗାଲୁରୁ |
| ୩୨୫୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୨୩:୫୦:୦୦ | ଦାନାପୁର |
| ୩୦୨୭ | ହାଓଡା ଜଙ୍କସନ୍ | ୨୩:୫୫:୦୦ | ନ୍ୟୁ ଜଲପାଇଗୁଡ଼ି |
| ୩୧୩୬ | ପାଟନା ଜଙ୍କସନ୍ | ୧୨:୧୫:୦୦ | କୋଲକାତା |
| ୩୫୧୦ | ଖଟିପୁରା | ୧୪:୦୩:୦୦ | ଆସାନସୋଲ ଜଙ୍କସନ୍ |
| ୩୪୮୪ | ନୂଆଦିଲ୍ଲୀ | ୧୦:୦୩:୦୦ | ଭାଗଲପୁର |
| ୪୧୩୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୦୭:୦୧:୦୦ | ପ୍ରୟାଗରାଜ ଜଙ୍କସନ୍ |
| ୧୯୨୭ | କାନପୁର ସେଣ୍ଟ୍ରାଲ | ୧୨:୩୦:୦୦ | ମଦୁରାଇ ଜଙ୍କସନ୍ |
| ୪୧୨୩ | ପ୍ରୟାଗରାଜ ଜଙ୍କସନ୍ | ୧୪:୩୦:୦୦ | ହଜରତ୍ ନିଜାମୁଦ୍ଦିନ |
| ୫୧୦୯ | ଛାପ୍ରା | ୧୭:୪୫:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୫୦୦୫ | ଗୋରଖପୁର ଜଙ୍କସନ୍ | ୧୪:୪:୦୦ | ଅମୃତସର ଜଙ୍କସନ୍ |
| ୫୦୯୭ | ଟନକପୁର | ୧୮:୨୫:୦୦ | ଦୌରାଇ |
| ୫୦୨୧ | ଟନକପୁର | ୧୮:୨୫:୦୦ | ଉଧ୍ନା ଜଙ୍କସନ୍ |
| ୫୦୦୩ | ଗୋରଖପୁର ଜଙ୍କସନ୍ | ୨୧:୧୫:୦୦ | ନୂଆଦିଲ୍ଲୀ |
| ୫୦୩୮ | ଆନନ୍ଦ ବିହାର ଟର୍ମିନାଲ୍ | ୧୧:୧୦:୦୦ | ବାରାଣସୀ ଜଙ୍କସନ୍ |
| ୫୬୩୬ | ଗୁଆହାଟୀ | ୧୮:୧୫:୦୦ | ଶ୍ରୀ ଗଙ୍ଗାନଗର |
| ୫୬୭୧ | ଗୁଆହାଟୀ | ୧୫:୦୦:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୫୭୩୬ | କଟିହାର ଜଙ୍କସନ୍ | ୨୧:୦୦:୦୦ | ଅମୃତସର ଜଙ୍କସନ୍ |
| ୪୦୭୫ | ନୂଆଦିଲ୍ଲୀ | ୨୩:୪୫:୦୦ | ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା |
| ୪୦୯୬ | ଆନନ୍ଦ ବିହାର ଟର୍ମିନାଲ୍ | ୦୯:୦୦:୦୦ | ଅଯୋଧ୍ୟା କ୍ୟାଣ୍ଟ. |
| ୪୦୫୯ | ଜୟନଗର | ୧୭:୦୦:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୪୦୬୭ | ଦରଭଙ୍ଗା ଜଙ୍କସନ୍ | ୧୮:୦୦:୦୦ | ଦିଲ୍ଲୀ ଜଙ୍କସନ୍ |
| ୪୬୭୮ | ଫିରୋଜପୁର କ୍ୟାଣ୍ଟ. | ୧୩:୨୫:୦୦ | ପାଟନା ଜଙ୍କସନ୍ |
| ୪୫୫୩ | ସାହାରନପୁର | ୦୪:୪୦:୦୦ | ଅମ୍ବାଲା କ୍ୟାଣ୍ଟ. ଜଙ୍କସନ୍ |
| ୪୫୫୪ | ଅମ୍ବାଲା କ୍ୟାଣ୍ଟ. ଜଙ୍କସନ୍ | ୨୦:୦୨:୦୦ | ସାହାରଣପୁର |
| ୪୦୨୨ | ଆନନ୍ଦ ବିହାର ଟର୍ମିନାଲ୍ | ୧୧:୪୦:୦୦ | ସିତାମଢ଼ି |
| ୪୦୩୧ | ସହର୍ସା ଜଙ୍କସନ୍ | ୧୩:୦୦:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୪୦୪୩ | ଗୋରଖପୁର ଜଙ୍କସନ୍ | ୧୭:୨୫:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୪୨୧୭ | ବାରାଣସୀ ଜଙ୍କସନ୍ | ୦୬:୨୫:୦୦ | ଲକ୍ଷ୍ନୌ ଏନ୍ଆର୍ |
| ୪୨୧୮ | ଲକ୍ଷ୍ନୌ ଏନ୍ଆର୍ | ୧୬:୦୩:୦୦ | ବାରାଣସୀ ଜଙ୍କସନ୍ |
| ୨୨୪୬ | ହଜରତ୍ ନିଜାମୁଦ୍ଦିନ୍ | ୨୩:୫୫:୦୦ | ପାଟଣା ଜଙ୍କସନ୍ |
| ୪୦୪୭ | କଟିହାର ଜଙ୍କସନ୍ | ୧୮:୦୦:୦୦ | ଆନନ୍ଦ ବିହାର ଟର୍ମିନାଲ୍ |
| ୨୨୫୨ | ନୂଆଦିଲ୍ଲୀ | ୦୭:୨୫:୦୦ | ପାଟନା ଜଙ୍କସନ୍ |
| ୨୨୭୦ | ଲକ୍ଷ୍ନୌ ଏନ୍ଆର୍ | ୧୪:୧୫:୦୦ | ଛାପ୍ରା |
| ୨୨୬୯ | ଛାପ୍ରା | ୨୨:୨୦:୦୦ | ଲକ୍ଷ୍ନୌ ଏନ୍ଆର୍ |
| ୨୨୪୭ | ପାଟନା ଜଙ୍କସନ୍ | ୦୭:୩୦:୦୦ | ନୂଆଦିଲ୍ଲୀ |
| ୪୦୫୧ | ଜୟନଗର | ୧୮:୦୦:୦୦ | ନୂଆଦିଲ୍ଲୀ |
| ୪୦୫୪ | ନୂଆଦିଲ୍ଲୀ | ୧୪:୨୦:୦୦ | ବାରାଣସୀ ଜଙ୍କସନ୍ |

| ଟ୍ରେନ୍ ନଂ. | ଠାରୁ | ଛାଡ଼ିବା ସମୟ | ପର୍ଯ୍ୟନ୍ତ |
|---|---|---|---|
| ୪୬୦୮ | ଜାମ୍ମୁ ତାୱି | ୨୦:୨୦:୦୦ | ହାଓଡା ଜଙ୍କସନ୍ |
| ୪୦୩୬ | ନୂଆଦିଲ୍ଲୀ | ୧୨:୦୦:୦୦ | ଭାଗଲପୁର |
| ୪୦୩୪ | ଦିଲ୍ଲୀ ଜଙ୍କସନ୍ | ୨୩:୪୫:୦୦ | ଜୟନଗର |
| ୨୨୬୨ | ନୂଆଦିଲ୍ଲୀ | ୦୦:୨୦:୦୦ | ରାଜଗିର |
| ୨୨୬୧ | ରାଜଗିର | ୨୩:୨୦:୦୦ | ନୂଆଦିଲ୍ଲୀ |
| ୯୬୨୭ | ଆଜମେର ଜଙ୍କସନ୍ | ୦୯:୦୦:୦୦ | ସୋଲାପୁର ଜଙ୍କସନ୍ |
| ୪୭୧୧ | ବିକାନେର ଜଙ୍କସନ୍ | ୧୩:୨୫:୦୦ | ବାନ୍ଦ୍ରା ଟର୍ମିନସ୍ |
| ୯୭୨୩ | ଜୟପୁର ଜଙ୍କସନ୍ | ୦୮.୦୧:୦୦ | ବାନ୍ଦ୍ରା ଟର୍ମିନସ୍ |
| ୯୬୦୩ | ଉଦୟପୁର ସିଟି | ୦୧.୦୫:୦୦ | ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା |
| ୪୭୦୬ | ଜୟପୁର ଜଙ୍କସନ୍ | ୧୩:୦୫:୦୦ | ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା |
| ୪୭୦୫ | ଶ୍ରୀ ଗଙ୍ଗାନଗର | ୨୩:୪୫:୦୦ | ଜୟପୁର ଜଙ୍କସନ୍ |
| ୯୭୨୧ | ଜୟପୁର ଜଙ୍କସନ୍ | ୦୬:୧୫:୦୦ | ଉଦୟପୁର ସିଟି |
| ୯୭୨୨ | ଉଦୟପୁର ସିଟି | ୧୫:୦୫:୦୦ | ଜୟପୁର ଜଙ୍କସନ୍ |
| ୯୬୩୯ | ମଦାର ଜଙ୍କସନ୍ | ୦୪.୦୩:୦୦ | ରୋହତକ ଜଙ୍କସନ୍ |
| ୯୬୪୦ | ରୋହତକ ଜଙ୍କସନ୍ | ୧୩:୦୨:୦୦ | ମଦାର ଜଙ୍କସନ୍ |
| ୯୭୩୩ | ଜୟପୁର ଜଙ୍କସନ୍ | ୦୭:୦୦:୦୦ | ଭିୱାନୀ |
| ୯୭୩୪ | ଭିୱାନୀ | ୧୬:୦୫:୦୦ | ଜୟପୁର ଜଙ୍କସନ୍ |
| ୯୬୫୫ | ଆଜମେର ଜଙ୍କସନ୍ | ୧୯:୫୫:୦୦ | ଭାଲସାଡ୍ |
| ୪୮୧୩ | ଭଗତ୍ କି କୋଠି | ୧୭:୨୦:୦୦ | ଦାନାପୁର |
| ୭୪୮୭ | ସିକନ୍ଦରାବାଦ ଜଙ୍କସନ୍ | ୧୯:୪୦:୦୦ | ଶ୍ରୀକାକୁଲମ୍ ରୋଡ୍ |
| ୭୬୨୫ | ହଜୁର ସାହିବ ନାନ୍ଦେଡ଼ | ୨୩:୦୦:୦୦ | ପନଭେଲ |
| ୭୫୧୭ | ସିକନ୍ଦରାବାଦ ଜଙ୍କସନ୍ | ୧୭:୦୦:୦୦ | ନଗରସୋଲ |
| ୭୬୫୧ | ଜାଲ୍ନା | ୨୩:୩୦:୦୦ | ଛାପ୍ରା |
| ୭୬୯୫ | ସିକନ୍ଦରାବାଦ ଜଙ୍କସନ୍ | ୨୧:୦୧:୦୦ | ରାମନାଥପୁରମ୍ |
| ୭୧୯୨ | ମଦୁରାଇ ଜଙ୍କସନ୍ | ୦୫:୦୩:୦୦ | କାଚେଗୁଡ଼ା |
| ୭୧୯୩ | ସିକନ୍ଦରାବାଦ ଜଙ୍କସନ୍ | ୧୮:୦୪:୦୦ | କୋଲ୍ଲାମ୍ ଜଙ୍କସନ୍ |
| ୭୦୦୭ | ସିକନ୍ଦରାବାଦ ଜଙ୍କସନ୍ | ୧୫:୧୫:୦୦ | ରକ୍ସୌଲ ଜଙ୍କସନ୍ |
| ୭୨୨୨ | ସାନ୍ତ୍ରାଗାଛି ଜଙ୍କସନ୍ | ୧୨:୦୨:୦୦ | ସିକନ୍ଦରାବାଦ ଜଙ୍କସନ୍ |
| ୭୧୬୬ | କଟକ | ୨୨:୦୩:୦୦ | ହାଇଦ୍ରାବାଦ ଡେକାନ୍ |
| ୭୪୪୫ | କାକିନାଡ଼ା ଟାଉନ୍ | ୨୧:୦୧:୦୦ | ଲିଙ୍ଗମପାଲି |
| ୭୧୯୫ | କାଜିପେଟ ଜଙ୍କସନ୍ | ୧୫:୦୦:୦୦ | ଦାଦର |
| ୭୬୫୦ | ମୁଜାଫରପୁର ଜଙ୍କସନ୍ | ୦୪:୫୦:୦୦ | ଚାର୍ଲାପାଲ୍ଲି |
| ୭୦୬୯ | ସିକନ୍ଦରାବାଦ ଜଙ୍କସନ୍ | ୦୭:୨୫:୦୦ | ସାନ୍ତ୍ରାଗାଛି ଜଙ୍କସନ୍ |
| ୭୧୭୬ | ଗୋରଖପୁର ଜଙ୍କସନ୍ | ୦୮:୧୦:୦୦ | ସିକନ୍ଦରାବାଦ ଜଙ୍କସନ୍ |
| ୨୮୪୨ | ଚେନ୍ନାଇ ସେଣ୍ଟ୍ରାଲ | ୦୪:୦୩:୦୦ | ଶାଲିମାର |
| ୮୬୨୯ | ରାଞ୍ଚି | ୧୬:୫୦:୦୦ | ଗୋରଖପୁର ଜଙ୍କସନ୍ |
| ୮୨୯୪ | ଲୋକମାନ୍ୟ ତିଲକ ଟର୍ମିନସ୍ | ୧୧:୫୦:୦୦ | ବିଳାସପୁର ଜଙ୍କସନ୍ |
| ୬୦୮୯ | ଚେନ୍ନାଇ ସେଣ୍ଟ୍ରାଲ୍ | ୧୩:୦୩:୦୦ | ସାନ୍ତ୍ରାଗାଛି ଜଙ୍କସନ୍ |
| ୬୦୯୮ | ଅମ୍ବାଲା କ୍ୟାଣ୍ଟ. ଜଙ୍କସନ୍ | ୧୫:୩୦:୦୦ | ଚେନ୍ନାଇ ସେଣ୍ଟ୍ରାଲ୍ |
| ୬୦୮୪ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୧୨:୪୫:୦୦ | କୋଚୁଭେଲି |
| ୬୫୪୭ | ଯଶବନ୍ତପୁର ଜଙ୍କସନ୍ | ୧୯:୦୩:୦୦ | ବେଲଗାଭି |
| ୬୫୬୭ | ମହୀଶୂର ଜଙ୍କସନ୍ | ୧୮:୦୦:୦୦ | ବିଜୟପୁରା |
| ୬୫୮୭ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୧୭:୪୫:୦୦ | ଭଗତ କି କୋଠି |
| ୬୫୩୩ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୨୧:୧୫:୦୦ | କରୱାର |
| ୬୨୦୯ | କେଏସ୍ଆର୍ ବେଙ୍ଗାଲୁରୁ ସିଟି ଜଙ୍କସନ୍ | ୦୭:୩୦:୦୦ | ଚେନ୍ନାଇ ସେଣ୍ଟ୍ରାଲ |
| ୬୨୧୦ | ଚେନ୍ନାଇ ସେଣ୍ଟ୍ରାଲ | ୧୬:୦୦:୦୦ | କେଏସ୍ଆର୍ ବେଙ୍ଗାଲୁରୁ ସିଟି ଜଙ୍କସନ୍ |
| ୬୫୯୭ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୧୩:୦୦:୦୦ | କରୱାର |
| ୬୫୬୫ | ଯଶବନ୍ତପୁର ଜଙ୍କସନ୍ | ୨୩:୫୦:୦୦ | ମାଙ୍ଗାଲୋର ଜଙ୍କସନ୍ |
| ୭୩୭୪ | ମୁଜାଫରପୁର ଜଙ୍କସନ୍ | ୧୩:୧୫:୦୦ | ହୁବାଲୀ ଜଙ୍କସନ୍ |
| ୭୩୨୪ | ହୁବାଲୀ ଜଙ୍କସନ୍ | ୦୮:୦୦:୦୦ | ଯଶବନ୍ତପୁର ଜଙ୍କସନ୍ |
| ୭୩୨୩ | ଯଶବନ୍ତପୁର ଜଙ୍କସନ୍ | ୧୭:୧୫:୦୦ | କାଲାବୁର୍ଗି ଜଙ୍କସନ୍ |
| ୬୨୧୬ | କୋଟ୍ଟାୟାମ୍ | ୧୧:୧୦:୦୦ | ଯଶବନ୍ତପୁର ଜଙ୍କସନ୍ |
| ୭୩୩୫ | ବେଲଗାଭି | ୧୨:୩୦:୦୦ | ମାନୁଗୁରୁ |
| ୭୩୩୬ | ମାନୁଗୁରୁ | ୧୫:୪୦:୦୦ | ବେଲଗାଭି |
| ୧୬୬୨ | ଦାନାପୁର | ୧୧:୪୫:୦୦ | ରାଣୀ କମଲାପତି |
| ୧୭୦୫ | ଜବଲପୁର | ୧୯:୩୫:୦୦ | ଦାନାପୁର |
| ୯୦୫୯ | ସୁରଟ | ୧୪:୦୨:୦୦ | ବ୍ରହ୍ମପୁର |
| ୯୦୫୬ | ଉଧ୍ନା ଜଙ୍କସନ୍ | ୧୬:୧୫:୦୦ | ବାନ୍ଦ୍ରା ଟର୍ମିନସ୍ |
| ୯୦୫୫ | ବାନ୍ଦ୍ରା ଟର୍ମିନସ୍ | ୦୯:୦୫:୦୦ | ଉଧ୍ନା ଜଙ୍କସନ୍ |
| ୯୧୧୨ | ଗୋରଖପୁର ଜଙ୍କସନ୍ | ୦୫:୦୦:୦୦ | ଭଦୋଦରା ଜଙ୍କସନ୍ |
| ୯୦୫୧ | ଦାଦର | ୦୦.୦୫:୦୦ | ଭୁସାଭାଲ ଜଙ୍କସନ୍ |
| ୯୦୫୨ | ଭୁସାଭାଲ ଜଙ୍କସନ୍ | ୧୭:୦୪:୦୦ | ଦାଦର |
| ୯୦୫୭ | ଉଧ୍ନା ଜଙ୍କସନ୍ | ୨୦:୦୦:୦୦ | ମାଙ୍ଗାଲୋର ଜଙ୍କସନ୍ |
| ୯୩୨୪ | ଇନ୍ଦୋର ଜଙ୍କସନ୍ | ୧୧:୧୫:୦୦ | ପୁଣେ |
| ୯୦୭୫ | ମୁମ୍ବାଇ ସେଣ୍ଟ୍ରାଲ | ୧୧:୦୦:୦୦ | କାଠଗୋଦାମ |
| ୯୫୨୫ | ହାପା | ୦୦:୦୪:୦୦ | ନହରଲାଗୁନ୍ |
| ୯୧୮୩ | ମୁମ୍ବାଇ ସେଣ୍ଟ୍ରାଲ | ୨୨:୦୫:୦୦ | ବାରାଣସୀ ଜଙ୍କସନ୍ |
| ୯୦୩୩ | ଉଧ୍ନା ଜଙ୍କସନ୍ | ୨୦:୩୫:୦୦ | ବାରାଉଣୀ ଜଙ୍କସନ୍ |
| ୯୦୩୪ | ବାରାଉଣୀ ଜଙ୍କସନ୍ | ୦୯:୨୫:୦୦ | ଉଧ୍ନା ଜଙ୍କସନ୍ |
| ୯୫୨୪ | ଦିଲ୍ଲୀ କ୍ୟାଣ୍ଟ. | ୧୩:୦୨:୦୦ | ଓଖା |
| ୯୩୨୧ | ଡା. ଆମ୍ବେଦକର ନଗର | ୧୦:୦୩:୦୦ | ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା |
| ୯୩୧୩ | ଉଜ୍ଜୈନ ଜଙ୍କସନ୍ | ୨୧:୦୦:୦୦ | ଭୋପାଳ ଜଙ୍କସନ୍ |
| ୯୩୧୪ | ଭୋପାଳ ଜଙ୍କସନ୍ | ୦୨:୦୧:୦୦ | ଉଜ୍ଜୈନ ଜଙ୍କସନ୍ |
| ୯୦୪୪ | ଗୋରଖପୁର ଜଙ୍କସନ୍ | ୧୩:୦୦:୦୦ | ଦାହାନୁ ରୋଡ୍ |
| ୯୦୬୧ | ଉଧ୍ନା ଜଙ୍କସନ୍ | ୨୨:୦୦:୦୦ | ଗାଜିପୁର ସିଟି |
| ୯୦୨୭ | ବାନ୍ଦ୍ରା ଟର୍ମିନସ୍ | ୧୧:୦୦:୦୦ | ମାଲ୍ଦା ଟାଉନ୍ |
| ୯୪୪୫ | ସାବରମତୀ ଜଙ୍କସନ୍ | ୨୨:୦୦:୦୦ | ଲକ୍ଷ୍ନୌ ଏନ୍ଇ |
| ୯୫୯୭ | ରାଜକୋଟ ଜଙ୍କସନ୍ | ୧୫:୧୫:୦୦ | ଗୋରଖପୁର ଜଙ୍କସନ୍ |
| ୯୧୧୬ | ଗୟା | ୧୦:୦୦:୦୦ | ଭଦୋଦରା ଜଙ୍କସନ୍ |
| ୯୦୦୪ | ଦିଲ୍ଲୀ ଜଙ୍କସନ୍ | ୧୧:୪୫:୦୦ | ମୁମ୍ବାଇ ସେଣ୍ଟ୍ରାଲ |
| ୯୦୧୭ | ଉଧ୍ନା ଜଙ୍କସନ୍ | ୨୧:୪୦:୦୦ | ମହୁଆ ଜଙ୍କସନ୍ |
| ୯୦୪୦ | ଜୟନଗର | ୧୧:୩୦:୦୦ | ଉଧ୍ନା ଜଙ୍କସନ୍ |
| ୯୪୪୯ | ଅହମ୍ମଦାବାଦ ଜଙ୍କସନ୍ | ୨୨:୦୦:୦୦ | ଗୋରଖପୁର ଜଙ୍କସନ୍ |
| ୯୧୨୫ | ଭଦୋଦରା ଜଙ୍କସନ୍ | ୦୦:୨୫:୦୦ | ଛାପ୍ରା |

ଭାରତୀୟ ରେଳ
WWW.indianrailways.gov.in
ଆମକୁ ଫଲୋ କରନ୍ତୁ /RailMinindia

# ସମ୍ବିତଙ୍କ ଶତକ: ଓଡ଼ିଶା ଅଗ୍ରଣୀ



**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ):** ୱାୟନାଡ଼ର କ୍ରିଷ୍ଣଗିରି ଷ୍ଟାଡିୟମରେ ଚାଲିଥିବା କେରଳ ବିପକ୍ଷ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ଅଗ୍ରଣୀଲାଭ କରିଛି। ଏହି ମ୍ୟାଚରେ କେରଳ ପ୍ରଥମ ଇନିଂସରେ ୩୧୯ ରନରେ ଅଲ୍ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ହେବା ବେଳକୁ ୮ ଉଇକେଟ ହରାଇ ୪୭୨ ରନ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଶତକ ହାସଲ କରିଥିବାବେଳେ ଓମ୍ ୯୨, ସାୱନ ପହାରିଆ ୭୬, ସାଇଦୀପ ମହାପାତ୍ର ୬୪ ଓ ଆଶୁତୋଷ ମାର୍ଣ୍ଡି ୫୧ ରନ ସ୍କୋର କରିଛନ୍ତି। ସମ୍ବିତ ୧୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହାୟତାରେ ୧୦୬ ରନ କରି ଅପରାଜିତ ରହିଛନ୍ତି। କେରଳ ପକ୍ଷରୁ ଇଡେନ ଆପ୍‌ଲେ ଟମ୍ ୪ଟି ଓ ଜିସ୍ନୁ ଏ. ୨ଟି ଉଇକେଟ ନେଇଛନ୍ତି।

# ଗିଲ୍, ରଶିଦ ଓ ସୁଦର୍ଶନଙ୍କୁ ରଖିବ ଟାଇଟନ୍ସ

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମେଗା ନିଲାମି ପୂର୍ବରୁ ଗୁଜରାଟ ଟାଇଟନ୍ସ ଷ୍ଟାର ସ୍ପିନର ରଶିଦ ଖାନ୍ ଓ ବାମହାତି ବ୍ୟାଟର ସାଇ ସୁଦର୍ଶନଙ୍କ ସହ ସେମାନଙ୍କ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଦଳରେ ରଖିବା ଲାଗି ସ୍ଥିର କରିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଜାତୀୟ ଦଳରୁ ଖେଳିବା ଲାଗି ସୁଯୋଗ ପାଇ ନ ଥିବା ହିଟର ରାହୁଲ ଟେୱାଟିଆ ଓ ଶାହାରୁଖ ଖାନ୍‌ଙ୍କୁ ମଧ୍ୟ ଦଳ ରିଟେନ କରିବ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ ଦଳର ଭାବି ଅଧିନାୟକ ବୋଲି ମନେ କରାଯାଉଛି। ଚଳିତବର୍ଷ ପ୍ରାରମ୍ଭରେ ସେ ପ୍ରଥମ ଥର ଟାଇଟନ୍ସ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ତାଙ୍କ ଦଳ ୮ମ ସ୍ଥାନରେ ରହିଥିଲା। ଟାଇଟନ୍ସ ଦଳ ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ବର୍ଷ ଦଳ ରନରଅପ୍ ହୋଇଥିଲା। ଉଭୟ ଥର ଦଳ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଖେଳିଥିଲା। ୨୬ ବର୍ଷୀୟ ରଶିଦ ୨୦୨୨ରେ ତାଙ୍କ ପ୍ରଥମ ସିଜନରେ ୧୯ ଉଇକେଟ ନେଇଥିଲେ। ପରବର୍ତ୍ତୀ ସିଜନରେ ସେ ୨୭ ଉଇକେଟ ହାସଲ କରିପାରିଥିଲେ। ଏହି ସିଜନରେ ସେ ୧୨ଟି ଗେମ୍‌ରେ ୩୬.୭୦ ଆଭରେଜରେ ମୋଟ ୧୦ ଉଇକେଟ ନେଇଥିଲେ। ଖେଳାଳି ରିଟେନ ପାଇଁ ସମୟସୀମା ଅକ୍ଟୋବର ୩୧ ଧାର୍ଯ୍ୟ କରାଯାଇଛି। ଯୁବ ଖେଳାଳି ସୁଦର୍ଶନ ଗୋଟିଏ ବର୍ଷ ୧୨ଟି ଗେମ୍ ଖେଳି ଗୋଟିଏ ଶତକ ସହ ୫୧୨ ରନ ସଂଗ୍ରହ କରିବା ଦ୍ୱାରା ତାଙ୍କ ଜାତୀୟ ଦଳରେ ସ୍ଥାନ ମିଳିଥିଲା। ସେ ୩ଟି ଅନ୍ତର୍ଜାତୀୟ ଦିନିକିଆ ଓ ଗୋଟିଏ ଟି୨୦ ଖେଳିବାର ସୁଯୋଗ ପାଇଛନ୍ତି।

# ରୋଡ୍ରି, ବୋନମାଟି ଶ୍ରେଷ୍ଠ ଖେଳାଳି

## ବାଲନ୍ ଡି' ଅର

### ୨୧ ବର୍ଷ ପରେ ତାଲିକାରେ ନାହାନ୍ତି ମେସି, ରୋନାଲ୍ଡୋ





ଆଇଟାନା ବୋନମାଟି ଓ ରୋଡ୍ରି।

**ପ୍ୟାରିସ୍,୨୯।୧୦(ପି.ଟି.)**

ଚଳିତ ବର୍ଷର ବାଲନ୍ ଡି ଅର୍ ପୁରସ୍କାର ଘୋଷଣା ହୋଇଥିବା ବେଳେ ଏଥିରେ ସ୍ପାନିଆର୍ଡଙ୍କ ପ୍ରଭାବ ଦେଖିବାକୁ ମିଳିଛି। ପୁରୁଷ ବର୍ଗରେ ମିଡଫିଲ୍ଡର ରୋଡ୍ରି ଓ ମହିଳା ବର୍ଗରେ ଆଇଟାନା ବୋନମାଟି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୮ ବର୍ଷୀୟ ରୋଡ୍ରି ପ୍ରଥମ ଥର ବାଲନ୍ ଡି' ଅର୍ ପୁରସ୍କାର ହାସଲ କରିଛନ୍ତି। ମାଞ୍ଚେଷ୍ଟର ସିଟିକୁ ପ୍ରିମିୟର ଲିଗ୍ ଓ ସ୍ପେନ୍‌କୁ ୟୁରୋ କପ୍ ଚାମ୍ପିୟନ କରାଇବାରେ ଏହି ତାରକା ମିଡଫିଲ୍ଡରଙ୍କ ବଡ଼ ଭୂମିକା ରହିଥିଲା। ବିଜୟୀ ତାଲିକା ଘୋଷଣା ହେବା ପରେ ରୋଡ୍ରି ଏହାକୁ ବିଶ୍ୱାସ କରି ନ ପାରି ମୁହଁରେ ହାତ ଦେଇଥିଲେ। ବାଲନ୍ ଡି' ଅର୍ ବିଜେତା ଜର୍ଜ ୱିଆଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏସିଏଲ୍ ଟିଅର କାରଣରୁ ଫୁଟବଲରୁ ଦୂରରେ ରହିଥିବା ରୋଡ୍ରି ଆଶାବାଡି ସାହାରାରେ ଏହି ଇଭେଣ୍ଟକୁ ଆସିଥିଲେ। ପ୍ରତି ଗେମ୍‌ରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ ରୋଡ୍ରି।

ଅନ୍ୟପକ୍ଷରେ ୨୬ ବର୍ଷୀୟା ବୋନମାଟି ଲଗାତର ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ବାର୍ସେଲୋନାକୁ ସ୍ପାନିଶ୍ ଲିଗ୍, ସ୍ପାନିଶ କପ ଓ ଚାମ୍ପିୟନ୍ସ ଲିଗ୍ ବିଜୟୀ କରିବାରେ ବୋନମାଟିଙ୍କ ଭୂମିକା ରହିଥିଲା। ବାର୍ସେଲୋନା ତାରକା ଆଲେକ୍ସିସ୍ ପୁଟେଲାସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ଥର ଏହି ପୁରସ୍କାର ଜିତିବାର ଗୌରବ ହାସଲ କରିଛନ୍ତି ବୋନମାଟି। ବାର୍ସେଲୋନାର ସାଥୀ ଖେଳାଳି କାରୋଲିନ୍ ଗ୍ରାହାମ୍ ହାନସେନ୍(ନରୱେ) ଓ ସଲମା ପାରାଲୁଏଲୋ(ସ୍ପେନ)ଙ୍କୁ ପଛରେ ପକାଇ ଏହି ପୁରସ୍କାର ବିଜୟୀ ହୋଇଥିଲେ। ଅଭିନେତ୍ରୀ ନାଟାଲି ପୋର୍ଟମ୍ୟାନଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଥର ପୁରସ୍କାର ପାଇଁ ଖୁସି ପ୍ରକାଶ କରିଥିଲେ। ଦଳୀୟ ସାଥୀ ଖେଳାଳି ଓ କ୍ଲବର ସାଥୀ ଖେଳାଳିଙ୍କୁ ନିଜ ସଫଳତା ପାଇଁ ସେ ଧନ୍ୟବାଦ ପ୍ରଦାନ କରିଥିଲେ। ବୋନମାଟି ଚଳିତ ସିଜନରେ ବାର୍ସେଲୋନା ପକ୍ଷରୁ ୧୯ ଗୋଲ ସ୍କୋର କରିଥିବା ବେଳେ ସ୍ପେନ୍ ଜାତୀୟ ଦଳ ପକ୍ଷରୁ ୫ ମ୍ୟାଚ୍‌ରୁ ୫ ଗୋଲ ଦେଇଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ରିୟଲ ମାଡ୍ରିଡର ଭିନିସିୟସ ଜୁନିୟର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭିନିସିୟସଙ୍କ ସାଥୀ ଖେଳାଳି ଜୁଡ୍ ବେଲିଙ୍ଗହାମ ଓ ଡାନି କାର୍ଭାଜାଲ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ରିୟଲ ମାଡ୍ରିଡ୍‌ର ଏହି ୩ ଖେଳାଳି କିନ୍ତୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଅନ୍ୟପକ୍ଷରେ ୮ ଥର ବାଲନ୍ ଡି' ଅର୍ ବିଜେତା ଲିଓନେଲ ମେସି ଓ ୫ ଥରର ବିଜେତା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ତାଲିକାରେ ସାମିଲ ନ ଥିଲେ। ୨୦୦୩ ପରଠାରୁ ଏହି ୨ ଖେଳାଳି ନିୟମିତ ଏହି ତାଲିକାରେ ସ୍ଥାନ ପାଇ ଆସୁଥିଲେ। ୨୧ ବର୍ଷରେ ପ୍ରଥମ ଥର ପାଇଁ ୨ ଜଣଙ୍କ ମଧ୍ୟରୁ କେହି ସ୍ଥାନ ପାଇନାହାନ୍ତି।

ବାର୍ସେଲୋନାର ଯୁବ ପ୍ରତିଭା ଲାମିନ୍ ୟାମାଲ ଶ୍ରେଷ୍ଠ ଯୁବ ଖେଳାଳି ଭାବରେ କୋପା ପୁରସ୍କାର ବିଜୟୀ ହୋଇଛନ୍ତି। ୟୁରୋ କପ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଗୋଲ ସ୍କୋର କରିଥିବା ୟାମାଲ ୨୧ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର କିଲିଆନ୍ ଏମ୍‌ବାପେ ଓ ବାୟେର୍ନ ମ୍ୟୁନିକ୍‌ର ହ୍ୟାରୀ କେନଙ୍କୁ ଦୋଶ ଓ କ୍ଲବ୍ ପକ୍ଷରୁ ସର୍ବାଧିକ ଗୋଲ ସ୍କୋରର ଭାବରେ ମିଳିତ ଭାବରେ ଜର୍ଡ ମୁଲର ପୁରସ୍କାର ମିଳିଥିଲା। ଉଭୟ ଖେଳାଳି ପୂର୍ବ ସିଜନରେ ୫୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ବାର୍ସେଲୋନାକୁ ଶ୍ରେଷ୍ଠ ମହିଳା ଦଳ ଓ ରିୟଲ ମାଡ୍ରିଡ୍‌କୁ ଶ୍ରେଷ୍ଠ ପୁରୁଷ ଦଳ ଭାବରେ ପୁରସ୍କୃତ କରାଯାଇଥିଲା। ରିୟଲ ମାଡ୍ରିଡ୍‌ର କାର୍ଲୋ ଆନ୍ସେଲୋଟିଙ୍କୁ ପୁରୁଷ ଓ ଏମା ହାୟେସଙ୍କୁ ଶ୍ରେଷ୍ଠ ମହିଳା କୋଚ୍ ଭାବରେ ଜୋହାନ କ୍ରାୟଫ୍ ଟ୍ରଫିରେ ପୁରସ୍କୃତ କରାଯାଇଥିଲା।

### ପୁରସ୍କାର ତାଲିକା

ବାଲନ୍ ଡି' ଅର: ରୋଡ୍ରି (ମାଞ୍ଚେଷ୍ଟର ସିଟି), ଆଇଟାନା ବୋନମାଟି(ବାର୍ସେଲୋନା)
କୋପା ଆୱାର୍ଡ: ଲାମିନ ୟାମାଲ(ବାର୍ସେଲୋନା)
ଜର୍ଡ ମୁଲର ଆୱାର୍ଡ: କିଲିଆନ୍ ଏମ୍‌ବାପେ(ପିଏସ୍‌ଜି), ହ୍ୟାରୀ କେନ୍(ବାୟେର୍ନ ମ୍ୟୁନିକ୍)।
ଶ୍ରେଷ୍ଠ ମହିଳା ଦଳ: ବାର୍ସେଲୋନା
ଶ୍ରେଷ୍ଠ ପୁରୁଷ ଦଳ: ରିୟଲ ମାଡ୍ରିଡ୍
ଶ୍ରେଷ୍ଠ ମହିଳା କୋଚ୍: ଏମା ହାୟେସ୍(ଆମେରିକା)
ଶ୍ରେଷ୍ଠ ପୁରୁଷ କୋଚ୍: କାର୍ଲୋ ଆନ୍ସେଲୋଟି(ରିୟଲ ମାଡ୍ରିଡ୍)
ସକ୍ରେଟିସ୍ ଆୱାର୍ଡ: ଜେନି ହର୍ମୋସୋ(ସ୍ପେନ୍)

ସ୍ପାନିଶ ଫୁଟବଲ ଫେଡେରେଶନ ସଭାପତି ଲୁଇସ୍ ରୁବେଲ୍ସଙ୍କ ବିରୋଧରେ ଯୌନ ଶୋଷଣ ମାମଲା ଲଢୁଥିବା ଫରୱାର୍ଡ ଜେନି ହର୍ମୋସୋଙ୍କୁ ସମାଜସେବା ପାଇଁ ସକ୍ରେଟିସ୍ ଆୱାର୍ଡ ମିଳିଥିଲା। ଦିବଂଗତ ଜର୍ମାନ ଫୁଟବଲ କିମ୍ବଦନ୍ତୀ ଫ୍ରାଞ୍ଜ ବେକେନବରଙ୍କ ସ୍ତ୍ରୀ ଓ ପୁଅଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଥିଲା।

# ଭାରତୀୟ ଦଳରେ ଯୋଗଦେଲେ ହର୍ଷିତ୍

**ନୂଆଦିଲ୍ଲୀ,୨୯।୧୦(ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟେଷ୍ଟ ପାଇଁ ଭାରତୀୟ ଦଳରେ ଯୋଗ ଦେଇଛନ୍ତି ପେସ୍ ବୋଲର ହର୍ଷିତ୍ ରାଣା। ଚଳିତ ରଣଜୀ ସିଜନରେ ଦିଲ୍ଲୀର ପ୍ରଥମ ବିଜୟ ପରେ ହର୍ଷିତଙ୍କୁ ଅନ୍ତିମ ଟେଷ୍ଟ ପାଇଁ ଭାରତୀୟ ଦଳରୁ ଡାକରା ମିଳିଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ହର୍ଷିତ ଭାରତୀୟ ଦଳରେ ରିଜର୍ଭ ଖେଳାଳି ରହିଥିଲେ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦିଲ୍ଲୀ ଓ ଆସାମ ମ୍ୟାଚ୍ ପାଇଁ ହର୍ଷିତଙ୍କୁ ରିଲିଜ୍ କରାଯାଇଥିଲା। ଏହି ଟେଷ୍ଟକୁ ୧୧୩ ରନ୍‌ରେ ହାରିବା ସହ ଭାରତ ୧୨ ବର୍ଷ ପରେ ଘରୋଇ ମାଟିରେ ସିରିଜ୍ ହାରିଥିଲା। କ୍ରମାଗତ ୧୮ ସିରିଜ୍ ବିଜୟ ଧାରାରେ ବ୍ରେକ୍ ଲାଗିଥିବା ବେଳେ ରାଣା ଦଳ ସହ ଯୋଗ ଦେଇଛନ୍ତି। ୨୨ ବର୍ଷୀୟ ରାଣାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି। ତେବେ ରାଣା ରିଜର୍ଭ ଭାବରେ ରହିବେ କି ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ଯୋଗ ଦେବେ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ତୃତୀୟ ଟେଷ୍ଟରେ ରାଣା ପଦାର୍ପଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି।

# ମାଥ୍ୟୁ ୱେଡ୍‌ଙ୍କ ଅବସର

**ମେଲବୋର୍ନ, ୨୯।୧୦ (ପି.ଟି.):** ଅଷ୍ଟ୍ରେଲିଆର ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଉଇକେଟ କିପର ବ୍ୟାଟର ମାଥ୍ୟୁ ୱେଡ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆସନ୍ତା ପାକିସ୍ତାନ ବିପକ୍ଷ ଟି୨୦ ସିରିଜରେ ସେ ଅଷ୍ଟ୍ରେଲିଆ ସୀମିତ ଓଭର ଦଳର ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ। ୩୬ ବର୍ଷୀୟ ୱେଡ୍ ଅଷ୍ଟ୍ରେଲିଆ ପକ୍ଷରୁ ୩୬ ଟେଷ୍ଟ, ୯୭ ଦିନିକିଆ ଓ ୯୨ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତୀତ ୨୦୨୧ ଟି୨୦ ବିଶ୍ୱକପ ବିଜୟ ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ। ଅବସର ଗ୍ରହଣ କରିଥିଲେ ମଧ୍ୟ ସେ ଘରୋଇ କ୍ରିକେଟ ଓ ବିଗ୍ ବାସ୍ ଲିଗ ଖେଳିବା ଜାରି ରଖିବେ।

# କିଟ୍ ମହିଳା, ପୁରୁଷ ଦଳ ଫାଇନାଲରେ



କିଟ୍ ପୁରୁଷ ଟେନିସ ଦଳ।

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାର ଫାଇନାଲରେ କିଟ୍ ମହିଳା ଓ ପୁରୁଷ ଦଳ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ବର୍ଗ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨–୦ରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ଏବଂ ମଣିପୁର ୨–୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୨–୦ରେ ଯାଦବପୁରକୁ ପରାସ୍ତ କରିଛି। ସେହିପରି ମହିଳା ବର୍ଗରେ ଯାଦବପୁର ୨–୦ରେ କିସ୍ ବିଶ୍ୱବିଦ୍ୟାଳୟକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ପୁରୁଷ ବର୍ଗରେ କିଟ୍–ମଣିପୁର ଏବଂ ମହିଳାରେ କିଟ୍ ଓ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ

କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଏବଂ କିସ୍ ମହିଳା ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ଏବଂ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ୩ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବୋପାନ୍ନା–ଇବଡେନ୍ ଯୋଡ଼ିଙ୍କୁ ଏଟିପି ଫାଇନାଲ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ପ୍ରମୁଖ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ ସମ୍ମାନଜନକ ସିଜନ ଶେଷ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ଖେଳାଳି ଚତୁର୍ଥ ଥର ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛନ୍ତି। ରୋଲେକ୍ସ ପ୍ୟାରିସ ମାଷ୍ଟର୍ସରୁ ନାଥାନିଲ ଲାମନ୍ସ ଓ ଜ୍ୟାକଶନ ୱିଥ୍ରୋଙ୍କ ବିଦା ପରେ ଇଣ୍ଡୋ–ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ସୁଯୋଗ ମିଳିଛି। ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଯୋଡ଼ିମାନେ ହେଲେ ୱେସ୍‌ଲେ କୁଲ୍‌ହପ୍/ ନିକୋଲା ମେକ୍‌ଟିକ୍, କେଭିନ କ୍ରାୱିଜ/ ଟିମ୍ ପୁଏଜ୍, ହ୍ୟାରି ହେଲିଓଭାରା /ହେନ୍‌ରୀ ପାଟେନ୍ସ, ମାର୍ସିଲୋ ଆରେଭାଲୋ/ ମେଟ୍ ପ୍ୟାଭିଜ୍, ମାର୍ସେଲ ଗ୍ରାନୋଲର୍ସ/ ହୋରାସିଓ ଜେବାଲସ, ସିମୋନ ବୋଲେଲି/ ଆନ୍ଦ୍ରିଆ ଭାଭାସୋରି ଏବଂ ମାକ୍ସ ପର୍ସେଲ/ ଜୋର୍ଡାନ ଥମ୍ପସନ। ଏଟିପି ଫାଇନାଲ୍ସ ନଭେମ୍ବର ୧୦ରୁ ୧୭ ଇନାଲ୍‌ପି ଆରେନାଠାରେ ଖେଳାଯିବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୮ ଡବଲ୍ସ ଯୋଡ଼ି ଭାଗ ନେବେ। ଚଳିତ ସିଜନରେ ବୋବାପ୍ପା ଓ ଇବଡେନଙ୍କ ପ୍ରଦର୍ଶନ ଖବ୍ ଭଲ ରହିଛି। ସେମାନେ ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ଭାରତୀୟ ଖେଳାଳି (୪୩ ବର୍ଷ, ୩୩୧ ଦିନ) ସବୁଠାରୁ ବୟସ୍କ ଖେଳାଳି ଭାବେ ବିଶ୍ୱର ନମ୍ବରୱାନ୍ ହୋଇ ପାରିଛନ୍ତି। ବୋପାନ୍ନା–ଇବ୍‌ଡେନ ପରେ ମାୟାମି ଓପନ ଟାଇଟଲ ଜିତିଥିଲେ। ସେମାନେ ଆହୁରି ମଧ୍ୟ ଆଡିଲେଡ୍ ଫାଇନାଲ ଏବଂ ରୋଲାଣ୍ଡ ଗାରୋସ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସେମାନେ ଏଟିପି ଫାଇନାଲ୍ସ ଯୋଗ୍ୟତା ହାସଲ କରିପାରିଛନ୍ତି। ଏଥର ଏଟିପି ଫାଇନାଲ୍ସ ବୋପାନ୍ନାଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ସେ ପ୍ରଥମ ଥର ଏଟିପି ଟାଇଟଲ୍ସ ଜିତିବା ଲାଗି ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ମହେଶ ଭୂପତିଙ୍କ ସହ ସେ ୨୦୧୨ ଫାଇନାଲିଷ୍ଟ ଥିଲେ। ପୁନର୍ବାର ୨୦୧୫ରେ ଫ୍ଲୋରିନ୍ ମର୍ଗିଆଙ୍କ ସହ ସେ ଆଉ ଥରେ ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୧ରେ ଆଇଜାମ–ଛଲ–ହକ୍‌ଙ୍କ ସହ ତୃତୀୟ ଥର ଏଟିପି ପାଇନାଲରେ ପ୍ରବେଶ କରିଥିଲେ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର,୨୯।୧୦(ସରୋଜ ଜେନା)**

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷର କଟକ କ୍ରୀଡା ସଂଘ ଆନୁକୂଲ୍ୟରେ ମଧୁସୂଦନପୁର ବ୍ରିଜରେ ଅନୁଷ୍ଠିତ ୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନ ସହ ଆଇଟିଟି ଓ ମାସ୍ ଷ୍ଟାର୍ଟରେ ଭୁବନେଶ୍ୱର କ୍ରୀଡା ସଂଘ ଦଳଗତ ଚାମ୍ପିୟନ ହୋଇଥିଲା। ଅନ୍ୟ ପକ୍ଷରେ ୟୁଥ୍‌ରେ ଭଦ୍ରକ ଓ ଜୁନିୟର ବର୍ଗରେ କିଟ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ ଓ ସଭାପତି ତଥା ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓଏସ୍‌ଡି ଧୀରଜ ପଟ୍ଟନାୟକ ଓ କ୍ରୀଡା ବିଭାଗ ବରିଷ୍ଠ ଅଧିକାରୀ କ୍ଷଣପ୍ରଭା ମହାନ୍ତି ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସମସ୍ତ ପ୍ରତିଯୋଗୀ ଡିସେମ୍ବର ମାସରେ ପୁରୀରେ ହେବାକୁ ଥିବା ଜାତୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ସିରିଜ୍ ଜିତିଲା ଭାରତ

**ଅହମଦାବାଦ,୨୯।୧୦**

ଓପନର ସ୍ମୃତି ମନ୍ଧାନାଙ୍କ ଶତକ ଓ ଦୀପ୍ତି ଶର୍ମାଙ୍କ ୩ ଉଇକେଟ ସଫଳତା ବଳରେ ଅନ୍ତିମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୬ ଉଇକେଟରେ ପରାସ୍ତ କରିଛି ଭାରତ। ଏହା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦଳ ୨–୧ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୪୪.୨ ଓଭରରେ ୪ ଉଇକେଟ ହରାଇ ୨୩୬ ରନ୍ କରିଥିଲା।

### ମନ୍ଧାନାଙ୍କ ଶତକ

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ବ୍ରୁକ୍ ହାଲିଡେଙ୍କ ୮୬ ରନ୍ ବଳରେ ନ୍ୟୁଜିଲାଣ୍ଡ ୨୩୨ ରନ୍ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜର୍ଜିଆ ପ୍ଲିମର ୩୯, ଇସାବେଲ ଗେଜ୍ ୨୫ ଓ ଲି ଟାହୁହୁ ୨୪ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩, ପ୍ରିୟା ମିଶ୍ର ୨, ସାଇମା ଠାକୁର ଓ ରେଣୁକା ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୪ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ୧୨୨ ବଲ୍ ଖେଳିଥିବା ମନ୍ଧାନା ୧୦ ଚୌକା ସହାୟତାରେ ୧୦୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ହରମନପ୍ରୀତ୍ ୬୩ ବଲ୍ ଖେଳି ୬ ଚୌକା ମାରି ୫୯ ରନ୍ କରିଥିଲେ। ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ଶତକ ହାସଲର ରେକର୍ଡ ନିଜ ନାମରେ କରିଛନ୍ତି ମନ୍ଧାନା। ସେ ଦିନିକିଆରେ ୮ ଶତକ ହାସଲ କରିଥିବା ବେଳେ ମିଥାଲି ରାଜ ୭ ଓ ହରମନ୍‌ପ୍ରୀତ୍ କୌର ୬ ଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ହାନ୍ନା ରୋୱେ ୨, ସୋଫି ଡିଭାଇନ ଓ ଫ୍ରାନ୍ ଜୋନ୍ସ ୧ ଉଇକେଟ ନେଇଥିଲେ। ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।




ସ୍ମୃତି ମନ୍ଧାନା

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨/୧୦ (ବ୍ରୁକ୍ ହାଲିଡେ–୮୬, ଜର୍ଜିଆ ପ୍ଲିମର–୩୯, ଇସାବେଲ ଗେଜ୍–୨୫, ଦୀପ୍ତି ଶର୍ମା–୩/୨୯, ପ୍ରିୟା ମିଶ୍ର–୨/୪୧, ସାଇମା ଠାକୁର–୧/୪୯)। ଭାରତ ୪୪.୨ ଓଭରରେ ୨୩୬/୪ (ସ୍ମୃତି ମନ୍ଧାନା–୧୦୦, ହରମନ୍‌ପ୍ରୀତ କୌର–୫୯*, ଯଷ୍ଟିକା ଭାଟିଆ–୩୫, ହାନ୍ନା ରୋୱେ–୨/୪୭, ସୋଫି ଡିଭାଇନ୍–୧/୪୪, ଫ୍ରାନ୍ ଜୋନ୍ସ–୧/୫୦)।

# ଓଡ଼ିଶାର ୪ ପର୍ବତାରୋହୀ ପୁରସ୍କୃତ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ବିଭିନ୍ନ ମହାଦେଶର ଉଚ୍ଚତମ ଶୃଙ୍ଗ ଆରୋହଣ କରି ଓଡ଼ିଶାକୁ ଗର୍ବିତ କରିଥିବା ରାଜ୍ୟର ୪ ପର୍ବତାରୋହୀଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକ ବିଶେଷ ସମାରୋହରେ ଓଡ଼ିଆ ପର୍ବତାରୋହୀ ଡ. ଆଦିତ୍ୟ ଖାଡଙ୍ଗା (ମାଉଣ୍ଟ କୋସିଅସ୍କୋ), ଗାୟତ୍ରୀ ମହାନ୍ତି (ମାଉଣ୍ଟ କୋସିଅସ୍କୋ, ମାଉଣ୍ଟ ଏଲବ୍ରୁସ୍ ଏବଂ ମାଉଣ୍ଟ କିଲିମାଞ୍ଜାରୋ), ବିଭାରାଣୀ ପାତ୍ର (ମାଉଣ୍ଟ କିଲିମାଞ୍ଜାରୋ) ଓ ପରମାନନ୍ଦ ରାଉତ (ମାଉଣ୍ଟ କିଲିମାଞ୍ଜାରୋ)ଙ୍କୁ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ସୋନାଲି ସୁଭଦର୍ଶିନୀ, ହରେଶ ମିଶ୍ର ଓ ସଞ୍ଜୀବ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଫଳତା କେବଳ ଓଡ଼ିଆ ପର୍ବତାରୋହୀମାନଙ୍କ ପାଇଁ ନୁହେଁ, ସାରା ଓଡ଼ିଶା ପାଇଁ ଗର୍ବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।



ପୁରସ୍କୃତ ୪ ପର୍ବତାରୋହୀ ଓ ଉପସ୍ଥିତ ଅତିଥି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ